# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୨୩/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, August 23/2025 Page 14 ₹ 7.00

୫୧ଶ ଭାଗ ୨୬୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 268 ମୂଲ୍ୟ₹୭/-




**ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ୱିକ୍ରମସିଂଘେ ଗିରଫ**

ରାଜକୋଷର ଦୁରୁପଯୋଗ କରିଥିବା ଅଭିଯୋଗରେ ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ରାନିଲ ୱିକ୍ରମସିଂଘେଙ୍କୁ ଶୁକ୍ରବାର ଗିରଫ କରାଯାଇଛି।

୦୨

୧୪

**ଏଲାଭେନିଲଙ୍କୁ ସ୍ୱର୍ଣ୍ଣପଦକ**

ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ର ମହିଳା ୧୦ମିଟର ଏୟାର ରାଇଫଲରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି ଭାରତର ଏଲାଭେନିଲ ଭାଲାରିଭାନ ।



## ଲର୍ଡ ସ୍ୱରାଜ ପଲ୍‌ଙ୍କ ପରଲୋକ

### ଭାରତ-ବ୍ରିଟେନ୍ ସମ୍ପର୍କର ସେତୁ ଥିଲେ



ଲଣ୍ଡନ/ନୂଆଦିଲ୍ଲୀ,୨୨।୮(ପି.ଟି.)

ଏନ୍‌ଆର୍‌ଆଇ ଶିଳ୍ପପତି ଲର୍ଡ ସ୍ୱରାଜ ପଲ୍‌ଙ୍କ ଗୁରୁବାର ସନ୍ଧ୍ୟାରେ ଲଣ୍ଡନ୍‌ରେ ପରଲୋକ ହୋଇଯାଇଛି। ଏହି ୯୪ ବର୍ଷୀୟ ପରୋପକାରୀ ଉଦ୍ୟୋକ୍ତା ତଥା ବ୍ରିଟେନ୍‌ର କାପାରୋ ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିଜ୍ ପ୍ରତିଷ୍ଠାତା କିଛିଦିନ ହେଲା ଅସୁସ୍ଥ ଥିଲେ। ତାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ବ୍ରିଟେନ୍ ସହ ଭାରତର ଘନିଷ୍ଠ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ନିଷ୍କ୍ରିୟ ସିଆଇସି**

# ୫ ବର୍ଷରେ ୩୦ ହଜାର କି.ମି. ରାସ୍ତା, ୫୦୦ ସେତୁ: ମୁଖ୍ୟମନ୍ତ୍ରୀ

**ରାଜ୍ୟ ସରକାର ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦେଇଆସୁଛନ୍ତି। ବିଶେଷକରି ଗ୍ରାମାଞ୍ଚଳକୁ ସବୁଦିନିଆ ରାସ୍ତା ସଂଯୋଗୀକରଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ବହୁବିଧ ପଦକ୍ଷେପ ନିଆଯାଉଛି। ଏହି କ୍ରମେ ଶୁକ୍ରବାର ବିଭାଗୀୟ କାର୍ଯ୍ୟକ୍ରମ ସମୀକ୍ଷା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ରାଜ୍ୟରେ ୩୦ ହଜାର କିଲୋମିଟର ରାସ୍ତା ଓ ୫୦୦ ପୋଲ ନିର୍ମାଣ ପାଇଁ ଲକ୍ଷ୍ୟ ସ୍ଥିର କରାଯାଇଛି। ତେବେ ନିମ୍ନମାନର କାର୍ଯ୍ୟ ହେଲେ ତାହାକୁ ବରଦାସ୍ତ କରାଯିବ ନାହିଁ ଓ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହି ଠିକାଦାର ଓ ଅଧିକାରୀମାନଙ୍କୁ ଚେତାଇ ଦେଇଛନ୍ତି।**

ଭୁବନେଶ୍ୱର, ୨୨।୮ (ସୁନିତ୍ ମିଶ୍ର)

ବିଭିନ୍ନ ସଡ଼କ ଓ ସେତୁ ନିର୍ମାଣ ଜରିଆରେ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳକୁ ସବୁଦିନିଆ ରାସ୍ତା ସଂଯୋଗୀକରଣର ଗୁରୁଦାୟିତ୍ୱ ଗ୍ରାମ୍ୟ ଉନ୍ନୟନ ବିଭାଗ ଉପରେ ନ୍ୟସ୍ତ ରହିଛି। ଆସନ୍ତା ୫ ବର୍ଷ ଭିତରେ ରାଜ୍ୟରେ ଏହି ବିଭାଗ ଅଧୀନରେ ୩୦ ହଜାର କି.ମି. ରାସ୍ତା ଓ ୫୦୦ ସେତୁ ନିର୍ମାଣ ପାଇଁ ଲକ୍ଷ୍ୟଧାର୍ଯ୍ୟ ରହିଛି। ବିଭିନ୍ନ ସ୍କିମ୍ ଓ ବଜେଟ ମାଧ୍ୟମରେ ବିଭାଗକୁ ମିଳୁଥିବା ଅର୍ଥ ରାଶିର ଶତ ପ୍ରତିଶତ ଉପଯୋଗକରି ରାଜ୍ୟବାସୀଙ୍କୁ ଉନ୍ନତମାନର ଗମନାଗମନ ସୁବିଧା ଯୋଗାଇଦେବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଶୁକ୍ରବାର ଲୋକସେବା ଭବନରେ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାସ୍ତା ଓ ସେତୁ ଗୁଡ଼ିକର ଗୁଣବତ୍ତା ସହ ଏହାର ରକ୍ଷଣାବେକ୍ଷଣ ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବା ନିତାନ୍ତ ଜରୁରୀ।

### ନିମ୍ନମାନର କାର୍ଯ୍ୟ ହେଲେ ନିଆଯିବ କାର୍ଯ୍ୟାନୁଷ୍ଠାନ



ମୋହନ ଚରଣ ମାଝୀ

ନିମ୍ନମାନର କାମ କରୁଥିବା କଣ୍ଟ୍ରାକ୍ଟର ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ପାହାଡ଼ିଆ ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକରେ ଲୋକଙ୍କ ଗମନାଗମନ ପାଇଁ ଉତ୍ତମମାନର ରାସ୍ତା ନିର୍ମାଣ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେଉଥିବା କଣ୍ଟ୍ରାକ୍ଟରମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବାକୁ ସେ ପରାମର୍ଶ ଦେଇଛନ୍ତି। ବୈଠକର ଆଲୋଚନାରୁ ଜଣାପଡ଼ିଛି, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅଦ୍ୟାବଧି ଅନୁମୋଦନପ୍ରାପ୍ତ ୭୩,୯୮୪.୮୮ କି.ମି. ରାସ୍ତା ମଧ୍ୟରୁ ୭୦,୭୧୧.୨୪ କି.ମି. ରାସ୍ତା ନିର୍ମାଣକରି ଓଡ଼ିଶା ଭାରତବର୍ଷରେ ୪ର୍ଥ ସ୍ଥାନ ହାସଲ କରିଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ପୂର୍ବରୁ ୧ମ, ୨ୟ ଓ ୩ୟ ପର୍ଯ୍ୟାୟ ମାର୍ଗଦର୍ଶିକା ଅନୁଯାୟୀ କାମ କରାଯାଉଥିଲା। ବର୍ତ୍ତମାନ ଏହାର ୪ର୍ଥ ପର୍ଯ୍ୟାୟର କାମ ମଧ୍ୟ ହାତକୁ ନିଆଯାଇଛି। ଏହି ପର୍ଯ୍ୟାୟରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ, ଆକାଂକ୍ଷୀ ବ୍ଲକ୍, ମାଓବାଦୀ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ସଡ଼କ ଓ ସେତୁ ନିର୍ମାଣ ☞ପୃଷ୍ଠା-୪










## ସଂକ୍ଷେପରେ

### ରାଷ୍ଟ୍ରବିରୋଧୀ କାର୍ଯ୍ୟ ଅଭିଯୋଗରେ କଶ୍ମୀରର ୨ ସରକାରୀ କର୍ମଚାରୀ ବହିଷ୍କୃତ

ଶ୍ରୀନଗର,୨୨।୮

ରାଷ୍ଟ୍ର ବିରୋଧୀ କାର୍ଯ୍ୟରେ ସମ୍ପୃକ୍ତି ଅଭିଯୋଗରେ ଜଣେ ଶିକ୍ଷକଙ୍କ ସମେତ ୨ ସରକାରୀ କର୍ମଚାରୀଙ୍କୁ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଶୁକ୍ରବାର ବହିଷ୍କାର କରିଛନ୍ତି। ବହିଷ୍କୃତ କର୍ମଚାରୀମାନେ ହେଲେ ସ୍କୁଲ୍ ଶିକ୍ଷା ବିଭାଗ ଅଧୀନରେ ଶିକ୍ଷକ ଥିବା ଖୁର୍ଶିଦ ଅହମଦ ରାଠେର ଏବଂ ମେଷ ପାଳନ ବିଭାଗର ଆସିଷ୍ଟାଣ୍ଟ ଷ୍ଟକ୍‌ମ୍ୟାନ୍ ସିୟାଦ ଅହମଦ ଖାନ୍। ଉଭୟଙ୍କ ଘର କୁପ୍‌ୱାଡ଼ାରେ। ଜମ୍ମୁ-କଶ୍ମୀରର ନିର୍ବାଚିତ ସରକାରଙ୍କ ବିରୋଧ ସତ୍ତ୍ୱେ ଦେଶର ସୁରକ୍ଷା ଦୃଷ୍ଟିରୁ ସମ୍ବିଧାନର ଅନୁଚ୍ଛେଦ ୩୧୧ର ଧାରା ୨ ଓ ଉପଧାରା(ଗ) ଅନୁଯାୟୀ ଉପରାଜ୍ୟପାଳ ସେମାନଙ୍କୁ ତୁରନ୍ତ ବହିଷ୍କାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଷ୍ଟ୍ରବିରୋଧୀ କାର୍ଯ୍ୟରେ ସମ୍ପୃକ୍ତି ଅଭିଯୋଗରେ ଉପରାଜ୍ୟପାଳ ଏପର୍ଯ୍ୟନ୍ତ ୮୦ରୁ ଊର୍ଦ୍ଧ୍ୱ ସରକାରୀ କର୍ମଚାରୀଙ୍କୁ ବିଦା କଲେଣି।

### ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ୱିକ୍ରମସିଂଘେ ଗିରଫ



କଲମ୍ବୋ,୨୨।୮(ପି.ଟି.)

ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ରାନିଲ ୱିକ୍ରମସିଂଘେଙ୍କୁ ରାଷ୍ଟ୍ର ପାଣ୍ଠି ହେରଫେର ଅଭିଯୋଗରେ ଶୁକ୍ରବାର ଗିରଫ କରାଯାଇଛି। ୱିକ୍ରମସିଂଘେ ରାଷ୍ଟ୍ରପତି ଥିବା ସମୟରେ ରାଜକୋଷର ଦୁରୁପଯୋଗ କରିଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ପାଇଁ ୭୬ ବର୍ଷୀୟ ୱିକ୍ରମସିଂଘେଙ୍କୁ ଅପରାଧ ତଦନ୍ତ ବିଭାଗ (ସିଆଇଡି) ମୁଖ୍ୟାଳୟକୁ ଡକାଯାଇ ପଚରାଉଚରା କରାଯିବା ପରେ ଗିରଫ କରାଯାଇ କଲମ୍ବୋସ୍ଥିତ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ହାଜର କରାଯାଇଛି। ୨୦୨୨ରୁ ୨୦୨୪ ୱିକ୍ରମସିଂଘେ ରାଷ୍ଟ୍ରପତି ଥିବାବେଳେ ୨୦୨୩ ସେପ୍ଟେମ୍ବରରେ ସ୍ତ୍ରୀ ତଥା ପ୍ରଫେସର ମୈତ୍ରୀଙ୍କ ସମାବର୍ତ୍ତନ ଉତ୍ସବରେ ଯୋଗଦେବା ପାଇଁ ରାଜକୋଷ ଅର୍ଥରେ ଇଂଲଣ୍ଡ ଯାଇଥିବା ଅଭିଯୋଗ ହୋଇଥିଲା। ଗସ୍ତ ଖର୍ଚ୍ଚ ସମ୍ପର୍କରେ ପୂର୍ବରୁ ସିଆଇଡି ୱିକ୍ରମସିଂଘେଙ୍କ କର୍ମଚାରୀମାନଙ୍କୁ ପଚରାଉଚରା କରିଥିଲା। ୱିକ୍ରମସିଂଘେ ୫ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିବାବେଳେ ୬ ଥର ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଦୁର୍ନୀତିକୁ ନେଇ ଗୋଟାବାୟା ରାଜପାକ୍ସେଙ୍କ ବିରୋଧରେ ବିଦ୍ରୋହ ପରେ ସେ ଦେଶଛାଡ଼ି ପଳାଇବାରୁ ୱିକ୍ରମସିଂଘେ ଅବଶିଷ୍ଟ ସମୟ ପାଇଁ ରାଷ୍ଟ୍ରପତି ରହିବା ସହ ଦେଶକୁ ଆର୍ଥିକ ସଙ୍କଟରୁ ମୁକୁଳାଇଥିଲେ।

### ପାର୍କିଂ ବିବାଦରୁ ଶିକ୍ଷକଙ୍କୁ ପିଟି ହତ୍ୟା

ଲକ୍ଷ୍ନୌ,୨୨।୮

ଉତ୍ତରପ୍ରଦେଶ ବାରାଣସୀର କେଦାର କଲୋନିରେ କାର୍ ପାର୍କିଂକୁ ନେଇ ବିବାଦରୁ ଜଣେ ବରିଷ୍ଠ ସ୍କୁଲ୍ ଶିକ୍ଷକଙ୍କୁ ୩ ଜଣ ଲୋକ ପିଟି ମାରିଦେଇଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଗିରଫ ଅଭିଯୁକ୍ତମାନେ ମୃତ ଶିକ୍ଷକଙ୍କ ପଡ଼ୋଶୀ ବୋଲି ଜଣାପଡ଼ିଛି। ଖବର ଅନୁଯାୟୀ ସନ୍‌ବିମ୍ ସ୍କୁଲ୍‌ର ଶିକ୍ଷକ ଡ. ପ୍ରବୀଣ ଝା (୪୮)ଙ୍କୁ ଅଭିଯୁକ୍ତମାନେ ଫୋନ୍ ଯୋଗେ ଡାକି ତାଙ୍କୁ କାର୍ ହଟାଇବାକୁ କହିଥିଲେ। ସେ କାର୍‌କୁ ହଟାଇବାକୁ ଯାଉଥିବାବେଳେ ଅଭିଯୁକ୍ତମାନେ ତାଙ୍କ ସହ ପାଟିତୁଣ୍ଡ କରିଥିଲେ। ସେମାନେ ଶିକ୍ଷକଙ୍କୁ ଗୋଇଠା ଓ ମୁଥ ମାରିବା ସହ ତାଙ୍କ ମୁଣ୍ଡକୁ ଇଟାରେ ଛେଚିଦେଇଥିଲେ। ଶିକ୍ଷକ ଅଚେତ ହୋଇ ତଳେ ପଡ଼ିଯିବାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଗାର୍ଡଠାରୁ ଖବର ପାଇଁ ଘରଲୋକେ ପହଞ୍ଚି ଶିକ୍ଷକଙ୍କୁ ହସ୍ପିଟାଲ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।





# ଭାରତୀୟ ଅନ୍ତରୀକ୍ଷ ଷ୍ଟେଶନର ମଡେଲ ଉନ୍ମୋଚନକଲା ଇସ୍ରୋ

ନୂଆଦିଲ୍ଲୀ,୨୨।୮

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଶୁକ୍ରବାର ଭାରତୀୟ ଅନ୍ତରୀକ୍ଷ ଷ୍ଟେଶନ (ବିଏଏସ୍) ମଡ୍ୟୁଲ୍‌ର ଏକ ମଡେଲ ଉନ୍ମୋଚନ କରିଛି। ନୂଆଦିଲ୍ଲୀରେ ଆରମ୍ଭ ହୋଇଥିବା ଦୁଇଦିନିଆ ଜାତୀୟ ମହାକାଶ ଦିବସ ଅବସରରେ ଏହି ମଡେଲକୁ ଉନ୍ମୋଚନ କରାଯାଇଛି। ୨୦୨୮ ସୁଦ୍ଧା ଭାରତ ନିଜସ୍ୱ ନିର୍ମିତ ମହକାଶ କେନ୍ଦ୍ର ବିଏଏସ୍‌ର ପ୍ରଥମ ମଡ୍ୟୁଲ୍‌କୁ ଲଞ୍ଚ୍ କରିବାକୁ ଯୋଜନା ରଖିଛି। ଫଳରେ ଅର୍ବିଟାଲ ଲାବରେଟୋରି ଚଳାଉଥିବା ଅଳ୍ପ କେତୋଟି ଦେଶ ମଧ୍ୟରେ ଭାରତ ସାମିଲ ହୋଇପାରିବ।

ଏବେ ୨ଟି ଅର୍ବିଟାଲ ଲାବରେଟୋରି କାର୍ଯ୍ୟ କରୁଛି। ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍)କୁ ୫ଟି ସ୍ପେସ୍ ଏଜେନ୍ସି ଚଳାଉଥିବାବେଳେ ଚାଇନାର ଟିଆଙ୍ଗୋଙ୍ଗ୍‌ସ୍ପେସ୍‌ଷ୍ଟେଶନ ରହିଛି। ଭାରତ ୨୦୩୫ ସୁଦ୍ଧା ଭାରତୀୟ ଅନ୍ତରୀକ୍ଷ ଷ୍ଟେଶନର ୫ଟି ମଡ୍ୟୁଲ୍‌କୁ ମହାକାଶରେ ସ୍ଥାପନ କରିବାକୁ ଯୋଜନା ରଖିଛି। ବିଏଏସ୍-୦୧ ମଡ୍ୟୁଲ୍ ୧୦ ଟନ୍ ଓଜନର ହେବା ଆଶା କରାଯାଉଥିବାବେଳେ ଏହାକୁ ପୃଥିବୀଠାରୁ ୪୫୦ କି.ମି. ଉଚ୍ଚ ନିମ୍ନ କକ୍ଷପଥରେ ଅବସ୍ଥାପିତ କରାଯିବ। ଏଥିରେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ପରିବେଶ ନିୟନ୍ତ୍ରଣ ଓ ଜୀବନ ସମର୍ଥକ ବ୍ୟବସ୍ଥା (ଇସିଏଲ୍ଏସ୍ଏସ୍), ଭାରତ ଡକିଂ ସିଷ୍ଟମ୍, ଭାରତ ବର୍ଥିଂ ମେକାନିଜମ୍, ଅଟୋମେଟେଡ୍ ହାଚ୍ ସିଷ୍ଟମ୍, ମାଇକ୍ରୋଗ୍ରାଭିଟି ଗବେଷଣା ପାଇଁ ପ୍ଲାଟ୍‌ଫର୍ମ ଏବଂ ଟେକ୍‌ନୋଲୋଜି ଡେମୋନଷ୍ଟ୍ରେଶନ ଇତ୍ୟାଦି ରହିବ। ଏହା ବ୍ୟତୀତ ସଞ୍ଚାଳନ ଶକ୍ତି ଭରିବା ଏବଂ ଇସିଏଲ୍ଏସ୍ଏସ୍ ଫ୍ଲୁଇଡ୍ ଭରିବା, ବିକିରଣ ଏବଂ ତାପ ତଥା କ୍ଷୁଦ୍ର ଉଲ୍‌କା ପିଣ୍ଡ ଏବଂ ଅର୍ବିଟାଲ ବର୍ଜ୍ୟରୁ ସୁରକ୍ଷା ପାଇଁ ଏଥିରେ ବ୍ୟବସ୍ଥା ରହିବ। ମହାକାଶ ସମ୍ପର୍କିତ ବିଭିନ୍ନ ଦୃଷ୍ଟିକୋଣ, ଜୀବ ବିଜ୍ଞାନ, ଆୟୁର୍ବିଜ୍ଞାନ, ଅନ୍ତଗ୍ରହୀୟ ଆବିଷ୍କାର ପାଇଁ ବିଏଏସ୍ ଏକ ଗବେଷଣା ପ୍ଲାଟ୍‌ଫର୍ମ ଭାବେ କାର୍ଯ୍ୟ କରିବ ବୋଲି ଆଶା କରାଯାଉଛି।

# ‘ଆଧାର’ ବାସିନ୍ଦା ପ୍ରମାଣପତ୍ର

### ବିହାର ଚିଠା ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ମତଦାତା ଆଧାର କାର୍ଡ ଦାଖଲକରି ନାମ ପୁନଃ ପଞ୍ଜୀକରଣ ଦାବି କରିପାରିବେ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୨।୮





ଚଳିତବର୍ଷ ବିହାର ବିଧାନସଭା ଭୋଟ ହେବାକୁ ଥିବାବେଳେ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟାରୁ ବାଦ୍ ପଡ଼ିଥିବା ମତଦାତାମାନେ ଅନ୍‌ଲାଇନ୍‌ରେ ଆଧାର କାର୍ଡ ଦାଖଲ କରି ନିଜ ନାମ ପୁନଃ ପଞ୍ଜୀକରଣ ପାଇଁ ଦାବି କରିପାରିବେ। ଆଧାରକୁ ବାସିନ୍ଦା ପ୍ରମାଣପତ୍ର ଭାବେ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ଇସିଆଇଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲା ବାଗ୍‌ଚୀଙ୍କ ଖଣ୍ଡପୀଠ ଚିଠା ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ବିହାରୀଙ୍କୁ ସେମାନଙ୍କ ନାମ ପଞ୍ଜୀକରଣ ଦାବି ସପକ୍ଷରେ ଆଧାର କାର୍ଡ ନମ୍ବର ଓ ଏସ୍ଆଇଆର୍‌ରେ ଗ୍ରହଣୀୟ ୧୧ ଦସ୍ତାବିଜ ମଧ୍ୟରୁ ଗୋଟିଏ ଦାଖଲ କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ଏହି ପ୍ରସଙ୍ଗରେ ରାଜନୈତିକ ଦଳଗୁଡ଼ିକ ହୋହଲ୍ଲା କରୁଥିବାବେଳେ ବାଦ୍ ପଡ଼ିଥିବା ୬୫ ଲକ୍ଷ ଭୋଟରଙ୍କ ଆପତ୍ତି ଉପରେ ଆଗେଇ ନ ଆସିବାକୁ ନେଇ ଖଣ୍ଡପୀଠ ବିସ୍ମୟ ପ୍ରକାଶ କରିଛନ୍ତି। ବିହାର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଏଭଳି ଦଳଗୁଡ଼ିକୁ ପକ୍ଷଭୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବର ୮ରେ ଏହି ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣି କରାଯିବ। ଏହି ଅବଧି ମଧ୍ୟରେ ସବୁ ଦଳ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବେ ବୋଲି ଶୀର୍ଷ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ବାଦ୍ ପଡ଼ିଥିବା ଭୋଟରଙ୍କ ଦାବି ଫର୍ମ ଦାଖଲ କରୁଥିବା ଦଳଗୁଡ଼ିକର ବୁଥ୍‌ସ୍ତରୀୟ ଏଜେଣ୍ଟମାନଙ୍କୁ ଆକ୍‌ନଲେଜ୍‌ମେଣ୍ଟ ରିସିପ୍ଟ ପ୍ରଦାନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ଇସିଆଇଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ କହିଥିଲେ, ରାଜନୈତିକ ଦଳଗୁଡ଼ିକ ଏହା ଉପରେ ବହୁତ ହୋହଲ୍ଲା କରୁଛନ୍ତି। ତେବେ କାହାକୁ ବାଦ୍ ଦିଆଯାଇ ନ ଥିବା ନେଇ ଅବଗତ କରାଇବା ପାଇଁ ଆୟୋଗଙ୍କୁ ୧୫ ଦିନ ସମୟ ଦିଆଯାଉ ବୋଲି ଅଦାଲତଙ୍କୁ ଅନୁରୋଧ କରିଥିଲେ। ୮୫,୦୦୦ ଭୋଟରଙ୍କୁ ଚିଠା ଭୋଟର ତାଲିକାରୁ ବାଦ୍ ଦିଆଯାଇଥିବାବେଳେ ସେମାନେ ନିଜ କ୍ଲେମ୍ ଫର୍ମ ଦାଖଲ କରିଛନ୍ତି। ରାଜ୍ୟର ୨ ଲକ୍ଷରୁ ଊର୍ଦ୍ଧ୍ୱ ନୂଆ ଭୋଟର ଏସ୍ଆଇଆର୍ ପ୍ରକ୍ରିୟା ବେଳେ ଭୋଟର ତାଲିକାରେ ନିଜ ନାମ ପଞ୍ଜୀକରଣ ପାଇଁ ଆଗେଇ ଆସିଥିବା ଇସିଆଇ ଖଣ୍ଡପୀଠଙ୍କୁ ଅବଗତ କରାଇଛନ୍ତି। ଅଗଷ୍ଟ ୧୪ରେ ସୁପ୍ରିମକୋର୍ଟ ବାଦ୍ ପଡ଼ିଥିବା ୬୫ ଲକ୍ଷ ମତଦାତାଙ୍କ ବିବରଣୀ ଓ ହଟାଯିବାର କାରଣ ୧୯ ତାରିଖ ସୁଦ୍ଧା ପ୍ରକାଶ କରିବାକୁ ଇସିଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଆଧାରକୁ ପରିଚୟର ଗ୍ରହଣୀୟ ଦସ୍ତାବିଜ ରୂପେ ଅନୁମତି ପ୍ରଦାନ କରିବାକୁ କହିଥିଲେ। ଉଲ୍ଲେଖଯୋଗ୍ୟ, ବିହାରରେ ୨୦୦୩ ପରେ ଭୋଟରଙ୍କ ରିଭିଜନ୍ କରାଯାଉଛି, ଯାହାକୁ ନେଇ ରାଜନୈତିକ ବିବାଦ ସୃଷ୍ଟି ହୋଇଛି। ଏସ୍ଆଇଆର୍ ଯୋଗୁ ବିହାରର ପଞ୍ଜୀକୃତ ମତଦାତାଙ୍କ ସଂଖ୍ୟା ୭.୯ କୋଟିରୁ ୭.୨୪ କୋଟିକୁ ଖସିଆସିଛି।

### କ’ଣ କହିଲେ ସୁପ୍ରିମକୋର୍ଟ

- ବିହାର ଏସ୍ଆଇଆର୍ ପ୍ରକ୍ରିୟା ଯୋଗୁ ଚିଠା ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ୬୫ ଲକ୍ଷ ମତଦାତାଙ୍କୁ ୧୨ ରାଜନୈତିକ ଦଳ ସହଯୋଗ କରିବେ।
- ନିର୍ବାଚନ ଆୟୋଗ ଆଧାର କାର୍ଡ କିମ୍ବା ଅନ୍ୟ ୧୧ ଗ୍ରହଣୀୟ ଦସ୍ତାବିଜ ମଧ୍ୟରୁ ଗୋଟିଏକୁ ନାମ ପଞ୍ଜୀକରଣ ପାଇଁ ଅନୁମତି ଦେବେ।
- ୧,୬୮ ଲକ୍ଷ ବୁଥ୍‌ସ୍ତରୀୟ ଏଜେଣ୍ଟ (ବିଏଲ୍ଏ) ଥିବାବେଳେ ଚିଠା ଭୋଟର ତାଲିକାକୁ ନେଇ ମାତ୍ର ୨ଟି ଆପତ୍ତି ଦାଖଲ କରାଯିବା ଆଶ୍ଚର୍ଯ୍ୟଜନକ ବିଷୟ।
- ସମସ୍ତ ଦଳର ପ୍ରତିନିଧି କୋର୍ଟରେ ହାଜର ହୋଇ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବେ।

### ବିହାର ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଭାଜପାର ନୂଆ ଅଧ୍ୟକ୍ଷ

ନୂଆଦିଲ୍ଲୀ,୨୨।୮

ବିହାର ବିଧାନସଭା ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଭାଜପା ଏହାର ନୂଆ ଅଧ୍ୟକ୍ଷ ପାଇବାକୁ ଯାଉଛି। ନୂଆ ଅଧ୍ୟକ୍ଷଙ୍କ ନେତୃତ୍ୱରେ ଗୈରିକ ଦଳ ବିହାର ନର୍ବାଚନ ଜିତିବ ବୋଲି ଏକ ସୂତ୍ରରୁ କୁହାଯାଇଛି। ତେବେ ବିଭିନ୍ନ କାରଣକୁ ନେଇ ଅଧ୍ୟକ୍ଷ ଚୟନ ବିଳମ୍ବିତ ହୋଇଛି। ସବୁଠୁ ବଡ଼ କାରଣ ହେଲା ଅଧ୍ୟକ୍ଷ ବାଛିବା ପୂର୍ବରୁ ଦଳ ନେତୃତ୍ୱ ବ୍ୟାପକ ବିଚାରବିମର୍ଶ ଚଳାଇଛନ୍ତି। ଇତିମଧ୍ୟରେ ବରିଷ୍ଠ ଭାଜପା ନେତୃବୃନ୍ଦ ଏବଂ ଏହାର ଆଦର୍ଶଗତ ଗୁରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଇତିମଧ୍ୟରେ ୧୦୦ ଶୀର୍ଷ ନେତାଙ୍କ ପାଖରେ ପହଞ୍ଚି ସାରିଲେଣି। ଦଳର ପୂର୍ବତନ ମୁଖ୍ୟ ଓ ବରିଷ୍ଠ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଆର୍‌ଏସ୍ଏସ୍ ଏବଂ ଭାଜପା ନେତାଙ୍କ ସମେତ ସାମ୍ବିଧାନିକ ପଦବୀରେ ରହିଥିବା ବ୍ୟକ୍ତିଙ୍କ ସହ ପରାମର୍ଶ କରାଯାଉଛି। ଏଥିସହିତ ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ନିର୍ବାଚନ ଥିବାରୁ ଭାଜପା ଅଧ୍ୟକ୍ଷ ଚୟନ ପ୍ରକ୍ରିୟା ବିଳମ୍ବିତ ହେଉଥିବା କୁହାଯାଉଛି। ତୃତୀୟ କାରଣ ହେଲା ଗୁଜରାଟ, ଉତ୍ତରପ୍ରଦେଶ, କର୍ଣ୍ଣାଟକ ଭଳି ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ଭାଜପା ସଭାପତି ନିର୍ବାଚନ ବିଳମ୍ବିତ ହେବା।

### ଉତ୍ପାଦନ କ୍ଷମତାକୁ ପ୍ରଭାବିତ କରୁଛି ଅତ୍ୟଧିକ ଉତ୍ତାପ

ନୂଆଦିଲ୍ଲୀ,୨୨।୮(ପି.ଟି.)

ଡବ୍ଲ୍ୟୁଏଚ୍ଓ-ଡବ୍ଲ୍ୟୁଏମ୍ଓ ରିପୋର୍ଟ

ଅତ୍ୟଧିକ ଉତ୍ତାପ ଯୋଗୁ ଶ୍ରମିକମାନଙ୍କ ଉତ୍ପାଦନ କ୍ଷମତା ହ୍ରାସ ପାଉଛି। ୨୦ ଡିଗ୍ରୀ ସେଲ୍‌ସିୟସ୍ ପରିବେଶ ତାପମାତ୍ରାଠାରୁ ପ୍ରତି ଗୋଟିଏ ଡିଗ୍ରୀ ବୃଦ୍ଧି ପାଇଁ ଉତ୍ପାଦନ କ୍ଷମତା ୨ରୁ ୩ ପ୍ରତିଶତ କମୁଥିବା ଜାତିସଂଘର ସ୍ୱାସ୍ଥ୍ୟ ଓ ଜଳବାୟୁ ଏଜେନ୍ସି ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଶ୍ରମିକମାନଙ୍କ ସୁସ୍ଥ ରହିବା ଓ ଉତ୍ପାଦନକ୍ଷମ ଜୀବନ ଯାପନ ସାମର୍ଥ୍ୟ ଉପରେ କାର୍ଯ୍ୟକ୍ଷେତ୍ର ତାପମାତ୍ରା ପ୍ରତ୍ୟକ୍ଷ ଭାବେ ପ୍ରଭାବ ପକାଇଥାଏ। ଗତ ୫ ଦଶନ୍ଧିର ଅଧ୍ୟୟନରୁ ମିଳିଥିବା ତଥ୍ୟ ପ୍ରମାଣକୁ ଅନୁଶୀଳନ କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ଏବଂ ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମ୍ଓ) ଏହା ପ୍ରକାଶ କରିଛନ୍ତି। ସାରା ବିଶ୍ୱରେ ଅତ୍ୟଧିକ ଗ୍ରୀଷ୍ମଲହରି ଦିବସ ସଂଖ୍ୟା ବଢ଼ିବାରେ ଲାଗିଛି। ଫଳରେ ଏହା ଉଭୟ ଘର ଭିତରେ ଓ ବାହାରେ କାର୍ଯ୍ୟ କରୁଥିବା ଶ୍ରମିକ ଓ କର୍ମଚାରୀଙ୍କ ଉପରେ ପ୍ରଭାବ ପକାଉଛି। ଏଥିଯୋଗୁ ଅଂଶୁଘାତ, ଜଳଶୁଷ୍କତା ଏବଂ ମସ୍ତିଷ୍କ ଓ କିଡ୍‌ନୀ ସମସ୍ୟା ଦେଖାଯାଉଛି। ଏଗୁଡ଼ିକ ଶ୍ରମଶକ୍ତି ଜନସଂଖ୍ୟାର ଦୀର୍ଘକାଳୀନ ସ୍ୱାସ୍ଥ୍ୟ ଓ ଆର୍ଥିକ ସୁରକ୍ଷାକୁ ପ୍ରଭାବିତ କରିପାରେ ବୋଲି ଗବେଷକମାନେ କହିଛନ୍ତି।

### ଚାଇନାରେ ବ୍ରିଜ୍ ଭୁଶୁଡ଼ି ୧୨ ମୃତ

ବେଜିଂ, ୨୨।୮

ଉତ୍ତରପଶ୍ଚିମ ଚାଇନାରେ ୟେଲୋ ନଦୀ ଉପରେ ଏକ ନିର୍ମାଣାଧୀନ ବ୍ରିଜ୍ ଶୁକ୍ରବାର ଭୁଶୁଡ଼ି ପଡ଼ିବାରୁ ୧୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୪ ଜଣ ନିଖୋଜ ହୋଇଛନ୍ତି। ବ୍ରିଜ୍ ଭୁଶୁଡ଼ିବା ସମୟରେ ସେଠାରେ ୧୫ ଶ୍ରମିକ ଓ ଜଣେ ପ୍ରେଜେକ୍ଟ ମ୍ୟାନେଜର କାର୍ଯ୍ୟରତ ଥିଲେ। ନିର୍ମାଣାଧୀନ ବ୍ରିଜ୍‌ର ଗୋଟିଏ ଅଂଶ ଭୁଶୁଡ଼ି ପାଣିରେ ଖସିପଡୁଥିବାର ଭିଡିଓ ଗଣମାଧ୍ୟମରେ ପ୍ରକାଶ ପାଇଛି। ଘଟଣାସ୍ଥଳକୁ ଉଦ୍ଧାରକାରୀ ଟିମ୍ ପଠାଯାଇଛି। ସିଚୁଆନ୍-କିଙ୍ଗହାଇ ରେଲୱେର ଅଂଶବିଶେଷ ଏହି ବ୍ରିଜ୍ ହେଉଛି ବିଶ୍ୱର ଦୀର୍ଘତମ ଡବଲ୍-ଟ୍ରାକ୍ ଷ୍ଟିଲ୍ ଟ୍ରସ୍ ଆର୍କ ବ୍ରିଜ୍।

# ଗାଜା ସିଟିରେ ସମ୍ପୂର୍ଣ୍ଣ ଦୁର୍ଭିକ୍ଷ

### ଘୋଷଣାକଲା ଜାତିସଂଘ

ଗାଜା ସିଟି,୨୨।୮



ଗାଜାର ଖାନ୍‌ୟୁନିସ୍‌ରେ ଏକ ଦାତବ୍ୟ ଅନୁଷ୍ଠାନ ପକ୍ଷରୁ ବଣ୍ଟନ କରାଯାଉଥିବା ଖାଦ୍ୟ ନେବା ପାଇଁ ଗହଳି ଲାଗିଛି।

ଗାଜାର ସର୍ବବୃହତ୍ ସହର ଗାଜା ସିଟିକୁ ଦୁର୍ଭିକ୍ଷ ସମ୍ପୂର୍ଣ୍ଣ କବଳିତ କରିଥିବା ଜାତିସଂଘ ସମର୍ଥିତ ସମନ୍ୱିତ ଖାଦ୍ୟ ସୁରକ୍ଷା ଫେଜ୍ କ୍ଲାସିଫିକେଶନ (ଆଇପିସି) ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ଯୁଦ୍ଧବିରତି ନ ହେଲେ ଏବଂ ମାନବୀୟ ସହାୟତା ଉପରେ କଟକଣା ନ ହଟିଲେ ଦୁର୍ଭିକ୍ଷ ତୁରନ୍ତ ଅନ୍ୟ ଅଞ୍ଚଳକୁ ବ୍ୟାପିବା ନେଇ ଖାଦ୍ୟ ସଙ୍କଟ ସମ୍ପର୍କିତ ବିଶ୍ୱର ପ୍ରମୁଖ କର୍ତ୍ତୃପକ୍ଷ ସତର୍କ କରାଇଛନ୍ତି। ଗାଜା ସିଟିରେ ପ୍ରାୟ ୫ ଲକ୍ଷ ଲୋକ ବସବାସ କରୁଛନ୍ତି। ଆସନ୍ତା ମାସ ଶେଷ ସୁଦ୍ଧା ଦୁର୍ଭିକ୍ଷ ଡେଇର୍ ଅଲ୍-ବଲାହ ଏବଂ ଖାନ୍ ୟୁନିସ୍ ସହରକୁ ବ୍ୟାପିପାରେ। ଗାଜାରେ ଖାଦ୍ୟ ଓ ଅନ୍ୟାନ୍ୟ ସହାୟତା ଯୋଗାଣ ଉପରେ ଇସ୍ରାଏଲୀ କଟକଣା ଓ ଆକ୍ରମଣ ଯୋଗୁ ଗୁରୁତର ଖାଦ୍ୟ ସଙ୍କଟ ଦେଖାଦେବା ନେଇ ବିଭିନ୍ନ ସହାୟତା ପ୍ରଦାନକାରୀ ସଂସ୍ଥା ପକ୍ଷରୁ ସତର୍କ କରାଯାଇ ଆସୁଥିଲା। ମଧ୍ୟପ୍ରାଚ୍ୟରେ ପ୍ରଥମ ଥର ପାଇଁ ଦୁର୍ଭିକ୍ଷ ଦେଖାଦେଇଥିବା ନେଇ ଆଇପିସି ଘୋଷଣା କରିଥିବାରୁ ଇସ୍ରାଏଲ୍ ଉପରେ ଅନ୍ତର୍ଜାତୀୟ ଚାପ ବଢ଼ିପାରେ ବୋଲି କୁହାଯାଉଛି। ଇସ୍ରାଏଲ୍ ତୁରନ୍ତ ଗାଜା ସିଟିକୁ ଦଖଲ କରିବା ସହ ହମାସ୍ ଆତଙ୍କବାଦୀଙ୍କ ଅନ୍ୟ ଆଡ୍ଡାସ୍ଥଳଗୁଡ଼ିକୁ କବ୍‌ଜା କରିବାକୁ ଯୋଜନା କରିଛି। ଏହା ଖାଦ୍ୟ ସଙ୍କଟକୁ ଆହୁରି ବଢ଼ାଇବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଯୁଦ୍ଧ ବନ୍ଦ ପାଇଁ ଇସ୍ରାଏଲ୍‌ର ସର୍ତ୍ତକୁ ହମାସ ନ ମାନିଲେ, ଗାଜାର ସର୍ବବୃହତ୍ ସହରକୁ ଧ୍ୱଂସ କରିଦିଆଯିବ ବୋଲି ଶୁକ୍ରବାର ଇସ୍ରାଏଲୀ ସେନା ଧମକ ଦେଇଛି। ଗାଜା ସିଟିକୁ ଦଖଲ କରିବା ପାଇଁ ବଡ଼ ଆକ୍ରମଣ ପାଇଁ ସେନାକୁ ଦାୟିତ୍ୱ ଦେବେ ବୋଲି ଦିନକ ପୂର୍ବରୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଥିଲେ। ଖୁବ୍‌ଶୀଘ୍ର ଗାଜା ସିଟିର ଅବସ୍ଥା ରାଫାହ ଏବ ବେଇଟ୍ ହନୌନ ଭଳି ଧ୍ୱଂସସ୍ତୂପରେ ପରିଣତ ହୋଇପାରେ ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟ୍‌ଜ ଧମକ ଦେଇଛନ୍ତି।





ବିହାରରେ ‘ଭୋଟର ଅଧିକାର ଯାତ୍ରା’ ଅବସରରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଉଛନ୍ତି।

### ବିବାଦରେ ଅକ୍ଷୟଙ୍କ ଫିଲ୍ମ



ମୁମ୍ବାଇ

ବିବାଦରେ ବଲିଉଡ ଫିଲ୍ମ ‘ଜଲି ଏଲ୍ଏଲ୍‌ବି ୩’। ଫିଲ୍ମର ମୁଖ୍ୟ ଅଭିନେତା ଅକ୍ଷୟ କୁମାର, ଅରଶାଦ ୱାର୍ସି ଏବଂ ଫିଲ୍ମର ନିର୍ମାତାମାନଙ୍କୁ ପୁଣେ କୋର୍ଟ ସମନ ଜାରି କରିଛି। ଫିଲ୍ମଟି ଆଇନଗତ ପେସା ଏବଂ ନ୍ୟାୟପାଳିକାର ଅପମାନ କରିଥିବା ଅଭିଯୋଗ ହୋଇଥିଲା। ମୁମ୍ବାଇରେ ମଧ ଏହି ଫିଲ୍ମ ବିରୋଧରେ ଅଭିଯୋଗ ଦାୟର ହୋଇଛି।

ମୁମ୍ବାଇର ଓକିଲମାନେ ଫିଲ୍ମରେ ଓକିଲଙ୍କ ଚିତ୍ରଣକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଫିଲ୍ମରେ ଆଇନ, କୋର୍ଟ ଏବଂ ଓକିଲମାନଙ୍କର ଅପମାନ କରାଯାଇଛି। ଏହା ବିରୋଧରେ ସେନସର ବୋର୍ଡ ନିକଟରେ ମଧ ଅଭିଯୋଗ ଦାୟର ହୋଇଛି। ଫିଲ୍ମର ରିଲିଜକୁ ଅଟକାଇ ପୁନର୍ବାର ସେନ୍‌ସର ପାଇଁ ଦାବି କରାଯାଇଛି। ବମ୍ବେ ହାଇକୋର୍ଟର ଓକିଲ ଆଶିଷ ରାୟ ଏବଂ ପଙ୍କଜ ମିଶ୍ର ଏହି ଅଭିଯୋଗ ଦାୟର କରିଛନ୍ତି। ‘ଜଲି ଏଲ୍ଏଲ୍‌ବି ୩’ ଆସନ୍ତା ୧୯ ସେପ୍ଟେମ୍ବରରେ ରିଲିଜ ହେବାକୁ ଯାଉଛି। ଫିଲ୍ମରେ ଓକିଲ ଏବଂ କୋର୍ଟକୁ ଭୁଲ ଭାବେ ଚିତ୍ରଣ କରାଯାଇଛି, ଯାହା ଓକିଲମାନଙ୍କର ଅପମାନ କରୁଛି।

# ହାତୀ ସୁରକ୍ଷାରେ ଆଧୁନିକ ଶିକ୍ଷା ଜରୁରୀ: ତଥାଗତ

ବାରିପଦା,୨୨।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)



ବାଙ୍ଗିରିପୋଷିସ୍ଥିତ ଖଇରୀ ରିସର୍ଟଠାରେ 'ସଂଗ୍ରାମ' ପକ୍ଷରୁ ଆୟୋଜିତ 'ହାତୀଙ୍କ ଗତି' ସମ୍ପର୍କିତ ବୈଠକରେ ମୁଖ୍ୟ ଅତିଥିଭାବେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ସଂଗ୍ରାମ ସଙ୍ଗଠନର ସମ୍ପାଦକ ଭାନୁମିତ୍ର ଆଚାର୍ଯ୍ୟ, ସଭାପତି ସଞ୍ଜୁକ୍ତା ବସା ଓ ଉପସଭାପତି ବିଭୁପ୍ରସାଦ ଦାସ।

ହାତୀ ସୁରକ୍ଷା ସହ ଜଙ୍ଗଲର ସୁରକ୍ଷା କରାଗଲେ ପରିବେଶ ସୁରକ୍ଷିତ ରହିପାରିବ। ହାତୀ ସୁରକ୍ଷାରେ ଆଧୁନିକ ଶିକ୍ଷା ଜରୁରୀ ବୋଲି 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ କହିଛନ୍ତି। ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷିସ୍ଥିତ ଖଇରୀ ରିସୋର୍ଟରେ 'ହାତୀଙ୍କ ଗତି'କୁ ନେଇ ଶୁକ୍ରବାର ମଧ୍ୟାହ୍ନରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ହାତୀ-ମଣିଷ ସଂଘର୍ଷ ରୋକିବା ଏବଂ ଐତିହ୍ୟ ପ୍ରାଣୀଙ୍କ ସୁରକ୍ଷାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ନୀତି ଘୋଷଣା କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସେ ସାଧୁବାଦ ଜଣାଇଥିଲେ। ଏହି ସରକାରଙ୍କ ଦ୍ୱାରା ହାତୀ ସୁରକ୍ଷାରେ କିଛି ନୂଆ କାର୍ଯ୍ୟ ହୋଇପାରିବ ବୋଲି ସତପଥୀ କହିଥିଲେ।

'ସଂଗ୍ରାମ' ପକ୍ଷରୁ ଆୟୋଜିତ ବୈଠକରେ ସଙ୍ଗଠନର ସମ୍ପାଦକ ତଥା ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ସଭାପତିତ୍ୱ କରି ବିଗତ ଦିନରେ ବନ୍ୟଜନ୍ତୁ ଓ ଜଙ୍ଗଲକୁ ବଞ୍ଚାଇବା ଦିଗରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚିତ କରିଥିଲେ। ସମ୍ମାନିତ ଅତିଥି ଭାବେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଯୋଗଦେଇ ହାତୀର ଗତିପଥକୁ ନେଇ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ସୂଚିତ କରିଥିଲେ। ହାତୀ-ମଣିଷ ସଂଘର୍ଷ ହ୍ରାସ କରିବା ସହ ଜଙ୍ଗଲ ସୁରକ୍ଷିତ ରହିପାରିଲେ ହାତୀ ସୁରକ୍ଷିତ ରହିପାରିବ। ହାତୀ କରିଡର ପ୍ରତି ସ୍ୱତନ୍ତ୍ର ଧ୍ୟାନଦେବା ଆବଶ୍ୟକ ରହିଛି। ହାତୀର ଖାଦ୍ୟ ଜଙ୍ଗଲରେ ଉପଲବ୍ଧ କରାଇବା ସହ ସୁରୁଖୁରୁରେ କ୍ଷତିପୂରଣ ପ୍ରଦାନ କରାଯାଉ। ରାଜ୍ୟ ସରକାରଙ୍କ ପକ୍ଷରୁ ହାତୀ ପାଇଁ ନିଆଯାଉଥିବା ଯୋଜନାରେ ମଣିଷ ଓ ହାତୀର ସୁରକ୍ଷା ଦିଗ ପ୍ରତି ପଦକ୍ଷେପ ନିଆଯାଉ ବୋଲି ସେ କହିଥିଲେ। ତେବେ ମହୁଚାଷ କରିବା ଦ୍ୱାରା ମହୁମାଛିର ଗୁଣୁଗୁଣୁ ଶବ୍ଦକୁ ଭୟକରି ହାତୀ ଅଞ୍ଚଳ ଛାଡ଼ି ପଳାଇଥାଏ। ସେହିପରି ଲଙ୍କାଗୁଣ୍ଡ ଓ ତେଲର ଆଘ୍ରାଣରେ ହାତୀ ଅଞ୍ଚଳ ଛାଡ଼ିପାରିବ ଏବଂ ଅଞ୍ଚଳବାସୀଙ୍କୁ ହାଇମାଷ୍ଟ ଟର୍ଚ୍ଚ ଲାଇଟ ପ୍ରଦାନ କରାଗଲେ ହାତୀର ଗତିବିଧି ଉପରେ ନଜର ରଖିହେବ। ଅନ୍ୟପକ୍ଷରେ ହାତୀ ଉତ୍ପାତକୁ ଏଡ଼ାଇବା ପାଇଁ ଆବଶ୍ୟକସ୍ଥଳେ ଡ୍ରମ୍ ବଜାଇବା ସହ ମହାବଳ ବାଘର ଗର୍ଜନ ଓ ମହୁମାଛିର ଗୁଣୁଗୁଣୁ ଶବ୍ଦକୁ ଡାକବାଜି ଯନ୍ତ୍ର ମାଧ୍ୟମରେ ବଜାଇଲେ ହାତୀକୁ ସୁପଥଗାମୀ କରିବାରେ ସହଜ ହୋଇପାରିବ ବୋଲି ଶ୍ରୀମତୀ ସତପଥୀ ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଯୋଗଦେଇ ବିଗତ ଦିନ ଅପେକ୍ଷା ହାତୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ବିଶାଳକାୟ ଜୀବ ହାତୀ ବିଭିନ୍ନ ସ୍ଥାନ ବୁଲି ଖାଦ୍ୟ ଗ୍ରହଣ କରିବ। ହାତୀକୁ ଅଯଥାରେ ହଇରାଣ କଲେ ସେ ଆକ୍ରମଣ କରିବାକୁ ପଛାଇବ ନାହିଁ ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ହାତୀ ସୁରକ୍ଷା ପ୍ରତି ସମସ୍ତେ ଯତ୍ନବାନ୍ ହେବାକୁ ପଡ଼ିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଙ୍ଗିରିପୋଷି ରେଞ୍ଜର ମହେଶ୍ୱର ସିଂ ହାତୀ ସୁରକ୍ଷା କ୍ଷେତ୍ରରେ ବନ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନାକରି ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ।

ପ୍ରାରମ୍ଭରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିଶୁ ଭଉଣୀଭାଇମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସଂଗ୍ରାମର ସଭାପତି ସଂଯୁକ୍ତା ବସା କାର୍ଯ୍ୟକ୍ରମର ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିବା ସହ ସଂଗ୍ରାମ ପକ୍ଷରୁ ନିଆଯାଉଥିବା ହାତୀ ସୁରକ୍ଷା ଦିଗରେ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଉପସଭାପତି ବିଭୁପ୍ରସାଦ ଦାସ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରିଚାଲିଥିବା ସ୍ୱେଚ୍ଛାସେବୀ ପୁନାଶିଆ ଗ୍ରାମର ସୌଦାମିନୀ ମହାକୁଡ଼, ମଣଦା ଗ୍ରାମର ରତ୍ନମଣି ସି, ଗଜସାଥୀ ଭାବେ ଉତ୍ତମ କାର୍ଯ୍ୟ କରି ପ୍ରଶଂସିତ ହୋଇଥିବା ଜଗନ୍ନାଥପୁର ଗ୍ରାମର ଦିଲୀପ କୁମାର ନାଏକ, ତୁଳସୀବଣି ଗ୍ରାମର ରାଜେଶ ମାରାଣ୍ଡି, ଉଆଁଣିଆ ଗ୍ରାମର ବୁଲୁ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିବେଶବିତ୍ ତାରାପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶାକୁ ଖୁବ୍‌ଶୀଘ୍ର ୨ ମେଡିକାଲ କଲେଜ ଅନୁମତି

ଭୁବନେଶ୍ୱର,୨୨।୮ (ରବିନାରାୟଣ ଜେନା)

- ଏଲ୍‌ଓପି ଅପେକ୍ଷାରେ ଫୁଲବାଣୀ, ତାଳଚେର
- ଚଳିତବର୍ଷରୁ ନାମଲେଖା ପାଇଁ ସ୍ୱାସ୍ଥ୍ୟ ବିଭାଗ ତତ୍ପର

ରାଜ୍ୟରେ ଡାକ୍ତର ଅଭାବକୁ ନେଇ ସରକାର ସବୁବେଳେ ସମାଲୋଚନାର ଶରବ୍ୟ ହୋଇ ଆସୁଥିବାବେଳେ ଚଳିତ ଶିକ୍ଷାବର୍ଷରେ ଓଡ଼ିଶାକୁ ଦୁଇଟି ମେଡିକାଲ କଲେଜକୁ ଅନୁମତି ମିଳିବାକୁ ଯାଉଛି। ସେଥିମଧ୍ୟରେ ଗୋଟିଏ ଫୁଲବାଣୀ ରହିଥିବାବେଳେ ଅନ୍ୟଟି ତାଳଚେର ରହିଛି। ଏହି ଦୁଇଟି ସ୍ଥାନରେ ରାଜ୍ୟ ସରକାରଙ୍କ ପକ୍ଷରୁ ମେଡିକାଲ କଲେଜର ଭିତ୍ତିଭୂମି ସମ୍ପୂର୍ଣ୍ଣ ହୋଇସାରିଥିବାବେଳେ ଡାକ୍ତର ଏବଂ ପାରା ମେଡିକାଲ ଷ୍ଟାଫ୍ ମଧ୍ୟ ପୂରଣ ହୋଇସାରିଛି। ଜାତୀୟ ଭେଷଜ ପରିଷଦ (ଏନ୍‌ଏମ୍‌ସି) ଗତ ମେ ୨୮ରେ ଫୁଲବାଣୀ ଏବଂ ଜୁନ୍ ୨୩ରେ ତାଳଚେର ମେଡିକାଲ କଲେଜ ଭିତ୍ତିଭୂମି ଯାଞ୍ଚ କରି ସନ୍ତୋଷ ବ୍ୟକ୍ତ କରିଥିଲା। ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍ ନିଯୁକ୍ତିକୁ ନେଇ ଯେଉଁ ସମସ୍ୟା ରହିଥିଲା ତାହା ପୂରଣ କରାଯାଇଛି। ଏହି ଦୃଷ୍ଟିରୁ ଓଡ଼ିଶା ଆଉ ଦୁଇଟି ମେଡିକାଲ କଲେଜକୁ ଅନୁମତି(ଲେଟର ଅଫ୍ ପରମିଶନ) ପାଇବା ପାଇଁ ଅପେକ୍ଷା କରିଛି, ଯାହାଫଳରେ ରାଜ୍ୟରେ ମେଡିକାଲ କଲେଜ ସଂଖ୍ୟା ୧୫କୁ ଛୁଇଁବ ବୋଲି ରାଜ୍ୟ ଭେଷଜ, ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ଉମାକାନ୍ତ ଶତପଥୀ କହିଛନ୍ତି। ଚଳିତ ପାଠ୍ୟକ୍ରମରୁ କିଭଳି ଉକ୍ତ ଦୁଇ ମେଡିକାଲ କଲେଜ ଖୋଲିବ ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ଅପେକ୍ଷାରେ ରହିଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି।

ରାଜ୍ୟର ସବୁ ଲୋକ କିଭଳି ହାତପାଆନ୍ତାରେ ସ୍ୱାସ୍ଥ୍ୟସେବା ପାଇବେ ସେଥିପାଇଁ ଅଧିକରୁ ଅଧିକ ମେଡିକାଲ କଲେଜ ଖୋଲିବାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ପ୍ରତିବର୍ଷ ରାଜ୍ୟରୁ ସରକାରୀ ଓ ବେସରକାରୀ ଭାବେ ପ୍ରାୟ ୨୮୦୦ ଡାକ୍ତର ସୃଷ୍ଟି ହେବାର ସୁଯୋଗ ରହିଛି। ଏହାଦ୍ୱାରା ରାଜ୍ୟରେ ରୋଗୀ ଏବଂ ଡାକ୍ତରଙ୍କ ମଧ୍ୟରେ ଥିବା ବ୍ୟବଧାନ ଧୀରେ ଧୀରେ ହ୍ରାସ ପାଉଛି। ଏମ୍‌ବିବିଏସ୍ କ୍ଷେତ୍ରରେ ରାଜ୍ୟରେ ଏବେ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜରେ ୨୫୦ ସିଟ୍ ରହିଥିବାବେଳେ ବୁର୍ଲାସ୍ଥିତ ଭୀମସାରରେ (୨୦୦) ଓ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ(୨୫୦) ସିଟ୍ ରହିଛି। ଏହାସହ କୋରାପୁଟରେ(୧୨୫), ବାରିପଦାରେ(୧୨୫), ବଲାଙ୍ଗୀର, ବାଲେଶ୍ୱର, ପୁରୀ, କେନ୍ଦୁଝର ଓ ସୁନ୍ଦରଗଡ଼, କଳାହାଣ୍ଡିରେ(୧୦୦) ଲେଖାଏ ଏମ୍‌ବିବିଏସ୍ ସିଟ୍ ରହିଛି। ଏହାବାଦ୍ ଯାଜପୁରରେ ୫୦ ସିଟ୍ ରହିଥିବାବେଳେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ପରିସରରେ ପିଜିଆଇଏମ୍‌ଆର୍‌ରେ ୨୫ଟି ସିଟ୍ ରହିଛି। ଅନ୍ୟପକ୍ଷରେ ବେସରକାରୀ ମେଡିକାଲ କଲେଜ କିମ୍ସ, ସମ୍, ହାଇଟେକ୍ ଓ ଡ୍ରିମ୍ସ ପ୍ରଭୃତିରେ ୯୫୦ ଏମ୍‌ବିବିଏସ୍ ସିଟ୍ ରହିଛି। ଏସବୁକୁ ମିଶାଇଲେ ଏବେ ରାଜ୍ୟରେ ୨୫୨୫ ଛାତ୍ରୀଛାତ୍ର ଡାକ୍ତରୀ ପାଠ ପଢୁଥିବାବେଳେ ଆଗାମୀ ଦିନରେ ଫୁଲବାଣୀକୁ ୧୦୦ ଏବଂ ତାଳଚେରକୁ ୧୦୦ ସିଟ୍ ଅନୁମତି ମିଳିଲେ ଏହି ସଂଖ୍ୟା ୨୭୨୫କୁ ଛୁଇଁବ। ଏହାବାଦ୍ ଭଦ୍ରକ ସମେତ ଆଉ କେତେକ ଜିଲାରେ ମଧ୍ୟ ମେଡିକାଲ କଲେଜ ପାଇଁ ପ୍ରକ୍ରିୟା ଜାରି ରହିଛି।

## ଶୁଣାଣି ଶେଷ, ରାୟ ସଂରକ୍ଷିତ

**ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଜାମିନ ଆବେଦନ**

କଟକ,୨୨।୮ (କାର୍ତ୍ତିକ ସାହୁ)

ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଗିରଫ ହୋଇ ଜେଲରେ ଥିବା ଅଭିଯୁକ୍ତମାନଙ୍କ ଜାମିନ ଆବେଦନର ଶୁଣାଣି ଶୁକ୍ରବାର ହୋଇଛି। କଟକ ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟରେ ମାମଲାର ଶୁଣାଣି ଶେଷ ହୋଇଥିବା ବେଳେ ବିଚାରପତି ରାୟ ସଂରକ୍ଷିତ ରଖିଛନ୍ତି। ପ୍ରକାଶ ଯେ, ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପୂର୍ବତନ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ କଟକ ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟରେ ଜାମିନ ଆବେଦନ କରିଥିଲେ। ମାମଲାର ଶୁଣାଣି ଗତ ୧୮ ତାରିଖରେ ହେବାକୁ ଥିବା ବେଳେ ତାହାକୁ ସ୍ଥଗିତ ରଖାଯାଇ ଅଗଷ୍ଟ ୨୨କୁ ଘୁଞ୍ଚାଇ ଦିଆଯାଇଥିଲା। ମାମଲାର ତଦନ୍ତ କରୁଥିବା ଓଡ଼ିଶା କ୍ରାଇମବ୍ରାଞ୍ଚ ଉପସଭାପତି ମହାନ୍ତି ଓ ଅନ୍ୟ ୬ଜଣଙ୍କୁ ଗିରଫ କରିଥିଲା। ପରେ କ୍ରାଇମବ୍ରାଞ୍ଚ ୨ ଅଭିଯୁକ୍ତ ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣା ଓ ରାଜ୍ୟ ପୂର୍ବତନ କ୍ୟାଡର ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମିଶ୍ରଙ୍କୁ ରିମାଣ୍ଡରେ ଆଣି ପଚରାଉଚୁରା ସହ ଅଧିକ ତଥ୍ୟ ସଂଗ୍ରହ କରିଛି। ଏଥିସହ ଅନ୍ୟ ଦୁଇ ଅଭିଯୁକ୍ତ ରାମଜୀ ପ୍ରସାଦ ଗୁପ୍ତା ଓ ସନାତନ ବିଶୋଇଙ୍କୁ ମଧ୍ୟ ଦିନିକିଆ ରିମାଣ୍ଡରେ କ୍ରାଇମବ୍ରାଞ୍ଚ ଆଣି ପଚରାଉଚରା କରିଛି।

## ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ ପରେ ଛାଡ଼ିଦିଅ

**ଦିଲ୍ଲୀ-ଏନ୍‌ସିଆର୍ ପାଇଁ ପୂର୍ବ ରାୟକୁ ବଦଳାଇଲେ ସୁପ୍ରିମକୋର୍ଟ**

ନୂଆଦିଲ୍ଲୀ,୨୨।୮ (ପି.ଟି.)

ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବୁଲା କୁକୁରଙ୍କୁ ନେଇ ସୁପ୍ରିମକୋର୍ଟ ତାଙ୍କ ପୂର୍ବ ରାୟରେ ପରିବର୍ତ୍ତନ କରିଛନ୍ତି। ବୁଲା କୁକୁରମାନଙ୍କୁ ବନ୍ଧ୍ୟାକରଣ କରାଇବା ପରେ ଛାଡ଼ିଦେବା ପାଇଁ ଶୁକ୍ରବାର ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ, ବୁଲା କୁକୁରଙ୍କୁ ଧରିବା ପରେ ବନ୍ଧ୍ୟାକରଣ କରାଯିବା ସହ କୃମିନାଶକ ଔଷଧ ଓ ଟିକା ଦେଇ ପୂର୍ବ ସ୍ଥାନରେ ଛାଡ଼ିଦେବାକୁ ହେବ ବୋଲି ଜଷ୍ଟିସ୍ ବିକ୍ରମ ନାଥଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ସନ୍ଦୀପ୍ ମେହଟ୍ଟା ଏବଂ ଏନ୍.ଭି. ଅଞ୍ଜରିଆଙ୍କୁ ନେଇ ଗଠିତ ୩ ଜଣିଆ ସ୍ୱତନ୍ତ୍ର ଖଣ୍ଡପୀଠ କହିଛନ୍ତି।

ଦିଲ୍ଲୀ-ଏନ୍‌ସିଆର୍‌ରେ କୁକୁର କାମୁଡ଼ା ଯୋଗୁ ଜଳାତଙ୍କରେ ପୀଡ଼ିତ ହୋଇ ଛୋଟ ପିଲାଙ୍କ ଜୀବନ ଯିବା ଘଟଣା ସାମନାକୁ ଆସିବା ପରେ ବୁଲା କୁକୁରଙ୍କୁ ଧରିନେଇ ଆଶ୍ରୟ ସ୍ଥଳରେ ରଖିବା ଲାଗି ଗତ ୧୧ ତାରିଖରେ ୨ ଜଣିଆ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ପ୍ରାଣୀପ୍ରେମୀମାନେ ତୀବ୍ର ବିରୋଧ କରିବା ସହ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଶେଷରେ ୩ ଜଣିଆ ଖଣ୍ଡପୀଠ ପୂର୍ବ ରାୟରେ ପରିବର୍ତ୍ତନ କରିଛନ୍ତି। ଦିଲ୍ଲୀ-ଏନ୍‌ସିଆର୍ ସମେତ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ମାମଲାରେ ପକ୍ଷ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଅଗଷ୍ଟ ୧୧ ନିର୍ଦ୍ଦେଶନାମାକୁ ମ୍ୟୁନିସିପାଲ୍ କର୍ତ୍ତୃପକ୍ଷ ଅନୁପାଳନ ଜାରି ରଖିବା ସହ ଦିଲ୍ଲୀ, ଗାଜିଆବାଦ, ନୋଏଡ଼ା, ଫରିଦାବାଦ ଓ ଗୁରୁଗ୍ରାମରୁ ବୁଲା କୁକୁରଙ୍କୁ ଧରିବା ଏବଂ ତୁରନ୍ତ କୁକୁର ଆଶ୍ରୟସ୍ଥଳ ନିର୍ମାଣ କରିବାକୁ କୁହାଯାଇଛି। ରାସ୍ତାରୁ ବୁଲା କୁକୁରଙ୍କୁ ନେଇଯାଇ ଆଶ୍ରୟ ସ୍ଥଳରେ ସ୍ଥାୟୀ ଭାବେ ରଖିବାକୁ ପୂର୍ବରୁ ଦିଆଯାଇଥିବା ରାୟକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଥିବା ଖଣ୍ଡପୀଠ କହିଛନ୍ତି। ତେବେ ଯେଉଁ କୁକୁର ଜଳାତଙ୍କରେ ଆକ୍ରାନ୍ତ କିମ୍ବା ସେଭଳି ସନ୍ଦେହ କରାଯାଉଛି ଓ ଯେଉଁମାନେ ଆକ୍ରମଣାତ୍ମକ ହୋଇଛନ୍ତି, ସେମାନଙ୍କ ପାଇଁ ସ୍ଥାନାନ୍ତରଣ ଲାଗୁ କରା ନ ଯାଉ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ବୁଲା କୁକୁରଙ୍କ ପାଇଁ ପ୍ରତି ମ୍ୟୁନିସିପାଲ ୱାର୍ଡରେ ନିର୍ଦ୍ଦିଷ୍ଟ ଖାଦ୍ୟପ୍ରଦାନ ସ୍ଥଳ (ଫିଡିଂ ସ୍ପେସ୍) ନିର୍ମାଣ କରିବାକୁ ଅଦାଲତ ମ୍ୟୁନିସିପାଲ କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ନିର୍ଦ୍ଦିଷ୍ଟ ମ୍ୟୁନିସିପାଲ ୱାର୍ଡର ଲୋକସଂଖ୍ୟା ଏବଂ ବୁଲାକୁକୁରଙ୍କ ଘନତାକୁ ନଜରରେ ରଖି ଫିଡିଂ ସ୍ଥାନ ନିର୍ମାଣ କରିବାକୁ ହେବ। କେବଳ ସେହିଠାରେ କୁକୁରଙ୍କୁ ଖାଦ୍ୟ ଦିଆଯାଏ ବୋଲି ବିଜ୍ଞାପନ ବୋର୍ଡ ଲଗାଇବାକୁ କୁହାଯାଇଛି। କୌଣସି ପରିସ୍ଥିତିରେ ବି ରାସ୍ତାରେ କୁକୁରଙ୍କୁ ଖାଦ୍ୟ ଦେବା ପାଇଁ ଅନୁମତି ଦିଆଯିବ ନାହିଁ। ଯେଉଁମାନେ ନିୟମ ଉଲ୍ଲଂଘନ କରି ରାସ୍ତାରେ କୁକୁରଙ୍କୁ ଖାଇବାକୁ ଦେବେ ସେମାନଙ୍କୁ ଦଣ୍ଡିତ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି।

# ରାତିସାରା ଶ୍ରେଣୀଗୃହରେ ଛାତ୍ରୀ

**ତାଲା ପକାଇ ପଳାଇଥିଲେ ସ୍କୁଲ କର୍ତ୍ତୃପକ୍ଷ**

କେନ୍ଦୁଝର,୨୨।୮ (ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅଧୀନ ଅଞ୍ଜାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍କୁଲ କର୍ତ୍ତୃପକ୍ଷ ଖାମଖିଆଲଭାବେ ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କୁ ଶ୍ରେଣୀକକ୍ଷରେ ଗୁରୁବାର ତାଲା ପକାଇ ପଳାଇଥିଲେ। ଛାତ୍ରୀ ଜଣକ ଶ୍ରେଣୀକକ୍ଷରେ ରାତି କଟାଇଥିବା ବେଳେ ସକାଳେ ବାହାରିବାକୁ ଉଦ୍ୟମକରି ଝରକା ରେଲିଂରେ ଲାଖିଯାଇଥିଲେ। ପରେ ସ୍ଥାନୀୟ ଲୋକେ ଉଦ୍ଧାରକରି ଡାକ୍ତରଖାନା ପଠାଇଥିଲେ। ଉକ୍ତ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ କାର୍ଯ୍ୟରେ ଅବହେଳା ନେଇ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରିଛନ୍ତି।

ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମୁଦାୟ ୬୫ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୪ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ନିଯୁକ୍ତ ହୋଇଥିବା ବେଳେ ସ୍ଥାନ ଅଭାବରୁ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାମାନେ ଗୋଟିଏ ରୁମ୍‌ରେ ପାଠ ପଢ଼ନ୍ତି। ଦ୍ୱିତୀୟ ଶ୍ରେଣୀରେ ସମୁଦାୟ ୭ ଜଣ ପିଲା ପଢୁଥିବା ବେଳେ ଗୁରୁବାର ସ୍କୁଲ ଛୁଟି ହେବା ପରେ ଉକ୍ତ ଛାତ୍ରୀ ଶ୍ରେଣୀ କକ୍ଷରେ ରହିଯାଇଥିଲେ। ବାହାରୁ ତାଲା ପକାଇ ଶିକ୍ଷକ ପଳାଇଥିଲେ। ରାତିରେ ଝିଅଟି ଅନ୍ଧାର କୋଠରିରୁ ବାହାରିବାକୁ ଚେଷ୍ଟାକରି ବାହାରି ନ ପାରି ସେଠାରେ


ଆହତ ଛାତ୍ରୀ


ଝରକା ରେଲିଂରେ ମୁଣ୍ଡ ଲାଖି ରହିଛି

- **ବାହାରିବାକୁ ଉଦ୍ୟମ ବେଳେ ଝରକା ରେଲିଂରେ ଲାଖିଲା ମୁଣ୍ଡ**
- **କାର୍ଯ୍ୟରେ ଅବହେଳା ପାଇଁ ପ୍ରଧାନ ଶିକ୍ଷକ ନିଲମ୍ବିତ**

ଶୋଇପଡ଼ିଥିଲେ। ସକାଳେ ଝରକା ଖୋଲି ବାହାରିବାକୁ ଚେଷ୍ଟା କରୁଥିବା ବେଳେ ଲୁହା ରେଲିଂରେ ମୁଣ୍ଡଟି ଫସିଯାଇଥିଲା। ପାଟି କରିଥିଲେ ମଧ୍ୟ କେହି ଆସି ନ ଥିଲେ। ଶୁକ୍ରବାର ସ୍କୁଲ ଖୋଲିବାକୁ ଆସୁଥିବା ଶିକ୍ଷକମାନେ ଝିଅର ଏଭଳି ଅବସ୍ଥା ଦେଖି ଚିନ୍ତିତ ହୋଇପଡ଼ିଥିଲେ। ଘଟଣାସ୍ଥଳରେ ଗ୍ରାମବାସୀ ପହଞ୍ଚିଥିବା ବେଳେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଉପୁଜିଥିଲା। କକ୍ଷ ଯାଞ୍ଚ ନ କରି କିପରି ତାଲା ପକାଗଲା ଏବଂ କିଏ ତାଲା ପକାଇଲେ ତାହା ତଦନ୍ତ ସାପେକ୍ଷ ବୋଲି ଅଭିଭାବକମାନେ କହିଥିଲେ। ସଦର ଥାନା ଅଧିକାରୀ ଅମିତ୍ ଭୂୟାଁ ଓ ବାଂଶପାଳ ତହସିଲଦାର ବିକାଶ ସାହୁ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ଝରକା ଭାଙ୍ଗି ଛାତ୍ରୀଙ୍କୁ ଉଦ୍ଧାରକରି ଚିକିତ୍ସା ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଛାତ୍ରୀଙ୍କ ବାପାଙ୍କ କହିବା ମୁତାବକ, ସେ ଗୁରୁବାର ମଜୁରୀ ପାଇଁ ଯାଇ ରାତି ୯ଟାରେ ଘରକୁ ଫେରିଥିଲେ। ଝିଅ ପଡ଼ୋଶୀ ଭଉଣୀ ଘରେ ଶୋଇଥିବା ଭାବିଥିଲେ। ଶୁକ୍ରବାର ସକାଳେ ଉଠି ନ ପାଇବାରୁ ଆଖପାଖରେ ଖୋଜି ନ ପାଇ ଶେଷରେ ସ୍କୁଲକୁ ଯାଇ ପାଟି ଶୁଣିଥିଲେ। ସ୍କୁଲ ଶିକ୍ଷକଙ୍କଠାରୁ ଚାବି ଆଣି ଝିଅକୁ ରେଲିଂରେ ଝୁଲୁଥିବା ଦେଖିଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ।

ପ୍ରଧାନ ଶିକ୍ଷକ ପରମେଶ୍ୱର ମହାନ୍ତ କହିଛନ୍ତି, ବର୍ଷାପାଗ ଯୋଗୁ ପିଲାଟି ଭିତରେ ଶୋଇପଡ଼ିଥିଲା। ପିଲାମାନେ ରୁମ୍ ତାଲା ପକାଇ ଦେଇଥିଲେ। ଏଣୁ ଜଣା ପଡ଼ି ନ ଥିଲା। ଶୁକ୍ରବାର ଉଦ୍ଧାରକରି ସେ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ଛାତ୍ରୀ ଜଣଙ୍କ ସୁସ୍ଥ ଅଛନ୍ତି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା କହିଛନ୍ତି, ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ଘଟଣା ପରେ ବ୍ଲକ୍ ଶିକ୍ଷା ଅଧିକାରୀ ଦାଶରଥି ସୁଣ୍ଡି ଓ ସହକାରୀ ବ୍ଲକ୍ ଶିକ୍ଷା ଅଧିକାରୀ ନିରଞ୍ଜନ ନାୟକ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି। ବ୍ଲକ୍ ଶିକ୍ଷା ଅଧିକାରୀ ସୁଣ୍ଡି କହିଛନ୍ତି, ଘଟଣାର ସବିଶେଷ ତଦନ୍ତ ପରେ ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଦାୟିତ୍ୱରେ ଖିଲାପ ଅଭିଯୋଗରେ ତାଙ୍କୁ ନିଲମ୍ବିତ କରାଯାଇ ବ୍ଲକ୍ ମୁଖ୍ୟାଳୟରେ ଯୋଗଦେବାକୁ କୁହାଯାଇଛି। ଅନ୍ୟପକ୍ଷେ ପ୍ରାୟ ସବୁଦିନ ଉକ୍ତ ସ୍କୁଲ ବାରଣ୍ଡାରେ ସ୍ଥାନୀୟ ଯୁବକମାନେ ରାତିରେ ବସିଥାନ୍ତି। ତେବେ ସେମାନେ ମଧ୍ୟ ଜାଣି ପାରିଲେ ନାହିଁ। ଏଣୁ ଛାତ୍ରୀ ଜଣଙ୍କ ରାତିରେ ଶୋଇ ପଡ଼ିଥିଲେ। ସକାଳେ ଉଠି ବାହାରିବାକୁ ଉଦ୍ୟମକରି ରେଲିଂରେ ଲାଖିଯାଇଥିବା କୁହାଯାଉଛି।

## ରିମାଣ୍ଡ ପରେ ଜେଲ ଫେରିଲେ ଅଭିଯୁକ୍ତ ରାମ୍‌ଜୀ, ସନାତନ

କଟକ,୨୨।୮ (କାର୍ତ୍ତିକ ସାହୁ)

ସ୍ପେଶାଲ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ କ୍ରାଇମବ୍ରାଞ୍ଚ ଗୁରୁବାର ରିମାଣ୍ଡରେ ଆଣିଥିବା ଅନ୍ୟ ୨ଅଭିଯୁକ୍ତ ରାମଜୀ ପ୍ରସାଦ ଗୁପ୍ତା ଓ ସନାତନ ବିଶୋଇ ଜେଲକୁ ଶୁକ୍ରବାର ଫେରିଛନ୍ତି। ଅଦାଲତଙ୍କ ଅନୁମତି କ୍ରମେ ଦିନିକିଆ ରିମାଣ୍ଡ ଅବଧି ଗୁରୁବାର ଅପରାହ୍ନ ୨ଟାରୁ ଶୁକ୍ରବାର ଅପରାହ୍ନ ୨ଟା ପର୍ଯ୍ୟନ୍ତ ରହିଥିଲା। ସୂଚନାଯୋଗ୍ୟ ଯେ, ଉଭୟ ଅଭିଯୁକ୍ତଙ୍କୁ ଗୋଟିଏ ଦିନ ପାଇଁ ରିମାଣ୍ଡରେ ନେବା ପାଇଁ କୋର୍ଟ ଅନୁମତି ଦେଇଥିଲେ। ଉଭୟଙ୍କୁ ଚୌଦ୍ୱାର ଜେଲରୁ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟକୁ ଅଣାଯିବା ପରେ ତଦନ୍ତକାରୀ ଟିମ୍ ସେମାନଙ୍କୁ ପଚରାଉଚୁରା ମାଧ୍ୟମରେ ମାମଲାର ତଦନ୍ତକୁ ଆଗେଇ ଥିବା ଜଣାପଡ଼ିଛି।

## ପାର୍ଲାମେଣ୍ଟ ପାଚେରି ଚଢ଼ି ଯୁବକ ଗିରଫ

ନୂଆଦିଲ୍ଲୀ,୨୨।୮ (ପି.ଟି.)

ପାର୍ଲାମେଣ୍ଟ ଭବନ ସୁରକ୍ଷା ବ୍ୟବସ୍ଥାରେ ଉଲ୍ଲଂଘନ ହୋଇଛି। ଜଣେ ୨୦ ବର୍ଷୀୟ ଯୁବକ ଶୁକ୍ରବାର ସକାଳେ ପାର୍ଲାମେଣ୍ଟ ପାଚେରି ଚଢ଼ିବାକୁ ଉଦ୍ୟମ କଲାବେଳେ ସୁରକ୍ଷା କର୍ମୀମାନେ ତାଙ୍କୁ ଧରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ଗିରଫ ଯୁବକଙ୍କ ନାଁ ରାମକୁମାର ବିନ୍ଦ୍ ଓ ଘର ଉତ୍ତରପ୍ରଦେଶର ଭାଦୋହି ଗ୍ରାମରେ। ସେ ଗୁଜରାଟର ସୁରଟରେ ଏକ ଫ୍ୟାକ୍ଟ୍ରିରେ କାମ କରନ୍ତି। ତେବେ ସେ ମାନସିକ ଅସ୍ଥିର ଥିବାଭଳି ଜଣାପଡୁଥିବା ପୋଲିସ କହିଛି। ସକାଳ ୫ଟା ୫୦ ମିନିଟ୍ ସମୟରେ ରାମକୁମାର ପାର୍ଲାମେଣ୍ଟ ହାଉସ୍ କମ୍ପ୍ଲେକ୍ସ ନିକଟରେ ପହଞ୍ଚି ଭିତରକୁ ଡେଇଁବା ଉଦ୍ଦେଶ୍ୟରେ ଏହାର ପାଚେରି ଚଢ଼ିବାକୁ ଉଦ୍ୟମ କରିଥିଲେ। ସେଠାରେ ସଜାଗ ଥିବା ସିଆଇଏସ୍‌ଏଫ୍ ଯବାନ ଓ ଦିଲ୍ଲୀ ପୋଲିସ କର୍ମଚାରୀ ତାଙ୍କୁ ଧରିନେଇ ଅଧିକ ତଦନ୍ତ ପାଇଁ ସ୍ଥାନୀୟ ପୋଲିସକୁ ହସ୍ତାନ୍ତର କରିଥିଲେ ବୋଲି ସିଆଇଏସ୍‌ଏଫ୍‌ର ଜଣେ ଅଧିକାରୀ କହିଛନ୍ତି। ମାନସିକ ଅସ୍ଥିର ଭଳି ଜଣାପଡୁଥିବା ସମ୍ପୃକ୍ତ ଯୁବକଙ୍କୁ ଅଧିକ ପଚରାଉଚରା ଜାରି ରହିଥିବା ନୂଆଦିଲ୍ଲୀ ଡିସିପି ଦେବେଶ ମହଲା କହିଛନ୍ତି। ତାଙ୍କ ଉଦ୍ଦେଶ୍ୟ ସମ୍ପର୍କରେ ଜାଣିବା ପାଇଁ ଗୋଇନ୍ଦା ବ୍ୟୁରୋ, ଦିଲ୍ଲୀ ପୋଲିସ୍‌ର ସ୍ୱତନ୍ତ୍ର ସେଲ୍ ସମେତ ବିଭିନ୍ନ କେନ୍ଦ୍ରୀୟ ଏଜେନ୍ସିର ଅଧିକାରୀମାନେ ପଚରାଉଚରା ଜାରି ରଖିଛନ୍ତି।

ସୂଚନାଯୋଗ୍ୟ, ୨୦୨୩ ଡିସେମ୍ବର ୧୩ରେ ୨ ଜଣ ସନ୍ଦିଗ୍ଧ ଭିଜିଟର୍ସ ଗ୍ୟାଲେରିରୁ ଲୋକ ସଭା ଚାମ୍ବରରେ ଚଢ଼ି ହଳଦିଆ ଧୂଆଁ କାନିଷ୍ଟର ଫିଙ୍ଗିଥିଲେ ଓ ବାହାରେ ଅନ୍ୟ ୨ ଜଣ ରହି ଅନୁରୂପ କାର୍ଯ୍ୟ କରିଥିଲେ। ୨୦୦୧ ଡିସେମ୍ବର ୧୩ରେ ଆତଙ୍କବାଦୀମାନେ ପାର୍ଲାମେଣ୍ଟ ପରିସରରେ ପ୍ରବେଶ କରି ଆକ୍ରମଣ କରିଥିଲେ।

# ଭାରତ ତୃତୀୟ ବୃହତ୍ତମ ଅର୍ଥନୀତି ଆଡ଼କୁ ଅଗ୍ରସର ହେଉଛି: ମୋଦି

ଭୁବନେଶ୍ୱର,୨୨।୮ (ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ପଶ୍ଚିମବଙ୍ଗର କୋଲକାତାରେ ୫,୨୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କୋଲକାତା ମେଟ୍ରୋର ନୋଆପାରାରୁ ଜୟହୀନ୍ଦ୍ ବିମାନବନ୍ଦର ପର୍ଯ୍ୟନ୍ତ ଯାତ୍ରା କରି ସାଧାରଣ ଜନତାଙ୍କ ସହ ଆଲୋଚନା କରିଥିଲେ। ଏହା ସହିତ ପ୍ରଧାନମନ୍ତ୍ରୀ ମେଟ୍ରୋ ସେବାକୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିବା ସହ ୬ ଲେନ ବିଶିଷ୍ଟ କୋନା ଏକ୍ସପ୍ରେସ୍‌ୱେର ଶିଳାନ୍ୟାସ କରିଥିଲେ। ପ୍ରଧାନମନ୍ତ୍ରୀ କହିଲେ, ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ଆଡ଼େ ଅଗ୍ରସର ହେଉଛି। ଏହି ଯାତ୍ରାରେ


ନରେନ୍ଦ୍ର ମୋଦି

କୋଲକାତା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସହରଗୁଡ଼ିକରେ ବୈଦ୍ୟୁତିକ ଚାର୍ଜିଂ ପଏଣ୍ଟ ଓ ବୈଦ୍ୟୁତିକ ବସ୍ ସଂଖ୍ୟା ବୃଦ୍ଧି ପାଉଛି ଏବଂ 'ଆବର୍ଜନାରୁ ସମ୍ପଦ' ଉଦ୍ୟମ ଅଧୀନରେ ସହରୀ ଆବର୍ଜନାରୁ

**ପଶ୍ଚିମବଙ୍ଗରେ ୫,୨୦୦ କୋଟିର ପ୍ରକଳ୍ପ ଶିଳାନ୍ୟାସ, ଉଦ୍‌ଘାଟନ**

ବିଦ୍ୟୁତ୍ ଉତ୍ପାଦନ କରାଯାଉଛି। ଭାରତରେ ବର୍ତ୍ତମାନ ବିଶ୍ୱର ତୃତୀୟ ବୃହତ୍ତମ ମେଟ୍ରୋ ନେଟ୍‌ୱର୍କ ରହିଛି। ୨୦୧୪ ପୂର୍ବରୁ ଦେଶରେ ମାତ୍ର ୨୫୦ କିଲୋମିଟର ମେଟ୍ରୋ ରୁଟ୍ ଥିବା ବେଳେ ବର୍ତ୍ତମାନ ଏହା ୧,୦୦୦ କି.ମି.ରୁ ଅଧିକ ହୋଇଛି। କୋଲକାତା ମେଟ୍ରୋ ନେଟ୍‌ୱର୍କରେ ପ୍ରାୟ ୧୪ କି.ମି. ନୂଆ ଲାଇନ ଯୋଗ ହେଉଛି ଏବଂ ୭ଟି ନୂଆ ଷ୍ଟେଶନ ଏକୀକୃତ ହେଉଛି। କୋଲକାତାରେ ମଲ୍ଟି-ମୋଡାଲ ସଂଯୋଗୀକରଣ ହୋଇଛି। ହାଓଡା ଓ ସିଆଲଦା ରେଳଷ୍ଟେଶନ ମେଟ୍ରୋ ମାଧ୍ୟମରେ ସଂଯୁକ୍ତ ହୋଇଛି। ଏହାଦ୍ୱାରା ଦୁଇ ଷ୍ଟେଶନ ମଧ୍ୟରେ ଯାତ୍ରା ସମୟ ହ୍ରାସ ପାଇଛି। ଏହାସହିତ କୋଲକାତା ବିମାନବନ୍ଦର ମେଟ୍ରୋ ନେଟ୍‌ୱର୍କ ସହ ସଂଯୁକ୍ତ ହୋଇଛି। ପଶ୍ଚିମବଙ୍ଗରେ ୧୦୦% ରେଳ ବୈଦ୍ୟୁତୀକରଣ ସଫଳ ହୋଇଛି। ପୁରୁଲିଆ ଓ ହାଓଡା ମଧ୍ୟରେ ମେମୁ ଟ୍ରେନ ଚଳାଚଳ ଦାବି ମଧ୍ୟ ପୂରଣ ହୋଇଛି। ରାଜ୍ୟରେ ୯ଟି ବନ୍ଦେ ଭାରତ ଟ୍ରେନ ଓ ୨ଟି ଅମୃତ ଭାରତ ଟ୍ରେନ ଚାଲୁଛି। କୋନା ଏକ୍ସପ୍ରେସ୍‌ୱେ ସମାପ୍ତ ହେଲେ ବନ୍ଦର ସଂଯୋଗୀକରଣ ଉନ୍ନତ ହେବ ବୋଲି ଆଶା କରାଯାଉଛି। କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ ରାଜ୍ୟପାଳ ଡ. ସି.ଭି. ଆନନ୍ଦ ବୋଷ୍, କେନ୍ଦ୍ରମନ୍ତ୍ରୀ ଶାନ୍ତନୁ ଠାକୁର, ରବନୀତ ସିଂ ବିଟ୍ଟୁ, ଡ. ସୁକାନ୍ତ ମଜୁମଦାର ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଲକ୍ଷ୍ମଣାନନ୍ଦ ହତ୍ୟାର ସିବିଆଇ ତଦନ୍ତ ଦାବିରେ ସନାତନୀ ସମାବେଶ ଓ ବିକ୍ଷୋଭ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୦ଟା।
- ଇଣ୍ଡିଆ ମାର୍ଚ୍ଚ ଫର୍ ସାଇନ୍ସ ପରିପ୍ରେକ୍ଷୀରେ ବିଜ୍ଞାନ ଚେତନା ମଞ୍ଚ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ ଗେଟ୍‌ଠାରୁ ସାଇନ୍ସ ପାର୍କ ଛକ, ଆଚାର୍ଯ୍ୟ ବିହାର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୁଶ୍ରୁତ ହସ୍ପିଟାଲ ଆଣ୍ଡ ଟ୍ରମା କେୟାର ପକ୍ଷରୁ ଜୟ ଓଡ଼ିଶା ସହଯୋଗରେ ରକ୍ତଦାନ ଶିବିର, ସ୍ଥାନ: ହସ୍ପିଟାଲ ପରିସର, ପ୍ଲଟ୍ ନଂ.୧୫ ଫରେଷ୍ଟ ପାର୍କ, ସମୟ: ପୂର୍ବାହ୍ନ ୧୦ଟାରୁ ଆରମ୍ଭ।
- ଜାତୀୟ ମହାକାଶ ଦିବସ ପାଳନ, ସ୍ଥାନ: ଓଡ଼ିଶା ସ୍ପେଶ୍ ଆପ୍ଲିକେଶନ ସେଣ୍ଟର(ଓଆର୍‌ଏସ୍‌ଏସି), ସମୟ: ପୂର୍ବାହ୍ନ ୧୦ଟା ୪୫।
- ବୀଣାପାଣି ପ୍ରଧାନଙ୍କ ଦୁଇ ପୁସ୍ତକ ଉନ୍ମୋଚନ, ସ୍ଥାନ: ରୋଟାରୀ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଅଗ୍ନିଯୋଦ୍ଧା ପ୍ରଶିକ୍ଷାର୍ଥୀଙ୍କ ୬୧ତମ ବ୍ୟାଚ୍‌ର ଦୀକ୍ଷାନ୍ତ ସମାରୋହ, ସ୍ଥାନ: ଓଡ଼ିଶା ଅଗ୍ନିଶମ ଏବଂ ବିପତ୍ତି ନିସ୍ତାର ପ୍ରତିଷ୍ଠାନ, ସମୟ: ଅପରାହ୍ନ ୪ଟା।
- ଗଙ୍ଗାଧର ମେହେର ପ୍ରତିଷ୍ଠାନ ପକ୍ଷରୁ ବିଶିଷ୍ଟ ନାଟ୍ୟକାର, କବି ଓ ଲେଖକ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବୁଦ୍ଧ ମନ୍ଦିର ସଭାଗୃହ, ସମୟ: ଅପରାହ୍ନ ୪ଟା।
- ମେଲୋଡି କାର୍ଯ୍ୟକ୍ରମ 'ନାଘ୍‌ମି ଦିଲ୍ ସେ ଦିଲ୍ ତକ୍', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ

- ୧୭ତମ ଇଶା ଗ୍ରାମୋତ୍ସବମ କାର୍ଯ୍ୟକ୍ରମ, ସ୍ଥାନ: ଷଷ୍ଠ ବାଟାଲିୟନ, ଓଏମ୍‌ପି, ସମୟ: ସକାଳ ୯ଟା।
- ମୋକିମ ଫାଉଣ୍ଡେଶନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବିଧାୟିକାଙ୍କ କାର୍ଯ୍ୟାଳୟ, ସେଲଟର ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଛାତ୍ର କଂଗ୍ରେସ ପକ୍ଷରୁ ରେଭେନ୍‌ଶା ସମ୍ମୁଖରେ ବିକ୍ଷୋଭ, ସ୍ଥାନ: ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା ୩୦।
- କମଳାକାନ୍ତ ବିଦ୍ୟାପୀଠର ହୀରକ ଜୟନ୍ତୀ ଉଦ୍‌ଯାପନ ସମାରୋହ, ସ୍ଥାନ: ବିଦ୍ୟାଳୟ ପରିସର, କାଳିଆବୁଦା, ସମୟ: ଅପରାହ୍ନ ୩ଟା ୩୦।
- କଟକ ମହାନଗର ଧର୍ମ ଜାଗରଣ ସମନ୍ୱୟ ପକ୍ଷରୁ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୭ତମ ସ୍ମୃତି ସମାରୋହ, ସ୍ଥାନ: ସାରଳା ଭବନ, ସମୟ: ଅପରାହ୍ନ ୫ଟା ୩୦।
- କ୍ୟୁବା ବିପ୍ଲବର ମହାନାୟକ ଫିଡେଲ କାଷ୍ଟ୍ରୋଙ୍କ ଜନ୍ମ ଶତବାର୍ଷିକୀ ସମାରୋହ, ସ୍ଥାନ: ହର୍ଷ ଗେଟ୍ ସାମନା, ବାରବାଟୀ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ସମ୍ଭାଗସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ଘୋଡ଼ାବଜାର ସରସ୍ୱତୀ ଶିଶୁ ମନ୍ଦିର, ସମୟ: ସକାଳ ୯ଟା।
- ରକ୍ତ ଦାନ ଶିବିର, ସ୍ଥାନ: ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶବିଦ୍ୟାଳୟ, ରାମଚଣ୍ଡୀ ସାହି, ସମୟ: ସକାଳ ୯ଟା ୩୦।
- ରେଳ ଠିକା କର୍ମଚାରୀ ସଂଘର ସର୍ବଭାରତୀୟ ବୈଠକ, ସ୍ଥାନ: ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୧୧ଟା।
- କୁମାର ଉତ୍ସବ ସମିତି ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୦ଟା।
- ପୁରୀ ସେବା ସମିତିର ପୂର୍ବତନ ସଭାପତିଙ୍କ ସ୍ମୃତି ଉତ୍ସବ, ସ୍ଥାନ: ପୁରୀ ସେବା ସମିତି, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- କବିତା ମାଳା, ସ୍ଥାନ: ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶରଧାପୁର ଫୁଟବଲ ଲିଗ୍, ସ୍ଥାନ: ଶରଧାପୁର ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ରାଜ୍ୟସ୍ତରୀୟ କରାଟେ ଚାମ୍ପିୟନଶିପ୍ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍, ବାଲେଶ୍ୱର, ସମୟ: ସକାଳ ୯ଟା।
- ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମୋହରିର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ସବ୍-ରେଜିଷ୍ଟ୍ରାର ଅଫିସ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ କର୍ମଶାଳାର ଉଦ୍‌ଯାପନୀ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ଦିବଂଗତ ଶ୍ରମିକ ନେତା ପ୍ରତାପ ପଣ୍ଡାଙ୍କ ୧୪ତମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ହ୍ୟାଣ୍ଡଲୁମ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟ।
- ଆନ୍ଦୋଳନ ଚଳଚ୍ଚିତ୍ରର ପ୍ରିମିୟର ଶୋ', ସ୍ଥାନ:ଏନଏସି କଲ୍ୟାଣ ମଣ୍ଡପ କରଞ୍ଜିଆ,ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ପତାକା ଉତ୍ତୋଳନ, ସ୍ଥାନ: କୋର୍ଟପେଟା ଛକ, ସମୟ: ସକାଳ ୭.୩୦।
- ବିଇଏମ୍‌ସି ପକ୍ଷରୁ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ପୁରୁଣା କନଫରେନ୍ସ ହଲ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଢେଙ୍କାନାଳ

- ଷ୍ଟଡି ଲାଇଫ ଇନିଷ୍ଟିଚ୍ୟୁଟର ବାର୍ଷିକ ଉତ୍ସବ, ସ୍ଥାନ:ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ପରିବେଶ ସଚେତନତା ଶିବିର, ସ୍ଥାନ: ବଡ଼େଇସାହି ମନ୍ଦିର ପ୍ରାଙ୍ଗଣ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଆୟତପୁର, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ଜୟରାଷ୍ଟ୍ର ପକ୍ଷରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର, କେରୋ, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୪ଟା।

## ଯାଜପୁର

- ଯାଜପୁର ଜିଲା ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଶତବାର୍ଷିକୀ ସମାରୋହ ଓ ଦୁଇ ଦିନିଆ ଜିଲା ସମ୍ମିଳନୀ, ସ୍ଥାନ: ବାଲିଚନ୍ଦ୍ରପୁର ଜଗନ୍ନାଥ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଖଳିସାହି ଶିବସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ୩ୟ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ସଜନାପଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା୩୦। ସ୍ଥାନ: ନୟାଗଡ଼ ବ୍ଲକ ବରପଲ୍ଲୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ରାହ୍ମଣ ସମାଜର ବାର୍ଷିକୋତ୍ସବ, ସ୍ଥାନ: ଦଶପଲ୍ଲା ଦୁର୍ଗା ବଜାର କଲୋନୀସ୍ଥିତ ରାମ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ଲାଏନ୍ସ କ୍ଲବ ଦ୍ୱାରା ଦେୟମୁକ୍ତ ଚିକିତ୍ସା, ସ୍ଥାନ: ନିୟୁ କଲୋନୀ ଆଦିତ୍ୟ ଡକ୍ଟର ପ୍ଲାଜା, ରାୟଗଡା, ସମୟ: ସକାଳ ୯ ଟା ।
- ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା ।

## କୋରାପୁଟ

- ଭିଜନ ଡକ୍ୟୁମେଣ୍ଟ ୨୦୩୬-୪୭ ପ୍ରସ୍ତୁତି ନେଇ ରାଜ୍ୟସ୍ତରୀୟ କର୍ମଶାଳା, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ଇନ୍‌ଟାକ କୋରାପୁଟ ଚାପ୍‌ଟର ପକ୍ଷରୁ ବୈଠକ, ସ୍ଥାନ: ଆଦିବାସୀ ସଂଗ୍ରହାଳୟ, କୋରାପୁଟ, ସମୟ: ଅପରାହ୍ନ ୪ଟା।
- ଜଗନ୍ନାଥ ସଂସ୍କୃତି ଉପରେ ପ୍ରବଚନ, ସ୍ଥାନ: ଶାବର ଶ୍ରୀକ୍ଷେତ୍ର, କୋରାପୁଟ, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀସ୍ଥିତ ଯୋଗ କେନ୍ଦ୍ର, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ସମ୍ବଲପୁର ଜିଲା କ୍ରିକେଟ ସଂଘ ଆୟୋଜିତ ଜୁନିୟର ବାଳକ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇାଲ ମ୍ୟାଚ, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୯ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ୍ ପ୍ରସ୍ତୁତି ବୈଠକ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ରାଜସ୍ୱ ଅମଲା ସଂଘର ଧାରଣା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦
- ନାରୀ ନିରାପତ୍ତା ଓ ମର୍ଯ୍ୟାଦା ଦାବିରେ ନାଗରିକ କନଭେନସନ,ସ୍ଥାନ: ପିପି ଏକାଡେମୀ, ବଲାଙ୍ଗୀର, ସମୟ: ଅପରାହ୍ଣ ୪ଟା

## ରାଉରକେଲା

- ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ଗର୍ଜନ ହାଇସ୍କୁଲ, ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଓଡ଼ିଶା ମଧ୍ୟାହ୍ନ ପାଚକ ପାଚିକା ରାଜ୍ୟ ସଂଘ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ବିଶ୍ରା ଛକ, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇ ପକ୍ଷରୁ ଜିଲା ସମ୍ମିଳନୀ, ସ୍ଥାନ: ସେକ୍ଟର-୫ ଭଞ୍ଜ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଗୋପବନ୍ଧୁ ପାଠାଗାରରେ ସାହିତ୍ୟ ସଭା, ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼

- ଶିକ୍ଷା ବିକାଶ ସମିତି ପକ୍ଷରୁ ମଣ୍ଡଳ ସ୍ତରୀୟ ଦ୍ୱିଦିବସୀୟ ବିଜ୍ଞାନ ମେଳାର ଉଦ୍‌ଘାଟନ ସମାରୋହ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସୁନ୍ଦରଗଡ, ସମୟ: ସକାଳ ୮ଟା।

## ବରଗଡ଼

- ନୂଆଁଖାଇ ହାଟ୍ କାର୍ଯ୍ୟକ୍ରମ, ସ୍ଥାନ: ଜେନିଥ ଲିଓ ସ୍କୁଲ, ପଦ୍ମପୁର, ସମୟ: ସକାଳ ୮ଟା।
- କୃଷିଭିତ୍ତିକ ପର୍ବ ପୂରା ଉଆଁସ ପାଳନ, ସ୍ଥାନ: ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ବରଗଡ଼, ସମୟ: ସକାଳ ୯ଟା।

## କଳାହାଣ୍ଡି

- ଘରୋଇ ବସ୍ ମାଲିକ ସଂଘ ସାଧାରଣ ସମ୍ପାଦକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଭବାନୀପାଟଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ଭବାନୀପାଟଣା ଅମଲା ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଦେବଗଡ଼ ଗଣେଶ ପୂଜା ପ୍ରସ୍ତୁତି ସମ୍ପର୍କରେ ଖବରଦାତା ସମ୍ମିଳନୀ, ସ୍ଥାନ: ଦେବଗଡ଼ ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କାଉନ୍‌ସିଲର ଫୁଟ୍‌ବଲ କପ୍ ପ୍ରତିଯୋଗିତା, ସ୍ଥାନ: ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ମହିଳା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର, ସ୍ଥାନ: ବିନିକା ସହର ନୂଆବଜାର, ସମୟ: ସକାଳ ୯ଟା।
- ବିଶିଷ୍ଟ ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ବିୟୋଗରେ ବରିଷ୍ଠ ନାଗରିକ ସଙ୍ଗଠନ ପକ୍ଷରୁ ଶୋକସଭା, ସ୍ଥାନ: ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ଶନି ମନ୍ଦିରରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ତ୍ରୟୋଦଶ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ୮ତମ ନୂଆପଡ଼ା କପ ଫୁଟ୍‌ବଲ ଟୁର୍ନାମେଣ୍ଟର ଗ୍ରୁପ-ବି ଲିଗ୍ ମ୍ୟାଚ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୪ଟା।
- ନୂଆଖାଇ ଭେଟ୍‌ଘାଟ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଯାତ୍ରା, ବନ୍ଧୁ ସମ୍ପର୍କ, ବାଣିଜ୍ୟ କ୍ଷେତ୍ର ଦ୍ୱିଜା ନକ୍ଷତ୍ର ସକାଶେ ଭଲ ରହିବ। ପୂର୍ବ ନିର୍ଦ୍ଧାରିତ ନୂତନ କର୍ମାରମ୍ଭ ପ୍ରୀତିପଦ ହେବ ଓ ମାନସିକ ସ୍ତରରେ ଖୁସି ରହିବେ। ପିଲାଙ୍କ ଦ୍ୱାରା ସମସ୍ୟା ଆସିପାରେ। ସାହିତ୍ୟ, ସାମ୍ବାଦିକତା, ସଭାସମିତି କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କଠାରୁ ଆଦର ,ସମ୍ମାନ ପାଇବେ।

**ବୃଷ** କର୍ମକ୍ଷେତ୍ରରେ ସାହାଯ୍ୟ ଓ ସହଯୋଗର ସୁଅ ଆପଣାଛାଏଁ ମାଡ଼ି ଆସିବ। ଅପେକ୍ଷା କରିଥିବା କାମରେ ନାସ୍ତିସୂଚକ ସୂଚନା ପାଇଲେ ମଧ୍ୟ କାମ କରି ଚାଲନ୍ତୁ, କୃତକାର୍ଯ୍ୟ ହେବେ । ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜ୍‌ଲିସରୁ ଦୂରେଇ ରହିବାକୁ ବାଧ୍ୟ ହେବେ। କୃତ୍ତିକା ନକ୍ଷତ୍ର ନିଜର କୃତି ଓ କୃତିତ୍ୱ ହେତୁ ବନ୍ଧୁମହଲରେ ସମ୍ମାନିତ ହେବେ।

**ମିଥୁନ** ଅଟକି ରହିଥିବା କାମଟି ବନ୍ଧୁଙ୍କ ମାଧ୍ୟମରେ ହାସଲ କରିବାରେ ସମର୍ଥ ହେବେ। ପୁନର୍ବସୁ ନକ୍ଷତ୍ରର କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହେବେ। ଆନୁଷ୍ଠାନିକ କାମରେ ପୁରସ୍କୃତ ହେବାର ସୌଭାଗ୍ୟ ଜୁଟିବ, ଯାହାକି ଆଶା କରି ନଥିବେ। ପାରିବାରିକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ।

**କର୍କଟ** କର୍ମକ୍ଷେତ୍ରରେ ଅଭିଳଷିତ କାର୍ଯ୍ୟ ସାଧନ ନିମିତ ଅନୁକୂଳ ବାତାବରଣ ସୃଷ୍ଟି ହେବ । ଅଶ୍ଳେଷା ନକ୍ଷତ୍ରର ସାଧାରଣ କଥାରେ ବନ୍ଧୁଙ୍କ ସହ ମତାନ୍ତର ଓ କଳହ ଘଟିପାରେ। ଅସମର୍ଥିତ ସୂତ୍ରରୁ କୌଣସି ଖବର ପାଇ ବିବ୍ରତ ହୋଇପାରନ୍ତି। କଳା, କ୍ରୀଡ଼ା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନ, ଆଇନ, ସଭାସମିତିରେ ଲକ୍ଷ୍ୟ ପୂରଣ ହେବ।

**ସିଂହ** ନିଜକୁ ସୁହାଇଲା ଭଳି କଥା କହିଲେ ମଧ୍ୟ ଅନ୍ୟମାନେ ଆପଣଙ୍କ ସହ ଆଡ୍‌ଜଷ୍ଟ ହୋଇପାରିବେ ନାହିଁ। ଉପରିସ୍ଥ କର୍ମଚାରୀଙ୍କ ଅନୁକମ୍ପାରୁ ପ୍ରତିବନ୍ଧକକୁ ଦୂରେଇବାରେ ସମର୍ଥ ହେବ। ଭୁଲ୍ ବୁଝାମଣାରୁ ସ୍ତ୍ରୀଙ୍କ ସହ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହେବାର ସୂଚନା ରହିଛି। ଉତ୍ତରାଫାଲଗୁନୀ ନକ୍ଷତ୍ରର ଦେହ ଭଲ ରହିବ ମାତ୍ର ଆଳସ୍ୟ ବୋଧ ହେବ।

**କନ୍ୟା** ଆବଶ୍ୟକତା ପୂରଣ ସକାଶେ ଅର୍ଥ ଲାଭ ସାଙ୍ଗକୁ ସମସ୍ୟା ସମାଧାନର ପ୍ରଯତ୍ନ କରିପାରନ୍ତି। ବାଣିଜ୍ୟ, ପରିବହନ, ହୋଟେଲ କ୍ଷେତ୍ରରେ ସମସ୍ୟା ଦେଖାଦେବ। ଜମିଜମା, ଗୃହନିର୍ମାଣ, ଜମି କିଣାବିକା, ଗାଡିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବ। ହସ୍ତାନକ୍ଷତ୍ର ଯେକୌଣସି ପ୍ରକାରେ କାମ ହାସଲ କରିବାରେ ତତ୍ପରତା ପ୍ରକାଶ କରିବେ।

**ତୁଳା** ପୂର୍ବ ସମସ୍ୟାକୁ କେନ୍ଦ୍ରକରି ମନ ଭଲ ଲାଗିବ ନାହିଁ କିନ୍ତୁ କିଛି କରିବାର ଉପାୟ ନଥିବ। ବିଶାଖା ନକ୍ଷତ୍ର ଅଫିସ୍‌ରୁ ବିଭ୍ରାନ୍ତିକର ଖବର ପାଇ ବିବ୍ରତ ହୋଇପାରନ୍ତି। ଗତ କିଛି ଦିନ ହେଲା କିଣି ଆଣିଥିବା ଜିନିଷ ବଦଳାଇବା ପାଇଁ କଷ୍ଟକର ହୋଇପାରେ। ସନ୍ତାନହେତୁକ ଗୌରବରେ ନିଜକୁ ଗୌରବାନ୍ୱିତ ମନେ କରିପାରନ୍ତି।

**ବିଛା** କେତେକ ଅପୂରଣୀୟ କାର୍ଯ୍ୟ ସକାଶେ ଭାବାନ୍ତର ସୃଷ୍ଟି ହେବ। ଅନୁରାଧା ନକ୍ଷତ୍ର ଯେତେ ଚେଷ୍ଟା କଲେ ମଧ୍ୟ ଯୋଜନା କାର୍ଯ୍ୟକାରୀ କଷ୍ଟକର ହେବ। ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ବ୍ୟବସାୟିକ ସଫଳତା ହାସଲ କରିବେ ଏବଂ ଅଭାବ ନଥିଲେ ମଧ୍ୟ କେତେକ ଅନିଚ୍ଛାକୃତ କାରଣକୁ ନେଇ ମନ ଭଲ ରହିବ ନାହିଁ।

**ଧନୁ** ଆନୁଷଙ୍ଗିକ ସାହାଯ୍ୟ ଓ ପ୍ରେରଣା ଲାଭକରି ସଫଳତା ହାସଲ କରିବେ। ନିଜ ଲୋକମାନେ ଦୂରେଇ ଯିବା କାରଣରୁ ମନ ଭଲ ଲାଗିବ ନାହିଁ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ, ନତୁବା ଅସୁବିଧାର ସମ୍ମୁଖୀନ ହେବେ। ଉତ୍ତରାଷାଢ଼ା ନକ୍ଷତ୍ର ବିବାଦୀୟ ଘଟଣାରେ ନୀରବ ରହିବା ଆପଣଙ୍କ ସକାଶେ ଭଲ ହେବ।

**ମକର** କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବା ସକାଶେ ଅନୁତାପ କରିବେ। ଆନୁଷ୍ଠାନିକ କାମରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭର ସୁଯୋଗ ପାଇ ଖୁସି ହେବେ। ଈର୍ଷାପରାୟଣ ବନ୍ଧୁଙ୍କ ଅସହିଷ୍ଣୁ ମନୋଭାବରୁ ମାନସିକ ଶାନ୍ତି ବ୍ୟାହତ ହେବ। ଶ୍ରବଣା ନକ୍ଷତ୍ର ସକାଶେ ସ୍ୱାର୍ଥସାଧନର କ୍ଷୀଣ ଆଶା ଦେଖି ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି।

**କୁମ୍ଭ** ଆଜି ସତର୍କତାର ସହ କାମ ନ କଲେ ସମସ୍ୟାରେ ଛନ୍ଦି ହେବେ। ପରୋକ୍ଷଭାବେ ଶତ୍ରୁତା କରୁଥିବା ଅନେକ ଲୋକ ଆପଣଙ୍କ ପଛରେ କିନ୍ତୁ ବିଶେଷ କିଛି ଅସୁବିଧା ହେବନାହିଁ। ଶତଭିଷା ନକ୍ଷତ୍ର ଆଜି ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିପାରନ୍ତି। ଆଜିର ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟରୁ ପ୍ରଶଂସିତ ହେବେ।

**ମୀନ** ବନ୍ଧୁଙ୍କଠାରୁ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ। ସନ୍ଦେହ ଓ ଭୁଲ୍ ବୁଝାମଣାରୁ ପାରିବାରିକ କ୍ଷେତ୍ରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ପରିବାର ପାଇଁ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ରେବତୀ ନକ୍ଷତ୍ର ପିଲାମାନଙ୍କର ଆରୋଗ୍ୟ ଲାଭ ସକାଶେ ଚିନ୍ତିତ ରହିପାରନ୍ତି।

ଆଜି ଅଗଷ୍ଟ ୨୩ ତାରିଖ, ଜାତୀୟ ମହାକାଶ ଦିବସ, ଶ୍ରୀମନ୍ଦିରରେ ସପ୍ତପୁରୀ ଅମାବାସ୍ୟା ନୀତି ଓ ବସ୍ତ୍ରହରଣ ଲୀଳା, ଭାଦ୍ରବ ଅମାବାସ୍ୟା ଯୁକ୍ତ ଶୁକ୍ଳ ପ୍ରତିପଦା, ଶନିବାର। ରାଶିନକ୍ଷତ୍ର-ମଘା/ସିଂହ,ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୫ ଗତେ ଘ.୦୧।୦୪ ମଧ୍ୟେ, ଶୁଦ୍ଧ ଶୁଭବେଳା। ସକାଳ ଘ.୦୮।୪୦ ଗତେ ଘ.୧୦।୧୫ ମଧ୍ୟେ ରାହୁ କାଳ॥

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶାଶୁ ନଣନ୍ଦଙ୍କ ଗଞ୍ଜଣା ଶୁଣି**
**କୁଞ୍ଜକୁ ରୁଷି ଗଲେ ରାଧାରାଣୀ।**

ଅନେକ ସମୟରେ ବୋହୂ ଶାଶୁଘରେ ନାନା ଗଞ୍ଜଣା ଶୁଣି ପଡ଼ି ରହିଥାଏ। ପରନ୍ତୁ ଶାଶୁ ଓ ନଣନ୍ଦଙ୍କ ବ୍ୟବହାରରେ ଅତିଷ୍ଠ ହୋଇପଡ଼ିଲେ ବା ସହିବାର ସୀମା ଟପିଗଲେ ସେ ଅନ୍ୟ ବିକଳ୍ପକୁ ଆପଣେଇ ନେଇଥାଏ। ଫଳସ୍ୱରୂପ ଶାନ୍ତିରେ ରହିବା ପାଇଁ ସେ ଅନ୍ୟ ଏକ ସ୍ଥାନ ଅନ୍ୱେଷଣ କରିବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଶାଶୁ ବୋହୂଙ୍କର ଠକର କଳି,**
**ନିତି କିଳନ୍ତି ଦ୍ୱାର;**
**ଯେ ଯାହାର ସେ ତାହାର**
**କହିଲା ଲୋକ ବାହାର।**

ସାଧାରଣତଃ ଘରୋଇ କଳିରେ ବାହାର ଲୋକ ମଧ୍ୟସ୍ଥି ହେବା ଉଚିତ୍ ନୁହେଁ। ଶାଶୁ ବୋହୂଙ୍କର କଳିଝଗଡ଼ାରେ ତୃତୀୟ ଲୋକ ମଧ୍ୟସ୍ଥ ସାଜି ଅପଦସ୍ଥ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ହାଇକୋର୍ଟରେ ମାମଲାର ଶୁଣାଣି ଆରମ୍ଭ

## ପହଲଗାମ୍ ଆକ୍ରମଣ ସପକ୍ଷବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

କଟକ,୨୨।୮(କାର୍ତ୍ତିକ ସାହୁ)

ପହଲଗାମ୍ ଆକ୍ରମଣ ସପକ୍ଷବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ନିମନ୍ତେ ସେପ୍ଟେମ୍ବର ୮ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, ପହଲଗାମ୍‌ଠାରେ ୨୬ଜଣ ନିର୍ଦ୍ଦୋଷଙ୍କୁ ପାକିସ୍ତାନ ଘୋଷିତ ଆତଙ୍କବାଦୀମାନେ ହତ୍ୟା କରିଥିଲେ। ଭାରତ ସରକାରଙ୍କ ପକ୍ଷରୁ ଦୃଢ଼ ପଦକ୍ଷେପସ୍ୱରୂପ ଅପରେଶନ ସିନ୍ଦୂର ଆରମ୍ଭ କରାଯାଇଥିଲା। ଦେଶର ସୁରକ୍ଷା ନେଇ ଭାରତ ସରକାର ତତ୍ପର ଥିବା ବେଳେ ଏହି ସମୟରେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅପମାନଜନକ ଶବ୍ଦ ବ୍ୟବହାର କରାଯାଇଥିଲା। ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ପକ୍ଷରୁ ମଧ୍ୟ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ନିର୍ଦ୍ଦିଷ୍ଟ ବିରୋଧୀ ଦଳ ପକ୍ଷରୁ ବ୍ୟଙ୍ଗାତ୍ମକ ଉପସ୍ଥାପନ କରାଯାଇଥିଲା। ଭାରତୀୟ ସେନାଙ୍କ ଉପରେ ପ୍ରଶ୍ନ ଉଠାଯାଇଥିଲା। ଏହା ଦୁଃଖ ଓ ସମ୍ବେଦନଶୀଳ ଘଟଣା। ଏହାଦ୍ୱାରା ଜାତୀୟ ସୁରକ୍ଷା ନଷ୍ଟ ହେଉଛି। ତେଣୁ ଏଭଳି କାର୍ଯ୍ୟକୁ ପ୍ରୋତ୍ସାହନ ଦେଇଥିବା ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପିନାକପାଣି ମହାନ୍ତି ପ୍ରାର୍ଥନା କରିଛନ୍ତି। ଏଥିସହ ସ୍ୱାଧୀନତା ସଂଗ୍ରାମର ପ୍ରକୃତ ସତ୍ୟ ଉନ୍ମୋଚନ, ଜାଲିଆନାୱାଲାବାଗ ହତ୍ୟାକାଣ୍ଡ, ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଲକ୍ଷାଧିକ ଭାରତୀୟ ସେନା ମୃତ, ଆହତ ଓ ନିଖୋଜ ପାଇଁ ବ୍ରିଟେନ କ୍ଷମାପ୍ରାର୍ଥନା, ଭାରତରୁ ଲୁଟ୍ ହୋଇଥିବା କୋହିନୁର ହୀରାକୁ ଇଂଲଣ୍ଡରୁ ଫେରାଇଆଣିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସେ ମଧ୍ୟ ଆବେଦନରେ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସତ୍ୟଜିତ ମୁଖାର୍ଜୀ ମାମଲା ପରିଚାଳନା କରୁଛନ୍ତି।

# ପ୍ରଥମ ପୃଷ୍ଠାରୁ...

## ଲର୍ଡ ସ୍ୱରାଜ ...

ସମ୍ପର୍କକୁ ସ୍ୱରାଜଙ୍କ ସମର୍ଥନ ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ମୋଦି କହିଛନ୍ତି। ୧୯୩୧ ଫେବୃଆରୀ ୧୮ରେ ପଞ୍ଜାବର ଜଳନ୍ଧରରେ ସ୍ୱରାଜ ପଲ୍‌ଙ୍କ ଜନ୍ମ। ତାଙ୍କ ବାପା ପ୍ୟାରେ ଲାଲ ଷ୍ଟିଲ୍ ବାଲ୍‌ଟି ଓ ଅନ୍ୟ କୃଷି ଉପକରଣ ନିର୍ମାଣ ଫ୍ୟାକ୍ଟ୍ରି ଖୋଲିଥିଲେ। ବାଲ୍ୟ ଜୀବନରୁ ଲର୍ଡ ପଲ୍ ବାପାଙ୍କ ବ୍ୟବସାୟିକ ସଂସ୍ଥା କଥା ବୁଝାବୁଝି କରୁଥିଲେ। ଜଳନ୍ଧରରେ ହାଇସ୍କୁଲ ଶିକ୍ଷା ଶେଷକରି ୧୯୪୯ରେ ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଏହା ପରେ ସ୍ୱରାଜ ଆମେରିକା ଯାଇ ମାସାଚ୍ୟୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି)ରୁ ସ୍ନାତକ ଓ ସ୍ନାତକୋତ୍ତର ହୋଇଥିଲେ। ଉଚ୍ଚଶିକ୍ଷା ସମ୍ପୂର୍ଣ୍ଣ କରି ସେ ଭାରତକୁ ଫେରିବା ସହ ପାରିବାରିକ ବ୍ୟବସାୟିକ ପ୍ରତିଷ୍ଠାନ ଏପିଜେ ସୁରେନ୍ଦ୍ର ଗ୍ରୁପ୍‌ରେ ଯୋଗଦେଇଥିଲେ। କିନ୍ତୁ ସ୍ୱରାଜ ପଲ୍‌ଙ୍କ ଭାଗ୍ୟରେ ଭିନ୍ନ କିଛି ଲେଖାଥିଲା। ୧୯୬୬ରେ ଲ୍ୟୁକୋମିଆରେ ପୀଡ଼ିତା ଝିଅ ଅମ୍ବିକାଙ୍କ ଚିକିତ୍ସା ପାଇଁ ସେ ବ୍ରିଟେନ୍ ଯାଇଥିଲେ। ଦୁର୍ଭାଗ୍ୟବଶତଃ ଅମ୍ବିକା ମାତ୍ର ୪ ବର୍ଷ ବୟସରେ ଆଖି ବୁଜିଦେଇଥିଲେ। ପରବର୍ତ୍ତୀ ସମୟରେ ସ୍ୱରାଜ ବ୍ରିଟେନ୍‌ରେ କାପାରୋ ଗ୍ରୁପ୍ ପ୍ରତିଷ୍ଠା କରି ଇସ୍ପାତ୍ ଏବଂ ଇଞ୍ଜିନିୟରିଂ ଉତ୍ପାଦର ଡିଜାଇନ୍, ମାନୁଫାକ୍ଚରିଂ, ମାର୍କେଟିଂ ଓ ଡିଷ୍ଟ୍ରିବ୍ୟୁଶନ୍ ଭଳି ବିବିଧ କ୍ଷେତ୍ରରେ ବ୍ୟବସାୟିକ ସାମ୍ରାଜ୍ୟ ଗଢ଼ିପାରିଥିଲେ। ଏତିକି ନୁହେଁ, ସେ ଅମ୍ବିକା ଫାଉଣ୍ଡେଶନ୍ ନାମରେ ଏକ ଦାତବ୍ୟ ଟ୍ରଷ୍ଟ ପ୍ରତିଷ୍ଠା କରି ସାରା ବିଶ୍ୱରେ ଛୋଟ ପିଲାଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ପାଇଁ ବିପୁଳ ଅର୍ଥ ଦାନ କରିଥିଲେ। ଲଣ୍ଡନ୍‌ର ଅମ୍ବିକା ପଲ୍ ଚିଲ୍ଡରେନ୍ସ ଜୁ ଏହି ଫାଉଣ୍ଡେଶନ୍‌ର ଏକ ବଡ଼ ଅବଦାନ।

ସ୍ୱରାଜ ପଲ୍ ୨୦୧୫ରେ ନିଜ ପୁଅ ଅଙ୍ଗଦ ପଲ୍ ଓ ୨୦୨୨ରେ ସ୍ତ୍ରୀ ଅରୁଣାଙ୍କୁ ହରାଇ ଉଭୟଙ୍କ ସ୍ମୃତିରେ ଅନୁରୂପ ମାନବହିତୈଷୀ ପ୍ରୟାସ ଜାରି ରଖିଥିଲେ। ଲଣ୍ଡନରେ ମୁଖ୍ୟାଳୟ ଥିବା କାପାରୋ ଗ୍ରୁପ୍ ଅଧୀନରେ ବ୍ରିଟେନ୍, ଉତ୍ତର ଆମେରିକା, ଭାରତ ଓ ମଧ୍ୟପ୍ରାଚ୍ୟ ସମେତ ବିଶ୍ୱର ବିଭିନ୍ନ ଭାଗରେ ୪୦ରୁ ଊର୍ଦ୍ଧ୍ୱ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ସ୍ୱରାଜଙ୍କ ପୁଅ ଆକାଶ ପଲ୍ କାପାରୋ ଇଣ୍ଡିଆର ଅଧ୍ୟକ୍ଷ ଏବଂ କାପାରୋ ଗ୍ରୁପ୍ ଡାଇରେକ୍ଟର ଅଛନ୍ତି। ୧୯୯୬ରେ ତତ୍କାଳୀନ କଞ୍ଜରଭେଟିଭ୍ ପ୍ରଧାନମନ୍ତ୍ରୀ ଜନ୍ ମେଜରଙ୍କ ଅମଳରେ ସ୍ୱରାଜ ଲେବର ପାର୍ଟିରୁ ହାଉସ୍ ଅଫ୍ ଲର୍ଡ୍ସକୁ ଯାଇଥିଲେ। ସେହି ସମୟରେ ତାଙ୍କୁ ଲର୍ଡ ଉପାଧି ମିଳିଥିଲା। ୨୦୦୮ ଡିସେମ୍ବରରେ ତାଙ୍କୁ ଲର୍ଡ୍ସର ଉପବାଚସ୍ପତି ନିଯୁକ୍ତ କରାଯାଇଥିଲା। ୨୦୦୯ରେ ସ୍ୱରାଜ ପଲ୍‌ଙ୍କୁ ପ୍ରିଭି କାଉନ୍ସିଲରେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଲର୍ଡ୍ସରେ ମର୍ଯ୍ୟାଦାଜନକ ଡେପୁଟି ସ୍ପିକର ହେବାରେ ଲର୍ଡ ସ୍ୱରାଜ ପଲ୍ ଥିଲେ ପ୍ରଥମ ଭାରତୀୟ ବଂଶୋଦ୍ଭବ। ୨୦୦୦ରୁ ୨୦୦୫ ମଧ୍ୟରେ ସେ ଭାରତ-ବ୍ରିଟେନ୍ ରାଉଣ୍ଡ ଟେବୁଲ୍‌ର ଅଧ୍ୟକ୍ଷତା କରିଥିଲେ। ୧୯୮୩ରେ ଭାରତ ସରକାର ତାଙ୍କୁ ପଦ୍ମଭୂଷଣ ଉପାଧିରେ ଭୂଷିତ କରିଥିଲେ। ଲର୍ଡ ପଲ୍ ଭାରତ ଓ ବ୍ରିଟେନ୍ ସମ୍ପର୍କର ସେତୁ ପାଲଟି ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ ବୋଲି ତାଙ୍କ ଅବର୍ତ୍ତମାନରେ ବହୁ ବିଶିଷ୍ଟ ବ୍ୟକ୍ତି ସ୍ମୃତିଚାରଣ କରିଛନ୍ତି।

## ୫ ବର୍ଷରେ ୩୦ ହଜାର ...

କରାଯିବ। ୪ର୍ଥ ପର୍ଯ୍ୟାୟରେ ୧,୦୨୧ଟି ଯୋଗାଯୋଗ ବିହୀନ ଜନବସତି ପାଇଁ ୯୪୨ଟି ସଡ଼କ ଓ ୮ଟି ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ସେହିଭଳି ୧୦୦ରୁ ଅଧିକ ପିଭିଟିଜି ବର୍ଗର ଜନବସତିର ସଂଯୋଗୀକରଣ ପାଇଁ ପିଏମ୍ ଜନମନ ଯୋଜନାରେ ୭୩ଟି ଗ୍ରାମରେ ୬୬ଟି ରାସ୍ତା ଓ ୪ଟି ସେତୁ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୪୫୦୦.୩୦ କି.ମି. ରାସ୍ତା ନିର୍ମାଣ କରାଯାଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୩୪୬୯.୯୪ କୋଟି ଟଙ୍କା ବ୍ୟୟ ବରାଦରେ ୫୦୦୦ କି.ମି. ରାସ୍ତା ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଇଛି। ସେତୁବନ୍ଧନ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୧୮୬ଟି ସେତୁ ନିର୍ମାଣ କରାଯାଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୩୦୦ଟି ସେତୁ ନିର୍ମାଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିସହ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳର ଭିତ୍ତିଭୂମି ଉନ୍ନତୀକରଣ କାର୍ଯ୍ୟ ଯଥା-ଛାତ୍ରାବାସ, ମହାବିଦ୍ୟାଳୟ ଗୃହ ନିର୍ମାଣ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିର୍ମାଣ, ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ, କଲ୍ୟାଣ ମଣ୍ଡପ ଇତ୍ୟାଦି ନିର୍ମାଣ କାର୍ଯ୍ୟ ମଧ୍ୟ ଜାରି ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବିଭାଗ ପକ୍ଷରୁ ୪୫୧ଟି ବିଭିନ୍ନ କୋଠାବାଡ଼ି ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୧୨୨୯ଟି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି।

ବୈଠକରେ ଗ୍ରାମ୍ୟ ଉନ୍ନୟନ ତଥା ପଞ୍ଚାୟତିରାଜ ଏବଂ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ବିଭାଗୀୟ କମିଶନର ତଥା ଶାସନ ସଚିବ ଯାମିନୀ ଷଡ଼ଙ୍ଗୀ, ସର୍ବୋଚ୍ଚ ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ ଏବଂ ଇଞ୍ଜିନିୟର ପ୍ରଦୀପ କୁମାର ଜେନା ଓ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।




# ଓଡ଼ିଶା ସିଭିଲ ସର୍ଭିସ୍ ଲିଖିତ ପରୀକ୍ଷାଫଳ ପ୍ରକାଶ

କଟକ,୨୨।୮ (କାର୍ତ୍ତିକ ସାହୁ)

## ୨୯୩ ମହିଳାଙ୍କ ସମେତ ୮୦୬ କୃତକାର୍ଯ୍ୟ

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ୨୦୨୩ ମସିହାର ଓଡ଼ିଶା ସିଭିଲ ସର୍ଭିସ ଲିଖିତ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଓପିଏସ୍‌ସି ୱେବସାଇଟ୍ www.opsc.gov.inରେ ପରୀକ୍ଷାଫଳ ଉପଲବ୍ଧ ହୋଇଛି। ମୋଟ ୮୦୬ ଜଣ ପରୀକ୍ଷାର୍ଥୀ କାଗଜପତ୍ର ଯାଞ୍ଚ ଓ ବ୍ୟକ୍ତିତ୍ୱ ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨୯୩ଜଣ ମହିଳା ପ୍ରାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଓପିଏସ୍‌ସି ପକ୍ଷରୁ ଯୋଗ୍ୟ ବିବେଚିତ ଉକ୍ତ ପ୍ରାର୍ଥୀମାନଙ୍କ କାଗଜପତ୍ର ଯାଞ୍ଚ ଓ ବ୍ୟକ୍ତିତ୍ୱ ପରୀକ୍ଷା କଟକସ୍ଥିତ ଆୟୋଗଙ୍କ କାର୍ଯ୍ୟାଳୟରେ ଆସନ୍ତା ସେପ୍ଟେମ୍ବର ୬ରେ ହେବାକୁ ଧାର୍ଯ୍ୟ ହୋଇଛି। ଯୋଗ୍ୟ ପ୍ରାର୍ଥୀମାନେ ଓପିଏସ୍‌ସି ୱେବ୍‌ସାଇଟ୍‌ରୁ ଆଟେଷ୍ଟେଶନ ଫର୍ମ, ବାୟୋଡାଟା ଫର୍ମ ଓ ଘୋଷଣାପତ୍ର ଡାଉନ୍‌ଲୋଡ୍ ପରେ ପୂରଣ କରି ଉକ୍ତ ଦିନ ଦାଖଲ କରିବେ। ଏହି ତିନୋଟି ଫର୍ମ ଖୁବ୍‌ଶୀଘ୍ର ଓପିଏସ୍‌ସି ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯିବ। ତେଣୁ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନେ ନିୟମିତ ଭାବେ ଓପିଏସ୍‌ସି ୱେବ୍‌ସାଇଟ୍ ଦେଖିବା ନିମନ୍ତେ ପରାମର୍ଶ ଦିଆଯାଇଛି।

# ସୃଷ୍ଟିହେଲା ଲଘୁଚାପ, ଆଜିଠାରୁ ବଢ଼ିବ ବର୍ଷା

ଭୁବନେଶ୍ୱର,୨୨।୮ (ଅନୁରାଧା ମହାରଣା)

ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଓ ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଅଞ୍ଚଳରେ ସକ୍ରିୟ ଘୂର୍ଣ୍ଣବଳୟ ଶୁକ୍ରବାର ଲଘୁଚାପର ରୂପ ନେଇଛି। ଏହା ପ୍ରଭାବରେ ରାଜ୍ୟରେ ବର୍ଷା ପରିମାଣ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି। ଶନିବାର ଅତିରୁ ଅତି ପ୍ରବଳ ବର୍ଷା ହେବା ନେଇ ସୁନ୍ଦରଗଡ଼ ଜିଲାକୁ ରେଡ୍ ୱାର୍ନିଂ ଜାରି କରାଯାଇଛି। କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର ଓ ଝାରସୁଗୁଡ଼ାକୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ଦେବଗଡ଼, ଅନୁଗୋଳ, କନ୍ଧମାଳ, କଳାହାଣ୍ଡି, ବାଲେଶ୍ୱର, ଭଦ୍ରକ, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ବଜ୍ରପାତ ବିପଦ ନେଇ ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ବରଗଡ଼, ଢେଙ୍କାନାଳ, ନୂଆପଡ଼ା, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ବୌଦ୍ଧ, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଆଦି ଜିଲାକୁ ସତର୍କ କରାଯାଇଛି।

## ୭ଜିଲାରେ ନିଅଣ୍ଟିଆ ବର୍ଷା

ଜୁନ୍ ପହିଲାରୁ ଅଗଷ୍ଟ ୨୨ ସୁଦ୍ଧା ରାଜ୍ୟରେ ହାରାହାରି ୭୬୪.୦ ମିମି ବର୍ଷା ହୋଇଛି। ସ୍ୱାଭାବିକ ବର୍ଷା ୮୧୧.୯ ମିମି ତୁଳନାରେ ଏହା ୬% କମ୍ ବର୍ଷା ରେକର୍ଡ କରାଯାଇଛି। ବିଶେଷକରି ୭ ଜିଲାରେ ନିଅଣ୍ଟିଆ ବର୍ଷା ହୋଇଛି। କଳାହାଣ୍ଡି ଓ ରାୟଗଡ଼ାରେ ୩୦% କମ୍ ବର୍ଷା ହୋଇଛି। ସେହିପରି ବଲାଙ୍ଗୀର ଓ ପୁରୀରେ ୨୮%, ଗଜପତିରେ ୨୭%, ଖୋର୍ଦ୍ଧା ଓ ଯାଜପୁରରେ ୨୧% ଲେଖାଏ କମ୍ ବର୍ଷା ରେକର୍ଡ ହୋଇଛି।

# ୨୯ରେ ସରକାରୀ ଛୁଟି ପାଇଁ ପ୍ରକ୍ରିୟା

ଭୁବନେଶ୍ୱର,୨୨।୮ (ରବିନାରାୟଣ ଜେନା)

ପ୍ରତିବର୍ଷ ପଶ୍ଚିମ ଓଡ଼ିଶାର ନୂଆଁଖାଇ ପରଦିନ ସରକାରୀ ଛୁଟି ଲାଗି ଦାବି ହୋଇ ଆସୁଥିଲା। ଏପରି କି ପୂର୍ବ ବର୍ଷଗୁଡ଼ିକରେ ଭାଜପା ବିରୋଧୀଦଳରେ ଥିବାବେଳେ ଏହି ଦିନକୁ ସରକାରୀ ଛୁଟି ପାଇଁ ଅଡ଼ି ବସିଥିଲା। ହେଲେ ତାହା ସମ୍ଭବ ହୋଇପାରୁ ନ ଥିବାବେଳେ ଶୁକ୍ରବାର ଏନେଇ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜସ୍ୱମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଏସଂକ୍ରାନ୍ତରେ ବିଭାଗୀୟ ଅତିରିକ୍ତ ସଚିବଙ୍କୁ ପତ୍ର ଲେଖି ଫାଇଲ କାର୍ଯ୍ୟ କରିବାକୁ କହିଛନ୍ତି। ଏଥିରୁ ଚଳିତବର୍ଷ ନୂଆଁଖାଇ ପରଦିନକୁ ସରକାର ଛୁଟି ଘୋଷଣା କରିପାରନ୍ତି ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ଓଡ଼ିଶା ହେବ ବୈଶ୍ୱିକ ଆର୍ଥିକ ପ୍ରଯୁକ୍ତି ହବ୍: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୮ (ଅନୁରାଧା ମହାରଣା)



## 'ଭାରତନେତ୍ର'ର ଶୁଭାରମ୍ଭ

### ୭,୦୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ମିଳିବ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ

ଓଡ଼ିଶାର ଆର୍ଥିକ ସ୍ଥିତିରେ ବୃହତ୍ ପରିବର୍ତ୍ତନ ଆଣି ଡିଜିଟାଲ ଅର୍ଥନୀତିରେ ଭାରତର ବୈଶ୍ୱିକ ନେତୃତ୍ୱକୁ ମଜଭୁତ କରିବା ପାଇଁ ରାଜ୍ୟ ସରକାର ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଭୁବନେଶ୍ୱର ମେଫେୟାର ହୋଟେଲରେ ସମନ୍ୱିତ ବୈଶ୍ୱିକ ଆର୍ଥିକ ପ୍ରଯୁକ୍ତି ସାମର୍ଥ୍ୟ ହବ୍ (ଆଇ-ଜିଏଫ୍‌ଟିସିଏଚ୍) 'ଭାରତନେତ୍ର'ର ଶୁଭାରମ୍ଭ କରିଛନ୍ତି। ଏହି ପଦକ୍ଷେପ ମାଧ୍ୟମରେ ରାଜ୍ୟର ୭,୦୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ଓ ବୀମା ପ୍ରଯୁକ୍ତି, ବ୍ଲକ୍‌ଚେନ ଏବଂ ଏଆଇ-ଆଧାରିତ ଆର୍ଥିକ କୌଶଳ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହା ନ୍ୟାଶନାଲ ୟୁନିଭର୍ସିଟି ଅଫ୍ ସିଙ୍ଗାପୁର (ଏନ୍‌ୟୁଏସ୍)ର ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜିଟାଲ ଫାଇନାନ୍ସ (ଏଆଇଡିଏଫ୍) ଦ୍ୱାରା ପ୍ରମାଣପତ୍ର ପ୍ରୋଗ୍ରାମ ମାଧ୍ୟମରେ କରାଯିବ। ଫଳରେ ଓଡ଼ିଶା ବୈଶ୍ୱିକ ଆର୍ଥିକ ପ୍ରଯୁକ୍ତି ହବ୍ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଗ୍ଲୋବାଲ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟ୍‌ୱାର୍କ ସିଙ୍ଗାପୁର (ଜିଏଫ୍‌ଟିଏନ୍), ଏନ୍‌ୟୁଏସ୍ ଏବଂ ଏଆଇଡିଏଫ୍ ମିଳିତ ଆନୁକୂଲ୍ୟରେ 'ଭାରତନେତ୍ର' ଇନିସିଏଟିଭ୍‌ର ଆରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ବାର୍ଷିକ ପ୍ରାୟ ୧.୮ ଲକ୍ଷ ଇଞ୍ଜିନିୟରିଂ, ପଲିଟେକ୍ନିକ, ଆଇଟି ଷ୍ଟ୍ରିମ୍‌ରେ ସ୍ନାତକଧାରୀ ଏବଂ ୯୫୦ ଆଇଟିଆଇରେ କୌଶଳୀ ପ୍ରତିଭା ସୃଷ୍ଟି କରୁଛି। ଏହି ହବ୍ (ଭାରତନେତ୍ର) ମଧ୍ୟରେ ଏକ ସ୍ୱତନ୍ତ୍ର ସେଣ୍ଟର ଅଫ୍ ଏକ୍ସଲେନ୍ସ ପ୍ରତିଷ୍ଠା କରାଯାଇ ଷ୍ଟାର୍ଟଅପ ଓ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦିଆଯିବ। ଏହାସହିତ ଏକ ଗ୍ଲୋବାଲ କ୍ୟାପାବିଲିଟି ସେଣ୍ଟର (ଜିସିସି) ମଧ୍ୟ ପ୍ରତିଷ୍ଠା ହେବ। ଭୁବନେଶ୍ୱରକୁ ସିଙ୍ଗାପୁର ସହ ସଂଯୋଗ କରୁଥିବା ଏକ 'କେବୁଲ ଲ୍ୟାଣ୍ଡିଂ ଷ୍ଟେଶନ' ପ୍ରତିଷ୍ଠା କରାଯାଉଛି। ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ ଏଆଇ ନୀତି ପ୍ରଣୟନ କରିଥିବାବେଳେ ଖୁବ୍‌ଶୀଘ୍ର ଏକ ସ୍ୱତନ୍ତ୍ର ଫିନ୍‌ଟେକ୍ ନୀତି ଓ ଜିସିସି ନୀତି ଅଣାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଭାରତନେତ୍ର ଉଦ୍ୟୋଗ କେବଳ ରୋଜଗାର ଓ ଉଦ୍ୟୋଗିତା ପାଇଁ ପଥ ପ୍ରଶସ୍ତ କରିବ ନାହିଁ, ବରଂ ଆର୍ଥିକ ଅନ୍ତର୍ଭୁକ୍ତି ଓ ନୂତନତ୍ୱରେ ଭାରତର ନେତୃତ୍ୱକୁ ମଜଭୁତ କରିବ। ସେହିପରି ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, ପ୍ରଗତିଶୀଳ ଆଇଟି ଏବଂ ଏଆଇ ନୀତି ସହିତ ଆମେ ଏକ ଅତ୍ୟାଧୁନିକ ଭିତ୍ତିଭୂମି, ବିଶ୍ୱସ୍ତରୀୟ ପ୍ରତିଭା ଓ ଷ୍ଟାର୍ଟଅପ ଶକ୍ତିର ସମନ୍ୱୟ ସୃଷ୍ଟି କରାଯାଉଛି। ଜିଏଫଟିଏନ ଗ୍ରୁପ ସିଇଓ ସୋପ୍ନେନ୍ଦୁ ମହାନ୍ତି କହିଛନ୍ତି, ଭାରତନେତ୍ର ଉଦ୍ୟୋଗ ଓ ଏହି ବୈଶ୍ୱିକ ଆର୍ଥିକ ପ୍ରଯୁକ୍ତି କୌଶଳ ହବ୍ ଓଡ଼ିଶାକୁ ଏସିଆ-ପ୍ରଶାନ୍ତ ମହାସାଗରୀୟ ଆର୍ଥିକ ପ୍ରଯୁକ୍ତି କରିଡରରେ ଭାରତର ରଣନୈତିକ ପ୍ରବେଶଦ୍ୱାର ଭାବେ ପୁନର୍ନିର୍ଦ୍ଧାରଣ କରିବ।

ଆଇ-ଜିଏଫ୍‌ଟିସିଏଚ୍ ୪ଟି ମୂଳସ୍ତମ୍ଭ ଯଥା ବୈଶ୍ୱିକ ପ୍ରଶିକ୍ଷଣ, ବିଶ୍ୱସ୍ତରୀୟ ଜ୍ଞାନ ଆଦାନପ୍ରଦାନ, ବୈଶ୍ୱିକ ନବସୃଜନ କେନ୍ଦ୍ର ଓ ବୈଶ୍ୱିକ ସାମର୍ଥ୍ୟ ହବ୍ ଉପରେ କେନ୍ଦ୍ରୀଭୂତ। ଏହା ସିଙ୍ଗାପୁର-ଆଧାରିତ ଜିଏଫ୍‌ଟିଏନ୍ ସହ ସହଭାଗିତାରେ ବିକଶିତ। ଆଗାମୀ ପାଞ୍ଚ ବର୍ଷରେ ଏହି ଉଦ୍ୟୋଗ ୭,୦୦୦ ଛାତ୍ରଙ୍କୁ ଆର୍ଥିକ ପ୍ରଯୁକ୍ତି କ୍ୟାରିୟର ପାଇଁ ପ୍ରଯୁକ୍ତି ଓ ବ୍ୟବସାୟ କୌଶଳରେ ସମୃଦ୍ଧ କରିବ। ପ୍ରୋଗ୍ରାମ୍‌ର ପ୍ରଥମ ବ୍ୟାଚ୍ ପାଇଁ ୩,୮୦୦ରୁ ଅଧିକ ଆବେଦନକାରୀଙ୍କ ମଧ୍ୟରୁ ୬୦ଟି କଲେଜରୁ ୩୭୫ ଛାତ୍ରଙ୍କୁ ଚୟନ କରାଯାଇଛି, ଯେଉଁମାନେ ୨୦୨୬ ଜାନୁଆରୀ ସୁଦ୍ଧା ସ୍ନାତକଧାରୀ ହେବେ।

# ଓଡ଼ିଶା ଗସ୍ତରେ ନବୀନଙ୍କ ବଡ଼ଭାଇ ପ୍ରେମ୍ ପଟ୍ଟନାୟକ

## ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ଜାଣିବାକୁ ଆସିଥିବା ଚର୍ଚ୍ଚା

ଭୁବନେଶ୍ୱର, ୨୨।୮ (ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ବଡ଼ଭାଇ ପ୍ରେମ୍ ପଟ୍ଟନାୟକ ଓ ତାଙ୍କ ସ୍ତ୍ରୀ ଶୁକ୍ରବାର ଓଡ଼ିଶା ଗସ୍ତରେ ଆସିଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ପ୍ରେମ୍ ଭୁବନେଶ୍ୱର ଆସିବା ପରେ ନବୀନ ନିବାସରେ ଏକ ସ୍ଥାନରେ ବସିଛନ୍ତି, ଯେଉଁଠି ପାଖରେ ନବୀନ ପଟ୍ଟନାୟକ ମଧ୍ୟ ଅଛନ୍ତି। ତାଙ୍କ ସହ ନବୀନଙ୍କ ସହଯୋଗୀ ଭି.କେ. ପାଣ୍ଡିଆନ୍ ଏବଂ ବ୍ୟକ୍ତିଗତ ଡାକ୍ତର ରମାକାନ୍ତ ପଣ୍ଡା ଓ ଅନ୍ୟ ଜଣେ ଡାକ୍ତରଙ୍କ ସହ କିଛି କଥାବାର୍ତ୍ତା ହେଉଥିବାର ଭିଡିଓ ଦଳ ପକ୍ଷରୁ ଛଡ଼ାଯାଇଛି। କିଛିଦିନ ତଳେ ନବୀନ ଡିହାଇଡ୍ରେଶନ ସମସ୍ୟା କାରଣରୁ ଅସୁସ୍ଥ ହୋଇ ସ୍ଥାନୀୟ ଘରୋଇ ହସ୍ପିଟାଲ ସମ୍ ଅଲ୍‌ଟିମେଟ୍‌ରେ ଚିକିତ୍ସିତ ହୋଇଥିଲେ। ୪ ଦିନ ଚିକିତ୍ସିତ ହେବାପରେ ନବୀନ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିଲେ। ତେବେ ନବୀନଙ୍କୁ ଦେଖିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିବା ପାଇଁ ପ୍ରେମ୍ ପଟ୍ଟନାୟକ ଓଡ଼ିଶା ଆସିଛନ୍ତି ବୋଲି ଚର୍ଚ୍ଚା ଚାଲିଛି। ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ସେ ନବୀନ ନିବାସରେ ଥିବା ବେଳେ କେବେ ଫେରିବେ ସେନେଇ କୌଣସି ଖବର ଜଣାପଡ଼ି ନାହିଁ।

## ଅପରାଧ

# ଚଳନ୍ତା କାର୍‌ରୁ ଷ୍ଟଣ୍ଟ କରି ଦଣ୍ଡ ଗଣିଲେ

ଭୁବନେଶ୍ୱର,୨୨।୮ (ସତ୍ୟଜିତ୍ ରାଉତ)

୧୬ ନଂ. ଜାତୀୟ ରାଜପଥରେ ଶୁକ୍ରବାର ବିପଦପୂର୍ଣ୍ଣ ଭାବେ ଗାଡ଼ିଚଳାଇ ଷ୍ଟଣ୍ଟ ଦେଖାଇ ଜରିମାନା ଗଣିଛନ୍ତି କାର୍ ଚାଳକ। ଏହାର ଭିଡିଓ ଭାଇରାଲ ହେବା ପରେ ପରିବହନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ-୨) ପକ୍ଷରୁ ୧୦ହଜାର ଟଙ୍କା ଚାଲାଣ କଟାଯାଇଛି। ଉକ୍ତ କାର୍ (ଓଡ଼୦୫ସିଏ୦୨୮୭)ଟି କଟକ ଜିଲା ଚୌଦ୍ୱାର ଅଞ୍ଚଳର ସତ୍ୟଭାମା ସାହୁଙ୍କ ନାମରେ ରହିଛି। ଉପଯୁକ୍ତ ଡିଏଲ୍ ନ ଥିବା ସତ୍ତ୍ୱେ ଗାଡ଼ିଚାଳନା କରିଥିବାରୁ ୫ ହଜାର ଓ ବିପଦପୂର୍ଣ୍ଣ ଭାବେ ଗାଡ଼ି ଚାଳନା କରିଥିବାରୁ ୫ହଜାର ଟଙ୍କା ଚାଲାଣ କଟାଯାଇଛି। କାରଟି ଶୁକ୍ରବାର ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିବାବେଳେ ସେ ଏହି ଷ୍ଟଣ୍ଟ ଦେଖାଇଥିଲା। ଗାଡ଼ିଟି ଅପରାହ୍ନ ପ୍ରାୟ ୧ଟା ୫୫ରେ ପଲାଶୁଣୀ ଓଭରବ୍ରିଜ୍‌ରେ ଯାଉଥିବା ବେଳେ ସେଥିରେ ପଛସିଟ୍‌ରେ ବସିଥିବା ଦୁଇଜଣ ଓ ଆଗ ସିଟ୍‌ରେ ବସିଥିବା ଜଣେ ଯୁବକ କାର୍ ଡୋରରୁ ବାହାରି ବିପଦପୂର୍ଣ୍ଣ ଷ୍ଟଣ୍ଟ ପ୍ରଦର୍ଶନ କରିଥିଲେ।


ଚଳନ୍ତା କାର୍‌ରେ ଯୁବକମାନେ ବିପଦପୂର୍ଣ୍ଣ ଷ୍ଟଣ୍ଟ ଦେଖାଉଛନ୍ତି।

# ମେସ୍‌ରେ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଅଭିଯୋଗ

ଉଦଳା,୨୨।୮ (ସନ୍ତୋଷ କୁମାର ବାଛିନୀ)

## ମାଲିକଙ୍କ ନାଁରେ ମାମଲା

ଉଦଳାରେ ଥିବା ଏକ ମେସ୍‌ରେ ରହି ସୁରକ୍ଷିତ ଭାବେ ପାଠ ପଢ଼ିବେ ଭାବି ପରିବାର ଲୋକେ ଛାତ୍ରୀମାନଙ୍କୁ ସେଠାରେ ଛାଡ଼ିଥିଲେ। ହେଲେ ମେସ୍ ମାଲିକ ଏହାର ସୁଯୋଗ ନେଇ ଛାତ୍ରୀମାନଙ୍କୁ ଯୌନ ଉତ୍ପୀଡ଼ନ ଦେଲେ। ସାହସ କରି ଜଣେ ଛାତ୍ରୀ ପରିବାର ଲୋକଙ୍କୁ ଜଣାଇବା ପରେ ଘଟଣା ସାମ୍ନାକୁ ଆସିଛି। ଏନେଇ ଉଦଳା ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୩୪୮/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଏହି ଘଟଣାକୁ ନେଇ ଶୁକ୍ରବାର ମେସ୍ ପରିସରରେ ଉତ୍ତ୍ୟକ୍ତ ଅଭିଭାବକମାନେ ହୋହଲ୍ଲା କରିଥିବା ବେଳେ ଉତ୍ତେଜନା ଲାଗି ରହିଛି। ଏଭଳି ସାଂଘାତିକ ଅଭିଯୋଗ ଆସିଛି ମୟୂରଭଞ୍ଜ ଜିଲା ଉଦଳା ଏନ୍‌ଏସି ଅଧୀନ ୩ନଂ. ୱାର୍ଡରେ ଥିବା ମୋନାଲିସା ଏକାଡେମୀର ମାଲିକ ବିସିକେଶନ ଗୋଛାୟତଙ୍କ ନାମରେ।

ଏହି ଏକାଡେମୀ ବା ମେସ୍‌ରେ ବିଭିନ୍ନ କଲେଜରେ ପଢୁଥିବା ଛାତ୍ରୀମାନେ ରହିଥାନ୍ତି। ମେସରେ ରହୁଥିବା ଜଣେ ଯୁକ୍ତ୨ ଦ୍ୱିତୀୟ ବର୍ଷର ଛାତ୍ରୀ ନିଜ ପରିବାର ଲୋକଙ୍କୁ ଫୋନ୍ କରି ମେସ ମାଲିକ ଗୋଛାୟତଙ୍କ କାରନାମା ବିଷୟରେ ଜଣାଇଥିଲେ। ଛାତ୍ରୀଙ୍କ ପରିବାର ଲୋକେ ଶୁକ୍ରବାର ପୂର୍ବାହ୍ନ ୧୧ଟା ୩୦ ସମୟରେ ମେସରେ ପହଞ୍ଚି ଘଟଣା ବାବଦରେ ଝିଅ ନିକଟରୁ ସବୁ କଥା ଶୁଣିଥିଲେ। ପଚରାଉଚରାବେଳେ ୧୨ରୁ ଅଧିକ ଛାତ୍ରୀ ମଧ୍ୟ ମେସ ମାଲିକଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇଥିବା ଜଣାପଡ଼ିଥିଲା। ଏନେଇ ଅଭିଭାବକମାନେ ମେସ ପରିସରରେ ପାଟିତୁଣ୍ଡ କରିଥିଲେ ସୁଦ୍ଧା ମେସ୍ ମାଲିକ ଘର ଭିତରେ ଲୁଚି ରହିଥିଲେ। ଫଳରେ ଅଭିଭାବକମାନେ ନିଜ ପିଲାଙ୍କୁ ସାଙ୍ଗରେ ଘରକୁ ନେଇଯିବା ସହିତ ଏ ନେଇ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ମେସକୁ ଯାଇ ମାଲିକଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲା। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଉକ୍ତ ମେସରୁ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ମିଳିଥିଲା।

# ଯୁବତୀଙ୍କ ତଣ୍ଟି କାଟି ବିଷ ପିଇଲେ ଯୁବକ

## ଗୁରୁତର ଯୁବତୀ, ଯୁବକ ମେଡିକାଲରେ ଭର୍ତ୍ତି

ବଲାଙ୍ଗୀର/ପାଟଣାଗଡ଼,୨୨।୮ (ବୀରେନ୍ଦ୍ର କୁମାର ଝାଙ୍କର/ ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ମାୟାବର୍ହା ଗାଁରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ଛୁରିରେ ଜଣେ ଯୁବତୀଙ୍କ ତଣ୍ଟି କାଟି ଦେଇ ସେଠାରୁ ଫେରାର ହେବା ପରେ ନିଜ ଗାଁରେ ବିଷପାନ କରିଦେଇଥିବା ଜଣାପଡ଼ିଛି। କେଉଁ କାରଣରୁ ଯୁବକ ଜଣକ ଯୁବତୀଙ୍କ ତଣ୍ଟି କାଟି ନିଜେ ବିଷପାନ କଲେ ତାହା ଜଣାପଡ଼ିନାହିଁ। ତେବେ ପ୍ରେମସମ୍ପର୍କରୁ ଏଭଳି କାଣ୍ଡ ଘଟିଥିବା କୁହାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଅପରାହ୍ଣରେ ମାୟାବର୍ହା ଗାଁର ଜଣେ ଯୁବତୀଙ୍କ ଘରକୁ ପାଟଣାଗଡ଼ ଥାନା ଅନ୍ତର୍ଗତ ପଣ୍ଡରିପାଣି ଗାଁର ହଳଧର ବରିହା (୨୫) ଆସିଥିଲେ। ସମ୍ପର୍କୀୟ ହୋଇଥିବାରୁ ଝିଅ ପରିବାର ଲୋକେ ତାଙ୍କୁ ଉଚିତ ଆତିଥ୍ୟ ପ୍ରଦାନ କରିଥିଲେ। ଖାଇ ସାରିବା ପରେ ହଳଧର ରାତିରେ ତାଙ୍କ ଘରେ ଶୋଇଥିଲେ। ଗୁରୁବାର ଭୋର ସମୟରେ ସମ୍ପୃକ୍ତ ଯୁବତୀଙ୍କ ମାଆ ଗାଁ ଭିତରକୁ ପାଣି ଆଣିବା ପାଇଁ ବାହାରିଥିଲେ। ଏହାର ସୁଯୋଗ ନେଇ ହଳଧର ଏକ ଧାରୁଆ ଛୁରିରେ ଘରେ ଶୋଇଥିବା ଯୁବତୀଙ୍କ ତଣ୍ଟି କାଟି ସେଠାରୁ ଫେରାର ହୋଇଯାଇଥିଲେ। ରକ୍ତାକ୍ତ ଅବସ୍ଥାରେ ଯୁବତୀ ଜଣକ ନିଜ ବାପାଙ୍କ ପାଖକୁ ଦୌଡ଼ି ଆସିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇ ଚିକିତ୍ସା କରାଯାଇଥିଲା। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ ବୁର୍ଲା ଭିମ୍‌ସାର ମେଡିକାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପକ୍ଷରେ ଯୁବତୀଙ୍କ ତଣ୍ଟି କାଟି ଫେରାର ହୋଇଯାଇଥିବା ଯୁବକ ହଳଧର ତାଙ୍କ ଗାଁ ପଣ୍ଡରିପାଣିରେ ପହଞ୍ଚି ନିଜ କ୍ଷେତରେ ବିଷପାନ କରି ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ। ସେଠାରୁ ତାଙ୍କୁ ପରିବାର ଲୋକେ ପ୍ରଥମେ ପାଟଣାଗଡ଼ ଉପଖଣ୍ଡ ସ୍ତରୀୟ ହସ୍ପିଟାଲକୁ ଆଣିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିବା ପରେ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ସେଠାରୁ ବଲାଙ୍ଗୀରରୁ ବୁର୍ଲା ଭିମ୍‌ସାର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଯୁବତୀଙ୍କ ବାପା ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ପଞ୍ଚାୟତିରାଜ ବିଭାଗ ଆସିଷ୍ଟାଣ୍ଟ ସେକ୍ସନ ଅଫିସର ଗିରଫ

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ବ୍ଲାକ୍‌ମେଲ୍

ଭୁବନେଶ୍ୱର,୨୨।୮ (ସତ୍ୟଜିତ୍ ରାଉତ)

ଜଣେ ଯୁବତୀଙ୍କୁ ବିବାହର ମିଛ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ସହ ବ୍ଲାକମେଲ୍ କରିବା ଅଭିଯୋଗରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ସୁଶାନ୍ତ କୁମାର ଜେନା (୩୩)ଙ୍କୁ ଭୁବନେଶ୍ୱର ମହିଳା ଥାନା ପୋଲିସ ଶୁକ୍ରବାର ଗିରଫ କରିଛି। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୁଶାନ୍ତଙ୍କ ଘର ଯାଜପୁର ଜିଲା ଟାଉନ ଥାନା ଅନ୍ତର୍ଗତ କପିଳେଶ୍ୱରରେ ହୋଇଥିବା ବେଳେ ନୟାପଲ୍ଲୀ ରେଣ୍ଟାଲ କଲୋନୀରେ ସରକାରୀ କ୍ୱାର୍ଟର ନଂ.ଇ୧୩/୪ରେ ରହୁଛନ୍ତି। ସୁଶାନ୍ତଙ୍କୁ ସୁନ୍ଦରଗଡ ଜିଲା ଅନ୍ତର୍ଗତ ବଡଗାଁ ଥାନା ଅଞ୍ଚଳରୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି।


ସୁଶାନ୍ତ କୁମାର ଜେନା

ଅଭିଯୋଗ ଅନୁଯାୟୀ, ପୀଡ଼ିତା ଯୁବତୀ ଜଣକ ୨୦୨୩ ନଭେମ୍ବରରେ ଚାକିରି ଖୋଜିବାକୁ ଭୁବନେଶ୍ୱର ଆସିଥିଲେ। ୨୦୨୪ରୁ ଏକ ଘରୋଇ ସଂସ୍ଥାରେ ସେ ଚାକିରି କରୁଥିଲେ। ଏହି ସମୟରେ ସାମାଜିକ ଗଣମାଧ୍ୟମ ଜରିଆରେ ସୁଶାନ୍ତଙ୍କ ସହ ତାଙ୍କର ବନ୍ଧୁତା ହୋଇଥିଲା। ପରେ ଅଭିଯୁକ୍ତ ଜଣକ ପୀଡ଼ିତାଙ୍କୁ ବିବାହର ମିଛ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏଥିସହ ତାଙ୍କ ଅଜାଣତରେ ସେ ପୀଡ଼ିତାଙ୍କ ଫଟୋ ଓ ଭିଡିଓ ମୋବାଇଲରେ ଉଠାଇ ନେଇଥିଲେ। ପରେ ପୀଡ଼ିତାଙ୍କୁ ସେ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଉଭୟଙ୍କ ସମ୍ପର୍କ ବିଷୟରେ କାହାକୁ କହିଲେ, ଉକ୍ତ ଫଟୋ ଓ ଭିଡିଓକୁ ଭାଇରାଲ କରିଦେବେ ବୋଲି ସୁଶାନ୍ତ ଧମକ ଦେଇଥିଲା। ସେହିପରି ବିବାହ କରିବାକୁ ମନା କରିବା ସହ ହତ୍ୟା ଧମକ ଦେଇଥିଲେ। ଯୁବତୀଙ୍କ ପରିବାର ସଦସ୍ୟ ଅଭିଯୁକ୍ତଙ୍କ ପରିବାର ଲୋକଙ୍କୁ ଦେଖାକରି ଉଭୟଙ୍କ ବିବାହ ଲାଗି ଅନୁରୋଧ କରିଥିଲେ। ସୁଶାନ୍ତଙ୍କ ପରିବାର ଲୋକେ ବିବାହ ପାଇଁ ରାଜି ହୋଇ ନ ଥିଲେ। ପୀଡ଼ିତାଙ୍କ ଏତଲାକ୍ରମେ ଜୁନ ୬ରେ ମହିଳା ଥାନା ପୋଲିସ ବିଏନ୍‌ଏସ୍ ଦଫା ୬୯, ୩୫୧(୨) ଓ ୩(୫)ରେ ମାମଲା (ନଂ.୧୪୨/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# ଗୁଣି ସନ୍ଦେହରେ ଆଉ ଜଣଙ୍କୁ ହତ୍ୟା, ୪ ଅଟକ

ରାୟଗଡ଼ା,୨୨।୮ (ଆଶିଷ ରଞ୍ଜନ ପଣ୍ଡା)

## ୧୫ ଦିନରେ ୨ ହତ୍ୟାକାଣ୍ଡ

ସଚେତନତା ଅଭାବରୁ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାରେ ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସକୁ ନେଇ ଅପରାଧ ବଢ଼ିବାରେ ଲାଗିଛି। ରାୟଗଡ଼ା ବ୍ଲକ୍ ଶେଷଖାଲ ଥାନା ଅଞ୍ଚଳରେ ଗୁଣିଗାରେଡ଼ି ସନ୍ଦେହରେ ଗତ ୧୫ଦିନ ମଧ୍ୟରେ ୨ଟି ହତ୍ୟାକାଣ୍ଡ ଘଟିଥିବାବେଳେ ଅନ୍ୟ ଜଣେ ମରଣାନ୍ତକ ଆକ୍ରମଣର ଶିକାର ହୋଇ ଚିକିତ୍ସିତ ହେଉଛନ୍ତି। ଶେଷଖାଲ ଥାନା ଅଧୀନ କାରୁବାଇ ପଞ୍ଚାୟତ ଅନ୍ତର୍ଗତ ସାନସିଗୁରୁ ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ଜଣେ ବୃଦ୍ଧଙ୍କୁ କେତେଜଣ ଯୁବକ ସଂଘବଦ୍ଧ ଭାବେ କଟୁରିରେ ଆକ୍ରମଣକରି ହତ୍ୟା କରିଥିବା ଶୁକ୍ରବାର ଅଭିଯୋଗ ହୋଇଛି। ମୃତକ ହେଲେ ନାରାୟଣ ମାଣ୍ଡାଙ୍ଗି (୬୦)। ଏ ନେଇ ମୃତକଙ୍କ ପୁଅ ପ୍ରେମା ମାଣ୍ଡାଙ୍ଗି ଶେଷଖାଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହି ମାମଲାରେ ପୋଲିସ ୪ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ସୂଚନା ମିଳିଛି।

# ସିଟି ହସ୍ପିଟାଲ ବରିଷ୍ଠ ସହାୟକଙ୍କ କୋଟିଏରୁ ଊର୍ଦ୍ଧ୍ୱ ସମ୍ପତ୍ତି ଠାବ


କିଶୋର କୁମାର ସାହାଣୀ, ଜବତ ଟଙ୍କା ଏବଂ ଅନ୍ୟ ସାମଗ୍ରୀ।

କଟକ,୨୨।୮ (କାର୍ତ୍ତିକ ସାହୁ)

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଚଢ଼ାଉ

ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ମାମଲାରେ କଟକ ସିଟି ହସ୍ପିଟାଲର ବରିଷ୍ଠ ସହାୟକ କିଶୋର କୁମାର ସାହାଣୀଙ୍କ ସରକାରୀ ଅଫିସ ସମେତ ଘରେ ଭିଜିଲାନ୍ସ ଚଢ଼ାଉ କରିଛି। ଭିଜିଲାନ୍ସର ୫ଟି ଟିମ୍ ଶୁକ୍ରବାର ସକାଳୁ ଏକସଙ୍ଗେ ୫ଟି ଜାଗାରେ ଚଢ଼ାଉ କରିଛି। ଚଢ଼ାଉ ସମୟରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଥିବା ଜଣାପଡ଼ିଛି। ତନ୍ମଧ୍ୟରେ କଟକ ଯୋବ୍ରା ନୂଆସାହିରେ ୨୫ ଶହ ବର୍ଗଫୁଟ୍‌ର ୩ ମହଲା କୋଠାଘର, ଚୌଦ୍ୱାର ପଳାସିଆରେ ୨.୫ ଏକର ଜମିରେ ବିଲଡିଂ ଓ କୁକୁଡ଼ା ଫାର୍ମ, ଖୋର୍ଦ୍ଧାର ଜଟଣୀ ଓ କଟକ ସହର ଆଖପାଖ ଅଞ୍ଚଳରେ ଥିବା ୧୮ଟି ମୂଲ୍ୟବାନ ପ୍ଲଟ, ନଗଦ ୩.୩୦,୮୦୦ ଟଙ୍କା, ବ୍ୟାଙ୍କ ଡିପୋଜିଟ୍ ୫୫,୪୮,୪୦୬ ଟଙ୍କା, ଗୋଟିଏ ୪ ଚକିଆ ଓ ୩ଟି ଦୁଇଚକିଆ ଯାନ, ୧୦.୫୭ ଲକ୍ଷ ଟଙ୍କାର ଗୃହସାମଗ୍ରୀ ରହିଛି। ଚଢ଼ାଉରେ ୯ଜଣ ଡିଏସ୍‌ପି, ୧୦ଜଣ ଇନସ୍‌ପେକ୍ଟର, ୭ଜଣ ଏଏସ୍‌ଆଇ ଓ ଅନ୍ୟମାନେ ସାମିଲ ହୋଇଛନ୍ତି। କଟକ ଭିଜିଲାନ୍ସ ସ୍ପେଶାଲ କୋର୍ଟର ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଚଢ଼ାଉ କରାଯାଉଛି। ସାହାଣି ୧୯୯୭ ଜାନୁଆରୀ ୭ରେ କନିଷ୍ଠ ସହାୟକ ଭାବେ ରିହାବିଲିଟେଶନ ସ୍କିମରେ ଚାକିରି ଆରମ୍ଭ କରିଥିଲେ। ତେବେ ତାଙ୍କ ଚାକିରି କାଳ ମଧ୍ୟରେ ୧.୨୪ କୋଟିରୁ ଊର୍ଦ୍ଧ୍ୱ ସରକାରୀ ଟଙ୍କା ଆତ୍ମସାତ୍ କରିଥିବା ନେଇ ଭିଜିଲାନ୍ସକୁ ସୁରାକ ମିଳିଥିଲା।

"କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଣ୍ଡାମି ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୂପ କରନାହିଁ। -ଶ୍ରୀଅରବିନ୍ଦ

-ଅମାବାସ୍ୟା, ଶ୍ରୀମନ୍ଦିରରେ ସପ୍ତପୁରୀ ଭୋଗ



# ନିଷ୍କ୍ରିୟ ସିଆଇସି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସେପ୍ଟେମ୍ବର ୧୪ ସୁଦ୍ଧା ସେଣ୍ଟ୍ରାଲ ଇନ୍‌ଫରମେଶନ କମିଶନ (ସିଆଇସି) ବା କେନ୍ଦ୍ରୀୟ ସୂଚନା ଆୟୋଗ ମୁରବିହୀନ ହୋଇଯାଇପାରେ। ମୁଖ୍ୟ ସୂଚନା ଆୟୋଗ ହୀରାଲାଲ ସମାରିଆ ଅବସର ନେବା ପରେ ଯଦି ସରକାର ତ୍ୱରିତ ପଦକ୍ଷେପ ନ ନିଅନ୍ତି, ତେବେ ଦେଶର ଟ୍ରାନ୍ସପରେନ୍ସି ୱାଚଡଗ୍ ସିଆଇସି ପୁନର୍ବାର ନେତୃତ୍ୱବିହୀନ ହୋଇଯିବ। ୨୦୨୩ରେ ୱାଇ.କେ. ସିହ୍ନା ଯେତେବେଳେ ଅବସର ନେଇଥିଲେ ସେତେବେଳେ ସୁପ୍ରିମକୋର୍ଟ ହସ୍ତକ୍ଷେପ ନ କରିବା ପର୍ଯ୍ୟନ୍ତ ସିଆଇସି ପଦବୀ ଖାଲି ରହିଥିଲା। ଶୀର୍ଷ ଅଦାଲତ ମଧ୍ୟ କେନ୍ଦ୍ରକୁ ଚେତାଇ ଦେଇଥିଲେ ଯେ, ଜଣେ କାର୍ଯ୍ୟରତ କମିଶନଙ୍କ ବିନା ଆର୍‌ଟିଆଇ ନିୟମ 'ପ୍ରଭାବଶୂନ୍ୟ ନିୟମ' ହେବାର ଆଶଙ୍କା ରହିଛି। ସ୍ପଷ୍ଟତଃ ଏହି ଚେତାବନୀକୁ ସରକାର ଠିକ୍ ଭାବେ ବୁଝି ନ ଥିଲେ। ତେବେ ସମ୍ପୂର୍ଣ୍ଣ ବିଷୟ ଖାଲି ପଡୁଥିବା ମୁଖ୍ୟଙ୍କ ପଦବୀ ସମ୍ପର୍କିତ ନୁହେଁ। ନିର୍ଦ୍ଧାରିତ ୧୦ କମିଶନର ପଦବୀ ମଧ୍ୟରୁ ୨ଟିକୁ ଛାଡ଼ିଦେଲେ ବାକି ୮ଟି ପଦବୀ ପୂରଣ ପାଇଁ ଗତ ଅଗଷ୍ଟରେ ୧୬୧ ଜଣଙ୍କ ଆବେଦନ ଗ୍ରହଣ କରାଯାଇଥିଲେ ମଧ୍ୟ ବର୍ଷେ ହେଲା ତାହାସବୁ ଖାଲି ପଡ଼ିଛି। ଫଳରେ ଅତ୍ୟଧିକ ଆବେଦନ ଓ ଅଭିଯୋଗ ପଡ଼ିରହିଛି ଏବଂ ନାଗରିକମାନେ ନିଷ୍ପତ୍ତିକୁ ଦୀର୍ଘଦିନ ଅପେକ୍ଷା କରି ରହିଛନ୍ତି। ଏଣୁ ଆରଟିଆଇ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ନିଷ୍କ୍ରିୟ ହୋଇଯାଇଛି। ଏହା ଏକ ଅମଲାତାନ୍ତ୍ରିକ ଶିଥିଳତା ନା ଯୋଜନାବଦ୍ଧ ଭାବେ ଏହାକୁ ଦୁର୍ବଳ କରିଦେବାର ଏକ ପ୍ରୟାସ? ନାଗରିକଙ୍କର ଜାଣିବାର ଅଧିକାରକୁ ଅଣଦେଖା କରାଯାଉଛି। ଯଦି ସିଆଇସି ଏହିଭଳି ଚାଲେ, ତେବେ ଭାରତର ସବୁଠୁ ସଶକ୍ତ ଗଣତାନ୍ତ୍ରିକ ସାଧନ କେବଳ କାଗଜକଲମରେ ଅଟକିଯିବ। ୱାଚ୍‌ଡଗ୍ ନିଷ୍କ୍ରିୟ ହୋଇଗଲେ କିମ୍ବା ଖରାପ ସ୍ଥିତିରେ ରହିଲେ ସାଧାରଣ ଜନତାଙ୍କୁ ହିଁ ଏଥିପାଇଁ ମୂଲ୍ୟ ଦେବାକୁ ହେବ।

### ବେପରୁଆ କାମ

ଭାରତର ନିର୍ବାଚନ କମିଶନ (ଇସିଆଇ) ହେଉଛି ଏମିତି ଏକ ସଂସ୍ଥା ଯାହାର କାର୍ଯ୍ୟକୁ କେବଳ ଦେଖିବା, କିନ୍ତୁ ତା' ସମ୍ପର୍କରେ କିଛି କହିପାରିବା ନାହିଁ। ଗୋଟିଏ ପଟେ ବିହାରର ଭୋଟର ତାଲିକା ସଂଶୋଧନରେ କିଛି ଭୁଲ୍ କାମ ହୋଇ ନ ଥିବା ଜୋର୍ ଦେଇ କହିବା ସହ ବିରୋଧୀଙ୍କ ଅଭିଯୋଗଗୁଡ଼ିକ ଉପରେ ଅସନ୍ତୋଷ ପ୍ରକାଶ କରି ସେସବୁକୁ ଏହା ଖାରଜ କରିଦେଇଛି। ଅନ୍ୟପଟେ ସମାନ ପ୍ରକାର ସମସ୍ୟା ପଶ୍ଚିମବଙ୍ଗରେ ସାମ୍ନାକୁ ଆସିଛି। ସେଠାରେ ୪ ଜଣ ଅଧିକାରୀ ଭୋଟର ଡାଟାବେସ୍ ପାଇଁ ରହିଥିବା ସଂରକ୍ଷିତ ତଥ୍ୟ ଇତ୍ୟାଦିକୁ ଅନ୍ୟଙ୍କୁ ଶେୟାର କରିବା ଯୋଗୁ ରାଜ୍ୟ ସରକାର ସେମାନଙ୍କୁ ଦଣ୍ଡିତ କରିବାରେ ବିଳମ୍ବ କରିଥିଲେ, ଯେଉଁଥିପାଇଁ ମୁଖ୍ୟ ଶାସନ ସଚିବ ମନୋଜ ପନ୍ଥଙ୍କୁ ଦିଲ୍ଲୀ ଯିବାକୁ ପଡ଼ିଥିଲା। ଇସିଆଇ ଗମ୍ଭୀରତାର ସହ ନେଇ ଏହା ଏକ ବଡ଼ ତ୍ରୁଟି ବୋଲି ଦର୍ଶାଇବା ସହ ଅଗଷ୍ଟ ୨୧ ସୁଦ୍ଧା ଆଦେଶ ପାଳନ କରିବାକୁ କହିଥିଲେ। ଦେଖିବାକୁ ଗଲେ ତଥ୍ୟର ଅତ୍ୟଧିକ ମୂଲ୍ୟ ରହିଥିବା ଏବକାର ଯୁଗରେ ଭୋଟର ତାଲିକା ଉପରେ ବେପରୁଆ ଭାବେ କାମ କରିବା ସିଧାସଳଖ ନିର୍ବାଚନର ସ୍ୱଚ୍ଛତା ପ୍ରତି ଏକ ବିପଦ। ପଶ୍ଚିମବଙ୍ଗରେ କମିଶନ ତାଙ୍କ ଶକ୍ତି ଦେଖାଇପାରନ୍ତି, କିନ୍ତୁ ଅପରପକ୍ଷେ ବିହାର ଘଟଣାକୁ ଅସ୍ୱୀକାର କରିବାକୁ ନେଇ ଲୋକେ ଆଶ୍ଚର୍ଯ୍ୟ ହେଉଛନ୍ତି। ବିରୋଧୀ ଦଳଗୁଡ଼ିକ ଏହାର ସୁଯୋଗ ନେଇ ସମାଲୋଚନା କରିଛନ୍ତି। ଏହାସହ ସଧାରଣରେ ବିଶ୍ୱାସ କମିବା ଯୋଗୁ ଇସିଆଇକୁ ଆଉ ଏକ ଝଟକା ଲାଗିଛି। ଶେଷବେଳକୁ ନିଲମ୍ବନ ଏବଂ ସମୟସୀମା ସବୁ ବନ୍ଦ ହୋଇପାରେ, କିନ୍ତୁ ଏକଥା ସତ ଯେ,କମିଶନ ନିର୍ଦ୍ଦିଷ୍ଟ ଭାବେ ସମସ୍ୟାକୁ ଟାଳିବ ପାଇଁ ସଂଗ୍ରାମ କରୁଛି। ଗୋଟିଏ ରାଜ୍ୟରେ ଡେଟାକୁ ନେଇ ବେପରୁଆ କାମ କରାଯାଉଥିବାବେଳେ ଅନ୍ୟ ଏକ ରାଜ୍ୟରେ ସମସ୍ୟାକୁ ଅସ୍ୱୀକାର କରାଯାଉଛି।

### ଭାଗ୍ୟ ସହାୟ ହେଉନାହିଁ

ପ୍ରତିବର୍ଷ ଅନେକ ଲକ୍ଷ ୟୁପିଏସ୍‌ସି ଆଶାୟୀଙ୍କ ମଧ୍ୟରୁ ଖୁବ୍ କମ୍ ପ୍ରତିଶତ, ଅର୍ଥାତ୍ ପାଖାପାଖି ୧,୦୦୦ ସଫଳ ହୋଇଥାନ୍ତି। ଏପରିକି ୨୦୦-୨୫୦ ଆଇଏଏସ୍, ଆଇପିଏସ୍ କିମ୍ବା ଆଇଏଫ୍‌ଏସ୍ ପାଇବାକୁ ଯୋଗ୍ୟ ହୋଇଥାନ୍ତି। କିନ୍ତୁ ପ୍ରକୃତ ଖେଳ ଆରମ୍ଭ ହୋଇଯାଏ ପ୍ରଶିକ୍ଷଣ ଓ କ୍ୟାଡର ଆବଣ୍ଟନରେ। ଦେଖାଯାଏ ଟପ୍ପରମାନେ ଯାହା ଚାହିଁଥାନ୍ତି ତାହା ସବୁବେଳେ ପାଇ ନ ଥାନ୍ତି, ଯାହା ୨୦୧୫ର ଟପ୍ପର ଟିନା ଦବିଙ୍କ ଘଟଣାରୁ ଜଣାପଡ଼େ। ତାଙ୍କର ପସନ୍ଦ ଥିଲା ହରିୟାଣା କିନ୍ତୁ ଏହା ପରିବର୍ତ୍ତେ ସେ ପାଇଲେ ରାଜସ୍ଥାନ କ୍ୟାଡର। ନିଯୁକ୍ତି ବ୍ୟବସ୍ଥାରେ ସଂରକ୍ଷଣ ପଦ୍ଧତିକୁ ବ୍ୟବହାର କରାଯାଇ ରାଜ୍ୟ ଭିତର ଓ ବାହାର ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଆଣିବାକୁ ଚେଷ୍ଟା କରାଯାଏ। କୌଣସି କ୍ୟାଡର ସ୍ଥାନୀୟ ଅଧିକାରୀଙ୍କୁ କିଭଳି ଟପି ନ ଯାଏ ତାହା ମଧ୍ୟ ନିଶ୍ଚିତ କରାଯାଇଛି। ତଥାପି ରାଜ୍ୟଗୁଡ଼ିକୁ ସେମାନଙ୍କ ରାଜ୍ୟର ଅଧିକାରୀମାନଙ୍କୁ ଭାଗ ଦିଆଯାଉଛି। ସିଭିଲ ସର୍ଭିସ ଆବଣ୍ଟନ ପାଇଁ ଦେଶକୁ ୫ଟି ଭୌଗୋଳିକ କ୍ଷେତ୍ରରେ ବିଭକ୍ତ କରାଯାଇଛି ଏବଂ ପ୍ରାର୍ଥୀମାନେ ଏଗୁଡ଼ିକ ମଧ୍ୟରୁ ପସନ୍ଦ କରନ୍ତି। ଏହି ଔପଚାରିତାକୁ ଛାଡ଼ି ୟୁପିଏସ୍‌ସି ଅଧିକାରୀଙ୍କ ପାଇଁ ନିଷ୍ପତ୍ତି ନେଇଥାଏ, ଯେଉଁଥିରେ ନିଜ ରାଜ୍ୟରେ ନିଯୁକ୍ତି ପାଇଁ ଜଣେ ପ୍ରାର୍ଥୀଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ନ ଥାଏ। ସାରା ଦେଶରେ ସର୍ଭିସଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ହେଲେ ଯେଉଁ ରାଜ୍ୟରେ ଅଧିକାରୀଙ୍କ ଅଭାବ ରହିଛି ସେଠାକୁ ନୂଆ ତଥା ଯୁବ ଅଧିକାରୀଙ୍କୁ ପଠାଯାଉ। ଏହା ଏକ ଭଲ ପଦକ୍ଷେପ। ହେଲେ ବହୁ ସମୟରେ ଯୁବ ତଥା ନୂଆ ଅଧିକାରୀଙ୍କ ପାଇଁ ଭାଗ୍ୟ ସହାୟ ହେଉ ନଥିବା ଦେଖାଯାଉଛି।

Email: dilipcherian@gmail.com

# ନିଯୁକ୍ତି ବୃଦ୍ଧି କରିବ ପର୍ଯ୍ୟଟନ



ନଟବର ଖୁଣ୍ଟିଆ

ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ, ଐତିହ୍ୟମୟୀ ସାଂସ୍କୃତିକ ପରମ୍ପରା, କାରୁକାର୍ଯ୍ୟପୂର୍ଣ୍ଣ ମନ୍ଦିର, ହସ୍ତତନ୍ତ ଓ ହସ୍ତଶିଳ୍ପର ଚମତ୍କାରିତା ସମସ୍ତଙ୍କୁ ଆକର୍ଷିତ କରେ। ପୁରୀ, ଗୋପାଳପୁର, ଚନ୍ଦ୍ରଭାଗା, ପାରାଦୀପ,ଚାନ୍ଦିପୁର ଆଦି ବେଳାଭୂମିର ନୈସର୍ଗିକତା, ସାତକୋଶିଆ ଗଣ୍ଡର ଭୀମକାନ୍ତ ଦୃଶ୍ୟ ମଧ୍ୟରେ ଲୁଚି ରହିଥିବା ଅପୂର୍ବ ଶୋଭା, ଭିତରକନିକା ଓ ଶିମିଳିପାଳ ଅଭୟାରଣ୍ୟ, ନୌକା ବିହାର ପାଇଁ ଚିଲିକା ହ୍ରଦଠାରୁ ଆରମ୍ଭ କରି ହୀରାକୁଦ ଜଳଭଣ୍ଡାର, କଟକ ଯୋବ୍ରା ବ୍ୟାରେଜ, ପାରାଦୀପଠାରୁ ଚାନ୍ଦବାଲି ପର୍ଯ୍ୟନ୍ତ କ୍ରିକ୍‌ରେ ଅଛି ପର୍ଯ୍ୟଟନ ପାଇଁ ଅପୂର୍ବ ସୁଯୋଗ। ଓଡ଼ିଶା ଯଦି ଯୋଜନାବଦ୍ଧ ଭାବରେ ପର୍ଯ୍ୟଟନ ପାଇଁ ଥିବା ଅପାର ସୁଯୋଗକୁ ଉପଯୋଗ କରେ ତେବେ କୃଷି ପରେ ପର୍ଯ୍ୟଟନ ହିଁ ନିଯୁକ୍ତି ଯୋଗାଇପାରନ୍ତା।

କୋଭିଡ ପୂର୍ବରୁ ଆମେ ସସ୍ତ୍ରୀକ ଶ୍ରୀଲଙ୍କା ଭ୍ରମଣରେ ଯାଇଥିଲୁ। ଆମ ଭ୍ରମଣ କାର୍ଯ୍ୟକ୍ରମ ମଧ୍ୟରେ ଥିଲା ମଧୁ ଗଙ୍ଗାନଦୀ ମୁହାଣରେ ନୌକା ବିହାର। ଆମ ଟୁର୍ ପରିଚାଳକ ଆମକୁ ଯଥା ସମୟରେ ନଦୀ ମୁହାଣରେ ପହଞ୍ଚାଇ ଦେଲେ। ସେଠାରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥାଏ। ମଧୁ ଗଙ୍ଗାନଦୀ ଯାଇ ଏକ ହ୍ରଦରେ ପଡ଼ିଛି। ସେହି ମୁହାଣରେ ହେନ୍ତାଳ ବଣ। ଆମେ ଶକ୍ତିଚାଳିତ ନୌକା ବିହାରରେ ବାହାରିଲୁ। ଦେଖିଲୁ ହେନ୍ତାଳ ବଣ ଦେଇ ନୌକା ଚାଲିଲା ମଧୁ ଗଙ୍ଗାନଦୀ ମୁହାଣ ସୃଷ୍ଟି କରିଥିବା ହ୍ରଦ ମଧ୍ୟକୁ। ଆମ ନୌକାରେ ଦୁଇ ଜଣ ଚାଇନାର ପର୍ଯ୍ୟଟକ ଥିଲେ। ଜଣେ ପୁଅ, ଜଣେ ଝିଅ। ନୌକାରେ ଗଲାବେଳେ ଗୋଟିଏ ଛୋଟ କୁମ୍ଭୀର ଛୁଆ ଦେଖାଗଲା ଆଉ ସେହି ଦୁଇ ଚାଇନା ପର୍ଯ୍ୟଟକ ଆନନ୍ଦ ବିହ୍ୱଳ ହୋଇ ନାଚିଗଲେ। ମୁଁ ମନେ ମନେ ଭାବୁଥାଏ ଆମ ଭିତରକନିକା କୁମ୍ଭୀର ଦେଖିଲେ ଏମାନେ କ'ଣ ନହେବେ। ଆମକୁ କିଛି ସମୟ ପରେ ଏକ ଟାପୁକୁ ନିଆଗଲା। ସେଠି ଓହ୍ଲାଇ ଦିଆଗଲା। ସେହି ଟାପୁରେ ଡାଲଚିନି ଚାଷ ହେଉଛି। ଡାଲଚିନିରୁ ପ୍ରସ୍ତୁତ ଚା ପିଇ ଫେରି ଆସିଲୁ।

ଫେରିଲା ବେଳେ ମନେପଡ଼ିଲା ମୁଁ ପାରାଦୀପରେ ମୋ ବୃତ୍ତିଗତ ଜୀବନରେ ଅବସ୍ଥାପିତ ହୋଇଥିବା ବେଳେ କେତେ ଜଣ ସହକର୍ମୀଙ୍କୁ ନେଇ ପାରାଦୀପର ନେହେରୁ ବଙ୍ଗଳା, ଯେଉଁଠି ମହାନଦୀ ସମୁଦ୍ରରେ ପଡ଼ିଛି, ସେହିଠାରୁ ଏକ ଶକ୍ତି ଚାଳିତ ଛୋଟ ନୌକାରେ ଆମେ ଜଳ ଯାତ୍ରା କଲୁ। ପ୍ରଥମେ ସବୁଠାରୁ ପୁରୁଣା ବତିଘର ଦେଖିଲୁ। ବତିଘର ଦେଖିଲା ପରେ କ୍ରିକ ଦେଇ ଆମ ନୌକା ଚାଲିଲା ହୁକିଟୋଲା ବନ୍ଦର ଅଭିମୁଖେ। କ୍ରିକ୍‌ର ଦୁଇ ପାର୍ଶ୍ୱରେ ହେନ୍ତାଳ ଜଙ୍ଗଲ ଓ ହେନ୍ତାଳ ଜାତୀୟ ଅନେକ ପ୍ରକାରର ଲୁଣି ପାଣିରେ ବଢୁଥିବା ବୃକ୍ଷ। ଅତି ମନୋରମ ଦୃଶ୍ୟ ଉପଭୋଗ କରି ପହଞ୍ଚିଲୁ ହୁକିଟୋଲା ବନ୍ଦର ପରିସରରେ। ସେଠି ଥିବା ବିଭିନ୍ନ କୋଠାବାଡ଼ି ଦେଖିଲୁ। ସେଠି ଏକ କୋଠା,ଏପରି ବୈଜ୍ଞାନିକ ପଦ୍ଧତିରେ ନିର୍ମାଣ ହୋଇଥିଲା ଯେ, ସେହି କୋଠା ଛାତରୁ ବର୍ଷା ଜଳ ସଂଗୃହୀତ ହୋଇ ତଳେ ଥିବା ଟାଙ୍କିରେ ସାଇତା ଯାଉଥିଲା, ଯାହାକି ଶୁଦ୍ଧ ପାନୀୟ ଜଳ ରୂପେ ବନ୍ଦର କର୍ମଚାରୀମାନେ ବ୍ୟବହାର କରୁଥିଲେ। ଆମେ ସେଠି ବଣଭୋଜି କରି ଖାଇବା ପରେ ଫେରି ଆସିଲୁ। ଏହି ନୌକାବିହାର ଶ୍ରୀଲଙ୍କାର ମଧୁ ଗଙ୍ଗା ନୌକା ବିହାରଠାରୁ ଅଧିକ ଉପଭୋଗ୍ୟ ଥିଲା।



ଆମର ପ୍ରସ୍ତାବ ହେଲା ରାଜ୍ୟ ସରକାର ମହାନଦୀ ମୁହାଣଠାରୁ ବତିଘର, ହୁକିଟୋଲା ବନ୍ଦର, ଭିତରକନିକା ଅଭୟାରଣ୍ୟ ଦେଇ ଚାନ୍ଦବାଲି ପର୍ଯ୍ୟନ୍ତ ଏକ ନୌକା ବିହାରର ଯୋଜନା ପ୍ରସ୍ତୁତ କରନ୍ତୁ। ସେଥିପାଇଁ ପାରାଦୀପର ନେହେରୁ ବଙ୍ଗଳା ପାଖରେ, ଭିତରକନିକାର ଡାଙ୍ଗମାଳ ଓ ଚାନ୍ଦବାଲିରେ ଏକ ତିନିତାରକା ହୋଟେଲ ନିର୍ମାଣ କରନ୍ତୁ। ଅନ୍ୟୁନ ୨୫ ଜଣ ପର୍ଯ୍ୟଟକ ବସିବା ଭଳି ଷ୍ଟିମରର ବ୍ୟବସ୍ଥା କରନ୍ତୁ। ଷ୍ଟିମର କ୍ରିକ୍‌ରେ ଚଳପ୍ରଚଳ ପାଇଁ ପଥ ପରିଷ୍କାର କରନ୍ତୁ। ପର୍ଯ୍ୟଟକମାନେ ପାରାଦୀପରେ ରାତ୍ରି ଯାପନ କରି ସକାଳୁ ପ୍ରାତଃ ଭୋଜନ କରି ଷ୍ଟିମରରେ ବାହାରି ପଡ଼ିବେ ବତିଘର ଓ ହୁକିଟୋଲା ବନ୍ଦର ଅଭିମୁଖେ। ହୁକିଟୋଲା ବନ୍ଦର ପରିବେଶରେ ମଧ୍ୟାହ୍ନ ଭୋଜନ କରି ବାହାରି ପଡ଼ିବେ ଡାଙ୍ଗମାଳ ଅଭିମୁଖେ। ସେଠି ରାତ୍ରି ଯାପନ କରି ପରଦିନ ଭିତର କନିକା ଭ୍ରମଣ କରି ବାହାରି ପଡିବେ ଚାନ୍ଦବାଲି ଅଭିମୁଖେ। ଏଥିପାଇଁ ଏକ ସୁପରିକଳ୍ପିତ ଯୋଜନା ଆବଶ୍ୟକ ଏବଂ ସ୍ଥାନୀୟ, ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟନ ପରିଚାଳକଙ୍କ ସହ ବୁଝାମଣା କରିବାକୁ ପଡ଼ିବ।

ଶ୍ରୀଲଙ୍କା ଭ୍ରମଣରୁ ଜାଣିବାକୁ ପାଇଲୁ ଯେ ଶ୍ରୀଲଙ୍କାର ବୌଦ୍ଧଧର୍ମୀମାନେ କହନ୍ତି ସେମାନେ କଳିଙ୍ଗ ବଂଶୋଦ୍ଭବ, ଆର୍ଯ୍ୟ ଓ କ୍ଷତ୍ରିୟ ଏବଂ ସେମାନଙ୍କର ପ୍ରଥମ ରାଜା ହେଲେ କଳିଙ୍ଗ ରାଜକୁମାର ବିଜୟ ସିଂହ। ସମସ୍ତଙ୍କଠାରୁ ଏହି କଥା ଶୁଣିଲୁ। ଆମ ଟୁର୍ ଗାଇଡଙ୍କୁ କାଣ୍ଡିର ଏକ ବଡ଼ ବହି ଦୋକାନକୁ ନେବାକୁ କହିଲି। ସେଠି ପିଲାଙ୍କ ପାଇଁ ଶ୍ରୀଲଙ୍କାର ଇତିହାସ ପୁସ୍ତକ ଖଣ୍ଡିଏ ପାଇଲି। ପଢ଼ି ଆଶ୍ଚର୍ଯ୍ୟ ଓ ଆନନ୍ଦିତ ହେଲି ସ୍କୁଲର ପିଲାମାନେ ଯେଉଁ ଇତିହାସ ପଢୁଛନ୍ତି ସେଥିରେ ପରିଷ୍କାର ଲେଖାଯାଇଛି କଳିଙ୍ଗରୁ ଦଳ ବଳ ନେଇ ଯାଇଥିବା ରାଜକୁମାର ବିଜୟ ସିଂହ ତାଙ୍କ ଦେଶର ପ୍ରଥମ ରାଜା ଆଉ ସେମାନେ ତାଙ୍କ ବଂଶଧର। ମୁଁ ସେମାନଙ୍କୁ ଯେତେବେଳେ ପ୍ରଶ୍ନ କଲି ସେତେବେଳର କଳିଙ୍ଗ ଆଜିର ଓଡ଼ିଶା ଜାଣିଛ କି? ସେମାନେ ମୁଣ୍ଡ ହଲାଇ ନା କଲେ। କାଣ୍ଡିରେ ଥିବା ବୁଦ୍ଧଦେବଙ୍କ ଦନ୍ତ ମନ୍ଦିରରେ ପୂଜା ପାଉଥିବା ଦନ୍ତ କଳିଙ୍ଗରୁ କଳିଙ୍ଗ ରାଜାଙ୍କ କନ୍ୟା ହେମମାଳା ଓ ତାଙ୍କ ସ୍ୱାମୀ ଦନ୍ତ କୁମାର ଗୋପନରେ ନେଇ ଯାଇଥିଲେ ଶ୍ରୀଲଙ୍କା। ଦନ୍ତ ମନ୍ଦିରର ପରିସରରେ ହେମମାଳା ଓ ଦନ୍ତ କୁମାରଙ୍କ ସ୍ୱର୍ଣ୍ଣାଭ ପ୍ରତିମୂର୍ତ୍ତି ଦେଖି ଅବାକ ହେବା ସହିତ ଚମତ୍କୃତ ହୋଇଥିଲୁ। ଶ୍ରୀଲଙ୍କା ସହିତ ଆମର ଏତେ ସମ୍ପର୍କ ଅଥଚ ଓଡ଼ିଶାର ବୌଦ୍ଧକୀର୍ତ୍ତି ଦେଖିବାକୁ ଶ୍ରୀଲଙ୍କାର ବୌଦ୍ଧଧର୍ମୀମାନେ ଓଡ଼ିଶା ଆସନ୍ତି ନାହିଁ, ଯାଆନ୍ତି ଉତ୍ତର ପ୍ରଦେଶର ସାରନାଥକୁ। ଏଥିପାଇଁ ଆମ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ସମ୍ପୂର୍ଣ୍ଣ ଭାବରେ ଦାୟୀ। ଆମ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଶ୍ରୀଲଙ୍କାର ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ସହ ଯୋଗାଯୋଗ କରି କାଣ୍ଡିର ଦନ୍ତ ମନ୍ଦିର ପରିସରରେ ଏକ ସେମିନାର କରନ୍ତୁ ଏବଂ ଆମ ଧଉଳି ଶାନ୍ତିସ୍ତୁପ ଏବଂ ଯାଜପୁର ଜିଲାରେ ଥିବା ରତ୍ନଗିରି, ଉଦୟଗିରି ଓ ଲଳିତଗିରିର ବୁଦ୍ଧ ବିହାରର ହୀରକ ତ୍ରିଭୁଜର ବୃତ୍ତଚିତ୍ର ପ୍ରଦର୍ଶନ କରି ସିଂହଳୀ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରନ୍ତୁ। ଏକ ରୋଡ୍ ସୋ କରନ୍ତୁ। ହୀରକ ତ୍ରିଭୁଜର ଗୁଣାତ୍ମକ ବିକାଶକୁ ନିଶ୍ଚିତ କରିବାକୁ ହେବ।

ଯୋଜନାବଦ୍ଧ ଭାବରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ କଲେ ଆମର କେବଳ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ନାହିଁ, ରାଜ୍ୟର ଜିଡିପିକୁ କୃଷି କ୍ଷେତ୍ର ସହ ତାଳ ଦେଇ ପର୍ଯ୍ୟଟନ କ୍ଷେତ୍ର ସମୃଦ୍ଧ କରିପାରିବ।

ଏ/୫୦୨, ମୋତି ବ୍ଲକ, ତୋଷାଳି
ଆପାର୍ଟମେଣ୍ଟ, ସୂର୍ଯ୍ୟନଗର, ଭୁବନେଶ୍ୱର
ମୋ: ୯୯୩୭୯୫୧୨୬୨

# ଭାରତର ଚନ୍ଦ୍ର ଅଭିଯାନ



ଇଂ. ମାୟାଧର ସ୍ୱାଇଁ

ଚନ୍ଦ୍ର ହେଉଛି ପୃଥିବୀର ଏକମାତ୍ର ଉପଗ୍ରହ ଏବଂ ଆମମାନଙ୍କ ସବୁଠାରୁ ଅଧିକ ପରିଚିତ ଜ୍ୟୋତିର୍ବିଦୀୟ ପିଣ୍ଡ। ଗତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ମହାକାଶ ଯୁଗ ଆରମ୍ଭ ହେବା ପରେ ରୁଷ୍ ଓ ଆମେରିକା ଚନ୍ଦ୍ର କକ୍ଷକୁ କେତେଗୁଡ଼ିଏ ଯାନ ପଠାଇ ଏହା ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିଛନ୍ତି। ସେମାନେ ମଧ୍ୟ ଚନ୍ଦ୍ରପୃଷ୍ଠକୁ କେତୋଟି ପ୍ରୋବ୍ ପଠାଇ ପରୀକ୍ଷା କରିଛନ୍ତି। ୧୯୬୯ ମସିହାରେ ଆମେରିକାର ମହାକାଶଚାରୀ ନିଲ୍ ଆର୍ମଷ୍ଟ୍ରଙ୍ଗ ପ୍ରଥମେ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲେ ଏବଂ ୧୯୭୨ ମସିହା ସୁଦ୍ଧା ଆମେରିକାର ମୋଟ ବାର ଜଣ ମହାକାଶଚାରୀ ସେଠାରେ ଅବତରଣ କରିଛନ୍ତି ଏବଂ ସେଠାରୁ ମୃତ୍ତିକା ଆଣି ପୃଥିବୀକୁ ଫେରିଛନ୍ତି। ଏହାପରେ ଚାଇନା ଓ ଜାପାନ ମଧ୍ୟ ଚନ୍ଦ୍ରକକ୍ଷକୁ ଯାନ ପଠାଇଛନ୍ତି।

ଭାରତ ଚନ୍ଦ୍ର ଅଭିଯାନରେ ସଫଳତା ପାଇଛି। ଏହା ତିନୋଟି ଅଭିଯାନରେ ଚନ୍ଦ୍ର ନିକଟକୁ ଯାନ ପଠାଇଛି ଏବଂ ଆଉ ଦୁଇଟି ଅଭିଯାନର ଯୋଜନା କରାଯାଇଛି। ଭାରତ ୨୦୦୮ ମସିହାରେ ଚନ୍ଦ୍ରଯାନ-୧ ପଠାଇଥିଲା। ଏଥିରେ ଚନ୍ଦ୍ର ପରିକ୍ରମଣକାରୀ ଗୋଟିଏ ଅର୍ବିଟର ଏବଂ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିବା ଗୋଟିଏ ସଂଘାତ ପ୍ରୋବ୍ ଥିଲା। ଏହି ଅଭିଯାନର ବିଶେଷତ୍ୱ ହେଉଛି, ଏଥିରେ ପ୍ରଥମେ ଚନ୍ଦ୍ରରେ ଜଳକୁ ଚିହ୍ନଟ କରାଯାଇଥିଲା। ପ୍ରୋବ୍‌ଟି ଅର୍ବିଟରରୁ ଚନ୍ଦ୍ରପୃଷ୍ଠରେ ପଡ଼ିବା ପାଇଁ ୨୨ ମିନିଟ୍ ନେଇଥିଲା ଏବଂ ଏହି ସମୟରେ ଏଥିରେ ଥିବା ଯନ୍ତ୍ରପାତି ପଠାଇଥିବା ତଥ୍ୟକୁ ବିଶ୍ଳେଷଣ କରି ଇସ୍ରୋ ବୈଜ୍ଞାନିକମାନେ ଚନ୍ଦ୍ରରେ ଜଳକୁ ଚିହ୍ନଟ କରିଥିଲେ। ପୁନଶ୍ଚ ଅର୍ବିଟରରେ ଆମେରିକାର ଗୋଟିଏ ଯନ୍ତ୍ର ଥିଲା ଏବଂ ଏହା ପଠାଇଥିବା ଚିତ୍ରରୁ ନାସା ବୈଜ୍ଞାନିକମାନେ ମଧ୍ୟ ଚନ୍ଦ୍ରରେ ଜଳ ଚିହ୍ନଟ କରିଥିଲେ।

ଭାରତ ୨୦୧୯ ମସିହାରେ ଚନ୍ଦ୍ରଯାନ-୨ ପଠାଇଥିଲା। ଏଥିରେ ଅର୍ବିଟର ସହିତ ଚନ୍ଦ୍ରପୃଷ୍ଠରେ ନିରାପଦରେ ଅବତରଣ କରିବା ପାଇଁ ଗୋଟିଏ ଲ୍ୟାଣ୍ଡର ଓ ଗୋଟିଏ ରୋଭର ଥିଲା। ମାତ୍ର ଲ୍ୟାଣ୍ଡର ଠିକ୍ ଭାବେ ଅବତରଣ କରି ନ ପାରି ଚନ୍ଦ୍ରପୃଷ୍ଠରେ ଜୋରରେ ପଡ଼ିଲା ଏବଂ ଫଳରେ ଲ୍ୟାଣ୍ଡର ଓ ଏହା ମଧ୍ୟରେ ଥିବା ରୋଭର ଅକାମୀ ହୋଇଗଲା। ମାତ୍ର ଏହାର ଅର୍ବିଟର ଆଜି ପର୍ଯ୍ୟନ୍ତ ଚନ୍ଦ୍ର କକ୍ଷରେ ପରିକ୍ରମଣ କରି ତଥ୍ୟ ପଠାଉଛି। ଭାରତ ଚନ୍ଦ୍ରଯାନ-୩କୁ ୨୦୨୩ ମସିହା ଜୁଲାଇ ୧୪ ତାରିଖରେ ଉତ୍‌କ୍ଷେପଣ କରିଥିଲା ଏବଂ ଏହା ସେହିବର୍ଷ ଅଗଷ୍ଟ ମାସରେ ଚନ୍ଦ୍ର କକ୍ଷରେ ପହଞ୍ଚିଥିଲା। ଏଥିରୁ ବିକ୍ରମ ଲ୍ୟାଣ୍ଡର ଓ ପ୍ରଜ୍ଞାନ ରୋଭର ବାହାରି ଅଗଷ୍ଟ ୨୩ ତାରିଖରେ ଚନ୍ଦ୍ରପୃଷ୍ଠରେ ନିରାପଦରେ ଅବତରଣ କରିଥିଲେ ଏବଂ ଚଉଦ ଦିନ (ଚନ୍ଦ୍ରର ଗୋଟିଏ ଦିନ) ପର୍ଯ୍ୟନ୍ତ ବିଭିନ୍ନ ପରୀକ୍ଷା କରିଥିଲେ। ଏହି ଅଭିଯାନରେ ଚନ୍ଦ୍ର ମୃତ୍ତିକାରେ ଆଲୁମିନିୟମ୍, କ୍ୟାଲସିୟମ୍, ଲୁହା, କ୍ରୋମିୟମ, ଟାଇଟାନିୟମ, ମାଙ୍ଗାନିଜ, ସିଲିକନ ଓ ଅମ୍ଳଜାନ ସହିତ ଗନ୍ଧକକୁ ଚିହ୍ନଟ କରାଯାଇଥିଲା। ଚନ୍ଦ୍ରପୃଷ୍ଠରେ ନିରାପଦରେ ଅବତରଣ କରିବାରେ ଆମେରକା, ରୁଷିଆ ଓ ଚାଇନା ପରେ ଭାରତ ଚତୁର୍ଥ ଦେଶ ଭାବରେ ଗୌରବ ଲାଭ କଲା।

ଚନ୍ଦ୍ରଯାନ-୩ର ଅଭୂତପୂର୍ବ ସଫଳତା ପରେ ଇସ୍ରୋ ୨୦୨୭ ମସିହାରେ ଚନ୍ଦ୍ରଯାନ-୪ ପଠାଇବା ପାଇଁ ସ୍ଥିର କରିଛି। ଏଥିପାଇଁ ୨୧୦୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏଥର ଲକ୍ଷ୍ୟ ଟିକିଏ ଜଟିଳ ଅଛି। ଚନ୍ଦ୍ରଯାନ-୪ରୁ ଲ୍ୟାଣ୍ଡର ଚନ୍ଦ୍ରପୃଷ୍ଠରେ ଅବତରଣ କରି ସେଠାରୁ ମୃତ୍ତିକା ସଂଗ୍ରହ କରି ଅନ୍ୟ ଏକ ମଡ୍ୟୁଲରେ ଏହାକୁ ଚନ୍ଦ୍ର କକ୍ଷକୁ ଅଣାଯିବ। ସେଠାରୁ ଅନ୍ୟ ଏକ ମଡ୍ୟୁଲ ମୃତ୍ତିକାକୁ ପୃଥିବୀ ପୃଷ୍ଠକୁ ଆଣିବ। ଏହି ଅଭିଯାନ ସଫଳ ହେଲେ ଚନ୍ଦ୍ରପୃଷ୍ଠରୁ ମୃତ୍ତିକା ଆଣିବାରେ ଆମେରିକା, ରୁଷିଆ ଓ ଚାଇନା ପରେ ଭାରତ ଚତୁର୍ଥ ଦେଶ ହେବ। ଏହି ଅଭିଯାନରେ ମହାକାଶର ଦୁଇଟି ଯାନର ସଂଯୋଗ ବା ଡକିଂର ଆବଶ୍ୟକତା ପଡ଼ିବ। ଏହା ହେଉଛି ଏକ ଜଟିଳ ପ୍ରକ୍ରିୟା। ଇସ୍ରୋ ୨୦୨୪ ମସିହା ଡିସେମ୍ବରରେ ୨୨୦ କି.ଗ୍ରା. ଓଜନର ଦୁଇଟି ଉପଗ୍ରହକୁ ଉତ୍‌କ୍ଷେପଣ କରି ମହାକାଶରେ ଏହି ଦୁଇଟି ସଫଳ ସଂଯୋଗ ପରୀକ୍ଷା କରିଥିଲା ଏବଂ ଏହାପରେ ଦୁଇ ଉପଗ୍ରହକୁ ପୁନଶ୍ଚ ଅଲଗା କରାଯାଇଥିଲା।

ଭାରତ ଓ ଜାପାନ ମିଳିତ ଭାବେ ଚନ୍ଦ୍ରଯାନ-୫ର ପରିକଳ୍ପନା କରିଛନ୍ତି। ଏଥିରେ ୩୫୦ କି.ଗ୍ରା. ଓଜନର ଗୋଟିଏ ବଡ଼ ରୋଭର ରହିବ। ଏହାକୁ ଜାପାନ ନିର୍ମାଣ କରୁଛି। ଭାରତ ଏହାର ଲ୍ୟାଣ୍ଡର ନିର୍ମାଣ କରୁଛି। ଏଥିରେ ନାସା ଏବଂ ୟୁରୋପୀୟ ମହାକାଶ ସଂସ୍ଥାର କେତୋଟି ଯନ୍ତ୍ରପାତି ମଧ୍ୟ ରହିବ। ଏହି ଅଭିଯାନର ନାମ 'ଚନ୍ଦ୍ର ମେରୁ ଅଭିଯାନ' ରଖାଯାଇଛି।

ଚନ୍ଦ୍ରଯାନ-୩ ହେଉଛି ଭାରତୀୟ ମହାକାଶ ଅଭିଯାନର ଏକ ପ୍ରମୁଖ କୀର୍ତ୍ତି। ଏହା ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଯେଉଁ ସ୍ଥାନରେ ଅବତରଣ କରିଥିଲା, ସେହି ସ୍ଥାନର ନାମ 'ଶିବ ଶକ୍ତି ବିନ୍ଦୁ' ରଖାଯାଇଛି। ଏହାକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୩ ମସିହା ଅଗଷ୍ଟ ୨୬ ତାରିଖରେ ଘୋଷଣା କରିଥିଲେ। ଅନ୍ତର୍ଜାତୀୟ ଜ୍ୟୋତିର୍ବିଦୀୟ ସଂଘ ୨୦୨୪ ମସିହା ମାର୍ଚ୍ଚ ୧୯ ତାରିଖରେ ଏହି ନାମକୁ ସ୍ୱୀକୃତି ଦେଇଛି। ପୁନଶ୍ଚ ଚନ୍ଦ୍ରଯାନ-୩ ୨୦୨୩ ମସିହା ଅଗଷ୍ଟ ୨୩ ତାରିଖରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିବାରୁ ଆମ ଦେଶରେ ଅଗଷ୍ଟ ୨୩କୁ 'ଜାତୀୟ ମହାକାଶ ଦିବସ' ଭାବେ ପାଳନ କରିବା ପାଇଁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ତଦନୁଯାୟୀ ୨୦୨୪ରେ ପ୍ରଥମ ଜାତୀୟ ମହାକାଶ ଦିବସ ପାଳିତ ହୋଇଥିଲା। ଚଳିତ ବର୍ଷ ପାଳିତ ହେବ ଦ୍ୱିତୀୟ ଜାତୀୟ ମହାକାଶ ଦିବସ। ତେବେ ଏବର୍ଷ ଉକ୍ତ ଦିବସ ଲାଗି ବିଷୟବସ୍ତୁ ରହିଛି 'ଆର୍ଯ୍ୟଭଟ୍ଟରୁ ଗଗନୟାନ: ପ୍ରାଚୀନ ଜ୍ଞାନରୁ ଅନନ୍ତ ସମ୍ଭାବନା', ଯାହା ଭାରତର ଜ୍ୟୋତିର୍ବିଜ୍ଞାନ ଐତିହ୍ୟରୁ ଆଗାମୀ ମାନବ ମହାକାଶ ଉଡ଼ାଣ (ଗଗନୟାନ) ପର୍ଯ୍ୟନ୍ତ ଯାତ୍ରାକୁ ପ୍ରତିଫଳିତ କରେ। । ଛାତ୍ରୀଛାତ୍ରଙ୍କୁ ଜ୍ୟୋତିର୍ବିଜ୍ଞାନ ପ୍ରତି ଆକୃଷ୍ଟ କରିବା ଏବଂ ମହାକାଶ ଅଭିଯାନର ଗୁରୁତ୍ୱ ଓ ଉପକାରିତାକୁ ଜନସାଧାରଣଙ୍କୁ ଜଣାଇବା ହେଉଛି ଏହାର ଉଦ୍ଦେଶ୍ୟ।

ଜାତୀୟ ମହାକାଶ ଦିବସ ଉପଲକ୍ଷେ



ଇସ୍ରୋର କେତୋଟି ଉଲ୍ଲେଖନୀୟ ଭବିଷ୍ୟତ ମହାକାଶ କାର୍ଯ୍ୟକ୍ରମ ହେଉଛି ମଙ୍ଗଳଯାନ-୨, ଶୁକ୍ରଯାନ, ଅନ୍ତରୀକ୍ଷ କେନ୍ଦ୍ର ସ୍ଥାପନ, ମହାକାଶକୁ ମହାକାଶଚାରୀ ପ୍ରେରଣ ଏବଂ ଚନ୍ଦ୍ରପୃଷ୍ଠରେ ଭାରତୀୟଙ୍କର ଅବତରଣ। ୨୦୨୭ ମସିହାରେ ଗଗନଯାନ ଅଭିଯାନରେ ଭାରତର ୩ ଜଣ ମହାକାଶଚାରୀ ଅନ୍ତରୀକ୍ଷକୁ ଯିବେ। ୨୦୩୫ ମସିହା ସୁଦ୍ଧା ଭୂକକ୍ଷରେ ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ର ସ୍ଥାପନ ଏବଂ ୨୦୪୦ ମସିହା ସୁଦ୍ଧା ଚନ୍ଦ୍ରପୃଷ୍ଠରେ ଅବତରଣ ଭଳି କେତୋଟି ମହତ୍ତ୍ୱାକାଂକ୍ଷୀ ଯୋଜନା ଇସ୍ରୋ କରିଛି। 'ଜାତୀୟ ମହାକାଶ ଅଭିଯାନ ଦିବସରେ ଛାତ୍ରୀଛାତ୍ର ଏବଂ ବିଜ୍ଞାନ ପ୍ରେମୀମାନେ ଏଥିପ୍ରତି ବିଶଦ୍ ଭାବେ ଅବଗତ ହେବେ ବୋଲି ଆଶା କରାଯାଏ।'

ମୋ:୯୪୩୮୬୯୩୭୨୪

## ଏଇ ଭାରତରେ

ସେବାକୁ ଜୀବନର ବ୍ରତ ଭାବେ ଯେଉଁ କେତେଜଣ ଗ୍ରହଣ କରିଛନ୍ତି ସେମାନଙ୍କ ମଧ୍ୟରେ ରହିଛନ୍ତି ଦିଲ୍ଲୀର ସଞ୍ଜୟ ଡୋଡ୍ରାଜକା। ପେସାରେ ସେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ। ନିଜ ବୃତ୍ତିଗତ ଜୀବନରୁ ସମୟ ବାହାର କରି ସେ ଅସହାୟ ଲୋକଙ୍କୁ ଖାଇବାକୁ ଦେଉଛନ୍ତି। ପଶ୍ଚିମ ଦିଲ୍ଲୀ ମାୟାପୁରୀର ରାସ୍ତାକଡ଼ରେ ସଞ୍ଜୟ ଏକ ଷ୍ଟଲ୍ ଖୋଲିଛନ୍ତି। ସେଠାରେ ୧୦ ଟଙ୍କା ଦେଇ ଲୋକେ ପେଟପୂରା ଖାଉଛନ୍ତି। ଏଠାରେ ବିଶେଷକରି ଶ୍ରମିକ, ରିକ୍ସାବାଲା ଓ ଡେଲିଭରି ଏକ୍‌ଜିକ୍ୟୁଟିଭମାନେ ଖାଉଛନ୍ତି। ପ୍ରତିଦିନ ୨୦୦-୨୫୦ ଲୋକ ଖାଉଛନ୍ତି। ଲୋକଙ୍କୁ ରାଜମା, ଛୋଲେ, ସୋୟା ଓ ଡାଲି ଦିଆଯାଉଛି। ପ୍ରତିଦିନ ୧୨ଟାରେ ଷ୍ଟଲ୍ ଖୋଲେ ଓ ବନ୍ଦ ହୁଏ ସାଢ଼େ ଦୁଇଟାରେ। ୫ଜଣ ମହିଳା ରୋଷେଇ କରୁଛନ୍ତି ଓ ଆଉ ପାଞ୍ଚଜଣ ମହିଳା ଷ୍ଟଲରେ ଖାଦ୍ୟ ପରଷିବା ପାଇଁ ରହୁଛନ୍ତି। ଅନେକ ସମୟରେ ସମୟ ବାହାର କରି ସଞ୍ଜୟ ମଧ୍ୟ ଷ୍ଟଲରେ ରହି ଖାଦ୍ୟ ପରଷୁଛନ୍ତି। ସଞ୍ଜୟ କୁହନ୍ତି, ପ୍ରତି ପ୍ଲେଟ ପାଇଁ ଖର୍ଚ୍ଚ ପାଖାପାଖି ୨୫ ଟଙ୍କା ହେଉଛି। ଏହି ଖର୍ଚ୍ଚ ସେ ନିଜ ଆୟରୁ ହିଁ କରୁଛନ୍ତି। ଅସହାୟ ଲୋକଙ୍କୁ ଖାଇବାକୁ ଦେବା ସହ ସେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଚିକିତ୍ସା ଶିବିର ଆୟୋଜନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୩ ଅଗଷ୍ଟ ୧୯୭୬

- ରାଉରକେଲାର ଉଦିତନଗରଠାରେ ୬୫ ଲକ୍ଷ ୮୫ ହଜାର ଟଙ୍କା ବ୍ୟୟରେ ନିର୍ମିତ ୫୦ ଶଯ୍ୟା ବିଶିଷ୍ଟ ଏକ ସରକାରୀ ହସ୍ପିଟାଲ ଓ ଏକ ମାର୍କେଟ ଉଦ୍‌ଘାଟିତ।
- ହରିଆଣା, ପଞ୍ଜାବ ଓ ମହାରାଷ୍ଟ୍ରର ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ତୁରନ୍ତ ସାହାଯ୍ୟ ଯୋଗାଇଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ସାହାଯ୍ୟ ପାଣ୍ଠିରୁ ପ୍ରତ୍ୟେକ ରାଜ୍ୟକୁ ୨ ଲକ୍ଷ ଟଙ୍କା ଲେଖାଏ ମଞ୍ଜୁର।
- ଜାତୀୟ ଇରାନୀ ତୈଳ କମ୍ପାନୀର ଚେୟାରମ୍ୟାନ ଡ. ମକଟର ଇକବଲଙ୍କୁ ଡକ୍ଟର ଅଫ ଲ ଉପାଧି ପ୍ରଦାନ।

## ଚିରନ୍ତନୀ

ସେ ହାସ ପରେ ଚିର ଦେବା ପାଇଁ
ବୋଲି କାଳି
ମରଣ ଆସେ ଧୀରେ
ସଜନିରେ ପାଦ ଚାଳି !
ବଧିର କରି ଦେଇ ସକଳର ଶରବଣ
ତିଆଗି ସବୁ ଦୟା
ଆସେ ମହା ଆବରଣ ।
-(ମରଣ ପାଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | | 9 | | | | | | 1 |
| 4 | 3 | 1 | | | | | 9 | 2 |
| 6 | 4 | | 7 | | 3 | | | |
| 2 | | 8 | 6 | | | | | |
| | 1 | | | | | | 8 | |
| 3 | | | | | 7 | | | |
| 8 | 2 | | | | | 1 | 3 | |
| | | | | 3 | | | 4 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 8 | 1 | 7 | 2 | 4 | 9 | 5 |
| 9 | 1 | 5 | 4 | 3 | 8 | 6 | 7 | 2 |
| 7 | 4 | 2 | 9 | 6 | 5 | 8 | 3 | 1 |
| 4 | 5 | 1 | 7 | 2 | 3 | 9 | 6 | 8 |
| 8 | 2 | 9 | 6 | 4 | 1 | 7 | 5 | 3 |
| 6 | 3 | 7 | 5 | 8 | 9 | 2 | 1 | 4 |
| 1 | 9 | 4 | 8 | 5 | 7 | 3 | 2 | 6 |
| 2 | 7 | 6 | 3 | 1 | 4 | 5 | 8 | 9 |
| 5 | 8 | 3 | 2 | 9 | 6 | 1 | 4 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କେବଳ ବାହାନା

ମହାଶୟ,
ଭାରତ ସ୍ୱାଧୀନ ହେବାଠାରୁ ଏପର୍ଯ୍ୟନ୍ତ ୭୮ ବର୍ଷ ବିତିଗଲା। ପରାଧୀନ ଥିଲାବେଳେ ଇଂରେଜମାନେ ଆମ ଦେଶରୁ ବହୁ ମୂଲ୍ୟବାନ ପଦାର୍ଥ ତାଙ୍କ ଦେଶକୁ ନେଇ ଯାଉଥିଲେ। ଯେହେତୁ ଆମେ ପରାଧୀନ ଥିଲୁ, ମୁହଁ ଖୋଲିବାକୁ ଆମର ସାହସ ନ ଥିଲା। ଆମେ ଭାବିଥିଲୁ ଆମ ଦେଶ ସ୍ୱାଧୀନ ହେଲେ ଆମ ଦ୍ୱାରା ହିଁ ଆମେ ଶାସିତ ହେବୁ। କେହି ଚୋରି କରିବେ ନାହିଁ କି ଲୁଣ୍ଠନ କରିବେ ନାହିଁ। ଅନ୍ୟାୟ, ଅନୀତି ବା ଦୁର୍ନୀତି ହେବ ନାହିଁ। କିନ୍ତୁ ସ୍ୱାଧୀନ ହେବା ପରେ ଆମରି ଲୋକ ଆମଠାରୁ ଲାଞ୍ଚ ନେଉଛନ୍ତି। ଅନ୍ୟାୟ, ଅନୀତି ଓ ଦୁର୍ନୀତି କରୁଛନ୍ତି। ଦୁର୍ନୀତି ଓ ନାରୀ ନିର୍ଯାତନାକୁ ଆଧାର କରି ବିରୋଧୀ ଦଳର ଲୋକେ ନାରା ଦେଉଛନ୍ତି। ସେମାନେ ଯେତେବେଳେ ସରକାରରେ ଥିଲେ ସେତେବେଳେ ମଧ୍ୟ ନାରୀ ନିର୍ଯାତନା ଓ ଦୁର୍ନୀତି କାରବାର ଚରମ ସୀମାରେ ପହଞ୍ଚିଥିଲା। ରାସ୍ତାରୋକୋ କରିବା କେବଳ ରାଜନୀତିର ବାହାନାବାଜି। ସରକାର କଠୋରତା ଅବଲମ୍ବନ କଲେ ନିଶ୍ଚୟ ଦୁର୍ନୀତି ଓ ନାରୀ ନିର୍ଯାତନା ହ୍ରାସ ପାଇବ। କିରାଣି, ଅମିନଠାରୁ ଅଫିସରମାନଙ୍କୁ ପ୍ରତି ୩ ବର୍ଷରେ ଟ୍ରାନ୍ସଫର କଲେ ଦୁର୍ନୀତିର ଚେର ମଜଭୁତ ହେବ ନାହିଁ।

-ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୪୦% ମୁଖ୍ୟମନ୍ତ୍ରୀଙ୍କ ନାଁରେ ଆପରାଧିକ ମାମଲା

**ନୂଆଦିଲ୍ଲୀ,୨୨।୮**

ଦେଶର ୪୦ ପ୍ରତିଶତ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଆପରାଧିକ ମାମଲା ରହିଥିବାବେଳେ ୩୩% ମୁଖ୍ୟମନ୍ତ୍ରୀ ସେମାନଙ୍କ ନାଁରେ ହତ୍ୟା ଉଦ୍ୟମ ଭଳି ଗମ୍ଭୀର ମାମଲା ରହିଥିବା ସତ୍ୟପାଠରେ ଦର୍ଶାଇଛନ୍ତି। ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଏନ୍‌ଜିଓ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ଶୁକ୍ରବାର ଏହି ସୂଚନା ଦିଆଯାଇଛି। ୩୦ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ ୧୨ ଜଣ ଅର୍ଥାତ୍ ୪୦ ପ୍ରତିଶତ ସେମାନଙ୍କ ବିରୋଧରେ ଆପରାଧିକ ମାମଲା ରହିଥିବା ନେଇ ଘୋଷଣା କରିଛନ୍ତି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ନାମରେ ସର୍ବାଧିକ ୮୯ ମାମଲା ବିଚାରାଧୀନ ରହିଛି। ତାଙ୍କ ପରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ବିରୋଧରେ ୪୭

### ଏଡିଆର୍ ରିପୋର୍ଟ



ରେଭନ୍ତ ରେଡ୍ଡୀ

ମାମଲା ରହିଛି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ୧୯, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ୧୩ ଓ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ନିଜ ବିରୋଧରେ ୫ ମାମଲା ରହିଥିବା ଘୋଷଣା କରିଛନ୍ତି। ମହାରାଷ୍ଟ୍ରର ଦେବେନ୍ଦ୍ର ଫଡ୍‌ନବିସ ଓ ହିମାଚଳ ପ୍ରଦେଶର ସୁଖବୀନ୍ଦର ସିଂ ସୁଖୁଙ୍କ ବିରୋଧରେ ୪ଟି ଲେଖାଏ ମାମଲା ରହିଥିବାବେଳେ କେରଳର ପି. ବିଜୟନଙ୍କ ନାଁରେ ୨ ଏବଂ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ବନ୍ତ ମାନ୍‌ଙ୍କ ବିରୋଧରେ ଗୋଟିଏ ମାମଲା ରହିଛି। ସଙ୍ଗିନ ମାମଲାରେ ୩୦ ଦିନ ପାଇଁ ଗିରଫ ହେଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ପଦରୁ ହଟାଇବା ନେଇ କେନ୍ଦ୍ର ସରକାର ଆଣିଥିବା ୩ ବିଲ୍ ସଂସଦରେ ପାରିତ ହେବା ପରେ ଏଡିଆର୍ ପକ୍ଷରୁ ଉପରୋକ୍ତ ରିପୋର୍ଟ ପ୍ରକାଶିତ ହୋଇଛି।

# ଟିକ୍‌ଟକ୍ ଫେରିବା ଚର୍ଚ୍ଚାକୁ ସରକାରଙ୍କ ଖଣ୍ଡନ

**ନୂଆଦିଲ୍ଲୀ,୨୨।୮**

ଚାଇନାର ଶର୍ଟ ଭିଡିଓ ଆପ୍ ଟିକ୍‌ଟକ୍ ଭାରତରେ ବ୍ୟାନ୍ ହେବାର ୫ ବର୍ଷ ପରେ ଏବେ ଏହାର ୱେବ୍‌ସାଇଟ୍ କେତେଜଣ ପୂର୍ବତନ ଭାରତୀୟ ୟୁଜରଙ୍କୁ ଉପଲବ୍ଧ ହୋଇଛି। ଫଳରେ ଏହି ପ୍ଲାଟ୍‌ଫର୍ମ ପୁଣିଥରେ ଭାରତ ଫେରିବା ସମ୍ଭାବନାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ସରକାରୀ ସୂତ୍ରରୁ ଏହାକୁ ଖଣ୍ଡନ କରାଯାଇଛି। ଏବେ ବି ଭାରତରେ ଟିକ୍‌ଟକ୍ ବ୍ଲକ୍ ରହିଛି। ଗୁଗଲ ପ୍ଲେ ଷ୍ଟୋର ଏବଂ ଆପ୍ ଷ୍ଟୋରରେ ଉକ୍ତ ଆପ୍ ଉପଲବ୍ଧ ହେଉନାହିଁ। ଟିକ୍‌ଟକ୍ ଫେରିବା ନେଇ କମ୍ପାନୀ ପକ୍ଷରୁ କୌଣସି ବିବୃତି ଦିଆଯାଇ ନାହିଁ। ଟିକ୍‌ଟକ୍ ୱେବ୍‌ସାଇଟ୍ ଉପଲବ୍ଧ ହୋଇଥିବା କେତେଜଣ ୟୁଜର କହିଥିବାବେଳେ ଅନ୍ୟମାନେ ଏହା ବ୍ଲକ୍ ଥିବା ନେଇ Xରେ ଲେଖିଛନ୍ତି। ତେବେ ଯାଞ୍ଚ କରାଯିବାରୁ କେବଳ ଟିକ୍‌ଟକ୍‌ର ହୋମ୍‌ପେଜ୍ ଉପଲବ୍ଧ ହେଉଥିବା ଜଣାପଡ଼ିଛି। 'ନ୍ୟୁଜ୍‌ରୁମ୍'ରେ କ୍ଲିକ୍ କରିବାରୁ 'ଏହି ପୃଷ୍ଠା ଆପଣଙ୍କ ପାଇଁ ଉପଲବ୍ଧ ନୁହେଁ ଏବଂ ଆମ ସେବା ଆପଣଙ୍କ ଦେଶ ବା ଅଞ୍ଚଳରେ ଉପଲବ୍ଧ ହେଉ ନ ଥିବା' ବାର୍ତ୍ତା ଦେଖିବାକୁ ମିଳୁଛି। ସେହିପରି କ୍ୟାରିୟର୍ସ ଉପରେ କ୍ଲିକ୍ କଲେ '୫୦୩ ସର୍ଭିସ୍ ଟେମ୍ପରାରିଲି ଅନ୍‌ଆଭେଲେବଲ୍' ବାର୍ତ୍ତା ଆସୁଛି। ସୂଚନାଯୋଗ୍ୟ, ପୂର୍ବ ଲଦାଖର ଗଲୱାନ୍‌ଠାରେ ୨୦୨୦ ଜୁନ୍ ୧୫ରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ପରେ କେନ୍ଦ୍ର ସରକାର ଟିକ୍‌ଟକ୍ ଏବଂ ଅଲିଏକ୍ସପ୍ରେସ୍ ସମେତ ୫୯ଟି ଆପ୍‌କୁ ନିଷିଦ୍ଧ ଘୋଷଣା କରିଥିଲେ।

# ପଦ ଛାଡ଼ିବେ ଜେଲ ଯାଇଥିବା ମନ୍ତ୍ରୀ: ମୋଦି



**କୋଲକାତା,୨୨।୮**

ପଶ୍ଚିମବଙ୍ଗରେ କ୍ଷମତାସୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସମେତ ବିରୋଧୀ ଇଣ୍ଡିଆ ବ୍ଲକ୍ ଦୁର୍ନୀତିକୁ ଘଷ୍ଟ ଘୋଡ଼ାଇବା ସହ ଜେଲ ଯାଉଥିବା ନେତାଙ୍କୁ ମନ୍ତ୍ରୀପଦରୁ ହଟାଇବା ପାଇଁ କେନ୍ଦ୍ରର ପଦକ୍ଷେପକୁ ବିରୋଧ କରୁଛନ୍ତି ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମାଲୋଚନା କରିଛନ୍ତି। କୋଲକାତାରେ ୬ ଲେନ୍ ବିଶିଷ୍ଟ ଉନ୍ନତ କୋନା ଏକ୍ସପ୍ରେସ୍‌ୱେ କରିଡରର ଭିତ୍ତିପ୍ରସ୍ତର ସ୍ଥାପନ ସହ ୩ ମେଟ୍ରୋ ରୁଟ୍‌ର ଲୋକାର୍ପଣ ଅବସରରେ ମୋଦି ଏକ ରାଲିକୁ ସମ୍ବୋଧିତ କରି କହିଛନ୍ତି, ଜେଲ ଯାଇଥିବା ନେତାଙ୍କୁ ମନ୍ତ୍ରୀପଦ ଛାଡ଼ିବାକୁ ପଡ଼ିବ। ଦୁର୍ନୀତିଗ୍ରସ୍ତ ମୁଖ୍ୟମନ୍ତ୍ରୀ ଏପରିକି ପ୍ରଧାନମନ୍ତ୍ରୀଙ୍କୁ ବରଖାସ୍ତ କରିବା ପାଇଁ ଆମେ ଏକ ଆଇନ ଆଣିବାକୁ ନିଷ୍ପତ୍ତି ନେଲୁ। କିନ୍ତୁ ଟିଏମ୍‌ସି ଏବଂ କଂଗ୍ରେସ ଏହାକୁ ବିରୋଧ କରୁଛନ୍ତି। ନିଜ ପାପ ଯୋଗୁ ଦଣ୍ଡିତ ହେବା ଭୟରେ ସେମାନେ ରାଗିଯାଇଛନ୍ତି। ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଲକ୍ଷ୍ୟକରି ମୋଦି ଆହୁରି କହିଛନ୍ତି, ଜଣେ ମୁଖ୍ୟମନ୍ତ୍ରୀ ଜେଲ ଯାଇ ସେଠାରୁ ସରକାର ଚଳାଇବା ଲଜ୍ଜାକର ବିଷୟ। ଟିଏମ୍‌ସିର ୨ ଜଣ ମନ୍ତ୍ରୀ (ପାର୍ଥ ଚାଟାର୍ଜୀ ଓ ଜ୍ୟୋତିପ୍ରିୟ ମଲ୍ଲିକ) ଦୁର୍ନୀତି ଅଭିଯୋଗରେ ଜେଲ ଯାଇଥିବାବେଳେ ନିଜ ପଦ ଛାଡ଼ିବାକୁ ଅନିଚ୍ଛୁକ। ଏପରି ବ୍ୟକ୍ତିଙ୍କୁ ଆଗକୁ ସରକାରରେ ରହିବାକୁ ଦିଆଯିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ୨୯ରେ ଜାପାନ, ୩୧ରେ ଚାଇନା ଗସ୍ତ କରିବେ ମୋଦି

**ନୂଆଦିଲ୍ଲୀ/ବେଜିଂ,୨୨।୮**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଗଷ୍ଟ ୨୯ରେ ୪ ଦିନିଆ ଜାପାନ ଓ ଚାଇନା ଗସ୍ତ କରିବେ ବୋଲି ଶୁକ୍ରବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମୋଦି ପ୍ରଥମ ପର୍ଯ୍ୟାୟରେ ଜାପାନ ଗସ୍ତକରି ୧୫ତମ ଭାରତ-ଜାପାନ ବାର୍ଷିକ ସମିଟ୍‌ରେ ଯୋଗଦେବେ। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ନିମନ୍ତ୍ରଣ କ୍ରମେ ମୋଦି ତିଆଞ୍ଜିନ୍‌ରେ ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ହେବାକୁ ଥିବା ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ)ର ବାର୍ଷିକ ସମ୍ମିଳନୀରେ ଯୋଗଦେବା ପାଇଁ ଗସ୍ତ କରିବେ। ୧୦ ସଦସ୍ୟ ବିଶିଷ୍ଟ ଏସ୍‌ସିଓର ପଞ୍ଚମ ସମିଟ୍‌ରେ ମୋଦିଙ୍କ ସହ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍, ତୁର୍କୀ ରାଷ୍ଟ୍ରପତି ରେସେପ୍ ତୈୟିପ୍ ଏର୍ଡୋଗାନ୍, ଇଣ୍ଡୋନେସୀୟ ପ୍ରତିପକ୍ଷ ପ୍ରବୋୱୋ ସୁବିଆନ୍ତୋ, ମାଲେସିଆ ପ୍ରଧାନମନ୍ତ୍ରୀ ଅନ୍‌ୱର ଇବ୍ରାହିମ୍ ଓ ଭିଏତ୍‌ନାମ ପ୍ରଧାନମନ୍ତ୍ରୀ ଫାମ୍ ମିନ୍‌ହ ଚିନ୍‌ହ ପ୍ରମୁଖ ନେତା ସାମିଲ ହେବା କାର୍ଯ୍ୟକ୍ରମ ରହିଛି।

# ସେପ୍ଟେମ୍ବର ୩-୪ରେ ଜିଏସ୍‌ଟି କାଉନ୍‌ସିଲ୍ ବୈଠକ

**ନୂଆଦିଲ୍ଲୀ,୨୨।୮**

ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) କାଉନ୍‌ସିଲ୍‌ର ୫୬ତମ ବୈଠକ ସେପ୍ଟେମ୍ବର ୩ ଓ ୪ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ୯ ମାସ ପୂର୍ବରୁ ୨୦୨୪ ଡିସେମ୍ବରରେ ଜିଏସ୍‌ଟି କାଉନ୍‌ସିଲ୍ ବୈଠକ ବସିଥିଲା। ଜିଏସ୍‌ଟି କାଉନ୍‌ସିଲ୍ ସଚିବାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବୈଠକରେ ଅଧ୍ୟକ୍ଷତା କରିବାକୁ ଥିବାବେଳେ ରାଜ୍ୟ ଅର୍ଥମନ୍ତ୍ରୀମାନେ ଯୋଗଦେବେ। ସେପ୍ଟେମ୍ବର ୨ରେ ଅଫିସରମାନଙ୍କ ବୈଠକ ବସି କାର୍ଯ୍ୟସୂଚୀ ଚୂଡ଼ାନ୍ତ କରାଯିବ। ସୂଚନାଯୋଗ୍ୟ, ଜିଏସ୍‌ଟିରେ ସଂସ୍କାର ଆଣିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସ ଅବସରରେ ଲାଲ୍‌କିଲ୍ଲାରୁ ଘୋଷଣା କରିଥିଲେ। ପୂର୍ବରୁ ରହିଥିବା ୧୨% ଓ ୨୮% ସ୍ଲାବ୍‌କୁ ହଟାଇ କେବଳ ୫% ଓ ୧୮% ସ୍ଲାବ୍ ରଖିବା ପାଇଁ କେନ୍ଦ୍ର ସରକାର ଆଣିଥିବା ପ୍ରସ୍ତାବ ଗୁରୁବାର ଅନୁଷ୍ଠିତ ମନ୍ତ୍ରୀଗୋଷ୍ଠୀ ବୈଠକରେ ଗୃହୀତ ହୋଇଥିଲା। କେନ୍ଦ୍ର ସରକାରଙ୍କ ଏହି ଲୋକାଭିମୁଖୀ ନିଷ୍ପତ୍ତି ସପକ୍ଷରେ ସବୁ ରାଜ୍ୟ ସହମତ ଥିବା ବୈଠକ ଶେଷରେ ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ଗଣମାଧ୍ୟମକୁ ଜଣାଇଥିଲେ। ତେବେ ଏହାଦ୍ୱାରା କେତେ ରାଜସ୍ୱ କ୍ଷତି ହେବ ତାହାର ଆକଳନ କରିବାକୁ ରାଜ୍ୟଗୁଡ଼ିକ କହିଥିଲେ। ଜିଏସ୍‌ଟି କାଉନ୍‌ସିଲ୍ ବୈଠକରେ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

# ମୁନିରଙ୍କୁ ଭେଟିଲେ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ



ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି ଶୁକ୍ରବାର ପାକିସ୍ତାନ ସେନାମୁଖ୍ୟ ଆସିମ ମୁନିରଙ୍କୁ ଭେଟୁଛନ୍ତି।

**ଇସ୍‌ଲାମାବାଦ,୨୨।୮**

ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି ଭାରତ ଗସ୍ତ ଶେଷକରି ପାକିସ୍ତାନ ଯାଇଥିବାବେଳେ ଶୁକ୍ରବାର ସେଠାକାର ସେନାମୁଖ୍ୟ ଫିଲ୍ଡ ମାର୍ଶଲ ଆସିମ ମୁନିରଙ୍କୁ ସାକ୍ଷାତ କରିଛନ୍ତି। ଉଭୟଙ୍କ ମଧ୍ୟରେ ଆଞ୍ଚଳିକ ନିରାପତ୍ତା, ଆତଙ୍କବାଦ ନିରୋଧୀ ପଦକ୍ଷେପ ଓ ପାରସ୍ପରିକ ସହଯୋଗ ବୃଦ୍ଧି ନେଇ ଆଲୋଚନା ହୋଇଥିବା ଇସ୍‌ଲାମାବାଦ ପକ୍ଷରୁ କୁହାଯାଇଛି। ଇସ୍‌ଲାମାବାଦରେ ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ରଣନୈତିକ ବାର୍ତ୍ତାର ଷଷ୍ଠ ପର୍ଯ୍ୟାୟରେ ଯୋଗଦେବା ପାଇଁ ୱାଙ୍ଗ୍ ବୁଧବାର ସେଠାରେ ପହଞ୍ଚିଥିଲେ। ଏହି ଅବସରରେ ସେ ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ ଓ ରାଷ୍ଟ୍ରପତି ଆସିଫ୍ ଅଲୀ ଜର୍ଦ୍ଦାରିଙ୍କୁ ମଧ୍ୟ ଭେଟି ଆଞ୍ଚଳିକ ଶାନ୍ତି, ବିକାଶ ଓ ସ୍ଥିରତାକୁ ପ୍ରୋତ୍ସାହିତ କରିବା ଦିଗରେ ଚାଇନାର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଛନ୍ତି।

# ଉତ୍ତରକାଶୀର ଯମୁନା ଉପତ୍ୟକାକୁ କୃତ୍ରିମ ହ୍ରଦ ବିପଦ: ୨୫୫ ଲୋକଙ୍କୁ ସ୍ଥାନାନ୍ତର

**ଡେରାଡୁନ୍,୨୨।୮**

ସ୍ୟାନା ଚଟ୍ଟି ନିକଟରେ ବିଶାଳ କୃତ୍ରିମ ହ୍ରଦ ସୃଷ୍ଟି ହେବା ପରେ ଉତ୍ତରକାଶୀ ଅନ୍ତର୍ଗତ ଯମୁନା ଉପତ୍ୟକା ପ୍ରତି ବିପଦ ଦେଖାଦେଇଛି। ଏହା ବ୍ୟାପକ ଅଞ୍ଚଳକୁ ଧ୍ୱଂସ କରିବା ନେଇ ଆଶଙ୍କା ଦେଖାଦେଇଛି। ଗଡ଼ଗଡ଼ ଜଳଧାରାରୁ ବହୁ ପରିମାଣରେ ମାଟିପଥର ଓ ପାଣି ଆସି ଯମୁନା ନଦୀ ଅବରୋଧ ହୋଇଥିବାରୁ ଜଳସ୍ତର ବୃଦ୍ଧି ପାଇଛି। ଫଳରେ ଖାଲୁଆ ଅଞ୍ଚଳରେ ଥିବା ଘର ଓ ହୋଟେଲଗୁଡ଼ିକରେ ପାଣି ପଶିଛି। ୨୫୫ ଜଣଙ୍କୁ ଖାଲୁଆ ଅଞ୍ଚଳରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ସ୍ୟାନା ଚଟ୍ଟି ଜଳାର୍ଣ୍ଣବ ହୋଇଯାଇଛି। ଯମୁନୋତ୍ରୀ ହାଇୱେର ମୋଟର ବ୍ରିଜ୍ ବୁଡ଼ିଯାଇଥିବାରୁ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଛି।


**WANTED**
**DATA ENTRY OPERATOR**
(MALE / FEMALE)
REQUIRED FOR A CONSTRUCTION OFFICE, BHUBANESWAR
**Mob : 7381207777**

**THE INSTITUTE OF CHARTERED ACCOUNTANTS OF INDIA (ICAI)**
(Set up by an Act of Parliament)
Head Office: ICAI Bhawan, Indraprastha Marg, New Delhi - 110002.
Branch Office: Bhubaneswar Branch of EIRC of ICAI, ICAI Bhawan, Plot No.: A/122/1, Nayapalli, Bhubaneswar-751012
Email: bhuubaneswar@icai.org, Contact: 0674-2392391

**NOTICE INVITING TENDER**

ICAI invites unconditional sealed bids, in prescribed format, from eligible, experienced and reputed Architectural firms/ Architects for providing comprehensive Architectural/Consultancy services for proposed renovation works at ICAI Bhawan, Plot No.: A/122/1, Nayapalli, Bhubaneswar-751012.
The Tender document is available at ICAI website: **www.icai.org, www.eirc-icai.org & www.bhubaneswar-icai.org.** The last date of submission of duly filled in Bids is **05.09.2025 up to 5.00 PM**
**Secretary, ICAI**

**ଦ.ପୂ. ରେଳପଥ – ଇ-ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୩୨, ତାରିଖ: ୨୧।୦୮।୨୦୨୫।**
"ଇ" ସଂଗ୍ରହଣ ପ୍ରଣାଳୀ ପାଇଁ ଖୋଲା ଇ-ଟେଣ୍ଡର। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ୱେବ୍‌ସାଇଟ୍ **www.ireps.gov.in**ରେ ଅପଲୋଡ୍ ହୋଇଛି। ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି (₹ ରେ) |
|---|---|---|---|---|---|
| ୧. | ୩୮୨୫୩୧୭୨ | ୧୬।୦୯।୨୦୨୫ | ବିଓବିଆର୍‌ଏନ୍ ୱାଗନ୍ ପାଇଁ ଡୋର୍ ଆସେମ୍ବ୍ଲି (ଡବଲ୍ ଲିଙ୍କ୍) | ୧୯୦ ଗୋଟି | ୧,୮୧,୬୦୦/- |
| ୨. | ୩୮୨୫୩୦୨୮ | ୦୬।୧୦।୨୦୨୫ | ବିଓଏକ୍ସଏନ୍‌ଏଚ୍‌ଏଲ୍ ୱାଗନ୍ ପାଇଁ କପ୍‌ଲର୍ ରଡ୍ | ୨୦୫୦୦ ଗୋଟି | ୨,୧୦,୪୫୦/- |
| ୩. | ୩୮୨୫୩୧୮୫ | ୦୮।୧୦।୨୦୨୫ | ଫ୍ଲାପ୍ ଡୋର୍ ଆରେଞ୍ଜମେଣ୍ଟ ପାଇଁ ଲକିଂ ବୋଲ୍ଟ ଓ ତାହାର ବ୍ରାକେଟ୍ | ୭୯୪୪୦ ଗୋଟି | ୧,୩୬,୪୮୦/- |
| ୪. | ୩୮୨୫୧୫୦୭ | ୨୭।୧୦।୨୦୨୫ | କ୍ୟାସନବ୍ ୨୨ଏଚ୍‌ଏସ୍ ବଗିର ବୋଲଷ୍ଟର୍ ପାଇଁ ଆଉଟର୍ ସ୍ପ୍ରିଙ୍ଗ୍ | ୧୫୯୦୦ ଗୋଟି | ୩,୭୫,୨୪୦/- |
| ୫. | ୩୮୨୫୩୯୧୭ | ୩୦।୧୦।୨୦୨୫ | ବିଓଏକ୍ସଏନ୍‌ଏଚ୍‌ଏଲ୍ ୱାଗନ୍ ପାଇଁ କ୍ରିବ୍/ଏଣ୍ଡ ଆଙ୍ଗଲ୍ | ୭୩୦୦ ଗୋଟି | ୨,୨୩,୯୬୦/- |
| ୬. | ୬୦୨୫୫୩୩୮ | ୦୮।୦୯।୨୦୨୫ | ପିଏସ୍‌ସି ସ୍ଲିପର୍ସ ଉପରେ ୬୦ କିଗ୍ରା ରେଲ୍ ନିମନ୍ତେ ଗ୍ଲୁଡ୍ ଜଏଣ୍ଟ ଆଦି | ୧୭୭୦ ଗୋଟି | ୧୬,୦୪,୦୪୦/- |
| ୭. | ୬୦୨୫୦୦୧୫ | ୧୫।୦୯।୨୦୨୫ | ପିଏସ୍‌ସି ସ୍ଲିପର୍ସ ଉପରେ କିଜି. ୬୦ କିଗ୍ରା (ୟୁଆଇସି) ରେଲ୍ ପାଇଁ ୧ ଇନ୍ ୧୨ ସିଏମ୍‌ଏସ୍ କ୍ରସିଂର ବିନିର୍ମାଣ ଓ ଯୋଗାଣ | ୧୦୦୦ ସେଟ୍ | ୨୦,୦୦,୦୦୦/- |
| ୮. | ୫୬୨୫୫୧୮୬ | ୧୨।୦୯।୨୦୨୫ | ଯୋଗାଣ, ପରିବହନ, ସ୍ଥାପନା, ପରୀକ୍ଷଣ ଓ କମିଶନିଂ ଆଦି ପାଇଁ ରନିଂ କଣ୍ଟ୍ରାକ୍ଟ | ୱେବ୍‌ସାଇଟ୍ ଅନୁଯାୟୀ | ୩,୯୧,୦୦୦/- |
| ୯. | ୨୯୨୫୩୨୨୯ | ୧୨।୦୯।୨୦୨୫ | ଟିଥ୍ ପିନିୟନ୍ ଆଦି | ୪୦୮ ଗୋଟି | ୨,୩୮,୫୫୦/- |
| ୧୦. | ୨୯୨୫୩୬୯୫ | ୧୬।୦୯।୨୦୨୫ | ଆଇଭି କପ୍‌ଲର ସକେଟ୍ ଆସେମ୍ବ୍ଲି | ୭୯ ସେଟ୍ | ୧,୨୯,୫୬୦/- |
| ୧୧. | ୨୫୨୫୧୧୯୮ | ୦୬।୧୦।୨୦୨୫ | ଡବ୍ଲ୍ୟୁଏଜି୭ ଲୋକୋର ଇକ୍ୱାଲାଇଜର (ମୋଡିଫାଏଡ୍) ଆଦି | ୩୯୧ ଗୋଟି | ୧,୮୩,୭୩୦/- |
| ୧୨. | ୨୫୨୫୧୨୧୧ | ୧୩।୧୦।୨୦୨୫ | ଡ୍ରାଇଭର୍ସ ଅଟୋ ବ୍ରେକ୍ ଭାଲ୍‌ଭ ଏ୯ | ୧୦୬ ଗୋଟି | ୧,୦୪,୬୮୦/- |
| ୧୩. | ୪୭୨୪୫୦୧୪ଏ | ୧୮।୦୯।୨୦୨୫ | ବ୍ୟାପକ ଏଏମ୍‌ସି ସହିତ ପାସେଞ୍ଜର ଲିଫ୍ଟର ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କମିଶନିଂ | ୦୩ ଗୋଟି | ୨,୯୮,୯୪୦/- |
| ୧୪. | ୪୦୨୫୩୧୧୯ | ୨୩।୦୯।୨୦୨୫ | ୨x୧୫୦ ବର୍ଗ ମିମି ଏକ୍ସଏଲ୍‌ପିଇ ଇନ୍‌ସୁଲେଟେଡ୍, ୧୧୦୦ ଭୋଲ୍ଟସ୍ ଗ୍ରେଡ୍‌ର ଯୋଗାଣ ପାଇଁ ରନିଂ କଣ୍ଟ୍ରାକ୍ଟ ଆଦି | ୧୨୫୦୦୦ ମିଟର | ୮,୬୨,୫୦୦/- |
| ୧୫. | ୭୭୨୫୫୦୦୧ | ୧୧।୦୯।୨୦୨୫ | କୋଚ୍ (ଆଇସିଏଫ୍/ଏଲ୍‌ଏଚ୍‌ବି) ଗୁଡ଼ିକର ବାହ୍ୟ ପାର୍ଶ୍ୱ କାନ୍ଥ ପାଇଁ ଆଣ୍ଟି-ଗ୍ରାଫିଟି କ୍ଲିୟର୍ କୋଟିଂର ଯୋଗାଣ ଏବଂ ପ୍ରୟୋଗ | ୧୯୫୦ ସେଟ୍ | ୮,୭୩,୮୭୦/- |
| ୧୬. | ୬୦୨୫୦୧୩୦ | ୧୯।୦୯।୨୦୨୫ | ୬୦ କିଗ୍ରା ରେଲ୍ ନିମନ୍ତେ ଗ୍ଲୁଡ୍ ଜଏଣ୍ଟ ପାଇଁ ଫିଶ୍ ପ୍ଲେଟ୍ ଆଦିର ବିନିର୍ମାଣ ଓ ଯୋଗାଣ | ୬୦୦୦ ଗୋଟି | ୨,୭୪,୫୬୦/- |
| ୧୭. | ୭୨୨୫୩୦୫୩ଏ | ୧୫।୦୯।୨୦୨୫ | ଟି.ସି. ଇନ୍‌ସର୍ଟ ନ୍ୟୁଟ୍ରାଲ ଅପ୍‌ଏଣ୍ଡେଡ୍, ୩୦ ମିମି ଦୈର୍ଘ୍ୟ | ୧୧୬୩୦ ଗୋଟି | ୨,୨୭,୫୩୦/- |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। (PR-550)

**ମେକନ୍ ଲିମିଟେଡ୍**
(ଇସ୍ପାତ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ଏକ ପିଏସ୍‌ୟୁ)
ମୁଖ୍ୟ କାର୍ଯ୍ୟାଳୟ: ଡୋରନ୍ଦା, ରାଞ୍ଚି-୮୩୪୦୦୨; ଫୋନ୍: ୦୬୫୧-୨୪୮୩୦୦୦
ସିଆଇଏନ୍ ନଂ.: U74140JH1973GOI001199

**କର୍ମନିଯୁକ୍ତି ଅଧିସୂଚନା**

**ମେକନ୍**, ଇସ୍ପାତ ମନ୍ତ୍ରଣାଳୟ ଅଧୀନରେ ଇଞ୍ଜିନିୟରିଂ, ପରାମର୍ଶ, ଠିକା ଓ ପ୍ରକଳ୍ପ ପ୍ରବନ୍ଧନ ସେବା ପ୍ରଦାନ କରୁଥିବା ଭାରତ ସରକାରଙ୍କ ଏକ ପ୍ରମୁଖ ମିନିରତ୍ନ, ଅନୁସୂଚୀ "ଏ" ଉପକ୍ରମ **ନିୟମିତ ବେତନ ହାରରେ ବିଭିନ୍ନ ପଦବୀରେ** ନିଯୁକ୍ତି ପାଇଁ **କେବଳ ଅନ୍‌ଲାଇନ୍ ଦରଖାସ୍ତ ପଦ୍ଧତି ଜରିଆରେ** ପ୍ରତିବଦ୍ଧ, ଫଳାଫଳ ଉନ୍ମୁଖୀ, ଉପଯୁକ୍ତ ଭାବେ ଯୋଗ୍ୟତାପ୍ରାପ୍ତ ତଥା ଅଭିଜ୍ଞ ବ୍ୟକ୍ତିମାନଙ୍କଠାରୁ **ଦରଖାସ୍ତ ଆହ୍ୱାନ କରୁଛି (ବିଜ୍ଞାପନ ସଂ. ୧୧.୭୩.୪.୩/୨୦୨୫/ଆର୍‌ଇଜି/୦୫ ତାରିଖ: ୦୫।୦୮।୨୦୨୫)।**

| କ୍ର. ସଂ. | ପଦବୀର ନାମ | ଗ୍ରେଡ୍ | ପଦବୀ ସଂଖ୍ୟା | ବେତନ ହାର |
|---|---|---|---|---|
| ୦୧ | ଡିଜିଏମ୍ (ଏଚ୍‌ଆର୍) | ଇ-୬ | ୦୧ | ଟ.୧,୨୦,୦୦୦-୩%-୨,୮୦,୦୦୦/- |
| ୦୨ | ଜିଏମ୍ (ଏଚ୍‌ଆର୍) | ଇ-୭ | ୦୧ | ଟ.୧,୨୦,୦୦୦-୩%-୨,୮୦,୦୦୦/- |

ଅଧିକ ବିବରଣୀ ପାଇଁ ଦୟାକରି **ଆମ ୱେବ୍‌ସାଇଟ୍: www.meconlimited.co.in ର "କ୍ୟାରିୟର୍ସ" ସେକ୍ସନ** ପରିଦର୍ଶନ କରନ୍ତୁ।
ଦ୍ରଷ୍ଟବ୍ୟ: ଅଧିକନ୍ତୁ, ଏହି ବିଜ୍ଞାପନ ସଂକ୍ରାନ୍ତୀୟ କୌଣସି ଭ୍ରମ ସଂଶୋଧନ(ଗୁଡ଼ିକ)/ସଂଶୋଧନ(ଗୁଡ଼ିକ) **ଆମ ୱେବ୍‌ସାଇଟ୍: www.meconlimited.co.in ର "କ୍ୟାରିୟର୍ସ" ସେକ୍ସନରେ** ଅପଲୋଡ୍ ହେବ।
**ମୁଖ୍ୟ ମହାପ୍ରବନ୍ଧକ (ଏଚ୍‌ଆର୍),**
**ମେକନ୍ ଲିମିଟେଡ୍, ବିବେକାନନ୍ଦ ପଥ, ଡୋରନ୍ଦା, ରାଞ୍ଚି - ୮୩୪୦୦୨, ଝାଡ଼ଖଣ୍ଡ**
CBC 40110/12/0011/2526

**OFFICE OF THE NOTIFIED AREA COUNCIL, KHARIAR**
At/P.O.: Khariar, Dist.: Nuapada, PIN - 766107
e-mail: khariarn.hud@ori.nic.in, khariarnac@gmail.com

**EXPRESSION OF INTEREST**

EOI Notice No. 1918 — Dtd.: 20.08.2025
No. C-929: Sealed EOI are invited from Mission Shakti Groups (SHG) i.e. Women Self Help Groups (WSHG) from Ward No. 07 to identify and select IA/IP for "Leasing and Management of Kalyan Mandap-2, Ward No. 07" of NAC, Khariar for 03 (Three) years consisting of specification and the set of terms and conditions of contract and other necessary documents can be seen/downloaded from the district website **nuapada.odisha.gov.in**

1. Cost of EOI Paper : Rs.4,000/- (Rupees four thousand) only (Non Refundable)
2. Download EOI documents : nuapada.odisha.gov.in
3. Last date of receiving queries : 25.08.2025 upto 5.30 P.M.
4. Last date of receipt of EOI documents : 01.09.2025 upto 5.30 P.M.
5. Date of opening of EOI documents : 02.09.2025 at 11.00 A.M.
6. Name and address of the Officer Inviting EOI : Executive Officer, NAC, Khariar Dist.: Nuapada

**Sd./- Executive Officer NAC, Khariar**
OIPR-13136/11/0049/2526

**कार्यपालक अभियंता का कार्यालय ग्रामीण विकास विशेष प्रमंडल, बोकारो।**

**शुद्धि – पत्र**

इस प्रमण्डलान्तर्गत आमंत्रित ई–पुनर्निविदा आमंत्रण सूचना संख्या– RDD/SD/BOKARO/ 53/2024-25/3rd Call, जिसका पी० आर० संख्या– 358679 Rural Development (25-26)#D है, को अपरिहार्य कारणवष तत्काल प्रभाव से स्थगित किया जाता है।
**कार्यपालक अभियंता ग्रामीण विकास विशेष प्रमंडल, बोकारो।**
PR 360154 (Rural Development) 25-26 (D)

**कार्यालय कार्यपालक अभियंता लघु सिंचाई प्रमंडल, लातेहार**

**निविदा रद्द संबंधित सूचना**

पत्रांक– 629 — दिनांक– 22.08.2025
एतद् द्वारा सूचित किया जाता है कि इस कार्यालय के ई० निविदा आमंत्रण सूचना सं०- WRD/MID / Latehar/ F2-15/2025-26 यथा बरखेता मध्यम सिंचाई योजना का जीर्णोद्धार, बोदे मध्यम सिंचाई योजना का जीर्णोद्धार एवं दनदाहा मध्यम सिंचाई योजना का जीर्णोद्धार कार्य प्रखंड–बरवाडीह, विभिन्न समाचार पत्रों में प्रकाशित की गयी थी जिसका PR No-359911 (water Resources) 25-26(D) है, को अपरिहार्य कारणवंश रद्द किया जाता है।
PR 360203 Water Resource (25-26)_D — **कार्यपालक अभियंता, लघु सिंचाई प्रमंडल, लातेहार**

**वरीय पुलिस अधीक्षक का कार्यालय, राँची।**

**सर्वसाधारण के लिए सूचना।**



नाम–राजू मुण्डा, उम्र करीब–27 वर्ष, रंग–साँवला, ऊँचाई–04 फीट, 7 फीट
पहनावा–गुलाबी टी–शर्ट, काला रंग का हाफ निकर
एवं सफेद काला चेक गम्छा पहने हुए है।

उपरोक्त लापता व्यक्ति राजु मुण्डा, पिता–शिवनाथ मुण्डा, सा0–डिमरा टोला सोरलोंगा पंचायत, कुन्दला, थाना–तमाड़, जिला–राँची जो दिनांक–10.08.2025 को अपने घर से बगैर बताए कहीं चले गए जो आजतक अपने घर वापस आए है। जिनकी मानसिक स्थिति ठिक नहीं है। जिसके संबंध में तमाड़ थाना सनहा संख्या–12/2025, दिनांक–16.08.2025 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।
अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।
**Email ID(rnc-dcb@jhpolice.gov.in)**
पुलिस उपाधीक्षक, बुण्डु, राँची। –9431706144
थाना प्रभारी तमाड़, राँची। –9431706193
PR 360172 (Police) 25-26 (D) — **पुलिस उप–महानिरीक्षक–सह–वरीय पुलिस अधीक्षक, राँची।**

**IIIT Bhubaneswar**
Imagine. Innovate. Inspire.
(A University established by the Government of Odisha)
No.: IIIT-Bh/10168/2025 — Date : 20.08.2025

**Admission for M.Tech. (Signal Processing and VLSI Technology) Programme**

IIIT Bhubaneswar is a next generation Technology Institute engaged in Under graduate and Post graduate Education and Research.
Applications are invited for the Admission to the Regular M.Tech. (Signal Processing and VLSI Technology) programme for 2025-26.
Last date of receiving application is **extended upto 31st August 2025.**
For admission Bulletin and more details visit our website : **https://www.iiit-bh.ac.in/Admission/m-tech/** — Sd/- REGISTRAR
**AT : Gothapatna, PO : Malipada, Bhubaneswar - 751003, Odisha, India, Web : www.iiit-bh.ac.in**

**SAMBALPUR DISTRICT CO-OPERATIVE CENTRAL BANK LTD.**
HEAD OFFICE : BARGARH-768028
Phone : (06646) 233157/232634, Fax : (06646) 232696
Email : headoffice@sambalpurdccbl.com
Ref. No.2454/TCN/CB/Estt./2025-26 — Date : 22.08.2025

**Tender Cancellation Notice**

In view of administrative exigencies, the Tender Call Notice No.2417/ TCN/CB/Estt./2025-26, Dt.19.08.2025 for providing manpower services of Armed Guards, Drivers and Support Staffs to Sambalpur District Central Cooperative Bank Ltd, Bargarh, published in the Odia Daily "The Sambad" and the "The Dharitri" is hereby kept in abeyance. The tender process initiated through the aforesaid notice shall not be acted upon, if required a fresh tender will be issued in due course of time.
The kept in abeyance Notice is issued with the approval of the Committee of Management of the Bank on 21.08.2025.
**Sd./- Chief Executive Officer**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org
ପତ୍ର ସଂଖ୍ୟା: ୧୮୩ — **ବିଜ୍ଞାପନ** — ତା:୧୮।୦୮।୨୫

No. CAD-1568: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଏଚ.ଆଇ.ଜି. ୧୪୦ (HIG-140), କାନନ ବିହାର, ୧ମ ପର୍ଯ୍ୟାୟ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଏସ୍.ଟି.ଭି.ଜି. ଆଚାରୀଲୁ, ପିତା: ୰ସୀତା ରାମାନୁଜ ଆଚାରୀଲୁ, ସା/ପୋ.: ପେଣ୍ଟିପାଡୁ, ଥାନା: ତାଡ଼େପାଲ୍ଲୀଗୁଡେମ, ତାଲୁକ୍, ଜିଲ୍ଲା: ପଶ୍ଚିମ ଗୋଦାବରୀ (ଆନ୍ଧ୍ରପ୍ରଦେଶ)ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଏସ୍.ଟି.ଭି.ଜି. ଆଚାରୀଲୁ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ପ୍ରବିବେକ ବଳିୟାରସିଂ, ପିତା: ପ୍ରକାଶ ଚନ୍ଦ୍ର ବଳିୟାରସିଂ, ସା/ପୋ./ଥାନା: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।
**ସ୍ୱା./– ପ୍ରଶାସନିକ ଅଧିକାରୀ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
OIPR-13030/11/0824/2526

**ODISHA LIFT IRRIGATION CORPORATION LTD.**
(A GOVERNMENT OF ODISHA UNDERTAKING)
Plot No.N-17/2, Nayaplli, Bhubaneswar- 751 012
Phone No. : (0674) 2390195 (Off), Fax No. : (0674) 2395844,
E-mail ID : olicltd123@bsnl.in, olicltd@ymail.com, http://odishalift.com

**NATIONAL COMPETITIVE BIDDING THROUGH e-Procurement (Re-Bid)**
**No.IT-110/2025-6869/OLIC, Dated : 20.08.2025**

**No.CAD-1524** : The Managing Director, OLIC Ltd., Bhubaneswar invites online tender in percentage rate through e-procurement for installation, electrification, energisation & commissioning of deep bore wells in different districts of Odisha state. Interested Bidders may visit website : www.tendersodisha.gov.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.
**Important features of this NCB are as under :**
A. Brief description of work : Installation, electrification, energisation & commissioning of Deep borewells in Ganjam, Nayagargh, Balasore and Khordha districts (04 Packages)
B. Estimated cost of works : Varies from Rs.162.95 Lakhs to Rs.1290.52 Lakhs
C. Date and time of availability of bid document in the portal : From Dt.25.08.2025 to Dt.16.09.2025 (Up to 17.00 Hours)
D. Last date / time for receipt of bid in the Portal : Dt.16.09.2025 (Up to 17.00 Hours)
E. Last date of seeking clarification : Dt. 03.09.2025 Up to 17.00 Hours
F. Technical Bid will be opened on : Dt. 17.09.2025 at 11.00 Hours

Any Addendum / corrigendum / Cancellation of tender will be available in the said website. Authority reserves the right to accept/reject any or all the tenders, increase or decrease the quantities of work put to bidding without assigning any reason thereof.
**Sd./- MANAGING DIRECTOR OLIC LTD, BHUBANESWAR**
OIPR-32135/11/0059/2526

# ରାଜଧାନୀରେ ହେବ କୁକୁର ଗଣନା

ଭୁବନେଶ୍ୱର, ୨୨।୮
(ବନ୍ଦନା ସେଠୀ)

ରାଜରାସ୍ତାରେ ବୁଲୁଥିବା କୁକୁର ଏବେ ଦେଶରେ ପ୍ରମୁଖ ପ୍ରସଙ୍ଗ ପାଲଟିଛନ୍ତି। କୁକୁରଙ୍କୁ ନେଇ ପ୍ରାଣୀପ୍ରେମୀ, ପ୍ରଶାସନ, ସରକାର ଚିନ୍ତିତ ଥିବାବେଳେ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ଅପରପକ୍ଷେ ରାଜଧାନୀରେ ବୁଲା କୁକୁରଙ୍କ ସଂଖ୍ୟା ବଢି ଚାଲିଥିବାବେଳେ ଖୁବ୍‌ଶୀଘ୍ର ବିଏମ୍‌ସି ପକ୍ଷରୁ କୁକୁରଙ୍କ ଗଣନା କରାଯିବ ବୋଲି ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି। ବୁଲା କୁକୁରଙ୍କ ବନ୍ଧ୍ୟାକରଣକୁ ନେଇ ମେୟର ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ତେବେ ବିଏମ୍‌ସି ପକ୍ଷରୁ ବହୁ ପୂର୍ବରୁ ବନ୍ଧ୍ୟାକରଣ କାର୍ଯ୍ୟକ୍ରମ କରାଯାଉଛି। ଏବେ ପ୍ରତିଦିନ ୨୦ରୁ ୩୦ କୁକୁରଙ୍କ ବନ୍ଧ୍ୟାକରଣ ହେଉଥିବାବେଳେ ଆଗକୁ ଅଧିକ ସଂଖ୍ୟାରେ କରାଯିବ।

## ବୁଲା, ପୋଷା କୁକୁର କାନରେ ଲାଗିବ ଟ୍ୟାଗ୍



ତେବେ ବନ୍ଧ୍ୟାକରଣ ପାଇଁ ଅଧିକ ଭିତ୍ତିଭୂମିର ଆବଶ୍ୟକତା ରହିଛି। କୁକୁରଙ୍କ ସଂଖ୍ୟା ଜାଣିବା ପାଇଁ ରାଜଧାନୀରେ ଡଗ୍ ସେନସସ୍ ହେବ। ଏନେଇ ପ୍ରାଥମିକ ସ୍ତରରେ କାମ ଆରମ୍ଭ କରାଯାଇଛି। ରାଜଧାନୀରେ ପ୍ରାୟ ୮୦ହଜାର କୁକୁର ଥିବା ଅନୁମାନ କରାଯାଉଥିବାବେଳେ କୁକୁର ଗଣନା କରିବା ପରେ ବାସ୍ତବିକ ସଂଖ୍ୟା ଜଣାପଡିବ। ଉଭୟ ବୁଲା କୁକୁର ଓ ପୋଷା କୁକୁରଙ୍କର ଗଣନା ହେବ। କୁକୁରଙ୍କ କାନରେ ଟ୍ୟାଗ୍ ଲାଗିବ। ପୋଷା କୁକୁର ମାଲିକ କିଏ ଓ ବୁଲା କୁକୁର କୋଉଠୁ ଯାଇଛନ୍ତି ଏସବୁର ତଥ୍ୟ ଟ୍ୟାଗ୍‌ରେ ରହିବ। ବନ୍ଧ୍ୟାକରଣ ଓ ଭ୍ୟାକ୍‌ସିନ୍ ହୋଇଛି କି ନାହିଁ ସେ ସମସ୍ତ ତଥ୍ୟ ମଧ୍ୟ ରହିବ। ଏହାଦ୍ୱାରା କୁକୁରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଜାଣିହେବ ଏବଂ ରାଜଧାନୀରେ କେତେ କୁକୁର ଅଛନ୍ତି ଜଣାପଡ଼ିବ। ସେହିପରି ଏଣେ ତେଣେ ବୁଲା କୁକୁରଙ୍କୁ ଖାଇବା ଦେବା ନେଇ ବାରଣ କରାଯିବ ବୋଲି ମେୟର କହିଛନ୍ତି। ସୂଚନାଯୋଗ୍ୟ, ଦିଲ୍ଲୀ-ଏନ୍‌ସିଆର୍‌ରେ ବୁଲା କୁକୁର ମାମଲାରେ ସୁପ୍ରିମ୍‌କୋର୍ଟ ରାୟ ଶୁଣାଇଛନ୍ତି। ସର୍ବସାଧାରଣ ସ୍ଥାନରେ କୁକୁରମାନଙ୍କୁ ଖାଇବାକୁ ଦିଆଯାଇପାରିବ ନାହିଁ। ନିର୍ଦ୍ଦିଷ୍ଟ ସ୍ଥାନରେ ସେମାନଙ୍କୁ ଖାଇବାକୁ ଦିଆଯିବ। ସେହିପରି ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ କରାଯିବା ପରେ ଛାଡ଼ିଦିଆଯିବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି।

## ଏଲ୍‌ଏଚ୍‌ବି ସହ ଗଡ଼ିବ ଜୁନାଗଡ଼ ରୋଡ୍-ଭୁବନେଶ୍ୱର ଏକ୍ସପ୍ରେସ୍

ଭୁବନେଶ୍ୱର,୨୨।୮(ଅନୁରାଧା ମହାରଣା)

ଭୁବନେଶ୍ୱର-ଜୁନାଗଡ଼ ରୋଡ-ଭୁବନେଶ୍ୱର ଏକ୍ସପ୍ରେସ (୨୦୮୩୭/୨୦୮୩୮) ଏବେ ସମ୍ପୂର୍ଣ୍ଣ ଭାବରେ ଆଧୁନିକ ଲିଙ୍କ୍ ହଫ୍‌ମ୍ୟାନ ବୁଶ (ଏଲ୍‌ଏଚ୍‌ବି) କୋଚ୍‌କୁ ଅପଗ୍ରେଡ୍ କରାଯାଇଛି। ଏଲ୍‌ଏଚ୍‌ବି-ସଜ୍ଜିତ ସେବା ସହ ଏହି ଟ୍ରେନ୍ ଅଗଷ୍ଟ ୨୫ରେ ଭୁବନେଶ୍ୱରରୁ ଏବଂ ୨୬ ତାରିଖରେ ଜୁନାଗଡ଼ ରୋଡ୍‌ରୁ ଯାତ୍ରା ଆରମ୍ଭ କରିବ। ଏପର୍ଯ୍ୟନ୍ତ ଏହି ଟ୍ରେନ ଗୋଟିଏ ଏଲଏଚ୍‌ବି ରେକ୍ ଏବଂ ଗୋଟିଏ ପାରମ୍ପରିକ ଆଇସିଏଫ୍ ରେକ୍ ସହିତ ଚଳାଚଳ କରୁଛି। ଏବେ ଅପଗ୍ରେଡ ସହିତ ଉଭୟ ପାର୍ଶ୍ୱରୁ ସମାନ ଭାବରେ ଏଲ୍‌ଏଚବି କୋଚ ସହ ସେବା ପ୍ରଦାନ କରିବ। ଏହି ଏକ୍ସପ୍ରେସରେ ୨ଟି ଦ୍ୱିତୀୟ ଶ୍ରେଣୀ ଏସି କୋଚ୍, ୪ଟି ତୃତୀୟ ଶ୍ରେଣୀ ଏସି କୋଚ୍, ୫ଟି ସ୍ଲିପର୍ ଶ୍ରେଣୀ କୋଚ, ୪ଟି ଦ୍ୱିତୀୟ ଶ୍ରେଣୀ ସିଟିଂ କୋଚ ଗାର୍ଡ ଏବଂ ଦିବ୍ୟାଙ୍ଗଜନଙ୍କ ପାଇଁ ଦ୍ୱିତୀୟ ଶ୍ରେଣୀ

## 'ଭିନ୍ନ ଏକ ମଣିଷ' ପୁସ୍ତକ ଲୋକାର୍ପଣ




ଭୁବନେଶ୍ୱର, ୨୨।୮
(ସୌମ୍ୟରଞ୍ଜନ ରାଉତ)

ଶିକ୍ଷାସନ୍ଧାନ ପକ୍ଷରୁ ପଦ୍ମଶ୍ରୀ ପ୍ରିୟମ୍ବଦା ମହାନ୍ତି ହେଜମାଦିଙ୍କ ଦ୍ୱାରା ସଂକଳିତ ତଥା ସମ୍ପାଦିତ ପୁସ୍ତକ 'ଭିନ୍ନ ଏକ ମଣିଷ' ଶୁକ୍ରବାର ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷଠାରେ ଉନ୍ମୋଚିତ ହୋଇଯାଇଛି। ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥିଭାବେ ରାଜନୀତିଜ୍ଞ ନିରଞ୍ଜନ ପଟ୍ଟନାୟକ, ପଦ୍ମଶ୍ରୀ ଦେବି ପ୍ରସନ୍ନ ପଟ୍ଟନାୟକ, କାଥାକାର ଗୌରହରି ଦାସ, ଗାୟିକା ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ ଓ ପ୍ରିୟମ୍ବଦା ପ୍ରମୁଖ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ଶିକ୍ଷାସନ୍ଧାନ ସମ୍ପାଦକ ଅନିଲ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନାର ପ୍ରଥମ ପର୍ଯ୍ୟାୟ ବୈଠକ

ଭୁବନେଶ୍ୱର, ୨୨।୮
(ସୌମ୍ୟରଞ୍ଜନ ରାଉତ)

ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନା ଅନ୍ତର୍ଗତ ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ ତୀର୍ଥଯାତ୍ରୀମାନେ ଭୁବନେଶ୍ୱରରୁ ଅଯୋଧ୍ୟା ଓ ବାରଣାସୀ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି। ଏଥିଲାଗି ଖୋର୍ଦ୍ଧାର ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ଯୋଜନାରେ କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳର ୭୭୫ ଜଣ ତୀର୍ଥଯାତ୍ରୀ ଏବଂ ସେମାନଙ୍କୁ ସହଯୋଗ କରିବାକୁ ୨୫ଜଣ ଅଧିକାରୀ ଏହି ପ୍ରଥମ ପର୍ଯ୍ୟାୟରେ ସାମିଲ ହେବେ। ଆସନ୍ତା ସେପ୍ଟେମ୍ବର ୧୦ରୁ ତୀର୍ଥଯାତ୍ରୀମାନେ ଭୁବନେଶ୍ୱର ଷ୍ଟେସନରୁ ବାହାରି ଅଯୋଧ୍ୟା ଓ ବାରଣାସୀ ଦର୍ଶନ କରି ସେପ୍ଟେମ୍ବର ୧୫ରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ବୈଠକରେ ତୀର୍ଥଯାତ୍ରାରେ ସାମିଲ ହେଉଥିବା ବରିଷ୍ଠ ନାଗରିକମାନଙ୍କର ସୁରକ୍ଷା, ଖାଦ୍ୟପେୟ, ସ୍ୱାସ୍ଥ୍ୟ ଆଦି ସଂପର୍କରେ ବିଶଦ ଭାବେ ଆଲୋଚନା କରାଯାଇଥିଲା। ତୀର୍ଥଯାତ୍ରୀମାନେ ସେପ୍ଟେମ୍ବର ୯ରେ ସଂପୃକ୍ତ ଜିଲାରୁ ବାହାରି ଭୁବନେଶ୍ୱରରେ ପହଞ୍ଚିବେ। ଏଥିସହ ସେମାନଙ୍କ ଲାଗି ଭୁବନେଶ୍ୱରର ବିଭିନ୍ନ ସରକାରୀ ଅନୁଷ୍ଠାନରେ ଅସ୍ଥାୟୀ ରହଣି ସ୍ଥଳର ବ୍ୟବସ୍ଥା କରାଯିବ । ଏହି ରହଣି ସ୍ଥଳରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଯାଞ୍ଚ, ଖାଦ୍ୟପାନୀୟ ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ସଂପର୍କରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ବେଉରା ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି, ଉପଜିଲାପାଳ ଡ. ମନୋରଞ୍ଜନ ସାହୁ, ପର୍ଯ୍ୟଟନ ସହନିର୍ଦ୍ଦେଶକ ଅଞ୍ଜନ କୁମାର ବାରିକ, ଖୋର୍ଦ୍ଧା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ମୀରା ବେହେରା, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା କ୍ରୀଡ଼ା ଅଧିକାରୀ, ପୁଲିସ, ଅଗ୍ନିଶମ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## କିଟ୍‌ରେ ଜାପାନ ଫିଲ୍ମ ଫେଷ୍ଟିଭାଲ ଉଦ୍‌ଘାଟିତ




ଜାପାନ ଚଳଚ୍ଚିତ୍ର ମହୋତ୍ସବର ଉଦ୍‌ଘାଟନ ଅବସରରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୨୨।୮
(ଅନୁରାଧା ମହାରଣା)

କିଟ୍ ପରିସରରେ ଶୁକ୍ରବାରଠାରୁ ଜାପାନ ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଘାଟିତ ହୋଇଛି। କୋଲକାତାସ୍ଥିତ ଜାପାନ କନ୍‌ସୁଲେଟ, ଜାପାନ ଫାଉଣ୍ଡେଶନ ଓ ଫେଡେରେଶନ ଅଫ ଫିଲ୍ମ ସୋସାଇଟିଜ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ସହଯୋଗରେ ଆରମ୍ଭ ହୋଇଥିବା ଏହି ମହୋତ୍ସବ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ଉତ୍ସବରେ କୋଲକାତାସ୍ଥିତ ଜାପାନ କନ୍‌ସୁଲ ଜେନେରାଲ ଇଶିକା ୟୋଶିହିସା, ମିତ୍‌ସୁବିସି କର୍ପୋରେଶନ ଇଣ୍ଡିଆ କୋଲକାତା ଶାଖାର ମୁଖ୍ୟ ହିମାଂଶୁ ଆଚାର୍ଯ୍ୟ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦ୍ୟୋପାଧ୍ୟାୟ, କିଟ୍ ଫିଲ୍ମ, ଫ୍ୟାଶନ ଓ ଗଣ ଯୋଗାଯୋଗ ସ୍କୁଲର ମହାନିର୍ଦ୍ଦେଶକ ହିମାଂଶୁ ଖଟୁଆ ଏବଂ କିଟ୍ ଅନ୍ତର୍ଜାତୀୟ ବ୍ୟାପାର ବିଭାଗର ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନ ଉପସ୍ଥିତ ଥିଲେ। ଜାପାନ ଚଳଚ୍ଚିତ୍ର ମହୋତ୍ସବର ପ୍ରଚାର ପ୍ରସାର ଦିଗରେ ସହଯୋଗର ହାତ ବଢ଼ାଇଥିବାରୁ ଇଶିକା ୟୋଶିହିସା କିଟ୍, କିସ୍ ଓ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ପ୍ରଥମ ଦିନରେ 'ଫାଦର ଅଫ୍ ମିଲ୍କୀ ୱେ ରେଲ୍‌ରୋଡ୍' ପ୍ରଦର୍ଶନ ହୋଇଥିଲା। ଶନିବାର 'ପ୍ରିନ୍ସେସ ଆରେଟେ' ଓ 'ଲେଡି କାଗା' ପ୍ରଦର୍ଶିତ ହେବାକୁ ଥିବାବେଳେ ୨୪ ତାରିଖରେ 'ରାଇଡ ଇଓର ୱେଭ୍' ଏବଂ 'ଦି ଜେନ ଡାଏରୀ' ଚଳଚ୍ଚିତ୍ର ପ୍ରଦର୍ଶିତ ହେବ ବୋଲି ସୂଚନା ଦିଆଯାଇଛି।

## ଏସ୍‌ସିବିରେ ମୁଖ୍ୟମନ୍ତ୍ରୀଙ୍କ ସ୍ତ୍ରୀଙ୍କୁ ଭେଟିଲେ ସ୍ୱାସ୍ଥ୍ୟ ସଚିବ

କଟକ,୨୨।୮(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ପରିଦର୍ଶନ କରି ମୁଖ୍ୟମନ୍ତ୍ରୀଙ୍କ ସ୍ତ୍ରୀ ପ୍ରିୟଙ୍କା ମାରାଣ୍ଡିଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି ଏସ୍। ଏହାସହ ମେଡିକାଲ ପରିଦର୍ଶନ କରି ବିଭିନ୍ନ ୱାର୍ଡ ବୁଲି ରୋଗୀ ସେବା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସ୍ତ୍ରୀ ପ୍ରିୟଙ୍କା ମାରାଣ୍ଡି ଏସ୍‌ସିବି ସର୍ଜରି ବିଭାଗରେ ବୁଧବାର ଭର୍ତ୍ତି ହୋଇଥିଲେ ଏବଂ ଗୁରୁବାର ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ସର୍ଜରି ବିଭାଗ ପ୍ରଫେସର ଏଲ. ଭି. ଗୌରିଙ୍କ ନେତୃତ୍ୱରେ ୧୦ଜଣିଆ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଅସ୍ତ୍ରୋପଚାରରେ ନିୟୋଜିତ ରହିଥିଲେ।

## ଆଗାମୀ ଦଶନ୍ଧି ସହରାଞ୍ଚଳ ବିକାଶର: ଉଷା ପାଢୀ

ଭୁବନେଶ୍ୱର, ୨୨।୮
(ବନ୍ଦନା ସେଠୀ)

ଆଗାମୀ ଦଶନ୍ଧି ହେଉଛି ସହରାଞ୍ଚଳ ବିକାଶର। ତେଣୁ ଆମକୁ ଦାୟିତ୍ୱର ସହିତ ଏହି ମିଶନରେ ନିଜକୁ ସାମିଲ କରିବାକୁ ପଡିବ ବୋଲି ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ କହିଛନ୍ତି। ଶୁକ୍ରବାର ସୁଡା କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ସହାରୀ ବିକାଶ ଯୋଜନା (ଏମ୍.ଏସ୍.ବି.ୱାଇ.) ଉପରେ ୟୁ.ଏଲ୍.ବି. ଏବଂ ଡି.ୟୁ.ଡି.ଏ.ର ଇଞ୍ଜିନିୟର, ଏମଆଇଏସ୍ ପେସାଦାର, ଆକାଉଣ୍ଟାଣ୍ଟ ଏବଂ ଟିମ ଲିଡ୍‌ରମାନଙ୍କୁ ନେଇ ଚାଲିଥିବା କର୍ମଶାଳାକୁ ସମ୍ବୋଧିତ କରି ପାଢୀ ଏହା କହିଛନ୍ତି। ସହରାଞ୍ଚଳ ପରିବର୍ତ୍ତନର ଅର୍ଥ କେବଳ ଭିତ୍ତିଭୂମି ନୁହେଁ, ବରଂ ସମ୍ମାନଜନକ, ସମାବେଶୀ ଏବଂ ସ୍ଥାୟୀ ସହର ନିର୍ମାଣ ଅନ୍ତର୍ଭୁକ୍ତ। ପରବର୍ତ୍ତୀ ପିଢ଼ି ଆହ୍ୱାନର ସମ୍ମୁଖୀନ ହେବ କିମ୍ବା ଏକ ଉନ୍ନତ ବିଶ୍ୱ ଉତ୍ତରାଧିକାରରେ ପାଇବ, ତାହା ଆମର ବର୍ତ୍ତମାନର ପ୍ରୟାସ ସ୍ଥିର କରିବ। ଆମେ ସମସ୍ତେ ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ତେଣୁ ବ୍ୟବସ୍ଥା ଯେପରି ଠିକ୍ ଦିଗରେ କାର୍ଯ୍ୟ କରେ, ତାହା ସୁନିଶ୍ଚିତ କରିବା ଆମର ପ୍ରମୁଖ କର୍ତ୍ତବ୍ୟ। ତେଣୁ ଆମେ ସମସ୍ତେ ମିଳିମିଶି ଉନ୍ନତ ଏବଂ ସୁଦୃଢ଼ ସହରାଞ୍ଚଳ ଭବିଷ୍ୟତ ସୃଷ୍ଟି କରିବାରେ ଅଂଶୀଦାର ହେବା ପାଇଁ ସେ ଆହ୍ୱାନ ଦେବାସହ ଅଂଶଗ୍ରହଣକାରୀଙ୍କୁ ନବସୃଜନ, ପ୍ରଯୁକ୍ତିବିଦ୍ୟା ପରିଚାଳିତ ଅଭ୍ୟାସ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। କର୍ମଶାଳାରେ ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ସୁଡା ନିର୍ଦ୍ଦେଶକ ରବୀନ୍ଦ୍ର ସାହୁ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୁଡା ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କର୍ମଶାଳାରେ ସକ୍ରିୟ ଅଂଶଗ୍ରହଣ ଏବଂ ଭାବ ବିନିମୟ ଦେଖିବାକୁ ମିଳିଥିଲା। ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ସୁଡା ନିର୍ଦ୍ଦେଶକ ରବୀନ୍ଦ୍ର ସାହୁ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୩ରୁ ଊର୍ଦ୍ଧ୍ୱ ଯୁବକଙ୍କୁ ଉଠାଇ ନେଲା ପୋଲିସ

### ଖଣ୍ଡଗିରି ଥାନା ନିକଟରେ ଗଣ୍ଡଗୋଳ

ଭୁବନେଶ୍ୱର,୨୨।୮
(ସତ୍ୟଜିତ ରାଉତ)

ଖଣ୍ଡଗିରି ଥାନା ନିକଟ ରାସ୍ତାରେ ଶୁକ୍ରବାର ରାତି ପ୍ରାୟ ୧୧ଟା ବେଳେ ଗଣ୍ଡଗୋଳ ହୋଇଛି। କୌଣସି କାରଣକୁ ନେଇ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ସର୍ଭିସ ରୋଡ଼ରେ ପ୍ରଥମେ ଥାର୍ ଗାଡିରେ ଥିବା କେତେଜଣ ଯୁବକ ଏବଂ ଅନ୍ୟ ଗୋଷ୍ଠୀ ଯୁବକଙ୍କ ମଧ୍ୟରେ ଗାଳିଗୁଲଜ ହୋଇଥିଲା। ପରେ ଧସ୍ତାଧସ୍ତି ଓ ମାରପିଟ ହୋଇଥିଲା। ପ୍ରାୟ ୨୦ ମିନିଟ ଏଭଳି ଗଣ୍ଡଗୋଳ ଓ ଉତ୍ତେଜନା ଲାଗି ରହିଥିଲା। ପୋଲିସ ଟିମ୍ ପହଞ୍ଚି ୩ରୁ ଊର୍ଦ୍ଧ୍ୱ ଯୁବକଙ୍କୁ ଉଠାଇ ନେଇଥିଲା। ତେବେ ଗଣ୍ଡଗୋଳ ପଛରେ ପ୍ରକୃତ କାରଣ ଜଣା ପଡି ନ ଥିବା ବେଳେ ଗାଡି ସାଇଡ୍‌ମରାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା କୁହାଯାଉଛି। ତେବେ ମଦ୍ୟପାନ କରି ରାସ୍ତା ଯୁବକମାନେ ପରସ୍ପର ଗାଳିଗୁଲଜ କରୁଥିଲେ ବୋଲି ଥାନାଧିକାରୀ ଅଭିମନ୍ୟୁ ଦାସ କହିଛନ୍ତି। ଯୁବକମାନଙ୍କୁ ଘଟଣା ବିଷୟରେ ପଚରାଉଚରା କରାଯାଉଥିବା ସେ କହିଛନ୍ତି। ଥାନା ନିକଟରେ ଏଭଳି ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।



ପୋଲିସ ଗଣ୍ଡଗୋଳ ସ୍ଥାନରୁ ଯୁବକମାନଙ୍କୁ ଉଠାଇ ନେଉଛି।

## ବ୍ରିଟେନରେ ଭାରତୀୟ ନାବିକଙ୍କ ଅଧିକାର ପାଇଁ ସଂଗ୍ରାମ କରିଥିଲେ ସୁରତ

ଭୁବନେଶ୍ୱର, ୨୨।୮
(ସୌମ୍ୟରଞ୍ଜନ ରାଉତ)

ଜାତୀୟ ଅଭିଲେଖାଗାରର ପୂର୍ବାଞ୍ଚଳ ଶାଖାରେ ୧୭ତମ ମାସିକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗର ପୂର୍ବତନ ମୁଖ୍ୟ ତଥା ଲେଖକ ପ୍ରଫେସର ସଙ୍ଘମିତ୍ରା ମିଶ୍ର 'ଭୁଲିଯାଇଥିବା ଜାତୀୟତାବାଦୀ ସୁରତ ଅଲ୍ଲି' ଉପରେ ସୁଚିନ୍ତିତ ଆଲୋଚନା କରିଥିଲେ। ସଂଘମିତ୍ରା କହିଲେ, ସୁରତ ଜଣେ ଟ୍ରେଡ୍ ୟୁନିଅନ କାର୍ଯ୍ୟକର୍ତ୍ତା। ସେ ୧୯୩୦ ଓ ୧୯୪୦ ଦଶକରେ ବ୍ରିଟେନରେ ଭାରତୀୟ ଓ ବିଶେଷ ଭାବରେ ଭାରତୀୟ ନାବିକଙ୍କ ଅଧିକାର ପାଇଁ ନିରନ୍ତର ପ୍ରୟାସ କରିଥିଲେ। ସେ ବିଭିନ୍ନ ସଂଗଠନରେ ଜଡିତ ଥିବାବେଳେ ଭାରତୀୟ ନାବିକଙ୍କ ସମାନତା ପାଇଁ ତାଙ୍କର ସଂଗ୍ରାମ ବୋଧହୁଏ ବ୍ରିଟେନରେ ଥିବାବେଳେ ତାଙ୍କର ସର୍ବଶ୍ରେଷ୍ଠ ରାଜନୈତିକ ଅବଦାନ ଥିଲା।



ଆଲୋଚନାଚକ୍ରରେ ପ୍ରଫେସର ସଙ୍ଘମିତ୍ରା ମିଶ୍ରଙ୍କ ସହ ଅନ୍ୟ ଅତିଥିମାନେ।

### ଜାତୀୟ ଅଭିଲେଖାଗାରର ମାସିକ ଆଲୋଚନାଚକ୍ର

ସେପ୍ଟେମ୍ବର ୧୯୪୩ରେ ଯେତେବେଳେ ଅଲ ଇଣ୍ଡିଆ ସିମେନ ଫେଡେରେଶନ ବିଚ୍ଛିନ୍ନ ହେବାକୁ ଲାଗିଲା, ସେତେବେଳେ ଅଲ୍ଲୀ ଅଲ୍ ଇଣ୍ଡିଆ ସିମେନ ସେଣ୍ଟର ଆରମ୍ଭ କରିଥିଲେ, ଯାହା ଖୁବଶୀଘ୍ର ଆଫତାବ ଅଲିଙ୍କ ଇଣ୍ଡିଆ ସିମେନ ୟୁନିଅନ ସହିତ ମିଶ୍ରିତ ହୋଇଥିଲା ବୋଲି ସେ ମତ ରଖିଥିଲେ। ଅଭିଲେଖାଗାରର ସହାୟକ ନିର୍ଦ୍ଦେଶକ ସତ୍ୟନାରାୟଣ ମିଶ୍ର ଅଧ୍ୟକ୍ଷତା କରି କହିଲେ, ଗୋଟିଏ ଜାତି ବା ସଭ୍ୟତାର ମୂଳ ନିଷ୍ଠା ଓ ଅବଦାନ ହେଉଛି ସେ ଜାତିର ସଂସ୍କୃତି ଓ ଐତିହ୍ୟ ପ୍ରତି ସମ୍ବେଦନଶୀଳତା ତଥା ଇତିହାସର ପୁନରୁଦ୍ଧାର। ଜାତୀୟ ଅଭିଲେଖାଗାର ସବୁବେଳେ ଇତିହାସ ସଂସ୍କୃତି ସଭ୍ୟତା ଓ ପରମ୍ପରାକୁ ନିର୍ଭୁଲ ମାର୍ଗରେ ଐତିହାସିକ ଦୃଷ୍ଟିକୋଣରେ କିପରି ଉପଯୁକ୍ତ ଭାବରେ ଗବେଷକଙ୍କ ନିକଟରେ ଉପଲବ୍ଧ ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ରାମଚନ୍ଦ୍ର କରଣ ଧନ୍ୟବାଦ ପ୍ରଦାନ କରିଥିଲେ।

## ନିସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜିରେ ସ୍ୱାଗତ ଉତ୍ସବ

ଭୁବନେଶ୍ୱର,୨୨।୮
(ଅନୁରାଧା ମହାରଣା)

ଭୁବନେଶ୍ୱର ଛତାବରସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ନବାଗତ ଇଞ୍ଜିନିୟରିଂ ଓ ଏମ୍‌ସିଏ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଟିସିଏସ୍‌ର ମାନବ ସମ୍ବଳ ବିକାଶ ବିଭାଗ ମୁଖ୍ୟ ଅବିନାଶ ସାମଲ ଓ ମୁଖ୍ୟବକ୍ତା ଭାବେ ଏମ୍‌ବିସି ଟିଭିର ସମ୍ପାଦକ ଅଶୋକ କୁମାର ପଣ୍ଡା ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଇଞ୍ଜିନିୟରିଂ ଶିକ୍ଷା ଗ୍ରହଣକରି ଛାତ୍ରୀଛାତ୍ର କିପରି ଦେଶ ବିଦେଶରେ ବିଭିନ୍ନ ରାଷ୍ଟ୍ରୀୟ ଓ ବହୁରାଷ୍ଟ୍ରୀୟ ଅନ୍ତର୍ଜାତୀୟ କମ୍ପାନୀରେ ନିଯୁକ୍ତି ପାଇପାରିବେ ସେନେଇ କହିଥିଲେ। ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡ. ସୁଭାଷ ଚନ୍ଦ୍ର ନାୟକ, ସହ ପ୍ରତିଷ୍ଠାତ୍ରୀ ପ୍ରଫେସର ସ୍ମୃତିସୁଧା ନାୟକ, ଡାଇରେକ୍ଟର ଡ. ପ୍ରିୟଦର୍ଶୀ କାନୁନ୍‌ଗୋ, ଆଡ୍‌ଭାଇଜର ଲୋକନାଥ ଓଝା, ଅଧ୍ୟକ୍ଷ ଡ.ଦେବବ୍ରତ ରଥ ଓ ଉପାଧ୍ୟକ୍ଷ ପ୍ରଫେସର ମୃତ୍ୟୁଞ୍ଜୟ ସେନାପତି ପ୍ରମୁଖ ଯୋଗଦେଇଥିଲେ। ନିସ୍ ଶିକ୍ଷାନୁଷ୍ଠାନର ମଦନପୁର କ୍ୟାମ୍ପସରେ ଆଇଟି ଓ ମ୍ୟାନେଜମେଣ୍ଟର ଶିକ୍ଷାଦାନ କରାଯାଉଥିବା ବେଳେ ଛତାବରସ୍ଥିତ କ୍ୟାମ୍ପସରେ ଡିପ୍ଲୋମା ଓ ଡିଗ୍ରୀ ଇଞ୍ଜିନିୟରିଂ ସହ ଏମ୍‌ସିଏ ଶିକ୍ଷାଦାନ କରାଯାଉଥିବା ପ୍ରଶାସନିକ ଅଧିକାରୀ ପୀତାମ୍ବର ଚୟନୀ କହିଛନ୍ତି।



ନିସ୍ ଇଞ୍ଜିନିୟରିଂ ଓ ଏମ୍‌ସିଏ କଲେଜରେ ଅନୁଷ୍ଠିତ ସ୍ୱାଗତ ଉତ୍ସବରେ ଅତିଥିମାନେ।

## ଶ୍ୱେତପଦ୍ମା ପକ୍ଷରୁ ବର୍ଷାଭିତ୍ତିକ କାର୍ଯ୍ୟକ୍ରମ 'ମୌସୁମୀ ମୂର୍ଚ୍ଛନା ତୋଳେ'

ଭୁବନେଶ୍ୱର, ୨୨।୮
(ସୌମ୍ୟରଞ୍ଜନ ରାଉତ)

ଶ୍ୱେତପଦ୍ମା କଲ୍‌ଚରାଲ ଟ୍ରଷ୍ଟ ପକ୍ଷରୁ ବର୍ଷାଭିତ୍ତିକ କାର୍ଯ୍ୟକ୍ରମ 'ମୌସୁମୀ ମୂର୍ଚ୍ଛନା ତୋଳେ' ଗୀତଗୋବିନ୍ଦ ସଦନରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାଏ, ଖବରଦାତା ପ୍ରଦ୍ୟୁମ୍ନ ଶତପଥୀ, ଭାଷାତତ୍ତ୍ୱବିତ୍ କୀର୍ତ୍ତନ ନାରାୟଣ ପାଢ଼ୀ, ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶିକା ଦୀପ୍ତିମୟୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସଙ୍ଗୀତଜ୍ଞ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ଗୀତିକାର ସଚ୍ଚି ମହାନ୍ତି, ପ୍ରଯୋଜକ ଚନ୍ଦ୍ରକାନ୍ତ ରାୟ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ସତ୍ୟରଞ୍ଜନ ପାତ୍ରଙ୍କୁ 'ଶ୍ୱେତପଦ୍ମା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ ପରେ କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ର, ଆଦ୍ୟାଶା ଦାସ, ଛନ୍ଦା ମିଶ୍ର, ରୁଦ୍ରନାରାୟଣ, ବିଦ୍ୟାଧର ଶତପଥୀଙ୍କ ସମେତ ଅନ୍ୟାନ୍ୟ ପ୍ରମୁଖ ଯୋଗଦେଇ ବର୍ଷା ଉପରେ ସଙ୍ଗୀତ ପରିବେଷଣ କରିଥିଲେ। ଏଥିସହିତ ଗୀତିଗଙ୍ଗୋତ୍ରୀ ପରିବାର ପକ୍ଷରୁ ବର୍ଷା ଉପରେ କବିତା ପାଠ ହୋଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ମିନତି ମଲ୍ଲ ଓ କୁମାର ଲିଟନ ମଞ୍ଚ ପରିଚାଳନା କରିଥିଲେ।



'ମୌସୁମୀ ମୂର୍ଚ୍ଛନା ତୋଳେ' ଉତ୍ସବରେ ଜଣେ କଣ୍ଠଶିଳ୍ପୀ ବର୍ଷାକୁ ନେଇ ସଙ୍ଗୀତ ଗାନ କରୁଛନ୍ତି।

## ମାନବ-ହାତୀଙ୍କ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଦଳଗତ ନୀତି ପ୍ରସ୍ତୁତ

### ଅନ୍ତର୍ଜାତୀୟ କର୍ମଶାଳା ଉଦ୍‌ଯାପିତ

ଭୁବନେଶ୍ୱର, ୨୨।୮
(ବନ୍ଦନା ସେଠୀ)

ମାନବ-ହାତୀ ସହାବସ୍ଥାନ ଉପରେ ସ୍ଥାନୀୟ ଏକ ହୋଟେଲରେ ଚାଲିଥିବା ଅନ୍ତର୍ଜାତୀୟ କର୍ମଶାଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କର୍ମଶାଳାର ମୁଖ୍ୟ ବିଷୟ ଥିଲା 'ହାତୀଙ୍କ ବାସସ୍ଥଳୀ ଏବଂ ହାତୀ ଚଲାପଥ ପରିଚାଳନା'। ଉଦ୍‌ଯାପନୀ ଦିବସରେ ରୈଖିକ ଭିତ୍ତିଭୂମିରୁ ସୃଷ୍ଟି ହେଉଥିବା ବିପଦ ଉପରେ ଆଲୋଚନା କରାଯାଇଥିଲା। ପୂର୍ବତଟ ରେଳପଥ ଖୋର୍ଦ୍ଧାର ଏଡିଆର୍‌ଏମ ପ୍ରଦୀପ ବେହେରା ଯୋଗଦେଇ ରେଲ୍‌ୱେ ଦ୍ୱାରା ନିଆଯାଉଥିବା ବିଭିନ୍ନ ପ୍ରତିକାରମୂଳକ କାର୍ଯ୍ୟ ସମ୍ପର୍କରେ କହିଥିଲେ। ଟିପିସିଓଡିଏଲ୍‌ର ଜିଏମ୍ (ଟେକ୍ନିକାଲ) ସତ୍ୟଜିତ୍ ଷଡ଼ଙ୍ଗୀ ବିଦ୍ୟୁତ୍ ଆଘାତରୁ ହାତୀ ମୃତ୍ୟୁ ହ୍ରାସ ପାଇଁ ନିଆଯାଉଥିବା ପଦକ୍ଷେପ ବିଷୟରେ ବର୍ଣ୍ଣନା କରିଥିଲେ। ମୁଦୁମଲାଇ ବ୍ୟାଘ୍ର ଅଭୟାରଣ୍ୟର ଫିଲ୍ଡ ଡାଇରେକ୍ଟର ଥିରୁ ଆର. କିରୁବା ଶଙ୍କର ସମ୍ବଳର ସୁବିନିଯୋଗ ପାଇଁ ପୂର୍ବାନୁମାନିତ ହଟ୍‌ସ୍ପଟ ମ୍ୟାପିଂ ବିଷୟରେ ବୁଝାଇଥିଲେ। କର୍ଣ୍ଣାଟକର ଏପିସିସିଏଫ୍ ମନୋଜ ରାଜନ ସଫଳ 'କର୍ଣ୍ଣାଟକ ମଡେଲ' ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଓଡ଼ିଶା ବନ ବିଭାଗର ସିସିଏଫ (ବନ୍ୟପ୍ରାଣୀ)-୧ ଡ. ମନୋଜ ଭି. ନାୟାର ମାନବ-ହାତୀ ସଂଘର୍ଷ ହ୍ରାସ ପାଇଁ ଓଡ଼ିଶାର କମ୍ପ୍ରେହେନ୍‌ସିଭ୍ ଆକ୍ସନ ପ୍ଲାନ୍ (ସିଏପି)ର ଦଶଟି ସ୍ତମ୍ଭ ଉପରେ କହିଥିଲେ। ଏହା ମାନବ- ହାତୀ ଶାନ୍ତିପୂର୍ଣ୍ଣ ସହାବସ୍ଥାନକୁ ବୈଜ୍ଞାନିକ ଏବଂ ବିଭିନ୍ନ ନୀତିଗତ ଯୋଜନା ମାଧ୍ୟମରେ ସ୍ଥାପନ କରିବାରେ ସାହାଯ୍ୟ କରୁଛି। ଦଳଗତ ଆଲୋଚନା ଅଧିବେଶନରେ ସମସ୍ତ ଅଂଶଗ୍ରହଣକାରୀ ମିଳିତ ଭାବେ ମାନବ- ହାତୀ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରି ନୀତି ପ୍ରସ୍ତୁତ କରିଥିଲେ। ଏହି କର୍ମଶାଳା ଜ୍ଞାନର ଆଦାନପ୍ରଦାନ ଏବଂ ବହୁ ସଂସ୍ଥାଗତ ସହଯୋଗକୁ ମଜବୁତ କରିଛି। ଏହା ସଂଘର୍ଷକୁ ସହାବସ୍ଥାନରେ ପରିଣତ କରିବା ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି ପିସିସିଏଫ (ବନ୍ୟପ୍ରାଣୀ) ଏବଂ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପି.କେ. ଝା କହିଛନ୍ତି। କର୍ମଶାଳା ପରେ ଅଂଶଗ୍ରହଣକାରୀମାନେ ଚନ୍ଦକା ବନ୍ୟପ୍ରାଣୀ ଅଭୟାରଣ୍ୟକୁ ପରିଦର୍ଶନ କରିଥିଲେ।

ଆଇୟୁସିଏନ୍ ଏସ୍‌ଏସ୍‌ସି ଏସିଆନ୍ ଏଲିଫ୍ୟାଣ୍ଟ ସ୍ପେଶାଲିଷ୍ଟ ଗ୍ରୁପ୍, ୱାଇଲ୍ଡଲାଇଫ ଟ୍ରଷ୍ଟ ଅଫ୍ ଇଣ୍ଡିଆ ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଆମେରିକାର କଲମ୍ବସ ଚିଡ଼ିଆଖାନା, ମାଲେସିଆ, ଥାଇଲ୍ୟାଣ୍ଡ, ଭୁଟାନ ଏବଂ ଶ୍ରୀଲଙ୍କାର ପ୍ରତିନିଧିମାନେ ବିଶେଷଜ୍ଞତା ପ୍ରଦାନ କରି ପ୍ରସଙ୍ଗର ବିଶ୍ୱସ୍ତରୀୟ ମହତ୍ତ୍ୱକୁ ଦର୍ଶାଇଥିଲେ।

# ଜନସେବାରେ ସମର୍ପିତ ହେବ ଜିଲାପାଳଙ୍କ ନୂଆ ଅଫିସ: ମୁଖ୍ୟମନ୍ତ୍ରୀ

## କଟକ ଜିଲାପାଳଙ୍କ ନୂତନ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

କଟକ,୨୨।୮(ଶିଳ୍ପା ପ୍ରିୟଦର୍ଶିନୀ)

ନୂତନ କୋଠା ଜିଲାର ପ୍ରଶାସନିକ ବିକାଶରେ ଏକ ନୂତନ ଅଧ୍ୟାୟ ସଂଯୋଗ କରିବ। ଦକ୍ଷ, ସ୍ୱଚ୍ଛ ଓ ନାଗରିକ ଅନୁକୂଳ ସେବା ଯୋଗାଇବାରେ ଏହି ନୂତନ କାର୍ଯ୍ୟାଳୟ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଶୁକ୍ରବାର ବିଡାନାସୀ ମୌଜାରେ କଟକ ଜିଲାପାଳଙ୍କ ନୂତନ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ନୂତନ କୋଠା ପାଞ୍ଚ ମହଲା ବିଶିଷ୍ଟ ହେବ। ଏହି କୋଠାକୁ ୨ବର୍ଷ ୬ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ଏଥିପାଇଁ ପ୍ରାୟ ୯୪ କୋଟି ୪୬ ଲକ୍ଷ ୪୪ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପାଖାପାଖି ୬ ଏକର ଜମି ଉପରେ ନିର୍ମାଣ ହେବାକୁ ଥିବା ଏହି ସମନ୍ୱିତ କୋଠାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ କଟକ ସଦର ଉପଜିଲାପାଳଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ରହିବ। ପରବର୍ତ୍ତୀ ପର୍ଯ୍ୟାୟରେ ଏଠାରେ ତହସିଲ କାର୍ଯ୍ୟାଳୟ, ଉପନିବନ୍ଧକଙ୍କ କାର୍ଯ୍ୟାଳୟ, ରାଜସ୍ୱ ଓ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ମଧ ନିର୍ମାଣ କରାଯିବ। ଏଥିରେ ବିଭିନ୍ନ ବିଭାଗ, ଲାଇବ୍ରେରି, କନ୍‌ଫରେନ୍ସ ହଲ, କାଫେଟେରିଆ, ୨୦୦ ଲୋକ ବସି ପାରିବା ଭଳି ଅଡିଟୋରିୟମ ବ୍ୟବସ୍ଥା କରାଯିବ। ସମସ୍ତ ଅତ୍ୟାଧୁନିକ ଭିତ୍ତିଭୂମି ସହ ଏହି ନୂତନ କାର୍ଯ୍ୟାଳୟ ନିର୍ମାଣ କରାଯିବ। ଏଠାରେ ପାର୍କିଂ ପାଇଁ ପର୍ଯ୍ୟାପ୍ତ ସ୍ଥାନ ସହ ଚତୁଃପାର୍ଶ୍ୱରେ ବିଭିନ୍ନ ବୃକ୍ଷରୋପଣ କରାଯାଇ ପରିବେଶ ଅନୁକୂଳ ଭିତ୍ତିଭୂମି ସୁନିଶ୍ଚିତ କରାଯିବ। ଏହି ପ୍ରକଳ୍ପ ଶେଷ ହେବା ଦ୍ୱାରା ଜନସାଧାରଣ ଗୋଟିଏ ସ୍ଥାନରେ ସମସ୍ତ ସରକାରୀ ସେବା ପାଇ ପାରିବେ। କଟକ ଜିଲାପାଳଙ୍କ ନୂତନ କାର୍ଯ୍ୟାଳୟ ଲୋକଙ୍କ ସେବା ପାଇଁ ସମର୍ପିତ ହେବ। ଅନ୍ୟପଟେ ହାଇକୋର୍ଟ ଅଧିକ ଜାଗା ଆବଶ୍ୟକତା କରୁଥିବାବେଳେ ଏହି ଜାଗା ହାଇକୋର୍ଟର କାର୍ଯ୍ୟରେ ଆସି ପାରିବ। ଏହାସହ କଟକ ସହରର ନବକଳେବର କାର୍ଯ୍ୟକୁ ମଧ୍ୟ ସରକାର ନଜରରେ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ।


କଟକ ଜିଲାପାଳଙ୍କ ନୂତନ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଶୁକ୍ରବାର ଉପସ୍ଥିତ ଅଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟମାନେ।

# ଭସାଣିରେ ନିଶାସେବନକୁ ବାରଣ

ଟିଗିରିଆ,୨୨।୮(ଜାଫର ଖାଁ)

ଶାନ୍ତିଶୃଙ୍ଖଳାର ସହ ଗଣେଶ ପୂଜା ପାଳନ କରିବା ପାଇଁ ଟିଗିରିଆ ବ୍ଲକ ଅନ୍ତର୍ଗତ ଭିରୁଡ଼ା ପଞ୍ଚାୟତସ୍ଥିତ ଗୋଡ଼ିଝରିଆ ଗ୍ରାମର ମା'ଯୋଗେଶ୍ୱରୀ କ୍ଲବ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମନୋରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୂଜାକୁ କିଭଳି ଶୃଙ୍ଖଳିତ ଭାବେ ତଥା ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରଦତ୍ତ ନିୟମ ମାନି ପାଳନ କରାଯିବ ସେନେଇ ଆଲୋଚନା ହୋଇଥିଲା। ପ୍ରଶାସନର ନିୟମ ମାନି କିପରି ଧୁମ୍‌ଧାମ୍‌ରେ ଗଜାନନଙ୍କ ପୂଜା ଓ ଭଷାଣି କରାଯିବ ସେଉପରେ ଗୁରୁତ୍ୱ ଦିଆଯାଇଥିଲା। ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଉପସ୍ଥିତ ସଦସ୍ୟଙ୍କ ମତ ସଂଗ୍ରହ କରାଯାଇଥିଲା। ସମସ୍ତ ସଦସ୍ୟଙ୍କ ସମ୍ମତି କ୍ରମେ ଚଳିତବର୍ଷ ଭସାଣିରେ ନିଶା ସେବନକୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି। ବୈଠକରେ ସଦସ୍ୟ ଜିତେନ୍ଦ୍ର ସାହୁ, ରାଜକିଶୋର ସାହୁ, ବିକ୍ରମ ସାହୁ, କିର୍ତ୍ତିମୟ ସାହୁ, ମିଟୁ ସାହୁ, ପପୁ ସାହୁ, ରତିକାନ୍ତ ସାହୁ ଓ ଜଗଦୀଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ଭୀରୁଡ଼ା ପଞ୍ଚାୟତ ସରପଞ୍ଚ ବେଣୁଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତା ମଝିରେ ବରଗଛ, ଯାତାୟାତରେ ବାଧା


ରାସ୍ତା ମଝିରେ ବରଗଛ ଥିବାରୁ ଯାତାୟାତରେ ଅସୁବିଧା ହେଉଛି।

## ବରଗଛଟିକୁ ସ୍ଥାନାନ୍ତର ପାଇଁ ଦାବି

ମଙ୍ଗୁଳି-ଜଗତପୁର,୨୨।୮ (ମାନସ ସାମଲ)

୧୬ ନଂ. ଜାତୀୟ ରାଜପଥର ଜଗତପୁରରୁ ମଙ୍ଗୁଳିକୁ ଗଲାବେଳେ ବିରୂପା ସେତୁର ଉତ୍ତର ପଟ ତଳ ରାସ୍ତା ଅର୍ଥାତ୍ ମହାଦେବ ମନ୍ଦିର ନିକଟରେ ବହୁ ବର୍ଷ ଧରି ଏକ ବିରାଟ ବରଗଛଟି ରହିଛି। ଏହା କଡ଼ ଦେଇ ଦୈନିକ ଦୁଇ ଚକିଆ, ଚାରିଚକିଆଠାରୁ ଆରମ୍ଭ କରି ଶତାଧିକ ଭାରୀଯାନ ଯାତାୟାତ କରିବା ଯୋଗୁ ଏଠାରେ ଖାଲଖମା ମଧ ସୃଷ୍ଟି ହେବା ସହ ଅଣଓସାରିଆ ରହିଛି। ଫଳରେ ଜନସାଧାରଣ ଯାତାୟାତରେ ନାନାଦି ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ପୂର୍ବରୁ ଏହି ବରଗଛ ମୂଳେ ଠାକୁର ପୂଜା ପାଉଥିଲେ। ମାତ୍ର ବହୁ ବର୍ଷ ହେଲା ଏଠାରୁ ଠାକୁରଙ୍କୁ ଅପସାରଣ କରି ନିଆଯାଇ ପାଖରେ ମନ୍ଦିର ପ୍ରତିଷ୍ଠା କରାଯାଇ ପୂଜା ପାଉଛନ୍ତି। ଏହି ବରଗଛ ଏଠାରେ ରହିବାର ଆଉ ଆବଶ୍ୟକ ପଡୁନାହିଁ ବରଂ ଏହା ଦିନକୁ ଦିନ ସମସ୍ୟା ସୃଷ୍ଟି କଲାଣି। ଏଠାରୁ ଉକ୍ତ ବରଗଛ ସ୍ଥାନାନ୍ତର କିମ୍ବା କାଟି ଦିଆଗଲେ ରାସ୍ତା ଆହୁରି ପ୍ରଶସ୍ତ ହେବା ସହ ଜନସାଧାରଣ ଓ ଭାରୀଯାନ ସୁବିଧାରେ ଯାତାୟାତ କରିପାରିବେ। ପ୍ରଶାସନ ଏହାକୁ ଗୁରୁତ୍ୱ ଦେଇ ଗଛ ଏଠାରୁ ସ୍ଥାନାନ୍ତର କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଶ୍ରୀରାମ କମିଟି ତରଫରୁ ନୃତ୍ୟ ପ୍ରତିଯୋଗିତା


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ବାଙ୍କୀ,୨୨।୮ (ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ଶ୍ରୀରାମ କମିଟି ତରଫରୁ ଏକ ସ୍ୱତନ୍ତ୍ର ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ତାଳବସ୍ତ, ଅରପୁର, ସାହାଡ଼ପଦା ଓ ଦୁଲଣାପୁରର ନୃତ୍ୟଶିଳ୍ପୀମାନେ ଭାଗନେଇଥିଲେ। ବିଚାରକଭାବେ ପଣ୍ଡିତ ନିରଞ୍ଜନ ମହାପାତ୍ର ଓ ଦୁଷ୍ମନ୍ତ ମହାରଣା ଯୋଗଦେଇଥିଲେ। ନୃତ୍ୟ ପ୍ରତିଯୋଗିତାରେ ଅଦ୍ୱିତୀୟ ନିସିପଦ୍ମା ଓ ସମ୍ପୂର୍ଣ୍ଣା ସ୍ୱାଇଁ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମକୁ ଶ୍ରୀରାମ କମିଟି ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ ପରିଚାଳନା କରିଥିବା ବେଳେ ଅତିଥି ଭାବେ ମାନସ ବେହେରା ଯୋଗ ଦେଇଥିଲେ। ସଂଗ୍ରାମ ରାଜ, ଅମରଜିତ୍ ନାୟକ, ରୁଦ୍ର ନାରାୟଣ ଦାସ, ସୁଶାନ୍ତ ମହାରଣା, ପ୍ରଦ୍ୟୁମ୍ନ ପାଲ, ଶିବନାରାୟଣ ଷଡଙ୍ଗୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ବାଙ୍କୀ କଲେଜ ଅଧାପିକାଙ୍କୁ ରାଜୀବ ଗାନ୍ଧୀ ସେବା ସମ୍ମାନ

ବାଙ୍କୀ,୨୨।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଓ ଅଧାପିକା ତଥା ଯୁବରେଡ୍‌କ୍ରସ୍ କାଉନସିଲର ସରସ୍ୱତୀ ଦେଉରୀଙ୍କୁ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ସେବା ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି। ଭୁବନେଶ୍ୱରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଚରଣ ଦାସ ଯୋଗଦେଇ ଅଧାପିକା ଦେଉରୀଙ୍କୁ ତାଙ୍କର ସେବାମୂଳକ କାର୍ଯ୍ୟକ୍ରମ ପାଇଁ ସମ୍ମାନ ପ୍ରଦାନ କରିଛନ୍ତି। ଏଥିପାଇଁ କଲେଜ ଅଧକ୍ଷ ପ୍ରାଧାପକ ପ୍ରମୋଦ କୁମାର ପଣ୍ଡା, ପୂର୍ବତନ ଉପାଧକ୍ଷ ପ୍ରାଧାପକ ମନୋଜ କୁମାର ମହାପାତ୍ର ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

# ସରକାରୀ କାମ ଠପ୍, ଅସୁବିଧା ଭୋଗୁଛନ୍ତି ଜନସାଧାରଣ

## ୧୨ଦିନରେ ପହଞ୍ଚିଲା ଅମଲାସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ବଡ଼ମ୍ବା/ବାଙ୍କୀ,୨୨।୮(ମାୟାଧର ମଲ୍ଲିକ/ଶୁଭେନ୍ଦୁ ମହାପାତ୍ର)

୧୦ ଦଫା ଦାବି ନେଇ କଟକ ଜିଲା ବଡ଼ମ୍ବା ରାଜସ୍ୱ ଅମଲା ସଂଘ ପକ୍ଷରୁ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଶୁକ୍ରବାର ୧୨ ଦିନରେ ପହଞ୍ଚିଛି। ମାତ୍ର ଅଦ୍ୟାବଧି ସେମାନଙ୍କୁ କୌଣସି ସୁଫଳତା ମିଳିପାରିନାହିଁ। ଏନେଇ ଅମଲା ସଂଘ ତରଫରୁ ଉଦ୍‌ବେଗ ପ୍ରକାଶ ପାଇଛି। ଅପରପକ୍ଷରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ବଡ଼ମ୍ବା ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜମିବାଡ଼ି ସମେତ ଅନ୍ୟାନ୍ୟ ରାଜସ୍ୱ ସମ୍ପର୍କିତ କାର୍ଯ୍ୟ କରି ନ ପାରି ଲୋକେ ହତାଶ ହେଉଛନ୍ତି। ଚାକିରି କ୍ଷେତ୍ରରେ ଲେବଲ ୯କୁ ପଦୋନ୍ନତି, କ୍ୟାଡର ଭିତ୍ତିରେ ନୂତନ ପଦବୀ ଓ ନିଯୁକ୍ତି କରିବା, କେନ୍ଦ୍ରୀୟ କର୍ମଚାରୀଙ୍କ ଭଳି ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ, କୌଣସି କର୍ମଚାରୀଙ୍କ ମୃତ୍ୟୁ ଘଟିଲେ ସମ୍ପୃକ୍ତ ପରିବାର ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି, ପୁରାତନ ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିବା ଭଳି ୧୦ ଦଫା ଦାବିରେ ଅମଲାସଂଘ କର୍ମଚାରୀମାନେ ଆନ୍ଦୋଳନ କରୁଛନ୍ତି। ଏହି ଆନ୍ଦୋଳନକୁ ଅଧିକ ତୀବ୍ରତର କରାଯିବ ବୋଲି ଓଡ଼ିଶା ରାଜସ୍ୱ ଅମଲାସଂଘ କଟକ ଜିଲା ଅଧକ୍ଷ ମନୋଜ କୁମାର ମହାନ୍ତି କହିଛନ୍ତି। ଏହି ଆନ୍ଦୋଳନରେ ଅଧକ୍ଷ ମହାନ୍ତିଙ୍କ ସମେତ ଉପଖଣ୍ଡ ରାଜସ୍ୱ ଅମଲାସଂଘ ସଭାପତି ଅନୁଜ କୁମାର ବେହେରା, ବଡ଼ମ୍ବା ତହସିଲର ମୁଖ୍ୟ କିରାଣି ବିରାଜ ଲକ୍ଷ୍ମୀ ସେନାପତି, ବରିଷ୍ଠ ରାଜସ୍ୱ ସହାୟକ ସୁପ୍ରଭା ମଲ୍ଲିକ, ଶୈଳେନ୍ଦୁ ଶେଖର ନାୟକ, ସନ୍ତୋଷ କୁମାର ନାଏକ, ଅଭୟ କୁମାର ସାହୁ, କିଶୋର କୁମାର ଦଳେଇ ପ୍ରମୁଖ ସାମିଲ ହୋଇଛନ୍ତି।

ସେହିପରି ଓଡ଼ିଶା ରାଜ୍ୟ ବେସରକାରୀ କଟକ ଜିଲା କର୍ମଚାରୀ ସଂଘ ଆହ୍ୱାନକ୍ରମେ ଜିଲା ସଂଯୋଜକ କେଶବ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ବାଙ୍କୀ ଅଂଶୁପା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ କଲମ ଛାଡ଼ ଆନ୍ଦୋଳନ କରିଛନ୍ତି। ବାରମ୍ବାର ଦାବିସତ୍ତ୍ୱେ ସରକାର ଉପରୋକ୍ତ ସମସ୍ୟାର ସମାଧାନ ନ କରିବାରୁ କଲମ ଛାଡ଼ ଆନ୍ଦୋଳନ କରାଯାଇଛି। ସରକାର ଏସବୁ ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଞ୍ଜୟ ପ୍ରଧାନ, ମନୋରଞ୍ଜନ ବେହେରା, ଭୁବନାନନ୍ଦ ସାହୁ, ସୀତାକାନ୍ତ ରାଉତ, ଦିଲୀପ ସାହୁ, ଶ୍ରୀକାନ୍ତ ବାଘ, ଅଶୋକ ମନ୍ତ୍ରୀ, ସ୍ୱର୍ଣ୍ଣଲତା ରାଉତ, ପ୍ରିୟମ୍ବଦା ଚୌଧୁରୀ ଓ ଗିରିଶ ଖଟୁଆ ପ୍ରମୁଖ କହିଛନ୍ତି।


ବଡ଼ମ୍ବା ରାଜସ୍ୱ ଅମଲାସଂଘ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

# ଚୌଦ୍ୱାର କଲେଜରେ କର୍ମଶାଳା

ଚୌଦ୍ୱାର,୨୨।୮(ଆଶୁତୋଷ ଦାସ)

ଚୌଦ୍ୱାର କଲେଜରେ ନୁତନତ୍ୱ ଜ୍ଞାନ ପ୍ରୟୋଗ ଭିତ୍ତିକ ବ୍ୟବସାୟ ପଦ୍ଧତି ବିଷୟରେ ଏକ ଦିନିକିଆ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂପୁର ଜିଲା ମଣିଜଙ୍ଗା କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ତପନ କୁମାର ପଲାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାର ଉଦ୍ଦେଶ୍ୟ ଓ ଆବଶ୍ୟକତା ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରି ସ୍ୱାବଲମ୍ବୀ ହେବା ପାଇଁ କୁକୁଡା, ମହୁ ଓ ଛତୁ ଚାଷ ଏବଂ ମଣ୍ଡିଆ ଉତ୍ପାଦନ ବିଷୟରେ ବୁଝାଇଥିଲେ। ଆକାଡେମିକ ବର୍ସାର ଅଧାପକ ପ୍ରଫୁଲ୍ଲ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳା ଅଧକ୍ଷା ରଶ୍ମୀ ରାଉତରାୟ ଉଦ୍‌ଘାଟନ କରିଥିଲେ। ବାଣିଜ୍ୟ ବିଭାଗର ଅଧାପକ ଲକ୍ଷ୍ମଣ କରଣ ନୂତନତା ଭିତ୍ତିକ ବ୍ୟବସାୟିକ ପଦ୍ଧତି ଓ ପ୍ରାରମ୍ଭିକ ପ୍ରୟାସର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ବାଣିଜ୍ୟ ଭିଭାଗର ମୁଖ୍ୟ ପ୍ରାଧାପକ ପ୍ରଭାକର ମିଶ୍ର ଛାତ୍ରୀଛାତ୍ରମାନଙ୍କୁ ନୂତନ ପ୍ରୋଜେକ୍ଟ ପ୍ରସ୍ତୁତ କରି ପୁରସ୍କୃତ ହେବା ପାଇଁ ପ୍ରେରଣା ଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅଧାପକ ସୁମନ୍ତ କୁମାର ସାହୁ ଧନ୍ୟବାଦ ଜଣାଇଥିଲେ।

# ଉତ୍ତମ କ୍ରୀଡ଼ାବିତ୍ ଚୟନ ଉପରେ ଗୁରୁତ୍ୱ

ଟିଗିରିଆ,୨୨।୮(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ପ୍ରଥମ ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା, ଭାରତ ସ୍କାଉଟ୍ ଆଣ୍ଡ ଗାଇଡ୍ ଓ ଜୁନିୟର ରେଡ୍‌କ୍ରସର ଚଳିତ ଶିକ୍ଷାବର୍ଷର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଶ୍ୱରଞ୍ଜନ ଜେନା ଉପସ୍ଥିତ ଥିଲେ। ଟିଗିରିଆ ବ୍ଲକ କ୍ରୀଡା ଶିକ୍ଷକ କମିଟି ସମ୍ପାଦିକା ତଥା ସ୍ଥାନୀୟ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ସରୋଜିନୀ ସାହୁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଚଳିତ ଶିକ୍ଷାବର୍ଷରେ କିଭଳିଭାବେ ବ୍ଲକରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ବିଭିନ୍ନ ବର୍ଗର କ୍ରୀଡା ପ୍ରତିଯୋଗିତାର ଆୟୋଜନ କରାଯିବା ସହ ଉତ୍ତମ କ୍ରୀଡ଼ାବିତ ମନୋନୟନ କରାଯାଇ ଜିଲାସ୍ତରକୁ ପଠାଯିବ ସେନେଇ କାର୍ଯ୍ୟକର୍ତ୍ତା ମନୋନୟନ କରାଯାଇ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ଏହି ଅବସରରେ ବ୍ଲକ କ୍ରୀଡ଼ା ବିଭାଗକୁ ୪ ଜୋନ୍‌ରେ ବିଭକ୍ତ କରାଯିବା ସହ ବ୍ଲକର ପ୍ରତ୍ୟେକ ବିଦ୍ୟାଳୟରେ ସ୍କାଉଟ୍, ଗାଇଡ୍ ଓ ରେଡ୍‌କ୍ରସ ଖୋଲାଯିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ାପ୍ରତିଯୋଗିତା ପାଇଁ କାର୍ଯ୍ୟକାରିଣୀ ବୈଠକ।

# ହଜିବାକୁ ବସିଲାଣି ମାଟି କାରିଗରଙ୍କ କୌଳିକ ବୃତ୍ତି

## ମିଳୁନି ସରକାରୀ ସହାୟତା

ବାଙ୍କୀ, ୨୨।୮( ଶୁଭେନ୍ଦୁ ମହାପାତ୍ର)

ଧୀରେଧୀରେ ବିଲୁପ୍ତ ହେବାକୁ ବସିଲାଣି ମାଟି କାରିଗରଙ୍କ କୌଳିକ ବୃତ୍ତି। ଏପରିକି ସେମାନଙ୍କ ଆସବାବପତ୍ର ମଧ ଦେଖିବାକୁ ମିଳୁନାହିଁ। କିନ୍ତୁ ଗ୍ରାମାଞ୍ଚଳରେ କେତେଜଣ କାରିଗର ଏହି କୌଳିକବୃତ୍ତିକୁ ବଞ୍ଚାଇ ରଖିବା ପାଇଁ ଏବେ ବି ସଂଘର୍ଷ କରୁଛନ୍ତି। ସେମାନେ ମାଟିରେ ପ୍ରସ୍ତୁତ କରୁଛନ୍ତି ଦେବଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି। କଟକ ଜିଲା ବାଙ୍କୀ ଡମପଡା ବ୍ଲକ ଅନ୍ତର୍ଗତ କୁସପଙ୍ଗି ପଞ୍ଚାୟତସ୍ଥିତ ଇନ୍ଦୁମତି ପାଟଣା ଗ୍ରାମରେ ଏହାର ଉଦାହରଣ ଦେଖିବାକୁ ମିଳିଛି।

ଏହି ଗ୍ରାମର ଅନିରୁଦ୍ଧ ସାଇଁ ଜଣେ କୁଶଳୀ କାରିଗର ଭାବେ ବେଶ୍ ପରିଚିତ। ମାଟିରେ ବିଭିନ୍ନ ଦେବଦେବୀଙ୍କ ପ୍ରତିମୂର୍ତ୍ତିକୁ ସେ ଜୀବନ୍ତ ଭଳି ଗଢ଼ିତୋଳନ୍ତି। ତାଙ୍କ ପାଖରେ କୌଣସି ଆଧୁନିକୀକରଣ ମେଶିନ ନାହିଁ। ଏହାସତ୍ତ୍ୱେ ହାତରେ ବିଭିନ୍ନ ପ୍ରକାର ରଙ୍ଗରେ ସଜେଇ ମୂର୍ତ୍ତି ଗଢ଼ିବାରେ ସେ ପାରଦର୍ଶିତା ହାସଲ କରିଛନ୍ତି। ନିଜ ଅଞ୍ଚଳ, ଜିଲା ସହ ରାଜ୍ୟ ବାହାରକୁ ଯାଇ ମଧ ନିଜ କଳା କାରିଗରୀ କୌଶଳ ପ୍ରଦର୍ଶନ କରିଛନ୍ତି ବୋଲି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟରେ ତାଙ୍କ ପୁଅ ଓ ପରିବାର ଲୋକେ ମଧ ଘର ସହଯୋଗ କରିଥାନ୍ତି। ଦୀର୍ଘ ୩୫ ବର୍ଷରୁ ଊର୍ଦ୍ଧ୍ୱ ହେବ ସେ ଏହି କାରିଗରି କାମ କରି ଘର ଚଳାଇବା ସହ ପିଲାମାନଙ୍କ ପାଠପଢା ଖର୍ଚ୍ଚ ତୁଲାଉଛନ୍ତି। ସରକାର ବିଭିନ୍ନ ସମୟରେ କୁଶଳୀ କାରିଗରମାନଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗ ପ୍ରସ୍ତୁତ କରୁଥିବାବେଳେ ଅନିରୁଦ୍ଧ କିନ୍ତୁ ଏସବୁ ସୁବିଧାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି।

ସରକାରଙ୍କ ପକ୍ଷରୁ ଯଦି କୌଣସି ପ୍ରକାର ସରକାରୀ ସୁବିଧା ସୁଯୋଗ ମିଳିପାରନ୍ତା ତେବେ ନିଜେ ସ୍ୱାବଲମ୍ବୀ ହେବା ସହ ବେକାର ଯୁବତୀ ଯୁବକଙ୍କୁ ଦକ୍ଷତା ହାସଲ ନିମନ୍ତେ ପ୍ରଶିକ୍ଷଣ ଦେଇପାରନ୍ତେ। ଏହା ସେମାନଙ୍କୁ ରୋଜଗାରକ୍ଷମ କରିବାରେ ସହାୟକ ହୋଇପାରନ୍ତା ବୋଲି କାରିଗର ଅନିରୁଦ୍ଧ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବାଙ୍କୀ ଉପଜିଲାପାଳଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


କାରିଗର ଅନିରୁଦ୍ଧ ସ୍ୱାଇଁ ମାଟି ମୂର୍ତ୍ତିଗୁଡ଼ିକରେ ଶେଷ ସ୍ପର୍ଶ ଦେଉଛନ୍ତି।

## ଫଟୋରେ ଖବର



ଓଡ଼ିଶା ଜୁଡିସିଆଲ ଏକାଡେମୀ ଅଡିଟୋରିୟମରେ ଜିଲା ଜଜ୍ କନ୍‌ଫରେନ୍ସ ଉଦ୍‌ଘାଟନୀ ସମାରୋହରେ ଶୁକ୍ରବାର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଓ ଉପସ୍ଥିତ ବିଚାରପତି ଆନୁଆଲ ରିପୋର୍ଟ-୨୦୨୪କୁ ଉନ୍ମୋଚନ କରୁଛନ୍ତି।



ବିଦ୍ୟାଧରପୁରସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ପକ୍ଷରୁ ଧାନକୀଟ ପରିଚାଳନା ଉପରେ ଚାଷୀମାନଙ୍କ ପାଇଁ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ। (ଫଟୋ: ରାଜକିଶୋର ମହନ୍ତି)

## ସଂକ୍ଷେପରେ

### ଡିଭାଇଡରରେ ପିଟିହୋଇଗଲା ବାଇକ୍, ୩ ଆହତ

ନିରାକାରପୁର,୨୨।୮(ମାନସ ଚନ୍ଦ୍ର ପଟ୍ଟନାୟକ)

୧୬ ନମ୍ବର ଜାତୀୟ ରାଜପଥର ମା’ ଉଗ୍ରତାରାଙ୍କ ରାସ୍ତାସ୍ଥିତ ଓଭରବ୍ରିଜଠାରେ ଶୁକ୍ରବାର ଅପରାହ୍ନ ସାଢେ ୪ଟାରେ ଡିଭାଇଡରରେ ଏକ ବାଇକ ପିଟିହୋଇଯାଇଥିଲା। ଫଳରେ ଚାଳକ ଓ ଦୁଇଜଣ ଝିଅ ଆହତ ହୋଇଛନ୍ତି। ୧୦୮ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ବ୍ରହ୍ମପୁର ଯାଉଥିବା ଜଣେ ସହୃଦୟ ବ୍ୟକ୍ତି ଆହତମାନଙ୍କୁ ଚିକିତ୍ସା ନିମନ୍ତେ ତାଙ୍କ ଗାଡ଼ିରେ ନେଇ ଖୋର୍ଦ୍ଧା ମେଡିକାଲକୁ ଯାଇଥିଲେ। ଆହତମାନଙ୍କ ଘର ଖୋର୍ଦ୍ଧା ସଦର ଥାନା ଅଧିନସ୍ଥ ବାଜପୁର ଗ୍ରାମରେ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଆହତ ବ୍ୟକ୍ତିମାନଙ୍କ ପରିବାର ତରଫରୁ ମା’ଉଗ୍ରତାରାଙ୍କ ପୀଠରେ ଏକ ଭୋଜି ଥିଲା। ସେଠାରୁ ଭୋଜି ଖାଇସାରି ଏକ ବାଇକ ଯୋଗେ ମଉସା ଓ ଦୁଇ ଝିଆରି ବାଜପୁର ଅଭିମୁଖେ ଫେରୁଥିଲେ। ସେମାନେ ଉଗ୍ରତାରା ଛକସ୍ଥିତ ଓଭରବ୍ରିଜ ଗଳି ଦେଇ ଏନ୍‌ଏଚ୍‌କୁ ଉଠୁଥିବା ବେଳେ ଭାରସାମ୍ୟ ହରାଇ ଡିଭାଇଡରରେ ପିଟିହୋଇଯାଇଥିଲେ। ବାଇକ ଚାଳକଙ୍କ ମୁହଁ ଓ ନାକ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା।

### ଗଣେଶ ମହୋତ୍ସବ ପ୍ରସ୍ତୁତି ବୈଠକ

ବୋଲଗଡ,୨୨।୮(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଗେଡ଼ିଆପଲୀ ପଞ୍ଚାୟତ ଅନ୍ତର୍ଗତ ଗୁଡୁପାଙ୍ଗି ଗ୍ରାମ ଆଦିବାସୀ ସାହିରେ ଗଣେଶ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ପ୍ରତାପ ନାହାକ ଅଧକ୍ଷତା କରିଥିଲେ। ଉପଦେଷ୍ଟା ତପନ ନାଏକ, ଦାଶରଥି ନାହାକ, ସମ୍ପାଦକ ହେମନ୍ତ ନାହାକ, କୋଷାଧ୍ୟକ୍ଷ କିଷନ ନାହାକ, ଶ୍ରାବଣ ନାହାକ, ଗ୍ରାମ୍ୟ କମିଟି ସଭାପତି ଗଗନ ନାଏକ, ସଦସ୍ୟ ଗୀତିକାର ସୁବାସଚନ୍ଦ୍ର ନାୟକ, ପ୍ରଫୁଲ୍ଲ ଚନ୍ଦ୍ର ଦେହୁରୀ ଓ ଅମିନ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ମହୋତ୍ସବକୁ ସୁଚାରୁ ରୂପେ ପରିଚାଳନା ପାଇଁ ମତ ରଖିଥିଲେ। ମହୋତ୍ସବ ଆସନ୍ତା ୨୭, ୨୮ ତାରିଖ ୨ଦିନ ଧରି ଅନୁଷ୍ଠିତ ହେବା ପାଇଁ ବୈଠକରେ ସ୍ଥିର ହୋଇଛି। ଏହି ଅବସରରେ ପାଇକ ଆଖଡ଼ା, କୁଇଜ୍ ପ୍ରତିଯୋଗିତା, ଦାସକାଠିଆ, ମଡର୍ନ ଡ୍ୟାନ୍ସ ଓ ସମ୍ବଲପୁରୀ ନୃତ୍ୟ ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ ସହ ବିଶେଷ ଅତିଥିଙ୍କୁ ଆମନ୍ତ୍ରଣ କରାଯିବ ବୋଲି ଆୟୋଜକ କହିଛନ୍ତି। ସୁଶାନ୍ତ ନାହାକ ଧନ୍ୟବାଦ ଅର୍ପଣ କରିଥିଲେ।

### ଚୋରି ମାମଲାରେ ଯୁବକ ଗିରଫ

କଳାପଥର, ୨୨।୮(ଗଙ୍ଗାଧର ସାହୁ)

ବୈଦେଶ୍ୱର ଥାନା ଅଧୀନ ଗୋଳାଗଣ୍ଡ ପଞ୍ଚାୟତ ରଜୀବ ଗ୍ରାମର ଚନ୍ଦନ ବିଶ୍ୱାଳଙ୍କ ତେଜରାତି ଦୋକାନରୁ ୩୨ ହଜାର ୪ଶହ ଟଙ୍କା ଚୋରି ହୋଇଛି। ଏ ନେଇ ଚନ୍ଦନଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ. ୧୪୦/୨୫) ରୁଜୁ କରି ତଦନ୍ତ ଚଳାଇଥିଲା। ଟଙ୍କା ଚୋରି କରିଥିବା ଅଭିଯୋଗରେ ଗ୍ରାମର ସୁଶାନ୍ତ କୁମାର ବାରିକଙ୍କୁ ଗିରଫ କରାଯାଇଥିବା ଥାନା ଆଇଆଇସି ସଞ୍ଜୟ କୁମାର ଜେନା କହିଛନ୍ତି। ସୁଶାନ୍ତ ଚୋରି କଥା ସ୍ୱୀକାର କରିଥିବାବେଳେ ତାଙ୍କ ନିକଟରୁ ୧୬୦୦ ଟଙ୍କା ଜବତ କରାଯାଇଛି।

# ୧୬ ଦିନ ପରେ ବି ଗାଁ ସୀମା ବିବାଦ ତୁଟିନି

## ସ୍କୁଲ, ଦୋକାନବଜାର ବନ୍ଦ: ଛାତ୍ରୀଛାତ୍ର, ଲୋକେ ହଇରାଣ

ବାଘମାରି,୨୨।୮(ମିହିର ରଞ୍ଜନ ମହାପାତ୍ର)



ଦୋକାନ ବଜାର ବନ୍ଦ ରହିଥିବାବେଳେ ପୋଲିସ୍ ମୁତୟନ ଅଛନ୍ତି।

ପୋଡ଼ାଡିହ ପଞ୍ଚାୟତ ଅଧୀନ କୋଟପଲ୍ଲା ଏବଂ ଓସ୍ତପୁର ଗାଁର ସୀମାକୁ ନେଇ ଗତ ୧୬ ଦିନ ଧରି ବିବାଦ ଲାଗିରହିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମାଧାନର ବାଟ ଫିଟୁନାହିଁ। ଗ୍ରାମ ଦୁଇଟିରେ ସ୍ୱାଭାବିକ ସ୍ଥିତି ଫେରି ନ ଥିବାରୁ ଦୋକାନବଜାର ଓ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ଫଳରେ ଜନସାଧାରଣ ହଇରାଣ ହେଉଥିବା ବେଳେ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏଥିଯୋଗୁ ଅଭିଭାବକଙ୍କ ଚିନ୍ତା ବଢ଼ିଯାଇଛି।

ସୂଚନାଯୋଗ୍ୟ, ଗତ ୬ ତାରିଖରେ ସୀମା ବିବାଦ ଉଗ୍ରରୂପ ନେଇଥିଲା। ଉଭୟ ପକ୍ଷ ଗଣ୍ଡଗୋଳରେ ୩ ଜଣ ଆହତ ହୋଇଥିବାବେଳେ ବହୁ ଦୋକାନ କ୍ଷତିଗ୍ରସ୍ତ ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ୧୬୩ ଧାରା ଲାଗୁ କରାଯାଇଥିଲା। ଘଟଣାର ୧୬ ଦିନ ପରେ ବି ଦୋକାନବଜାର ବନ୍ଦ ରହିଛି। ତେଣୁ ବ୍ୟବସାୟୀ ଏବଂ ଅଞ୍ଚଳବାସୀ ଅସୁବିଧା ଭୋଗୁଛନ୍ତି। ସେହିପରି ଦୀର୍ଘଦିନ ଧରି ବିଦ୍ୟାଳୟ ବନ୍ଦ ରହିବା ଦ୍ୱାରା ପିଲାଙ୍କ ପାଠପଢ଼ା ପ୍ରଭାବିତ ହୋଇଛି। ପ୍ରଶାସନ ଏବଂ ସ୍ଥାନୀୟ ପୋଲିସ ସହଯୋଗରେ ଦୁଇ ଗ୍ରାମର ମୁରବିମାନଙ୍କୁ ନେଇ ଏକ କମିଟି ଗଠନ ସହ ଉପଜିଲାପାଳଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲେ ମଧ୍ୟ ସମାଧାନର ବାଟ ଫିଟିପାରିନାହିଁ। ତେଣୁ ଆଗାମୀ ଦିନରେ ପୁଣି ବୈଠକ କରାଯାଇ ବିବାଦର ସମାଧାନ କରାଯିବାକୁ ପ୍ରଶାସନ ଚେଷ୍ଟା ଜାରି ରଖିଛି। ଏ ନେଇ କ୍ଷତିଗ୍ରସ୍ତ ବ୍ୟବସାୟୀ ଭାଗୀରଥି ବେହେରା କହିଛନ୍ତି, ମୋର ପ୍ରାୟ ୧୦ରୁ ୧୨ଲକ୍ଷ ଟଙ୍କାର ଜିନିଷ ନଷ୍ଟ ହୋଇଯାଇଛି। ମୁଁ ବ୍ୟାଙ୍କ ଲୋନ୍ ଓ ଧାର୍ ଆଣି ଦୋକାନ କରିଥିଲି। ଏହି ଦୋକାନରୁ ମୋର ପରିବାର ଚାଲୁଥିଲା। ତେଣୁ ଏବେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ପ୍ରଶାସନର ନିଷ୍ପତ୍ତିକୁ ଆମେ ଅପେକ୍ଷା କରିଛୁ। ସେହିପରି ଓସ୍ତପୁର ଗାଁର ଧନେଶ୍ୱର ପ୍ରଧାନ କହିଛନ୍ତି, ବଜାର ହେଉଛି ଓସ୍ତପୁର ମୌଜାର। ତେଣୁ ଏଠାରେ ଆମ ଗାଁର ଫଳକ ଲାଗିବା ଉଚିତ। ବର୍ତ୍ତମାନ ବଜାର ବନ୍ଦ ରହିଥିବାରୁ ନିତ୍ୟବ୍ୟବହୃତ ଜିନିଷ ପାଇଁ ହଇରାଣ ହେଉଛୁ। ଏହାର ସମାଧାନ ହୋଇଗଲେ ସମସ୍ତଙ୍କ ପାଇଁ ଭଲ ହେବ। କୋଟପଲ୍ଲାର କୈଳାସ ନାୟକ କହିଛନ୍ତି, ବହୁ ପୂର୍ବରୁ ଏହି ବଜାର କୋଟପଲ୍ଲା ନାମରେ ରହିଛି। ଏପରିକି ଦେଶ ସ୍ୱାଧୀନ ପରେ ହୋଇଥିବା ଡାକଘର ଆଦି ମଧ୍ୟ କୋଟପଲ୍ଲା ନାମରେ ଅଛି। ତେଣୁ ଏଠାରେ କୋଟପଲ୍ଲା ଫଳକ ଲାଗିବା ଉଚିତ। ତେବେ ବଜାର ବନ୍ଦ ରହିବା ଦ୍ୱାରା ଆମେମାନେ ହଇରାଣ ହେଉଛୁ, ପିଲାମାନେ ମଧ୍ୟ ପାଠ ପଢ଼ିପାରୁନାହାନ୍ତି। ତେଣୁ ଶୀଘ୍ର ବିବାଦ ତୁଟିଯିବା ଉଚିତ। ଅନ୍ୟପକ୍ଷରେ ପୋଡ଼ାଡିହ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଦର୍ଶନ ମାଣିକ କହିଛନ୍ତି, ଦୁଇ ଗାଁର ଲୋକେ ବହୁତ ଶାନ୍ତିପ୍ରିୟ। କିନ୍ତୁ କିଛି ଭୁଲ୍ ବୁଝାମଣାରୁ ଏମିତି ସ୍ଥିତି ଉପୁଜିଛି। ମୁଁ ସମସ୍ତ ମୁରବିଙ୍କ ସହ କଥାବାର୍ତ୍ତା କରିଛି, ସମସ୍ୟାର ଶୀଘ୍ର ସମାଧାନ ହୋଇଯିବ ବୋଲି ଆଶା।

# ଆଗାମୀ ଦଶନ୍ଧି ହେଉଛି ସହରାଞ୍ଚଳ ବିକାଶର: ପ୍ରମୁଖ ଶାସନ ସଚିବ

ଭୁବନେଶ୍ୱର, ୨୨।୮(ବନ୍ଦନା ସେଠୀ)

ଆଗାମୀ ଦଶନ୍ଧି ହେଉଛି ସହରାଞ୍ଚଳ ବିକାଶର। ତେଣୁ ଆମକୁ ଦାୟିତ୍ୱର ସହିତ ଏହି ମିଶନରେ ନିଜକୁ ସାମିଲ କରିବାକୁ ପଡିବ ବୋଲି ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ କହିଛନ୍ତି। ଶୁକ୍ରବାର ସୁଡା କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ସହାରୀ ବିକାଶ ଯୋଜନା (ଏମ୍.ଏସ୍.ବି.ୱାଇ.) ଉପରେ ୟୁ.ଏଲ୍.ବି. ଏବଂ ଡି.ୟୁ.ଡି.ଏ.ର ଇଞ୍ଜିନିୟର, ଏମଆଇଏସ୍ ପେସାଦାର, ଆକାଉଣ୍ଟାଣ୍ଟ ଏବଂ ଟିମ ଲିଡ଼ରମାନଙ୍କୁ ନେଇ ଚାଲିଥିବା କର୍ମଶାଳାକୁ ସମ୍ବୋଧିତ କରି ପାଢୀ ଏହା କହିଛନ୍ତି। ସହରାଞ୍ଚଳ ପରିବର୍ତ୍ତନର ଅର୍ଥ କେବଳ ଭିତ୍ତିଭୂମି ନୁହେଁ, ବରଂ ସମ୍ମାନଜନକ, ସମାବେଶୀ ଏବଂ ସ୍ଥାୟୀ ସହର ନିର୍ମାଣ ଅନ୍ତର୍ଭୁକ୍ତ। ପରବର୍ତ୍ତୀ ପିଢ଼ି ଆହ୍ୱାନର ସମ୍ମୁଖୀନ ହେବ କିମ୍ବା ଏକ ଉନ୍ନତ ବିଶ୍ୱ ଉତ୍ତରାଧିକାରରେ ପାଇବ, ତାହା ଆମର ବର୍ତ୍ତମାନର ପ୍ରୟାସ ସ୍ଥିର କରିବ। ଆମେ ସମସ୍ତେ ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ତେଣୁ ବ୍ୟବସ୍ଥା ଯେପରି ଠିକ୍ ଦିଗରେ କାର୍ଯ୍ୟ କରେ, ତାହା ସୁନିଶ୍ଚିତ କରିବା ଆମର ପ୍ରମୁଖ କର୍ତ୍ତବ୍ୟ। ତେଣୁ ଆମେ ସମସ୍ତେ ମିଳିମିଶି ଉନ୍ନତ ଏବଂ ସୁଦୃଢ଼ ସହରାଞ୍ଚଳ ଭବିଷ୍ୟତ ସୃଷ୍ଟି କରିବାରେ ଅଂଶୀଦାର ହେବା ପାଇଁ ସେ ଆହ୍ୱାନ ଦେବାସହ ଅଂଶଗ୍ରହଣକାରୀଙ୍କୁ ନବସୃଜନ, ପ୍ରଯୁକ୍ତିବିଦ୍ୟା ପରିଚାଳିତ ଅଭ୍ୟାସ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। କର୍ମଶାଳାରେ ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ସୁଡା ନିର୍ଦ୍ଦେଶକ ରବୀନ୍ଦ୍ର ସାହୁ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୁଡା ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କର୍ମଶାଳାରେ ସକ୍ରିୟ ଅଂଶଗ୍ରହଣ ଏବଂ ଭାବ ବିନିମୟ ଦେଖିବାକୁ ମିଳିଥିଲା। ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ସୁଡା ନିର୍ଦ୍ଦେଶକ ରବୀନ୍ଦ୍ର ସାହୁ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

କୃଷ୍ଣପ୍ରସାଦ,୨୨।୮(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ସଂଘର ଆହ୍ୱାନ କ୍ରମେ ୧୦ଦଫା ଦାବି ନେଇ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ସମସ୍ତ ରାଜସ୍ୱ ଅମଲା ଚଳିତ ମାସ ୧୧ ତାରିଖଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। କୃଷ୍ଣପ୍ରସାଦ ତହସିଲ, ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ବରିଷ୍ଠ ଓ କନିଷ୍ଠ ରାଜସ୍ୱ ସହାୟକ ଏବଂ ଉପବିଭାଗ ଅଧିକାରୀ ଆନ୍ଦୋଳନରେ ସାମିଲ ହେବା ସହ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ସରକାର ସଂଘର ଦାବି ପୂରଣ କରୁନାହାନ୍ତି। ତେଣୁ ଅମଲାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆନ୍ଦୋଳନରେ ତହସିଲ ଉପବିଭାଗ ଅଧିକାରୀ କୁବେର ଜେନା, କନିଷ୍ଠ କିରାଣି ଶ୍ରୀକ୍ଷେତ୍ର ସେଠୀ, କେତନ କୁମାର ଜେନା, ସଞ୍ଜିବନୀ ସରଗମ, ବ୍ଲକ ମୁଖ୍ୟ କିରାଣି ପୂର୍ଣ୍ଣଚନ୍ଦ୍ର କାଣ୍ଡି, ବରିଷ୍ଠ କିରାଣି ଜିତେନ୍ଦ୍ର ପାତ୍ର, କନିଷ୍ଠ କିରାଣି ତତ୍ତ୍ୱଦର୍ଶୀ ସେଠୀ, ରାଜସ୍ୱ ସହାୟକ କାସୀମ ମହମ୍ମଦ ପ୍ରମୁଖ ବହୁ କର୍ମଚାରୀ ସାମିଲ ହୋଇଛନ୍ତି। ଅମଲାମାନେ ଆନ୍ଦୋଳନରେ ସାମିଲ ହୋଇଥିବାରୁ କାମ ଠପ ହୋଇଯାଇଛି।

# ବୋଲଗଡ଼ ମଣ୍ଡଳସ୍ତରୀୟ କ୍ରୀଡ଼ା ଶିକ୍ଷକ ସମ୍ମିଳନୀ



ସମ୍ମିଳନୀରେ ସେବାନିବୃତ୍ତ କ୍ରୀଡ଼ା ଶିକ୍ଷୟିତ୍ରୀ ଦୀପ୍ତିମୟୀ ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବୋଲଗଡ଼,୨୨।୮(ଦେବବ୍ରତ ହୋତା)

ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ମଣ୍ଡଳସ୍ତରୀୟ କ୍ରୀଡ଼ା କମିଟିର ବାର୍ଷିକ ସାଧାରଣ ବୈଠକ ଶୁକ୍ରବାର ସ୍ଥାନୀୟ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟସ୍ଥିତ ମିନି ଷ୍ଟାଡିୟମ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୭ଟି ଶିକ୍ଷା ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ,କ୍ରୀଡ଼ା ଶିକ୍ଷୟିତ୍ରୀଶିକ୍ଷକ, ପିଇଟି ଓ କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ କୁମାର ସ୍ୱାଇଁ ବୈଠକରେ ଅଧକ୍ଷତା କରିଥିଲେ। ଅତିଥି ରୂପେ ପ୍ରାକ୍ତନ ସହଗୋଷ୍ଠୀ ଶିକ୍ଷାଧିକାରୀ ପଦ୍ମଚରଣ ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ଅମିତା ମିଶ୍ର, ପ୍ରଧାନଶିକ୍ଷକ ପୀତାବାସ ଲେଙ୍କା, ସେବା ନିବୃତ୍ତ କ୍ରୀଡ଼ା ଶିକ୍ଷକ ଜୟରାମ ଦାସ, ଗୋପାଳ ମହାନ୍ତି ଏବଂ ଅଜୟ ସୁବୁଦ୍ଧି ଯୋଗଦେଇଥିଲେ। ଭଗବତ ପ୍ରସାଦ ପାଣ୍ଡେ ସ୍ୱାଗତ ଭାଷଣ ଓ ପ୍ରାକ୍ତନ ସମ୍ପାଦକ ମାନସ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ୨୦୨୫-୨୬ ଶିକ୍ଷାବର୍ଷରେ ହେବାକୁ ଥିବା ସମସ୍ତ କ୍ରୀଡ଼ା ପ୍ରତିଯୋଗିତା ପାଇଁ ସ୍ଥାନ, ତାରିଖ ସ୍ଥିର କରାଯାଇ ପ୍ରତ୍ୟେକ ବିଭାଗ ପରିଚାଳନା ଲାଗି ଜଣେ ଲେଖାଏଁ କ୍ରୀଡ଼ା ଶିକ୍ଷୟିତ୍ରୀ କିମ୍ବା ଶିକ୍ଷକଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। କମିଟିରେ ନୂତନ ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ସ୍ୱାଇଁଙ୍କୁ ସଭାପତି, ଅଭିଷେକ ମହାନ୍ତିଙ୍କୁ ସମ୍ପାଦକ, ପ୍ରଧାନଶିକ୍ଷକ ରବୀନ୍ଦ୍ର ବେହେରାଙ୍କୁ ସଭ୍ୟ ଓ ପ୍ରଣତି ସିଂହଙ୍କୁ ସଭ୍ୟା ରୂପେ ଗ୍ରହଣ କରାଯାଇଛି। ଏହି ଅବସରରେ ସେବାନିବୃତ୍ତ କ୍ରୀଡ଼ା ଶିକ୍ଷୟିତ୍ରୀ ଦୀପ୍ତିମୟୀ ହୋତାଙ୍କୁ ପ୍ରଶଂସାପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

# ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ପୁଣ୍ୟତିଥି ପାଳିତ

ଜଟଣୀ,୨୨।୮(ରବୀନ୍ଦ୍ରନାଥ ମହାକୁଡ଼)

ଦିବ୍ୟଜୀବନ ସଂଘ ଜଟଣୀ ଶାଖା ଆଶ୍ରମ ପକ୍ଷରୁ ଗୁରୁବାର ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି। ରାମଚନ୍ଦ୍ରପୁର ବଜାରସ୍ଥ ଆଶ୍ରମ ପରିସରରେ ସଂଘ ଉପସଭାପତି କାହ୍ନୁଚରଣ ସାହୁଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ମନୋଜ କୁମାର ରାଉତରାୟ ଏହାକୁ ପରିଚାଳନା କରିଥିଲେ। ସକାଳ ୯ଟାରୁ ଗୁରୁ ପାଦପୂଜା, ଗୁରୁ ସ୍ତୋତ୍ର ପାଠ, ଭଜନ, କୀର୍ତ୍ତନ ଆରମ୍ଭ ହୋଇ ମାଧ୍ୟହ୍ନରେ ସମାପ୍ତ ହୋଇଥିଲା। ଉତ୍ସବରେ ଗୁରୁଙ୍କ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜଗନ୍ନାଥ ନାୟକ ଗୁରୁଙ୍କ ବାଣୀ ବର୍ଣ୍ଣନା କରିବା ସହିତ ଧ୍ୟାନ, ଜପ ଉପରେ ଆଲୋକପାତ କରିଥିଲେ। ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀ ଗୁରୁ ତତ୍ତ୍ୱ, ଭକ୍ତିତତ୍ତ୍ୱ ଓ କଳିଯୁଗରେ ନାମର ମାହାତ୍ମ୍ୟ ବିଷୟରେ ଆଲୋଚନା କରିଥିଲେ। ସଂଘ ସଭାପତି ଭଗବାନ ମିଶ୍ର ସ୍ୱାମୀ ଚିଦାନନ୍ଦଙ୍କ ସେବା ଭାବ ଈଶ୍ୱରଙ୍କ ସର୍ବବ୍ୟାପକତା ସମ୍ବନ୍ଧରେ କହିଥିଲେ। ଲୋକନାଥ ନାୟକ ସ୍ୱାମିଜୀଙ୍କ ଜୀବନୀ ବର୍ଣ୍ଣନା କରିବା ସହିତ ଗୁରୁଙ୍କ ମାର୍ଗକୁ ଅନୁସରଣ କରିବା ପାଇଁ ଉପଦେଶ ଦେଇଥିଲେ। ଉତ୍ସବରେ ଦ୍ୱିଜବର ସାହୁ, ବିଜୟ ପଟ୍ଟନାୟକ, ମିନତି ମହାପାତ୍ର, ନର୍ମଦା ଦୋରା, ଗୀତାଞ୍ଜଳି ସାହୁ, ପ୍ରଶାନ୍ତ କୁମାର ମହାନ୍ତି, ଦାମୋଦର ବଳବନ୍ତ ରାୟ, ହରିହର ସାହୁ, ବିଷ୍ଣୁପ୍ରିୟା ପଟ୍ଟନାୟକ, ପ୍ରଦୀପ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିରକୁ ଚଢ଼ିବା ବେଳେ ଧରାପଡ଼ିଲେ ଭକ୍ତ

ପୁରୀ,୨୨।୮(ଅଜିତ୍ କୁମାର ମହାନ୍ତି)

ପୁରୀ ଶ୍ରୀମନ୍ଦିର ସୁରକ୍ଷା ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଣି ସୁରକ୍ଷା ବଳୟ ଭେଦକରି ଜଣେ ଭକ୍ତ ଶ୍ରୀମନ୍ଦିର ଉପରକୁ ଚଢ଼ିବାକୁ ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି। ଏହା ପ୍ରଥମ ଘଟଣା ନୁହେଁ, ପୂର୍ବରୁ ମଧ୍ୟ ଏପରି ଘଟଣା ଦୃଷ୍ଟିଗୋଚର ହେଉଛି ମାତ୍ର ପ୍ରଶାସନ ପକ୍ଷରୁ ଯେଉଁଭଳି ଭାବରେ ପଦକ୍ଷପ ଗ୍ରହଣ କରାଯିବା କଥା ସେହିଭଳି ଭାବରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବା ସାଧାରଣରେ ଅଭିଯୋଗ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୁରକ୍ଷା ବ୍ୟବସ୍ଥାକୁ ଭେଦକରି ଶୁକ୍ରବାର ପୁଣି ଜଣେ ଶ୍ରଦ୍ଧାଳୁ ଶ୍ରୀମନ୍ଦିର ଉପରକୁ ଚଢ଼ିବା ପାଇଁ ଉଦ୍ୟମ କରିଥିଲେ। ପଶ୍ଚିମ ପାର୍ଶ୍ୱରେ ଥିବା ନୃସିଂହ ମନ୍ଦିର ନିକଟରୁ ବ୍ୟକ୍ତି ଜଣଙ୍କ ମନ୍ଦିର ଉପରକୁ ଚଢ଼ିବାକୁ ଉଦ୍ୟମ କରୁଥିବା ବେଳେ ଶ୍ରୀମନ୍ଦିର ପୋଲିସ ଓ ସେବାୟତ ତାଙ୍କୁ ଦେଖି ତଳକୁ ଓହ୍ଲାଇବା ସହ ପୋଲିସ ଜିମା ଦେଇଥିଲେ। ଶ୍ରୀମନ୍ଦିର ଉପରେ ଚଢ଼ିବାକୁ ଉଦ୍ୟମ କରୁଥିବା ବ୍ୟକ୍ତି ଜଣଙ୍କ ହେଉଛନ୍ତି ଉତ୍ତରପ୍ରଦେଶର ମନୋଜ ସିଂହ। ଏନେଇ ଏସ୍‌ପି ଦାୟିତ୍ୱରେ ଥିବା ପିନାକ ମିଶ୍ର କହିଛନ୍ତି, ‘ଶ୍ରୀମନ୍ଦିର ଭିତର ବେଢାରେ ଥିବା ନୃସିଂହ ମନ୍ଦିର ନିକଟରୁ ଜଣେ ବ୍ୟକ୍ତି ଶ୍ରୀମନ୍ଦିର ଉପରକୁ ଚଢ଼ିବା ପାଇଁ ଉଦ୍ୟମ କରୁଥିଲେ। ଠିକ୍ ସମୟରେ ତାଙ୍କୁ ସୁରକ୍ଷା କର୍ମୀମାନେ ରୋକିଥିଲେ। ଅନେକ ଲୋକ ଭାବବିହ୍ୱଳ ହୋଇ ଏହି କାର୍ଯ୍ୟ କରୁଛନ୍ତି। ଅଟକ ଥିବା ବ୍ୟକ୍ତିଙ୍କ ବିଷୟରେ ସମ୍ପୂର୍ଣ୍ଣ ତଦନ୍ତ ପରେ ପୋଲିସ ସବୁ ଦିଗରୁ ଭରସାଯୋଗ୍ୟ ତଥ୍ୟ ସହ ଉକ୍ତ ବ୍ୟକ୍ତିଙ୍କ କୌଣସି ଆପରାଧିକ ଗତିବିଧି ରେକର୍ଡ ନ ଥିଲେ ତାଙ୍କୁ ଆମେ ଛାଡ଼ି ଦେଉଛୁ। ଏଏସ୍‌ଆଇ ଓ ଶ୍ରୀମନ୍ଦିର ପ୍ରଶାସନ ସହ ଆମେ ଆଲୋଚନାକରି ଏହାକୁ କିଭଳି ରୋକିହେବ ସେ ନେଇ ପଦକ୍ଷେପ ନେବୁ। ଶ୍ରୀମନ୍ଦିର ଭିତରେ ମଧ୍ୟ ଏ ନେଇ ସୂଚନା ଫଳକ ଲଗାଯିବ ବୋଲି ସେ କହିଛନ୍ତି।


ରାମେଶ୍ୱର ପଞ୍ଚାୟତସ୍ଥିତ ବୃଦ୍ଧାଶ୍ରମରେ ୩୦ ଜଣ ଅନ୍ତେବାସୀଙ୍କୁ ସହଯୋଗ ଅନୁଷ୍ଠାନ ଆନୁକୂଲ୍ୟରେ ସାମାଜିକ କର୍ମୀ ଡ. ପୂର୍ଣ୍ଣଚନ୍ଦ୍ର ଦାଶ ଅନ୍ନ ଓ ବସ୍ତ୍ର ପ୍ରଦାନ କରୁଛନ୍ତି। (ଫଟୋ- ମାନସ ଚନ୍ଦ୍ର ପଟ୍ଟନାୟକ)

# ବକେୟା ଲାଭାଂଶ ପାଇବେ ୧ ଲକ୍ଷ ୪୦ ହଜାର ଅଂଶୀଦାର

ଜଟଣୀ,୨୨।୮(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳସ୍ଥିତ ଅବିଭକ୍ତ ଦକ୍ଷିଣ ପୂର୍ବରେଳପଥ ଅର୍ବାନ କୋପରେଟିଭ ସୋସାଇଟି ବ୍ୟାଙ୍କର ଅଂଶୀଦାରମାନଙ୍କ ଡେଭିଡେଣ୍ଟ (ଲାଭାଂଶ) ମିଳିବା ନେଇ ସୂଚନା ମିଳିଛି। ଗୁରୁବାର ଟାଟାରେ ବୋର୍ଡ ଅଫ୍ ଡିରେକ୍ଟର୍ସ ବୈଠକରେ ବାକିଆ ଚାରିବର୍ଷର ଲାଭାଂଶ ୭.୫ ହାରରେ ଦେବା ପାଇଁ ନିଷ୍ପତ୍ତି ହୋଇଛି। ଏହା ସେପ୍ଟେମ୍ବର ୧ରେ ଅଂଶୀଦାରମାନଙ୍କ ଖାତାକୁ ପଠାଯିବ। ଯେଉଁମାନେ ଲାଭାଂଶ ନେବାକୁ ଚାହିଁବେ, ସେମାନେ ପ୍ରତ୍ୟାହାର ଫର୍ମ ଦାଖଲ କରି ନେଇପାରିବେ ବୋଲି ଅଧ୍ୟକ୍ଷ ଶୈଳେନ୍ଦ୍ର ପ୍ରତାପ ସିଂ ଘୋଷଣା କରିଛନ୍ତି। ସେ କହିଛନ୍ତି, ସେପ୍ଟେମ୍ବର ୧୩ରେ ବ୍ୟାଙ୍କ ପ୍ରଥମ କରି ଅନଲାଇନ ସେବା ଉପଲବ୍ଧ କରିବ, ଯାହାଦ୍ୱାରା ଅଂଶୀଦାରମାନେ ଘରେ ବସି ଲୋନ ଆବେଦନ, ବାଲାନ୍ସ ଇନକ୍ୱାରୀ, ହୋଲିଡେ ହୋମ ବୁକିଂ ଭଳି ବିଭିନ୍ନ ସୁବିଧା ପାଇପାରିବେ। କେୱାଇଏସ୍ ଫର୍ମ ଦାଖଲ କରି ଅନଲାଇନ ସେବା ପାଇବା ପାଇଁ ସାଧାରଣ ସମ୍ପାଦକ ସାହୁ ଅଂଶୀଦାରମାନଙ୍କୁ ନିବେଦନ କରିଛନ୍ତି। ଏହି ଅବସରରେ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର, ଶାଖା ସମ୍ପାଦକ ଜଗମୋହନ ଖୁଣ୍ଟିଆ, ଏଲ୍.ଡି. ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୧୫ ମସିହାରୁ ସୋସାଇଟିର କାର୍ଯ୍ୟକାଳ ସରିଯାଇଥିବାରୁ ଅଂଶୀଦାରଙ୍କ ଲାଭାଂଶ ମିଳିପାରୁ ନ ଥିଲା। ୨୦୨୧ରେ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ଜେନେରାଲ ସେକ୍ରେଟାରୀ ରମେଶ ଚନ୍ଦ୍ର ସାହୁ ବ୍ୟାଙ୍କ ପରିଚାଳନା ଦୁର୍ନୀତିର ପର୍ଦ୍ଦାଫାଶ କରିଥିଲେ। ପରବର୍ତ୍ତୀ ସମୟରେ ଏହା ଗଣ ଆନ୍ଦୋଳନର ରୂପ ନେଇଥିଲା। ଫଳରେ ତତ୍କାଳୀନ ପରିଷଦ ୨୦୨୦ ପର୍ଯ୍ୟନ୍ତ ଲାଭାଂଶ ଦେବାକୁ ବାଧ୍ୟ ହୋଇଥିଲା।୨୦୨୪ ଅକ୍ଟୋବରରେ ଶ୍ରମିକ କଂଗ୍ରେସ ଓ ପରିବର୍ତ୍ତନ ପାନେଲ ଗଠବନ୍ଧନ ପରିଚାଳନା କ୍ଷମତାକୁ ଆସିବା ପରେ ଋଣ ଉପରେ ଏକ ପ୍ରତିଶତ ସୁଧ କମାଇବା ସହ ଜମା ଉପରେ ଅଧିକ ସୁଧ ବ୍ୟବସ୍ଥା ଲାଗୁ କରିବା ଓ ହୋଲିଡେ ହୋମକୁ ତିନିତାରକା ହୋଟେଲ ବ୍ୟବସ୍ଥା କରିଥିଲେ।

# ରାସ୍ତାରେ ଖାଲଖମା, ଜମୁଛି ବର୍ଷାପାଣି



## ଯାତାୟାତ ଲାଗି ହଇରାଣ ହେଉଛନ୍ତି ଗ୍ରାମବାସୀ

ନିରାକାରପୁର,୨୨।୮(ମାନସ ଚନ୍ଦ୍ର ପଟ୍ଟନାୟକ)

ଗମନାଗମନ ସୁବିଧା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରିଥିବାବେଳେ ପ୍ରଶାସନିକ ଅବ୍ୟବସ୍ଥା ଯୋଗୁ ତାହା ଠିକ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ଗାଁ ଗହଳିରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତ ସଠିପଦର (ରେଙ୍ଗଟା) ଗ୍ରାମର ଏକମାତ୍ର ମାଟି ରାସ୍ତା ଗ୍ରାମରୁ ଜାଜପୁରକୁ ସଂଯୋଗ ହୋଇଥିବା ବେଳେ ଅନେକ ସ୍ଥାନରେ ଖାଲଖମା ରହିଛି। ଖାଲଖମାରେ ବର୍ଷାପାଣି ଜମିଯିବାରୁ ଲୋକେ ଗାଡ଼ିମୋଟର ଚଳାଚଳ ଓ ଯାତାୟାତରେ ହଇରାଣ ହେଉଛନ୍ତି। ଗ୍ରାମରେ ଥିବା ଏକ ସ୍କୁଲକୁ ପିଲାମାନେ ଗଲାବେଳେ ପଡି ବହିପତ୍ର ଓଦା ହୋଇଯାଉଛି। ଏହା ସହିତ ନିରାକାରପୁର କଲେଜକୁ ଛାତ୍ରୀଛାତ୍ରମାନେ ପଢିବା ପାଇଁ ଗଲାବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର କେତେଅଂଶ କାର୍ଯ୍ୟ ପାଇଁ ଏଇ କିଛିବର୍ଷ ତଳେ ଅନୁଦାନ ରାଶି ଆସିଥିଲେ ମଧ୍ୟ କାମ ହୋଇପାରିନାହିଁ। ଏଥିଯୋଗୁ ଅସନ୍ତୋଷ ପ୍ରକାଶ ପାଉଛି। ଶୀଘ୍ର ପକ୍କା ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ପାର୍ବଣ ପାଇଁ ମୂର୍ତ୍ତି କାରିଗର ବ୍ୟସ୍ତ

ଯାଁଳା,୨୨।୮(ବୁଲା ବାରିକ)

ଆଉ ଦିନ କେତୋଟି ପରେ ଆରମ୍ଭ ହେବ ପାର୍ବଣ ଋତୁ। ସେଥିପାଇଁ କାରିଗରମାନେ ମୃଣ୍ମୟ ମୂର୍ତ୍ତି ଗଢିବାରେ ଲାଗିପଡ଼ିଲେଣି। ଆଗକୁ ଖୁଦୁରୁକୁଣୀ ପୂଜା, ଗଣେଶ ପୂଜା, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା, କାଳିପୂଜା ଓ କାର୍ତ୍ତିକେଶ୍ୱର ପୂଜା ଆସୁଛି। ତେଣୁ ଏବେଠାରୁ ମୂର୍ତ୍ତିକାରଙ୍କ ଶାଳ ଚଳଚଞ୍ଚଳ ହୋଇଉଠିଲାଣି। ସେମାନଙ୍କ ହାତକୁ ତର ମିଳୁନି। ଅନେକ ସ୍ଥାନରେ ଶିଳ୍ପୀମାନେ ଛାଞ୍ଚରେ ମାଟିବୋଳି ଖୁଦୁରୁକୁଣୀ ଓ ଗଣେଶ ମୂର୍ତ୍ତି ଗଢିସାରିଲେଣି। କେବଳ ରଙ୍ଗ ସ୍ପର୍ଶକୁ ଅପେକ୍ଷା। ଏବେ ରାଜଧାନୀ ଉପକଣ୍ଠରେ ମୁଣ୍ଡ ଟେକିଛି ଅସ୍ଥାୟୀ ମୂର୍ତ୍ତିଶାଳ। ରାଜପଥର ଜନଗହଳି ପୂର୍ଣ୍ଣ ଛକଗୁଡ଼ିକରେ ବିଶେଷକରି ଓଡିଆ ବଙ୍ଗୀୟ କାରିଗରମାନେ ଡେରା ପକାଇଛନ୍ତି। ରାଜଧାନୀ ଉପକଣ୍ଠ ଜଟଣୀ ବ୍ଲକ ଅନ୍ତର୍ଗତ ପଳାଶପୁର, ଛତାବର, ଖୋର୍ଦ୍ଧା, ଗୁରୁଜଙ୍ଗ ଆଦି ଅଞ୍ଚଳରେ କାରିଗରମାନେ ମୂର୍ତ୍ତି ଗଢୁଥିବା ଦେଖିବକୁ ମିଳିଛି। ପୂଜାମଣ୍ଡପ ସଂଖ୍ୟା ବଢୁଥିବାରୁ ଏବେ କାରିଗରମାନେ ମଧ୍ୟ ବିଭିନ୍ନ ପ୍ରକାର ମୂର୍ତ୍ତି ଗଢିବାରେ ମନ ଦେଉଛନ୍ତି। ଯାଁଳାରେ ଅସ୍ଥାୟୀ ଶିବିର ଖୋଲି ମୂର୍ତ୍ତି ଗଢୁଥିବା କାରିଗର କହିଛନ୍ତି, ତାଙ୍କର ଟିମ ଦୀର୍ଘ ୧୦ ବର୍ଷ ହେଲା ଏହି କାମ କରୁଛନ୍ତ। ପୂଜା ପୂର୍ବରୁ ମୂର୍ତ୍ତି ଗଢିବା ପାଇଁ ବରାଦ ଆସୁଛି। ମୂର୍ତ୍ତିର ଆକାର ଓ ସାଇଜ ଅନୁସାରେ ୨ହଜାରରୁ ଆରମ୍ଭ କରି ୨୦ ହଜାର ପର୍ଯ୍ୟନ୍ତ ଦାମ୍ ରହୁଛି। ମଣ୍ଡପ ବା ଅନୁଷ୍ଠାନକୁ ମୂର୍ତ୍ତି ଦେବାଠାରୁ ବ୍ୟବସାୟୀମାନେ ହୋଲସେଲ ଦରରେ କିଣୁଛନ୍ତି। ତାଙ୍କ ଶାଳରେ ମଙ୍ଗଳା, ଗଣେଷ, ବିଶ୍ୱକର୍ମା, ଦୁର୍ଗା ଓ ଗଜଲକ୍ଷ୍ମୀ ଆଦି ମୃଣ୍ମୟ ମୂର୍ତ୍ତି ତିଆରି ହେଉଥିବା ସେ କହିଛନ୍ତି। ଚଳିତ ବର୍ଷ ପାଗ ଅନୁକୂଳ ରହିଲେ ବେପାର ଭଲ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।


କାରିଗରମାନେ ମୂର୍ତ୍ତି ତିଆରି କରୁଛନ୍ତି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୨।୮।୨୦୨୫

| | |
|---|---|
| ୩,୬୯,୯୭୨ ଟଙ୍କା | |
| ସୁନା | ୨୪୦ ମିଲିଗ୍ରାମ୍ |
| ରୁପା | ୨.୩୫୦ ଗ୍ରାମ୍ |

# ଶ୍ରୀମନ୍ଦିରକୁ ଚଢ଼ିବା ବେଳେ ଧରାପଡ଼ିଲେ ଭକ୍ତ

ପୁରୀ,୨୨।୮ (ଅଜିତ୍ କୁମାର ମହାନ୍ତି)

ପୁରୀ ଶ୍ରୀମନ୍ଦିର ସୁରକ୍ଷା ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଣି ସୁରକ୍ଷା ବଳୟ ଭେଦ କରି ଜଣେ ଭକ୍ତ ଶ୍ରୀମନ୍ଦିର ଉପରକୁ ଚଢ଼ିବାକୁ ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି। ଏହା ପ୍ରଥମ ଘଟଣା ନୁହେଁ, ପୂର୍ବରୁ ମଧ ଏପରି ଘଟଣା ଦୃଷ୍ଟିଗୋଚର ହେଉଛି ମାତ୍ର ପ୍ରଶାସନ ପକ୍ଷରୁ ଯେଉଁଭଳି ଭାବରେ ପଦକ୍ଷପ ଗ୍ରହଣ କରାଯିବା କଥା ସେହିଭଳି ଭାବରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉ ନଥିବା ସାଧାରଣରେ ଅଭିଯୋଗ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୁରକ୍ଷା ବ୍ୟବସ୍ଥାକୁ ଭେଦ କରି ଶୁକ୍ରବାର ପୁଣି ଜଣେ ଶ୍ରଦ୍ଧାଳୁ ଶ୍ରୀମନ୍ଦିର ଉପରକୁ ଚଢ଼ିବା ପାଇଁ ଉଦ୍ୟମ କରିଥିଲେ। ପଶ୍ଚିମ ପାର୍ଶ୍ୱରେ ଥିବା ନୃସିଂହ ମନ୍ଦିର ନିକଟରୁ ବ୍ୟକ୍ତି ଜଣଙ୍କ ମନ୍ଦିର ଉପରକୁ ଚଢ଼ିବାକୁ ଉଦ୍ୟମ କରୁଥିବା ବେଳେ ଶ୍ରୀମନ୍ଦିର ପୋଲିସ ଓ ସେବାୟତ ତାଙ୍କୁ ଦେଖି ତଳକୁ ଓହ୍ଲାଇବା ସହ ପୋଲିସ ଜିମା ଦେଇଥିଲେ। ଶ୍ରୀମନ୍ଦିର ଉପରେ ଚଢ଼ିବାକୁ ଉଦ୍ୟମ କରୁଥିବା ବ୍ୟକ୍ତି ଜଣଙ୍କ ହେଉଛନ୍ତି ଉତ୍ତରପ୍ରଦେଶର ମନୋଜ ସିଂହ।

ଏନେଇ ଏସ୍‌ପି ଦାୟିତ୍ୱରେ ଥିବା ପିନାକ ମିଶ୍ର କହିଛନ୍ତି, 'ଶ୍ରୀମନ୍ଦିର ଭିତର ବେଢାରେ ଥିବା ନୃସିଂହ ମନ୍ଦିର ନିକଟରୁ ଜଣେ ବ୍ୟକ୍ତି ଶ୍ରୀମନ୍ଦିର ଉପରକୁ ଚଢ଼ିବା ପାଇଁ ଉଦ୍ୟମ କରୁଥିଲେ। ଠିକ୍ ସମୟରେ ତାଙ୍କୁ ସୁରକ୍ଷା କର୍ମୀମାନେ ରୋକିଥିଲେ। ଅନେକ ଲୋକ ଭାବବିହ୍ୱଳ ହୋଇ ଏହି କାର୍ଯ୍ୟ କରୁଛନ୍ତି। ଅଟକ ଥିବା ବ୍ୟକ୍ତିଙ୍କ ବିଷୟରେ ସମ୍ପୂର୍ଣ୍ଣ ତଦନ୍ତ ପରେ ପୋଲିସ ସବୁ ଦିଗରୁ ଭରସାଯୋଗ୍ୟ ତଥ୍ୟ ସହ ଉକ୍ତ ବ୍ୟକ୍ତିଙ୍କ କୌଣସି ଅପରାଧିକ ଗତିବିଧି ରେକର୍ଡ ନ ଥିଲେ ତାଙ୍କୁ ଆମେ ଛାଡ଼ି ଦେଉଛୁ। ଏଏସ୍‌ଆଇ ଓ ଶ୍ରୀମନ୍ଦିର ପ୍ରଶାସନ ସହିତ ଆମେ ଆଲୋଚନା କରି ଏହାକୁ କିଭଳି ରୋକିହେବ ସେ ନେଇ ପଦକ୍ଷେପ ନେବୁ ଶ୍ରୀମନ୍ଦିର ଭିତରେ ମଧ ଏ ନେଇ ସୂଚନା ଫଳକ ଲଗାଯିବ ବୋଲି କହିଛନ୍ତି।



ଶ୍ରୀମନ୍ଦିର ଉପରକୁ ଚଢୁଥିବା ବ୍ୟକ୍ତି ।

## ସୁରକ୍ଷା ନେଇ ପୋଲିସ କର୍ମଚାରୀଙ୍କ ସହ ଆଲୋଚନା

ଶ୍ରୀମନ୍ଦିର ଉପରକୁ ଜଣେ ଭକ୍ତ ଚଢୁଥିବା ବେଳେ ପୋଲିସ କର୍ମଚାରୀ ତାଙ୍କୁ ବାରଣ କରିଛି। ପୋଲିସ ସୁରକ୍ଷା ବଳୟକୁ ଭେଦ କରି କିପରି ଭକ୍ତ ଜଣଙ୍କ ମନ୍ଦିର ଉପରକୁ ଚଢୁଥିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଶ୍ରୀମନ୍ଦିର ସୁରକ୍ଷା ସମ୍ପର୍କରେ ଶ୍ରୀମନ୍ଦିର ଅଧିକାରୀ ଏବଂ ପୋଲିସ ଅଧିକାରୀ ମାନଙ୍କ ସହ ଆଲୋଚନା କରାଯାଇଛି। ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନ ବୁଲି ଦେଖିବା ପରେ କେଉଁ କେଉଁ ସ୍ଥାନରେ କି କି ବ୍ୟବସ୍ଥା ଗ୍ରହଣ କରାଯିବ ସେ ନେଇ ଆଲୋଚନା କରାଯାଇଛି। ପୋଲିସ ପ୍ରଶାସନ ସହ ମଧ ଆଲୋଚନା କରାଯାଇଛି। ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଉଛି। ପ୍ରାଥମିକସ୍ତରରେ ଆନନ୍ଦ ବଜାରରେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଶ୍ରୀମନ୍ଦିର ଭିତରେ ନିର୍ଦ୍ଦିଷ୍ଟ କିଛିଟା ସ୍ଥାନରେ ଅଧିକ ସୁରକ୍ଷାକୁ କଡ଼ାକଡ଼ି କରାଯିବ ସେ ନେଇ ନିଷ୍ପତ୍ତି ନିଆଯାଇଛି। ମନ୍ଦିର ଉପରେ ଚଢ଼ିବା ଭଳି ଘଟଣାକୁ ରୋକିବା ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଆଗାମୀ ଦିନରେ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ସାଇନ ବୋର୍ଡ ଲଗାଯିବାକୁ ନିଷ୍ପତ୍ତି ନିଆଯାଇଛି। ଆଇନ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ରାଜ୍ୟ ସରକାର ଚୂଡ଼ାନ୍ତ ନିଷ୍ପତ୍ତି ଉପରେ ଅପେକ୍ଷା କରାଯାଇଛି। ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ଆସିବା ପରେ ଆଇନ ଅନୁଯାୟୀ କାର୍ଯ୍ୟ କରାଯିବ ବୋଲି ମୁଖ୍ୟ ପ୍ରଶାସକ ପାଢ଼ୀ କହିଛନ୍ତି।



କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ମହାପ୍ରଭୁଙ୍କୁ ଦର୍ଶନ ସାରି ଫେରୁଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଏଟିଭି ବିଟ୍ ପାଟ୍ରୋଲିଂର ଶୁଭାରମ୍ଭ

ପୁରୀ,୨୨।୮ (ଅଜିତ୍ କୁମାର ମହାନ୍ତି)

ଏସ୍‌ପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶରେ ପୁରୀ ସମୁଦ୍ରତଟରେ ପର୍ଯ୍ୟଟକ ଓ ଭକ୍ତଜନଙ୍କ ସୁରକ୍ଷା, ସତର୍କତା ଓ ସହଜସାଧ ପୋଲିସ ସେବାକୁ ନଜରରେ ରଖି ଶୁକ୍ରବାର ଏଟିଭି (ଅଲ୍ ଟେରେନ୍ ଭେଇକିଲ) ବିଟ୍ ପାଟ୍ରୋଲିଂ ଆରମ୍ଭ କରାଯାଇଛି। ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ଲେଙ୍କା ଏହି ପ୍ରୟାସର ଉଦ୍‌ଘାଟନ କରିଥିଲେ। ଏଥିରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ସି-ବିଟ୍ ଥାନାଧିକାରୀ ମାନସ ଚକ୍ର ଏବଂ ଆର୍‌ଆଇ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଏଟିଭି ପାଟ୍ରୋଲିଂ ଦ୍ୱାରା ସମୁଦ୍ରତଟରେ ପୋଲିସ ଚାଳନା ଅଧିକ ଦ୍ରୁତ, କାର୍ଯ୍ୟକ୍ଷମ ଓ ପରିଣାମମୂଳକ ହେବାର ଆଶା କରାଯାଉଛି। ପର୍ଯ୍ୟଟକ, ଭକ୍ତଜନ ଏବଂ ସ୍ଥାନୀୟଙ୍କୁ ସୁରକ୍ଷିତ ପରିବେଶ ଯୋଗାଇବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ।

## ସଂକ୍ଷେପରେ

### ୮୪ ୟୁନିଟ୍ ରକ୍ତ ସଂଗୃହୀତ

ଅସ୍ତରଙ୍ଗ,୨୨।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲ୍ଲା ଅସ୍ତରଙ୍ଗର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସବୁଜ ଶାଖା' ପରିସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଅସ୍ତରଙ୍ଗ ଶାଖା ଆନୁକୂଲ୍ୟରେ ଦାଦି ପ୍ରକାଶ ମଣିଜୀଙ୍କ ୮ମ ଶ୍ରାଦ୍ଧବାର୍ଷିକ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ବିଶାଳ ରକ୍ତଦାନ ଶିବିରରେ ଅତିଥି ଭାବେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଜଗତ୍‌ସିଂହପୁର ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ୍ ପ୍ରତିନିଧି ଦିବାକର ଛାଟୋଇ, ରାଜଯୋଗିନୀ ବ୍ରହ୍ମାକୁମାରୀ କୁନ୍ତଳା, ସାମାଜିକ କର୍ମୀ ଦୁଷ୍ମନ୍ତ କୁମାର ପରିଡ଼ା, ସତ୍ୟବ୍ରତ ଲେଙ୍କା, ଶିକ୍ଷାବିତ୍ କାଳନ୍ଦୀ ଚରଣ ଛାଟୋଇ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ମୋଟ ୮୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାନ ଶିବିରକୁ ପିଙ୍କନ ପରିଡ଼ା, ମଙ୍ଗରାଜ ଓଝା, ସୌମ୍ୟରଞ୍ଜନ ବିଶ୍ୱାଳ, ଲିକୁ ଲେଙ୍କାଙ୍କ ସମେତ ସବୁଜ ଶାଖାର ସଦସ୍ୟମାନେ ସହଯୋଗ କରିଥିଲେ।

### ସଂସ୍କୃତ ଭାଷାର ଗୁରୁତ୍ୱ ଉପରେ ଆଲୋକପାତ

ପୁରୀ,୨୨।୮ (ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପରିସରରେ ବିଶ୍ୱ ସଂସ୍କୃତ ଦିବସ ସମାରୋହ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ ଉତ୍ସବରେ ଅଧକ୍ଷା ଡ. ହରିପ୍ରିୟା ଦାଶ ସଭାପତିତ୍ୱ କରିଥିଲେ। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାରେ ଥିବା ଜ୍ଞାନଭଣ୍ଡାର ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ପ୍ରଫେସର ସୂର୍ଯ୍ୟମଣି ରଥ ନିଜର ପୂର୍ବ ଅନୁଭୂତିକୁ ସ୍ମରଣ କରି ବର୍ତ୍ତମାନ ମହାବିଦ୍ୟାଳୟ ଉନ୍ନତି ଦିଗରେ ଆଗେଇଛି ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବେ ପ୍ରଫେସର ଗୌରପ୍ରିୟା ଦାଶ ସଂସ୍କୃତରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ଦିନେ ସମାଜରେ ଅଳଙ୍କାର ରୂପେ ସ୍ଥାନ ପାଇବେ ବୋଲି କହିଥିଲେ। ସାମାଜିକ କର୍ମୀ ଡ. ରାଧେଶ୍ୟାମ ରଥ ସଂସ୍କୃତର ଉନ୍ନତିରେ ମଣିଷ ସମାଜର ଉନ୍ନତି ବୋଲି କହିଥିଲେ। ପ୍ରାରମ୍ଭରେ ପ୍ରାଧ୍ୟାପକ ଡ. ରବିଶଙ୍କର ମିଶ୍ର ବେଦପାଠ ସହ ପ୍ରତିଯୋଗିତାର ବିବରଣୀ ପାଠ କରିଥିଲେ। ଡ. ମୀନାରଣୀ ସାହୁ ଓ କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଡ. ସୁଷ୍ମନ୍ତ ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଅଭିଜିତ୍ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧ୍ୟାପକ ଚନ୍ଦ୍ରଶେଖର ମହାନ୍ତି, ଅଧ୍ୟାପିକା ଡ. ସସ୍ମିତା ମେକାପ, ଅଧ୍ୟାପିକା ଜ୍ୟୋତିସ୍ନିଗ୍ଧା ସାହୁ, ଅଧ୍ୟାପିକା ବବ୍‌ଲି ମେହେର, ବିସ୍ମିତା ମିଶ୍ର, ଡ. ସଂଘମିତ୍ରା ସ୍ୱାଇଁ, ସୌମିତ୍ରୀ ଦାଶ ଏବଂ ଡ. ଅଭିଜିତ୍ ରାୟ ପ୍ରମୁଖ ସହଯୋଗ କରିଥିଲେ।

# ଗଙ୍ଗୁଆ ଜଳ ବିଶୋଧନ ପ୍ରକଳ୍ପ ସ୍ଥାନାନ୍ତର ଦାବି

ପିପିଲି,୨୨।୮ (ଦୁର୍ଗା ମାଧବ ମିଶ୍ର)

ଗଙ୍ଗୁଆ ଜଳ ବିଶୋଧନ (ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ) ପ୍ରକଳ୍ପ କଣ୍ଟି ପଞ୍ଚାୟତର ବେଣାବିଲଠାରେ ହେବାକୁ ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି। ଏହାକୁ କଣ୍ଟି ପଞ୍ଚାୟତର ଅଧିବାସୀଙ୍କ ପକ୍ଷରୁ ସରପଞ୍ଚ ମୋନାଲିସା ହରିଚନ୍ଦନ ଏବଂ ସମିତିସଭ୍ୟ ସବିତା ନିଶଙ୍କ ବିରୋଧକରି ପୁରୀ ଜିଲାପାଳ, ୱାଟ୍‌କୋ ଏମ୍‌ଡି ଭୁବନେଶ୍ୱର ଏବଂ ପିପିଲି ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଶାସନ ପକ୍ଷରୁ ବେଣାବିଲଠାରେ ଗଙ୍ଗୁଆ ଜଳ ବିଶୋଧନ ପ୍ରକଳ୍ପ ହେବା ପାଇଁ ପୂର୍ବରୁ ଅନେକଥର ସର୍ଭେ କରାଯାଇଥିବାବେଳେ ଏହାକୁ ବିରୋଧକରି ଡେଲାଙ୍ଗ-ପିପିଲି ବିଧାୟକ, ପିପିଲି ତହସିଲଦାର ଏବଂ କଣ୍ଟି ରାଜସ୍ୱ ନିରୀକ୍ଷକଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରି ଆସୁଥିବା ବେଳେ ଅଭିଯୋଗ ପ୍ରତି ଆଖିବୁଜି ଦେଇ ପୁନର୍ବାର ପିପିଲି ପ୍ରଶାସନ ପକ୍ଷରୁ ବେଣାବିଲ ମୌଜାରେ ଏହି ପ୍ରକଳ୍ପ କରିବା ପାଇଁ ସମସ୍ତ ଯୋଜନା ପ୍ରସ୍ତୁତି ସରିଥିବା କଣ୍ଟି ପଞ୍ଚାୟତର ଅଧିବାସୀମାନେ ଜାଣିବାକୁ ପାଇଛନ୍ତି। ଏହି ଗଙ୍ଗୁଆନାଳ ଖୋର୍ଦ୍ଧା ଜିଲାର ନନ୍ଦନକାନନ ଅଭୟାରଣ୍ୟ ପଟିଆଠାରୁ ବାହାରି ଡେରାସ, ବରୁଣେଇ, ଏମ୍ସ ହସ୍ପିଟାଲ ଏବଂ ସମ୍ପୂର୍ଣ୍ଣ ଭୁବନେଶ୍ୱରର ନାଳନର୍ଦ୍ଦମାର ଦୂଷିତ ପାଣି ଜଟଣୀ ବ୍ଲକ୍‌ର ପାଞ୍ଚଗାଁଠାରେ ମିଳିତ ହୋଇ ଗଙ୍ଗୁଆ ନାଳରେ ପ୍ରବାହିତ ହୋଇ କଣ୍ଟି ପଞ୍ଚାୟତ ବେଣାବିଲ ମୌଜା ଦୟା ନଦୀରେ ମିଶୁଛି। ଖୋର୍ଦ୍ଧା ଜିଲାର ୫୦ କି.ମି. ସମ୍ପୂର୍ଣ୍ଣ ଭୁବନେଶ୍ୱର ନାଳନର୍ଦ୍ଦମାର ଆବର୍ଜନା ପାଣି ଗଙ୍ଗୁଆ ନାଳରେ ପ୍ରବାହିତ ହେଉଛି। ଏଠାରେ ଗଙ୍ଗୁଆନାଳ ପାଣିର ବିଶୋଧନ କରାଗଲେ କୌଣସି ଅସୁବିଧା ହେବନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ପୁନଶ୍ଚ ଗଙ୍ଗୁଆନାଳ ଖୋର୍ଦ୍ଧା ଜିଲାର ୫୦ କି.ମି. ପରିଧି ମଧରେ ଥିଲାବେଳେ ପିପିଲି ତହସିଲ କଣ୍ଟି ପଞ୍ଚାୟତ ବେଣାବିଲ ମୌଜାରେ ମାତ୍ର ୧ କି.ମି. ପରିଧି ଭିତରେ ଅଛି। ପ୍ରକଳ୍ପ ପାଇଁ ଆବଶ୍ୟକ ସରକାରୀ ଜମି ମଧ ନାହିଁ। ଏହିସବୁ ଦୃଷ୍ଟିରୁ ଗଙ୍ଗୁଆନାଳର ଜଳ ବିଶୋଧନ (ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ) ପ୍ରକଳ୍ପ ବେଣାବିଲ ମୌଜାରେ କରା ନ ଯାଇ ପୂର୍ବରୁ ପିପିଲି ପ୍ରଶାସନ ଦ୍ୱାରା କରାଯାଇଥିବା ଖୋର୍ଦ୍ଧା ଜିଲାର ଗଙ୍ଗୁଆନାଳ ପାରିପାର୍ଶ୍ୱରେ ସରକାରୀ ଜମିରେ କରାଯିବାକୁ କଣ୍ଟି ସରପଞ୍ଚ ଏବଂ ସମିତି ସଭ୍ୟା ଦାବି କରିଛନ୍ତି।

# ବନାଖଣ୍ଡି ପଞ୍ଚାୟତ ଭାଜପା ସାଙ୍ଗଠନିକ ବୈଠକ



ବୈଠକରେ ଉପସ୍ଥିତ କର୍ମୀମାନେ ।

କୋଣାର୍କ,୨୨।୮ (ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନସ୍ଥ ବନାଖଣ୍ଡି ପଞ୍ଚାୟତର ଭାଜପା ସାଂଗଠନିକ ବୈଠକ ଓ ନୂତନ ସଭାପତି ଚୟନ କାର୍ଯ୍ୟ ସାରଡ଼ା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଭାଜପା ସଭାପତି ସନ୍ତୋଷ କୁମାର ପାତ୍ରଙ୍କ ଅଧକ୍ଷତାରେ ବୈଠକରେ ବନାଖଣ୍ଡି ସରପଞ୍ଚ ପ୍ରଜ୍ଞାପାରମିତା ନାୟକ ଯୋଗଦେଇ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନକୁ ଦୃଷ୍ଟିରେ ରଖି ତୃଣମୂଳସ୍ତରରେ ସଂଗଠନକୁ ସୁଦୃଢ଼ କରିବା ସହ ବୁଥ୍ କମିଟିକୁ କ୍ରିୟାଶୀଳ କରି ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସଫଳତାକୁ ପ୍ରଚାର ପ୍ରସାର କରିବା ପାଇଁ କର୍ମୀମାନେ ଶପଥ ପାଠ କରିଥିଲେ। ଏହି ସାଂଗଠନିକ ବୈଠକରେ ସର୍ବସମ୍ମତିକ୍ରମେ ଆଲୋଚନା କରାଯାଇ ବନାଖଣ୍ଡି ପଞ୍ଚାୟତ ଭାଜପାର ନୂତନ ସଭାପତି ଭାବେ ରାକେଶ କୁମାର ଲେଙ୍କା ଓ ଉପସଭାପତି ଭାବେ ପ୍ରକାଶ କୁମାର ପରିଡ଼ା ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ବୈଠକରେ ବନାଖଣ୍ଡି ପଞ୍ଚାୟତ ବିଭିନ୍ନ ୱାର୍ଡର ଶତାଧିକ କର୍ମୀ ଉପସ୍ଥିତ ଥିଲେ। ବୈଠକରେ ପୂର୍ବତନ ସଭାପତି ବିଜୟ କୁମାର ସ୍ୱାଇଁ, ମହେଶ୍ୱର ସ୍ୱାଇଁ, ପ୍ରଶାନ୍ତ କୁମାର ସାହୁ, ବ୍ରଜବନ୍ଧୁ ପ୍ରଧାନ, ଧନେଶ୍ୱର ସାସମଲ, ବୁଥ୍ ସଭାପତି ଶଙ୍କର ମୁଦୁଲି, ସୁଦର୍ଶନ ସାସମଲ, ରାଜୀବ ପ୍ରଧାନ ଓ ରମେଶ ନାୟକ ପ୍ରମୁଖ ଯୋଗଦେଇ ଭାଜପା ସଂଗଠନକୁ ସୁଦୃଢ଼ କରିବା ପାଇଁ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ପ୍ରମାଣପତ୍ର ପାତରଅନ୍ତର, ତଦନ୍ତ ଦାବି

ଚାରିଛକ,୨୨।୮ (ଶିଶିର କୁମାର ସ୍ୱାଇଁ)

ନିମାପଡ଼ା ବ୍ଲକ୍‌ରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ପ୍ରମାଣପତ୍ରରେ ପାତରଅନ୍ତର ହୋଇଥିବା ନେଇ ଭୋଦର ପଞ୍ଚାୟତ ଜୁଣ୍ଡୁପୁର ଗ୍ରାମର ବନିତା ପ୍ରଧାନ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ପ୍ରମାଣପତ୍ର ଦେବାକୁ ସେ ରାଜ୍ୟ ସରକାରଙ୍କଠାରେ ନିବେଦନ କରିଛି।

ପ୍ରକାଶ ଯେ, ଉକ୍ତ ବ୍ଲକ୍‌ରେ ଭିନ୍ନକ୍ଷମଙ୍କୁ ପରୀକ୍ଷା କରି ପ୍ରମାଣପତ୍ର ପ୍ରଦାନ କରିବା ଉଦ୍ଦେଶ୍ୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ଆୟୋଜନ କରାଯାଇଥାଏ। ଶିବିରରେ ଭିନ୍ନକ୍ଷମଙ୍କୁ ପରୀକ୍ଷା କରି ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିବା ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟରେ ୮ ମେ' ୨୦୦୭ରେ ଜୁଣ୍ଡୁପୁର ଗ୍ରାମର ଭିନ୍ନକ୍ଷମ ଝିଅ ବନିତା ପ୍ରଧାନ ୮୦ ପ୍ରତିଶତ ଭିନ୍ନକ୍ଷମ ବୋଲି ପ୍ରମାଣପତ୍ର ମିଳିଥିଲାବେଳେ ୧୭।୫।୨୦୨୫ରେ ତାଙ୍କୁ ୬୦ ପ୍ରତିଶତ ଭିନ୍ନକ୍ଷମ ବୋଲି ଡିଜିଟାଲ କାର୍ଡ ମିଳିଛି। ଏହି ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ୧୦ ପ୍ରତିଶତ ଭିନ୍ନକ୍ଷମ ଥାଇ ବ୍ୟବସାୟ ଓ ଅନ୍ୟ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ୮୦ ପ୍ରତିଶତ ଭିନ୍ନକ୍ଷମ ବୋଲି ପ୍ରମାଣପତ୍ର ମିଳିଛି। ମାତ୍ର ବନିତାଙ୍କ ୨ ଗୋଡ଼ ଭିନ୍ନକ୍ଷମ ଥାଇ ତାଙ୍କୁ କିପରି ୬୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଛି। ଫଳରେ ସେ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଦାୟିତ୍ୱରେ ଥିବା ଅଧିକାରୀମାନେ ପାତରଅନ୍ତର କରିଥିବାରୁ ସେ ପ୍ରକୃତ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହୋଇଛନ୍ତି। ଭିନ୍ନକ୍ଷମମାନଙ୍କୁ ଯୋଗାଇ ଦିଆଯାଇଥିବା ପ୍ରମାଣପତ୍ର ଓ ହିତାଧିକାରୀଙ୍କୁ ଅନ୍ୟ ବ୍ଲକ୍ ଓ ଅନ୍ୟ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଗଲେ ପ୍ରକୃତ ସତ୍ୟାସତ୍ୟ ଲୋକଲୋଚନକୁ ଆସିପାରିବ। ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ସେ ନିବେଦନ କରିଛନ୍ତି।

# ସ୍ୱାସ୍ଥ୍ୟସେବାର ସମୀକ୍ଷାକଲେ ଜିଲାପାଳ

ନିମାପଡ଼ା,୨୨।୮ (ବିଚିତ୍ରାନନ୍ଦ ସାହୁ)

ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଶୁକ୍ରବାର ଅଚାନକ ନିମାପଡ଼ା ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିବାବେଳେ ମେଡିକାଲ୍‌ରେ ସ୍ୱାସ୍ଥ୍ୟସେବା ସମ୍ପର୍କରେ ରୋଗୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଜିଲାପାଳ ସ୍ୱାସ୍ଥ୍ୟସେବା ସମ୍ପର୍କରେ ସମୀକ୍ଷା କରିଥିଲେ। ମେଡିକାଲ୍‌ରେ ରୋଗୀମାନଙ୍କ ଚିକିତ୍ସା ନିମନ୍ତେ ବିଭିନ୍ନ ସରଞ୍ଜାମ କ୍ରୟ କରାଯିବା, ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ କରାଯିବା ଦିଗରେ ପଦକ୍ଷେପ ନିଆଯିବା ସମ୍ପର୍କରେ ଗୁରୁତ୍ୱାରୋପ କରିଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଓ ତା'ର ପ୍ରତିକାର ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ସମୀକ୍ଷା ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଅକ୍ଷୟ କୁମାର ଶତପଥୀ, ନିମାପଡ଼ା ମେଡିକାଲ୍‌ର ମୁଖ୍ୟ ଚିକିତ୍ସାଧିକାରୀ ଡ. ସୁବ୍ରତ ମହାପାତ୍ର, ଚାରିଛକ ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ଡ. ପ୍ରଶାନ୍ତ କୁମାର ସାମନ୍ତରାୟ, ତହସିଲ୍‌ଦାର ମନୋଜ ପ୍ରଧାନ, ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଏହି ପରିଦର୍ଶନ ସମୟରେ ଜିଲାପାଳଙ୍କ ସହ ଜିଲା ପ୍ରୋଗ୍ରାମ ମ୍ୟାନେଜର ଶ୍ୟାମସୁନ୍ଦର ତ୍ରିପାଠୀ, ଜିଲା ଡାଟା ମ୍ୟାନେଜର ଲୋକନାଥ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ପରେ ଜିଲାପାଳ ଅଚାନକ ମେଡିକାଲ ପରିସରରେ ଥିବା ମିଶନ ଶକ୍ତି କାଫେ ପରିଦର୍ଶନ କରିଥିବା ବେଳେ ନିମାପଡ଼ା ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ କାର୍ଯ୍ୟାଳୟଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅନ୍ତ୍ୟୋଦୟ ଯୋଜନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା, ବିଭିନ୍ନ ଭତ୍ତା, ବିକଶିତ ଗ୍ରାମ ବିକଶିତ ଓଡ଼ିଶା ଯୋଜନା, ପାନୀୟ ଜଳ, ଯୋଗାଣ ବ୍ୟବସ୍ଥା, ଅଙ୍ଗନୱାଡି ଗୃହ ଓ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ବିଭିନ୍ନ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ। ପରେ ଜିଲାପାଳ ତହସିଲ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ରାଜସ୍ୱ ବିଭାଗର ବିଭିନ୍ନ ଲୋକାଭିମୁଖୀ ସରକାରୀ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଓ ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ। ଜନସାଧାରଣଙ୍କୁ ରାଜସ୍ୱ ବିଭାଗ ତ୍ୱରିତ ସେବା ଯୋଗାଇଦେବାକୁ ଜିଲାପାଳ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ଓ ତହସିଲ କାର୍ଯ୍ୟାଳୟଠାରେ ଆୟୋଜିତ ସମୀକ୍ଷା ବୈଠକରେ ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ଅତିରିକ୍ତ ବିଡିଓ ପ୍ରିୟଦର୍ଶିନୀ ବରାଳ, ସହକାରୀ ନିର୍ବାହୀଯନ୍ତ୍ରୀ ଚନ୍ଦ୍ରମଣି ଖଟୋଇ, ବନ୍ଦିତା ଦଳସିଂ, ତହସିଲ୍‌ଦାର ମନୋଜ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ନିମାପଡ଼ା ମେଡିକାଲ, ବ୍ଲକ ଓ ତହସିଲ କାର୍ଯ୍ୟାଳୟଠାରେ ଜିଲାପାଳଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।



ପୁରୀ ଜିଲାପାଳ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହ ସ୍ୱାସ୍ଥ୍ୟସେବାର ସମୀକ୍ଷା କରୁଛନ୍ତି ।

## ଫଟୋ ରେ ଖବର



ଆଇଏଟିଓ ସମ୍ମିଳନୀରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।





ଘୋଡା ବଜାର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ମେଧାବୀ ସମ୍ମାନ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ।

**ଶ୍ରୀମନ୍ଦିରକୁ ଚଢ଼ିବା ବେଳେ ଧରାପଡ଼ିଲେ ଭକ୍ତ**

ପୁରୀ,(ଅଜିତ୍ କୁମାର ମହାନ୍ତି): ଶ୍ରୀମନ୍ଦିର ସୁରକ୍ଷା ବଳୟ ଭେଦକରି ଜଣେ ଭକ୍ତ ଶୁକ୍ରବାର ଶ୍ରୀମନ୍ଦିର ଉପରକୁ ଚଢ଼ିବାକୁ ଉଦ୍ୟମ କରି ଧରାପଡ଼ିଛନ୍ତି। ସେ ହେଲେ ଉତ୍ତରପ୍ରଦେଶର ମନୋଜ ସିଂହ। ସେ ପଶ୍ଚିମ ପାର୍ଶ୍ୱସ୍ଥ ନୃସିଂହ ମନ୍ଦିର ନିକଟରୁ ଶ୍ରୀମନ୍ଦିରକୁ ଚଢ଼ିବାକୁ ଉଦ୍ୟମ କରୁଥିବା ବେଳେ ଜେଟିପି ଏବଂ ଦାୟିତ୍ୱରେ ଥିବା ସେବାୟତ ଦେଖି ତାଙ୍କୁ ତଳକୁ ଓହ୍ଲାଇ ଆଣିଥିଲେ। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ଆନନ୍ଦ ବଜାରରେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ଖୋଲାଯିବ। ଶ୍ରୀମନ୍ଦିର ଭିତରେ ନିର୍ଦ୍ଦିଷ୍ଟ କିଛି ସ୍ଥାନରେ ସୁରକ୍ଷା ବ୍ୟବସ୍ଥା ଅଧିକ କଡ଼ାକଡ଼ି କରାଯିବ।

# ଏଥର ମୁମ୍ବାଇ ମଡେଲରେ ଗଣେଶ ପୂଜା

ଆସନ୍ତା ୨୭ ତାରିଖରେ ଗଣେଶ ପୂଜା। ଏଥିପାଇଁ ରାଜଧାନୀ ଭୁବନେଶ୍ୱରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଭିନ୍ନ ଆକୃତି, ଭିନ୍ନ ରୂପରେ ପ୍ରଭୁ ଗଜାନନଙ୍କୁ ପୂଜା କରିବାକୁ ଏକାଧିକ କ୍ଲବ, ଅନୁଷ୍ଠାନ, ପ୍ରତିଷ୍ଠାନ ଓ ସହରବାସିନ୍ଦା ଯୋଜନା କରିଛନ୍ତି। ବାଲ୍ ଗଣେଶରୁ ଆରମ୍ଭ କରି ରୁଦ୍ରାବତାର, ସାଇବାବା ଗଣେଶ, ଲାଲ୍‌ବାଗ ଗଣେଶ ଆକର୍ଷଣ ସାଜିବ। ତେବେ ଏଥର ଅଧିକାଂଶ ତୋରଣ, ମୂର୍ତ୍ତି, ମେଢ଼ ଓ ଆୟୋଜନ ମୁମ୍ବାଇ ମଡେଲରେ ହେଉଥିବାରୁ ଭୁବନେଶ୍ୱରରେ ଗଣେଶ ପୂଜା ବେଶ୍ ଜମିବ ବୋଲି ଆଶା କରାଯାଉଛି।

–ରିପୋର୍ଟ: ସୌମ୍ୟରଞ୍ଜନ ରାଉତ, ଭୁବନେଶ୍ୱର





## ମୂର୍ତ୍ତିର ଦାମ୍ ୫ ହଜାରରୁ ସାଢ଼େ ୬ ଲକ୍ଷ ଟଙ୍କା

ବଡ଼ ପୂଜା ମଣ୍ଡପଗୁଡ଼ିକ ନିଜେ ମୂର୍ତ୍ତି ତିଆରି କରୁଛନ୍ତି। ଏଥର ମୂର୍ତ୍ତି ପାଇଁ ଅନୁଷ୍ଠାନଗୁଡ଼ିକ ସାଢ଼େ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରୁଥିବା ଜଣାପଡ଼ିଛି। ସେହିଭଳି ବହୁ ଆୟୋଜକ ଅନ୍ୟତ୍ର କିଣି ଆଣିଥା'ନ୍ତି। ଏଥିପାଇଁ ଆଗୁଆ ଅର୍ଡର ଦେବାକୁ ପଡ଼ିଥାଏ। ପୁରୁଣା ଭୁବନେଶ୍ୱରର ଗୋସାଗରେଶ୍ୱର କୁଞ୍ଜପାଟଣା ସାହି, ଗରାବଡୁ ମଶାଣି ପଡ଼ିଆ, ବଢ଼େଇବାଙ୍କ ଛକ, କାଳିଗାଡ଼ିଆ ଓ ଚେମେଡି ସାହିରେ ଅଧିକାଂଶ ମୂର୍ତ୍ତି ନିର୍ମାଣ କରାଯାଉଛି। ଷଣ୍ଢ ଉପରେ ବସିଥିବା କଉଡ଼ି ଗଣେଶ, ମୟୂର ସିଂହାସନରେ ଗଜାନନ, ପଦ୍ମ ପାଖୁଡ଼ାରେ ଗଣେଶ, ହରିଣ ଓ ଶାଗୁଣା ଉପରେ ଗଣେଶ, କୃଷ୍ଣଙ୍କ ରୂପରେ ଗଜାନନ, ବୁଦ୍ଧାବତାର ଓ ସାଇବାବା ଗଣେଶ, ଶିବଙ୍କ ମସ୍ତକରେ ଗଣେଶ, ହାତୀମୁଣ୍ଡରେ ବାଲ୍ ଗଣେଶ, ଅରଣା ମଇଁଷି ମୁଣ୍ଡରେ ଗଣେଶ ଏବଂ ବାଲ୍ ଗଣେଶ ଆଦି ଭଳିକିଭଳି ରୂପରେ ପ୍ରଭୁ ଗଜାନନ ଅବତୀର୍ଣ୍ଣ ହେବେ। ସେହିପରି ବୁଢ଼ା ଗଣେଶ, ସାପ ମଝିରେ ଗଣେଶ, ହାତୀମୁଣ୍ଡରେ ୧୦ ଫୁଟିଆ ଉଚ୍ଚତାର ଗଣେଶ ଏବଂ ରୁଦ୍ରାବତାର ଗଣେଶ ମୂର୍ତ୍ତି ଏଥର ପୂଜାର ଅନ୍ୟତମ ଆକର୍ଷଣ ରହିବ।

## ଶାନ୍ତିର ବାର୍ତ୍ତା ଦେବେ ନୟାପଲ୍ଲୀ ନୂଆସାହି ଗଜାନନ

ନୟାପଲ୍ଲୀ ନୂଆସାହି ଶ୍ରୀଶ୍ରୀ ଆଖଣ୍ଡଳମଣି ସେବା ସଂସଦର ଗଣେଶ ପୂଜା ଏଥର ୪୦ତମ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ଶାନ୍ତିର ବାର୍ତ୍ତାନେଇ ପୂଜା ପାଇବେ ଶ୍ରୀ ଗଜାନନ। ସଂସଦ କର୍ମକର୍ତ୍ତାଙ୍କ କହିବାନୁସାରେ, ଏଠାରେ ଓଡ଼ିଶାର ସର୍ବବୃହତ୍ ଗଣେଶ ମୂର୍ତ୍ତି ପୂଜା ପାଇବେ। ବଡ଼ ଲଡୁ ଭୋଗ ସହ ୭ଦିନ ଧରି ମିନାବଜାର, ପ୍ରତି ସନ୍ଧ୍ୟାରେ ରାଜ୍ୟ ତଥା ରାଜ୍ୟ ବାହାର ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମ, ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା ରହିବ। ନୂଆସାହିର ପ୍ରତ୍ୟେକ ଗଳି ଆଲୋକମାଳାରେ ସୁସଜ୍ଜିତ ହେବା ସହ ୪ଟି ଲାଇଟ୍ ଗେଟ୍, ୮୦ ଟି ଛୋଟ ସୁସଜ୍ଜିତ ଗେଟ୍ ଏବଂ ୭୫ ଫୁଟ ଉଚ୍ଚତା ଓ ୫୦ ଫୁଟ ଚଉଡ଼ାର ମୁଖ୍ୟ ତୋରଣ ଆକର୍ଷଣ ସାଜିବ।

### ୨୦ ବର୍ଷରେ ପ୍ୟାଶନ କ୍ଲବ୍ ଗଣେଶ ପୂଜା

## ୨୦ ଫୁଟ ବୋତଲ ତୋରଣରେ ବିରାଜିବେ ଗଜାନନ

ଭୌମନଗର ପ୍ୟାଶନ କ୍ଲବ ଚଳିତବର୍ଷ ଗଣେଶ ପୂଜାରେ ବୋତଲ ଆକୃତିର ତୋରଣ ସହ ୨୦ବର୍ଷ ପୂରଣ ଲାଗି ଗଜାନନଙ୍କ ବିଗ୍ରହକୁ ୨୦ ଫୁଟ ଉଚ୍ଚତା କରାଯାଉଛି। କୋଲକାତାରୁ ଆସିଥିବା ୩୦ରୁ ଅଧିକ କାରିଗର ତୋରଣ କାର୍ଯ୍ୟରେ ଲାଗିଥିବା ବେଳେ ମୂର୍ତ୍ତି ତିଆରିରେ ଲାଗିଛନ୍ତି ଆର୍ଟ କଲେଜର ଛାତ୍ରୀଛାତ୍ର। ଅଗଷ୍ଟ ୨୭ରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପୂଜାରେ ୨୮ ଓ ୩୧ ତାରିଖରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବ। ୨୯ ତାରିଖରେ ଚାରାରୋପଣ ଓ ସେପ୍ଟେମ୍ବର ୨ରେ ୨ ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଏଥିସହ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ରବିବାର କ୍ଲବଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ଲବ ସଭାପତି ଅଶୋକ କୁମାର ପଲାଇ ଏହି ସୂଚନା ଦେଇଛନ୍ତି। ଜଗନ୍ନାଥ ସଂସ୍କୃତି ପ୍ରଚାରକ ଡ. ନାରାୟଣ ମହାପାତ୍ର, ଯୁବ ନେତା ନରେନ୍ ସାହୁ, ଉପଦେଷ୍ଟା ମନୋଜ ରାଉଳ, କ୍ଲବ ଉପସଭାପତି ପ୍ରଶାନ୍ତ ବସ୍ତୁ, ସମ୍ପାଦକ ସୁବାସ ବେହେରା, ସହସଂପାଦକ କେଦାର ମହାରଣା, କୋଷାଧକ୍ଷ ଗୋପାଳ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।











## ଶହୀଦ କ୍ଲବ୍‌ରେ ଝଲସିବ ଆଦିବାସୀ ତୋରଣ

ଚଳିତବର୍ଷ ମଧ୍ୟ ଗଣେଶ ପୂଜା ନିଆରା କରିବାକୁ ଶହୀଦନଗର ଶହୀଦ କ୍ଲବ୍ ପ୍ରୟାସ କରୁଛି। ଏଠାରେ ଆଦିବାସୀଙ୍କ ପାରମ୍ପାରିକ ଚଳଣି ସହ ବାସଗୃହ, ଖାଦ୍ୟ, ବେଶଭୂଷାର ତୋରଣ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ। ୭ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ, ଉନ୍ନତମାନର ଆଲୋକ ସଜ୍ଜା, ମିନାବଜାର, ମ୍ୟାଜିକ୍ ଶୋ, କୁନି କୁନି ପିଲାଙ୍କ ନୃତ୍ୟ ଅନ୍ୟତମ ପ୍ରମୁଖ ଆକର୍ଷଣ ରହିବ। ସେହିପରି ଆଳତିରେ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ଯୋଗଦେବାର କାର୍ଯ୍ୟକ୍ରମ ରହିଥିବାବେଳେ ପ୍ରସାଦ ବଣ୍ଟନ କରାଯିବା ବ୍ୟବସ୍ଥା ରହିଛି।

# ୯ ଚୋରା ମୋବାଇଲ, ସୁନାଚେନ ଜବତ: ୪ ଗିରଫ

ବାଲିଅନ୍ତା,୨୨।୮(ନୀଳମାଧବ ସାହୁ)

ପାହାଳ ଥାନା ପୋଲିସ ଚୋରି ଅଭିଯୋଗରେ ଦୀର୍ଘଦିନ ଧରି ଫେରାର ଥିବା ୪ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଭୁବନେଶ୍ୱରରେ ରହୁଥିବା ନୟାଗଡ଼ର କୁନା ପାଣ୍ଡବ, କୁଳମଣି ସାହୁ, ଭୁବନେଶ୍ୱରର ସନାତନ ବେହେରା ଓ ନରେଶ ରାଉତ। ସେମାନଙ୍କ ନିକଟରୁ ୯ଟି ଚୋରା ମୋବାଇଲ ଓ ଗୋଟିଏ ସୁନାଚେନ ଜବତ ହୋଇଛି। ଶୁକ୍ରବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଗତ ଜାନୁଆରୀ ୨୬ ତାରିଖ ରାତିରେ ପାହାଳ ଥାନା ଅଧିନ କଞ୍ଚିଲୋ ନିକଟରେ ଥିବା ଏକ ଘର ଝରକା ଭାଙ୍ଗି ଦୁର୍ବୃତ୍ତମାନେ ନଗଦ ୫୦୦୦ ଟଙ୍କା, ୧ ସୁନା ଚେନ, ୧ ରୁପା ବ୍ରେସଲେଟ ଓ ଗୋଟିଏ ମୋବାଇଲ ଫୋନ ଚୋରି କରିନେଇଥିଲେ। ଏ ନେଇ ସେ ୨୭ ତାରିଖରେ ପାହାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏତଲା ଆଧାର ରେ ପୋଲିସ ଏକ ମାମଲା (ନଂ. ୨୯/୨୫) ରୁଜୁ କରିଥିଲା।

# ଅଙ୍କୁରା ହସ୍ପିଟାଲ ପକ୍ଷରୁ 'ନେବରହୁଡ୍ କାର୍ଡ' ଉନ୍ମୋଚିତ

ଭୁବନେଶ୍ୱର,୨୨।୮(ଅନୁରାଧା ମହାରଣା)




ଭୁବନେଶ୍ୱର ବାପୁଜୀନଗରସ୍ଥିତ ଅଙ୍କୁରା ହସ୍ପିଟାଲ ଫର୍ ୱିମେନ୍ ଆଣ୍ଡ୍ ଚିଲଡ୍ରେନ ପକ୍ଷରୁ ଏକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ପଦକ୍ଷେପ ଆରମ୍ଭ କରାଯାଇଛି। ବୁଧବାର ହସ୍ପିଟାଲ ପରିସରରେ 'ଅଙ୍କୁରା ନେବରହୁଡ୍ କାର୍ଡ' ଉନ୍ମୋଚନ କରାଯାଇଛି। କାର୍ଯ୍ୟକ୍ରମରେ ମୟୂରିକା ସିଂଦେଓ ସ୍ୱାଗତ ଭାଷଣ ଦେଇଥିବାବେଳେ ଅତିଥି ଭାବେ ମାନସୀ ପଟ୍ଟନାୟକ ଓ କଣ୍ଠଶିଳ୍ପୀ କ୍ରିଷ୍ଣା ମିଶ୍ର ଯୋଗଦେଇଥିଲେ। ଅଙ୍କୁରାର ମେଡିକାଲ ଡାଇରେକ୍ଟର ବିଚିତ୍ରାନନ୍ଦ ରାଉତ, ଭାଇସ୍ ପ୍ରେସିଡେଣ୍ଟ(ମାର୍କେଟିଂ) ଅଜୟ ରାଓ୍ୱତ ଏବଂ ଡା. ଗୁରୁପ୍ରସାଦ ଜି. ଏହି କାର୍ଡର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମାଜରେ ସ୍ୱାସ୍ଥ୍ୟସେବାକୁ ଅଧିକ ସୁଲଭ ଓ ସହଜସାଧ୍ୟ କରାଇବା ସହ ସମ୍ପ୍ରଦାୟ ସହ ଦୀର୍ଘସ୍ଥାୟୀ ସମ୍ପର୍କ ଗଢ଼ିବା ଉଦ୍ଦେଶ୍ୟରେ ଏହି କାର୍ଡର ପରିକଳ୍ପନା କରାଯାଇଛି। ନେବରହୁଡ୍ କାର୍ଡଧାରୀମାନେ ପରାମର୍ଶ, ରୋଗ ନିରୂପଣ ସେବା, ପ୍ରତିଷେଧକ ସ୍ୱାସ୍ଥ୍ୟ ପ୍ୟାକେଜ ଏବଂ ଔଷଧ କ୍ରୟରେ ଆକର୍ଷଣୀୟ ରିହାତି ପାଇବେ। ଏହାସହ ହସ୍ପିଟାଲରେ ଅଗ୍ରାଧିକାର ସେବା ମଧ୍ୟ ମିଳିବ। ଏହି କାର୍ଡ ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳର ବାସିନ୍ଦାଙ୍କ ପାଇଁ ଉପଲବ୍ଧ ହେବ। ବିଶେଷକରି ପରିବାର, କର୍ମଜୀବୀ ପିତାମାତା ଏବଂ ବୟସ୍କ ନାଗରିକଙ୍କ ପାଇଁ ଏହା ଅଧିକ ଉପଯୋଗୀ ହେବ। ଏହି କାର୍ଡ ସମଗ୍ର ଭାରତରେ ଅଙ୍କୁରା ହସ୍ପିଟାଲଗୁଡ଼ିକରେ ବୈଧ ରହିବ। ଏହି ପଦକ୍ଷେପ ମାଧ୍ୟମରେ ଅଙ୍କୁରା ହସ୍ପିଟାଲ ପ୍ରତିଷେଧକ ସ୍ୱାସ୍ଥ୍ୟସେବାକୁ ପ୍ରୋତ୍ସାହିତ କରିବ ବୋଲି କର୍ତ୍ତୃପକ୍ଷ ଆଶା ରଖିଛନ୍ତି। କାର୍ଡ ସମ୍ବନ୍ଧୀୟ ଅଧିକ ସୂଚନା ପାଇଁ ଆଗ୍ରହୀ ବ୍ୟକ୍ତିମାନେ ଅଙ୍କୁରା ହସ୍ପିଟାଲ ଆସିପାରିବେ କିମ୍ବା ହସ୍ପିଟାଲର ହେଲ୍ପ ଡେସ୍କ ସହ ଯୋଗାଯୋଗ କରିପାରିବେ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ କ୍ରିଷ୍ଣା ମିଶ୍ର 'ପୁଅ ମୋହର କଳାଠାକୁର' ଗୀତ ଗାଇ ଉପସ୍ଥିତ ଅତିଥି ଓ ଅନ୍ୟମାନଙ୍କୁ ଭାବବିହ୍ୱଳିତ କରିଦେଇଥିଲେ।

# 'ଅଣ୍ଡର ସିକ୍ସଟିନ' ରେ ପ୍ରତିଭା ଦେଖାଇଲେ ନୃତ୍ୟଶିଳ୍ପୀ

ଭୁବନେଶ୍ୱର, ୨୨।୮
(ସୌମ୍ୟରଞ୍ଜନ ରାଉତ)



ଓଡ଼ିଶୀ ନୃତ୍ୟଶିଳ୍ପୀ ପରିଷଦ (ଓଡିସି) ପକ୍ଷରୁ ନୃତ୍ୟ କାର୍ଯ୍ୟକ୍ରମ 'ଅଣ୍ଡର ସିକ୍ସଟିନ'ର ୧୧ତମ ସଂସ୍କରଣ ଶୁକ୍ରବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ଜଣ ପ୍ରତିଭାବାନ୍ ଯୁବ ଓଡ଼ିଶୀ ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରିଥିଲେ। ଅତିଥିଭାବରେ ମର୍ଦ୍ଦଳ ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ, ଓଡ଼ିଶୀ ନୃତ୍ୟଶିଳ୍ପୀ ପରିଷଦ (ଓଡିସି)ର ସଭାପତି ଡ. ସ୍ନେହପ୍ରଭା ସାମନ୍ତରାୟ, ସଚିବ ଡ. ଇଲିଆନା ଚିତାରିସ୍ତି ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟ ଗୁରୁ ରତିକାନ୍ତ ମହାପାତ୍ର ଯୋଗଦେଇଥିଲେ। ପ୍ରଥମ ଉପସ୍ଥାପନା ଥିଲା ଶିବ ତାଣ୍ଡବ, ଯାହା ରାଗ ଭଟିୟାର ଓ ତାଳ ଖେମଟାରେ ନିବଦ୍ଧ ଥିଲା। ଏହାକୁ ପରିବେଷଣ କରିଥିଲେ ଗୁରୁ ଦୁଷ୍ମନ୍ତ କୁମାର ସାଇଁଙ୍କ ଶିଷ୍ୟା ଅଭିଜିତା ପଣ୍ଡା ଓ ନୃତ୍ୟ ସଂରଚନା ପଦ୍ମ ବିଭୂଷଣ ଗୁରୁ କେଳୁଚରଣ ମହାପାତ୍ର ଏବଂ ସଙ୍ଗୀତ ସଂଯୋଜନା ପଣ୍ଡିତ ଭୁବନେଶ୍ୱର ମିଶ୍ର କରିଥିଲେ। ପରେ ଗୁରୁ ଜ୍ୟୋତି ରାଉତଙ୍କ ତତ୍ତ୍ୱାବଧାନରେ ଜିଭିକା କୁମାରୀ ପରିବେଷଣ କରିଥିଲେ ବନ୍ଧନୃତ୍ୟ। ଏହା ରାଗ ମେଘ ଓ ତାଳ ଏକତାଳୀ ଉପରେ ନିବଦ୍ଧ ଥିଲା। ନୃତ୍ୟ ସଂରଚନା ଗୁରୁ ଜ୍ୟୋତି ରାଉତ ଓ ସଙ୍ଗୀତ ସଂଯୋଜନା ଗୁରୁ ସଚ୍ଚିଦାନନ୍ଦ ଦାସ କରିଥିଲେ। ପରେ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଶିଷ୍ୟ ତଥା ସୃଜନ ଅନୁଷ୍ଠାନର ଶିଳ୍ପୀ ସାଇ ପ୍ରସାଦ ପଣ୍ଡା ପରିବେଷଣ କରିଥିଲେ ପାରମ୍ପରିକ ଚମ୍ପୂ ରଚନାରେ ଅଭିନୟ ଦେଖ ଗୋ..., ଯାହା ରାଗ ମିଶ୍ରପିଲୁ ଓ ତାଳ ଖେମଟା ଉପରେ ନିବଦ୍ଧ ଥିଲା। ଏହାର ନୃତ୍ୟ ସଂରଚନା ଗୁରୁ ରତିକାନ୍ତ ମହାପାତ୍ର କରିଥିଲେ। ଅନ୍ୟାନ ନୃତ୍ୟ ଶିଳ୍ପୀମାନେ ବିଭିନ୍ନ ନୃତ୍ୟରେ ପରିବେଷଣ କରିଥିଲେ। ବିଶ୍ୱଜିତ ବଳିଆରସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିବିଡବ୍ଲ୍ୟୁଏଟିର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୨।୮: ଗିଭ୍ ବ୍ୟାକ୍ ୱେଲ୍‌ଫେୟାର ଆସୋସିଏସନ ଟ୍ରଷ୍ଟ (ଜିବିଡବ୍ଲ୍ୟୁଏଟି)ର ୩ୟ ବାର୍ଷିକ ଉତ୍ସବ ଭୁବନେଶ୍ୱରର ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିପିନ ବିହାରୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲାବେଳେ କିଟ୍ ସ୍କୁଲ ଅଫ୍ ଲ'ର ସହକାରୀ ପ୍ରଫେସର ଡ. ଅମରେନ୍ଦ୍ର ପଟ୍ଟନାୟକ, ଓପିସିଏଲ୍‌ର ପୂର୍ବତନ ସିଜିଏମ୍ ମୋହନ ମିଶ୍ର, ଓପିସିଏଲ୍‌ର ପୂର୍ବତନ ଏସ୍‌ଜିଏମ୍ ଶ୍ରୀମନ୍ତ ସାହୁଙ୍କ ସମେତ ଟ୍ରଷ୍ଟର ସଭାପତି ତଥା ଓପିସିଏଲ୍‌ର ପୂର୍ବତନ ସିଜିଏମ୍ ପି.ସି.ତ୍ରିପାଠୀ ଏବଂ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସମ୍ପାଦକ ବିନୟ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମ୍ପାଦକ ମଲ୍ଲିକ ବାର୍ଷିକ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ଟ୍ରଷ୍ଟର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦୁଃଖୀ, ଅସହାୟ ଓ ମେଧାବୀ ଛାତ୍ରୀଛାତ୍ରଙ୍କୁ ସହଯୋଗକରି ସ୍ୱାବଲମ୍ବୀ କରିବା। ପରିଶେଷରେ ଟ୍ରଷ୍ଟର ସହପ୍ରତିଷ୍ଠାତା ପ୍ରତାପ ଚନ୍ଦ୍ର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନରେ ଉଚ୍ଚଶିକ୍ଷା ପାଇଁ ଚୟନ ହେଲେ ଓଡ଼ିଆ ଛାତ୍ରୀ ହ୍ରିଷିତା

ଭୁବନେଶ୍ୱର, ୨୨।୮ (ବନ୍ଦନା ସେଠୀ)



ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଓଡ଼ିଆ ଛାତ୍ରୀ ହ୍ରିଷିତା ହିମାଳିକା ଏବେ ଉଚ୍ଚ ଶିକ୍ଷା ପାଇଁ ଇମ୍ପେରିଆଲ ବିଜ୍‌ନେସ୍ ସ୍କୁଲ୍ (ଇମ୍ପେରିଆଲ୍ କଲେଜ୍ ଲଣ୍ଡନ)ଦ୍ୱାରା ଚୟନ ହୋଇଛନ୍ତି। ସେ ସେଠାରେ ଏମ୍.ଏସ୍‌ସି ଇନ୍ ଷ୍ଟ୍ରାଟେଜିକ୍ ମାର୍କେଟିଂରେ ଉଚ୍ଚଶିକ୍ଷା ଲାଭ କରିବେ। ଇମ୍ପେରିଆଲ କଲେଜ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ପାଇଁ ବିଶ୍ୱର ପ୍ରମୁଖ ବିଶ୍ୱବିଦ୍ୟାଳୟ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛି। ହ୍ରିଷିତା ଇମ୍ପେରିଆଲ୍ କଲେଜ ବ୍ୟତୀତ ଅନ୍ୟ ତିନୋଟି ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ଯଥା ଟ୍ରିନିଟି କଲେଜ୍, ୱାର୍‌ୱିକ୍ ୟୁନିଭର୍ସିଟି ଏବଂ ଏଡିନବର୍ଗ ୟୁନିଭର୍ସିଟିରେ ଉଚ୍ଚଶିକ୍ଷା ପାଇଁ ଚୟନ ହୋଇଥିଲେ। ସେ ଗତବର୍ଷ ଲଣ୍ଡନ ସ୍କୁଲ ଅଫ ଇକୋନୋମିକ୍ସରେ ମଧ୍ୟ ଶିକ୍ଷା ଲାଭ କରିଥିଲେ। ସେ ଭୁବନେଶ୍ୱର ମଦର୍ସ ପବ୍ଲିକ ସ୍କୁଲରୁ ଦଶମ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରୁ ଦ୍ୱାଦଶ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ବି.କମ (ସମ୍ମାନ) ଡିଗ୍ରୀ ଲାଭ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଶିକ୍ଷାବିତ୍ ଡ. ଅଚ୍ୟୁତ ସାମନ୍ତ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ବଳରାମ ପାଣି, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅଶୋକ ଦାସ ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ ଅଭିନନ୍ଦନ ଜଣାଇଛନ୍ତି। ହ୍ରୀଷିତା ହେଉଛନ୍ତି ବାଙ୍କୀ ଧାନ୍‌ସର୍‌ର ଶିକ୍ଷକ ସ୍ୱର୍ଗତ ପ୍ରସନ୍ନ କୁମାର ରଥ ଓ ପ୍ରଫୁଲ୍ଲ କୁମାରୀ ରଥଙ୍କ ନାତୁଣୀ ତଥା କେନ୍ଦ୍ର ଯୋଗାଯୋଗ ମନ୍ତ୍ରଣାଳୟରେ କାର୍ଯ୍ୟରତ ଭୁବନେଶ୍ୱର ବାସୁଦେବ ନଗର ବାସିନ୍ଦା ଗଦାଧର ରଥ ଓ ବନାନୀ ରଥଙ୍କ ଝିଅ।

### ଖଣ୍ଡଗିରି ଫ୍ଲାଏ ଓଭରବ୍ରିଜ୍‌ରେ ମରାମତି କାମ

# ଜାତୀୟ ରାଜପଥରେ ଦିନସାରା ଟ୍ରାଫିକ୍ ଜାମ୍



ଭୁବନେଶ୍ୱର, ୨୨।୮ (ବନ୍ଦନା ସେଠୀ)

ଖଣ୍ଡଗିରି ଫ୍ଲାଏ ଓଭରବ୍ରିଜ୍‌ର ବିପଦସଙ୍କୁଳ ଅବସ୍ଥା ଯୋଗୁ ଗ୍ରେଡ୍ ସେପାରେଟର୍ ଷ୍ଟ୍ରକ୍‌ଚର୍ ମରାମତି କାର୍ଯ୍ୟ ଚାଲୁରହିଛି। ଏଥିପାଇଁ ସର୍ଭିସ୍ ରୋଡ୍‌ରେ ପ୍ରବଳ ଭିଡ଼ ଦେଖାଦେଇଛି। ଗାଡ଼ିମୋଟର ଜାମ୍ ରହିବା ସହ ଯାତାୟାତ ପୂର୍ଣ୍ଣମାତ୍ରାରେ ବାଧାପ୍ରାପ୍ତ ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ଫ୍ଲାଏ ଓଭରବ୍ରିଜ୍‌ରେ ପ୍ରବଳ ଜାମ୍ ହେବା ସହିତ ପଛକୁ ପଛ ଗାଡ଼ିର ଲମ୍ବାଧାଡ଼ି ରହିଥିଲା। ଟ୍ରାଫିକ୍ ଯନ୍ତ୍ରଣାରେ ଜନଜୀବନ ଅସ୍ତବ୍ୟସ୍ତ ହେବା ସହିତ ଲୋକଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଅପରପକ୍ଷେ ମରାମତି କାର୍ଯ୍ୟ ଯୋଗୁଁ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ପକ୍ଷରୁ ଅଗଷ୍ଟ ୨୧ରୁ ସେପ୍ଟେମ୍ବର ୧ ୧୨ ଦିନ ପାଇଁ ଏନ୍‌ଏଚ୍-୧୬ରେ ଟ୍ରାଫିକ୍ ଡାଇଭର୍ସନ କରାଯାଇଛି। ଏନେଇ କମିଶନରେଟ ପୋଲିସ୍ ପକ୍ଷରୁ ମଧ୍ୟ ବୁଧବାରଠାରୁ ସୂଚନା ଜାରି କରାଯାଇଥିଲା। ଯାତାୟାତ ପାଇଁ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଗାଡ଼ି ହୋଟେଲ ଖାରବେଳ ନିକଟସ୍ଥ ସର୍ଭିସ ରୋଡ୍ ଦେଇ ଟିଭିଏସ୍ ଶୋ'ରୁମ୍ ପର୍ଯ୍ୟନ୍ତ ଯାତାୟାତ କରିବାକୁ ସୂଚନା ଦିଆଯାଇଥିଲା। ଏହି ଡାଇଭର୍ସନ ଯୋଗୁ ଖଣ୍ଡଗିରି ଛକରେ ପ୍ରବଳ ଟ୍ରାଫିକ ସମସ୍ୟା ଦେଖାଦେଇଛି, ଯାହା ଯାତ୍ରୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଏନ୍‌ଏଚ୍‌ଏଆଇ ମରାମତି କାର୍ଯ୍ୟ ପାଇଁ ସମୟ ନେଇଥିବା ସୂଚନା ଦେଇଛି। ପୋଲିସ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପ୍ରୟାସ ଜାରି ରଖିଥିଲେ ହେଁ ସର୍ଭିସ୍ ରୋଡ୍‌ରେ ବ୍ୟାପକ ସମସ୍ୟା ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ସାଉଦି ଆରବରେ କାର୍ ଧକ୍କାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ବାଣପୁର,୨୨।୮ (ଦିଲୀପ କୁମାର ସ୍ୱାଇଁ)

ସୁଦୂର ସାଉଦି ଆରବରେ ସଡ଼କ ଦୁର୍ଘଟଣାରେ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ଗାଲୁଆ ଗ୍ରାମର ଭାଗୀରଥି ବାରିକଙ୍କ ପୁଅ ମନୋଜ କୁମାର (୪୦)। ମନୋଜ ପ୍ରାୟ ୩ ବର୍ଷ ହେବ ସାଉଦି ଆରବର ଏବିଆର୍ କନ୍‌ଷ୍ଟ୍ରକ୍ସନ କୋ ଲିମିଟେଡ୍ କମ୍ପାନୀରେ ଶ୍ରମିକ ଭାବେ ନିୟୋଜିତ ଥିଲେ। ଗୁରୁବାର ବିଳମ୍ବିତ ରାତିରେ ମନୋଜ ତାଙ୍କ ରୁମ୍‌କୁ ଫେରୁଥିବାବେଳେ ଦ୍ରୁତଗତିରେ ଯାଉଥିବା ଏକ କାର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଖବର ପାଇବା ପରେ ପରିବାରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମନୋଜଙ୍କ ମୃତଦେହ ଗ୍ରାମକୁ ଆଣିବା ପାଇଁ ପରିବାର ପକ୍ଷରୁ ସ୍ଥାନୀୟ ଜନପ୍ରତିନିଧି ସମେତ ପ୍ରଶାସନକୁ ଆକୁଳ ନିବେଦନ କରାଯାଇଛି।

### ପୋଖରୀରେ ବୁଡ଼ି ଦିନମଜୁରିଆଙ୍କ ମୃତ୍ୟୁ

ବେଗୁନିଆ,୨୨।୮ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋରେ ଶୁକ୍ରବାର ପୋଖରୀରେ ବୁଡ଼ି ଜଣେ ଦିନମଜୁରିଆଙ୍କର ମୃତ୍ୟୁ ଘଟିଛି। ସେ ହେଲେ ସିକୋ ଗ୍ରାମର ପ୍ରକାଶ ଚନ୍ଦ୍ର ସିଂ(୩୭)। ସେ କାମସାରି ଚନ୍ଦ୍ରଶେଖରଦେବ ନନ୍ଦସାଗର ପୋଖରୀରେ ଗାଧୋଉଥିବା ସମୟରେ ଏହି ଅଘଟଣ ଘଟିଥିଲା। ଗ୍ରାମର ଲୋକେ ଦେଖି ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଡାକ୍ତରଖାନା ନେଇଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରକାଶ ଦିନମଜୁରିଆ କରି ଦୁଃଖକଷ୍ଟରେ ନିଜ ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ସ୍ତ୍ରୀ ଓ ୩ ବର୍ଷର ଝିଅଟିଏ ଅଛି। ଏହି ଗରିବ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି।

### ରଥଭଙ୍ଗା ଆରମ୍ଭ

ପୁରୀ,୨୨।୮ (ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଘୋଷଯାତ୍ରା ବେଶ୍ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ନୀଳାଦ୍ରିବିଜେ ଅବସରରେ ଭାଇଭଉଣୀଙ୍କ ସହ ରଥରୁ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବା ପରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ୩ଟି ରଥ ଦଣ୍ଡାୟମାନ ରହିଥିଲା। ଶୁକ୍ରବାରଠାରୁ ସିଂହଦ୍ୱାର ନିକଟରେ ଥିବା ୩ରଥର ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ପରେ ଭୋଇ ସେବାୟତମାନେ ରଥ ଭଙ୍ଗା କାର୍ଯ୍ୟ ଆରମ୍ଭ କରିଛନ୍ତି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ଭୋଇ ସେବାୟତଙ୍କ ସହାୟତାରେ ରଥ ଭଙ୍ଗା କାମ ଆରମ୍ଭ କରିଛନ୍ତି।ପରମ୍ପରା ଅନୁଯାୟୀ, ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ଭଙ୍ଗା କାର୍ଯ୍ୟ ଆରମ୍ଭ କରାଯାଇଛି। ପର୍ଯ୍ୟାୟକ୍ରମେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ଏବଂ ଶେଷରେ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଭଙ୍ଗାହେବ। ରଥଭଙ୍ଗାର ପ୍ରଥମ ଦିନରେ ମା' ସୁଭଦ୍ରାଙ୍କ ଦେବଦଳନ ରଥର ଉପରି ଅଂଶ କଳସ, ଭୂଇଁର ପାଖୁଡ଼ା, ଓରା, ପ୍ରଭା, ପୋଟଳ ଆଦି ଭଙ୍ଗାଯାଇଛି। ଭୋଇ ସେବାୟତମାନେ ସାବଧାନତା ସହ ରଥର ବିଭିନ୍ନ ଅଂଶଗୁଡ଼ିକୁ ଭାଙ୍ଗୁଛନ୍ତି।

# ବେଗୁନିଆକୁ ଏନ୍‌ଏସି ମାନ୍ୟତା ଦାବି ତେଜିଲା

## ୬ଘଣ୍ଟିଆ ବନ୍ଦ ପାଳନକଲା ବିଜେଡି

ବେଗୁନିଆ,୨୨।୮ (ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)



ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ବାହାରିଥିବା ଶୋଭାଯାତ୍ରା।

ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହେଉଥିବାବେଳେ ଆବଶ୍ୟକ ଯୋଗ୍ୟତା ଥାଇ ମଧ୍ୟ ବେଗୁନିଆକୁ ଏନ୍‌ଏସି ମାନ୍ୟତା ମିଳିନାହିଁ। ତେଣୁ ଜନଅସନ୍ତୋଷ ବୃଦ୍ଧି ପାଉଛି। ରାଜ୍ୟ ସରକାର ବେଗୁନିଆକୁ ଏନ୍‌ଏସି ଘୋଷଣା ନେଇ ଅଣଦେଖା କରୁଥିବା ପ୍ରତିବାଦରେ ଶୁକ୍ରବାର ବିଜେଡି ପକ୍ଷରୁ ୬ଘଣ୍ଟିଆ ବେଗୁନିଆ ବନ୍ଦ ପାଳନ କରାଯାଇଛି। ପୂର୍ବାହ୍ନ ୬ଟାରୁ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ବନ୍ଦ ପାଳନ କରିଥିଲେ। କର୍ମୀମାନେ ସ୍ଥାନୀୟ ପୋଷ୍ଟଅଫିସ୍ ଛକ ନିକଟରୁ ଶୋଭାଯାତ୍ରାରେ ବାହାରି ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ବ୍ଲକ ଛକ ପର୍ଯ୍ୟନ୍ତ ଯାଇଥିଲେ। ପରେ ସରକାରଙ୍କ ଉଦ୍ଦେଶ୍ୟରେ ବିଡିଓ ସନ୍ତୋଷ କୁମାର ଜେନାଙ୍କୁ ଦାବିପତ୍ର ଦେଇଥିଲେ।

ଦୋକାନବଜାର, ବ୍ୟାଙ୍କ ଓ ସରକାରୀ କାର୍ଯ୍ୟାଳୟ ଆଦି ବନ୍ଦ ରହିଥିଲା। ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଉପାଧ୍ୟକ୍ଷା ସାବିତ୍ରୀ ମହାପାତ୍ର, ବିଜେଡି ବ୍ଲକ ସଭାପତି ପ୍ରଶାନ୍ତ କୁମାର ବେହେରା, ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ଅକ୍ଷୟ କୁମାର ରାଉତରାୟ, ରଞ୍ଜିତା ମହାଭୋଇ, ବେଗୁନିଆ ଗ୍ରାମ୍ୟ କମିଟି ସଭାପତି ମାୟାଧର ମାର୍ଥା, ସମ୍ପାଦକ ଲକ୍ଷ୍ମୀକାନ୍ତ ମହାପାତ୍ର, ସାର୍ବଜନୀନ ଦୁର୍ଗାପୂଜା କମିଟି ସଭାପତି ସୁଶାନ୍ତ କୁମାର ସ୍ୱାଇଁ, ସମ୍ପାଦକ ବିଭୁରଞ୍ଜନ ପଟ୍ଟନାୟକ, କୋଷାଧ୍ୟକ୍ଷ ପ୍ରଭାତ କୁମାର ସାହୁ, ସାମାଜିକ କର୍ମୀ ନୀଳକଣ୍ଠ ସ୍ୱାଇଁ, ଓମ୍‌ପ୍ରକାଶ ବାହୁବଳେନ୍ଦ୍ର ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ।

ସୂଚନାଯୋଗ୍ୟ, ବିଜେଡି ସରକାର ସମୟ ୨୦୨୪ ଫେବୃଆରୀରେ ବେଗୁନିଆକୁ ଏନ୍‌ଏସି ମାନ୍ୟତା ଦିଆଯିବା ନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ତାଲିକା ପ୍ରକାଶ ପାଇଥିଲା, ହେଲେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରାଯାଇ ନ ଥିଲା। ସରକାର ବଦଳିବା ପରେ ଏବେ ଅଗଷ୍ଟ ୧୫ରେ ଭାଜପା ସରକାର ଡ୍ରାଫ୍ଟ ନୋଟିସ ପ୍ରକାଶ କରିଛନ୍ତି। ସେଥିରେ ୭ ଜିଲାର ୧୨ଟି ନୂତନ ଏନ୍‌ଏସି ଘୋଷଣା କରାଯାଇଛି। ତେବେ ଉକ୍ତ ତାଲିକାରେ ବେଗୁନିଆର ନାମ ନାହିଁ। ତେଣୁ ଅସନ୍ତୋଷ ଓ ଆନ୍ଦୋଳନ ତେଜିବାରେ ଲାଗିଛି। ପୂର୍ବରୁ ବେଗୁନିଆ ବିକାଶ ମଞ୍ଚ ପକ୍ଷରୁ ଗଣଧାରଣା ଦିଆଯାଇଥିଲା।

# ୩ ମତ୍ସ୍ୟଜୀବୀ ଗିରଫ: ଡଙ୍ଗା ସହ ଜାଲ ଜବତ

## ନଳବଣ ନିଷିଦ୍ଧାଞ୍ଚଳରେ ମାଛମାରିବା ମହଙ୍ଗା ପଡ଼ିଲା

ବାଲୁଗାଁ,୨୨।୮ (ସଂଗ୍ରାମ ପାଇକରାୟ)

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଅଧୀନସ୍ଥ ପକ୍ଷୀ ଅଭୟାରଣ୍ୟ ନିଷିଦ୍ଧାଞ୍ଚଳରେ ଅନୁପ୍ରବେଶ କରି ବେଆଇନ ଭାବେ ମାଛ ଧରୁଥିବାବେଳେ ୩ ମତ୍ସ୍ୟଜୀବୀଙ୍କୁ ଶୁକ୍ରବାର ବନ କର୍ମଚାରୀ ଗିରଫ କରିଛନ୍ତି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ଟାଙ୍ଗୀ ଥାନା ମଙ୍ଗଳାଯୋଡ଼ି ଗ୍ରାମର କୃଷ୍ଣ ବେହେରା(୪୨), ନାଚୁଣୀ ଥାନା ବଉଳାବନ୍ଧ ଗ୍ରାମର ପ୍ରମୋଦ ଘଡ଼େଇ (୫୦) ଏବଂ ତାଙ୍କ ପୁଅ ପ୍ରଶାନ୍ତ ଘଡ଼େଇ (୨୨)। ଏମାନଙ୍କ ନିକଟରୁ ୨ଟି ମାଛଧରା ଡଙ୍ଗା, ୨ଟି ଯନ୍ତ୍ରଚାଳିତ ଇଞ୍ଜିନ, ୮ ସେଟ୍ ଖନ୍ଦାଜାଲ ଏବଂ ବାଉଁଶକିଲା ଆଦି ଜବତ ହୋଇଛି। ୧୯୭୨ ବନ୍ୟପ୍ରାଣୀ ସୁରକ୍ଷା ନିୟମ ଅନୁଯାୟୀ ବାଲୁଗାଁ ରେଞ୍ଜ୍ ପକ୍ଷରୁ ପୃଥକ୍ ଭାବେ ଦୁଇଟି କେସ୍(ନଂ.୨୧/୨୫ ଏବଂ ୨୨/୨୫) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ବାଲୁଗାଁ ରେଞ୍ଜର ରଶ୍ମିତା ଜେନା ସୂଚନା ଦେଇଛନ୍ତି।

ପ୍ରକାଶଥାଉ କି, ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ତଥା ସେମାନଙ୍କ ବିଚରଣରେ ବାଧା ନ ଉପୁଜିବା ପାଇଁ ପକ୍ଷୀ ଅଭୟାରଣ୍ୟ ନଳବଣଠାରୁ ଚିଲିକା ଜଳରାଶିରେ ପ୍ରାୟ ୫୦୦ ମିଟର ଦୂରତାରେ ବିଭାଗ ପକ୍ଷରୁ ସିମେଣ୍ଟଖୁଣ୍ଟ ପୋତାଯାଇ ଚତୁଃପାର୍ଶ୍ୱ ଅଞ୍ଚଳକୁ ସର୍ବସାଧାରଣ ନିମନ୍ତେ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ଏପରିକି ଚିଲିକା ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକଙ୍କୁ ମଧ୍ୟ ବାରଣ କରାଯାଇଛି। ତେବେ ଉକ୍ତ ନିଷିଦ୍ଧାଞ୍ଚଳ ଜଳରାଶିରେ ପ୍ରଚୁର ପରିମାଣରେ ମାଛ ଓ କଙ୍କଡ଼ା ରହୁଥିବାରୁ ମତ୍ସ୍ୟଜୀବୀମାନେ ରାତିଅଧିଆ ଲୁକ୍କାୟିତ ଭାବେ ଅନୁପ୍ରବେଶ କରି ମାଛ ମାରିବାକୁ ପଛାଉ ନାହାନ୍ତି। ପୂର୍ବରୁ ଏପରି ମାଛଧରି ଗିରଫ ହେବାର ବହୁ ନଜିର ରହିଛି।

# ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି



ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀମାନେ।

କୃଷ୍ଣପ୍ରସାଦ,୨୨।୮ (କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସଂକ୍ରାନ୍ତ ବ୍ଲକସ୍ତରୀୟ ଜନଶୁଣାଣି ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨୫-୨୬ ପ୍ରଥମ ପକ୍ଷ ଆର୍ଥିକ ବର୍ଷର ସମୀକ୍ଷା କରାଯାଇଥିଲା। ଜିଲାସ୍ତରୀୟ ଅଧିକାରୀମାନେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବଂ ଖାଦ୍ୟ ସୁରକ୍ଷା କାର୍ଯ୍ୟରେ ସ୍ୱଚ୍ଛତା ପାଇଁ ସାମାଜିକ ସମୀକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ସାମାଜିକ ସମୀକ୍ଷକ ରାଜ କିଶୋର ପରିଡା ସମସ୍ତ ତଥ୍ୟ ରଖିଥିଲେ। ଯୋଜନାଗୁଡିକର ବିଭିନ୍ନ ଆବଶ୍ୟକତା ଦିଗରେ ପିରିଜିପୁର ସରପଞ୍ଚ ଇଂ. ମଳୟ କୁମାର ଜେନା, ଗୋପୀନାଥପୁର ସରପଞ୍ଚ ସରୋଜ କୁମାର ଲେଙ୍କା, ଗମ୍ଭାରୀ ସରପଞ୍ଚ ସୁଶାନ୍ତ କୁମାର ପରିଡ଼ା ପ୍ରମୁଖ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ, ସମାଜ ମଙ୍ଗଳ ଅଧିକାରୀ ପ୍ରତ୍ୟୁଷ ରଥ, ଯୋଗାଣ ଅଧିକାରୀ ସଞ୍ଜୀଦର୍ଶନ ଦାସ, ବିତ୍ତ ଅଧିକାରୀ ମହେନ୍ଦ୍ର ରଞ୍ଜନ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ, ଏପିଓ ଅଭିନ୍ନ କୁମାର ପଲାଇ, ସିପି ପ୍ରଭାତ କୁମାର ଜେନା, ଏସିପି ସୌଭାଗ୍ୟ କୁମାର ବଳିୟାରସିଂହ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହାୟକ ରଶ୍ମିରଞ୍ଜନ ପଟ୍ଟନାୟକ, ସୌରୀରାଣୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, ଅମିୟ ପଣ୍ଡା, ଆଲୋକ ଖୁଣ୍ଟିଆ, ବେଗା ହାଁସଦା, ସାଗର ସାହୁ ଉପସ୍ଥିତ ଥିଲେ।

# ଏଡ୍ସ ସଚେତନତା ଶୋଭାଯାତ୍ରା

ବାଣପୁର, ୨୨।୮ (ଦିଲୀପ କୁମାର ସ୍ୱାଇଁ)

ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡ୍‌କ୍ରସ୍ ଏବଂ ରେଡ୍‌ରିବନ କ୍ଲବ୍ ତରଫରୁ ବାଣପୁରରେ ଏଡ୍ସ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡ୍‌କ୍ରସ୍ ଓ ରେଡ୍‌ରିବନ କ୍ଲବ୍ ଅଧିକାରିଣୀ ଅଧ୍ୟାପିକା ପ୍ରମୋଦିନୀ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଶୋଭାଯାତ୍ରାକୁ ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଛାତ୍ରୀମାନେ ବ୍ୟାନର, ପୋଷ୍ଟର, ପ୍ଲାକାର୍ଡ ଧରି ବାଣପୁର କଲେଜ ଛକ, ମା' ଭଗବତୀ ମନ୍ଦିର, ଥାନା, ତଳସାହି, ଡାକ୍ତରଖାନା ଛକ ଦେଇ ଶୋଭାଯାତ୍ରାରେ ଯାଇ ପୁଣି ବିଦ୍ୟାଳୟକୁ ଫେରିଥିଲେ। ପରେ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ହୋଇଥିଲା। ଅଧ୍ୟାପକ ପ୍ରଶାନ୍ତ କୁମାର ଦାଶ, ମନୋଜ ମହାପାତ୍ର, ଅଧ୍ୟାପିକା କଲ୍ୟାଣୀ ବୈରୀଗଞ୍ଜନ, ସୁଚିତ୍ରା ଦାସ, ରୋଜାଲିନ୍ ଦାସ, ସାଗରିକା ଦାସ, ଡେମୋନ୍‌ଷ୍ଟ୍ରେଟର ରବୀନ୍ଦ୍ର କୁମାର ମାର୍ଥା, କସ୍ତୁରୀ ପଟ୍ଟନାୟକ, ଗ୍ରନ୍ଥାଗାରିକ ଅକ୍ରୂର ପ୍ରଧାନ, କ୍ରୀଡ଼ା ଶିକ୍ଷକ ବିଭୁଧେନ୍ଦୁ ମାନସିଂହ, କମ୍ପ୍ୟୁଟର ପ୍ରଶିକ୍ଷକ ଶିବଶଙ୍କର ପଣ୍ଡା, କବି ଦିଗମ୍ବର ବିଶ୍ୱାଳ ପ୍ରମୁଖ ଏଡ୍ସମୁକ୍ତ ସମାଜ ଗଠନର ବାର୍ତ୍ତା ଦେଇଥିଲେ। ଏନେଇ ସଚେତନ କରିବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ପୂର୍ବରୁ ଅନୁଷ୍ଠିତ ଏଡ୍ସ ସମ୍ପର୍କିତ ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ଭାରତ ସରକାରଙ୍କ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗର ଇକୋ କ୍ଲବ୍ ଫର୍ ମିଶନ ଲାଇଫ୍ ତରଫରୁ 'ଏକ୍ ପେଡ୍ ମା କା ନାମ୍' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ଯୁବ ରେଡ୍‌କ୍ରସ୍ ପରାମର୍ଶଦାତା ଅଧ୍ୟାପିକା ପ୍ରମୋଦିନୀ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

# ଶୃଙ୍ଖଳିତ, ନିଶାମୁକ୍ତ ପୂଜାକୁ ଗୁରୁତ୍ୱ

ଖୋର୍ଦ୍ଧା,୨୨।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସହରରେ ଗଣେଶପୂଜା ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ୭୫ମଣ୍ଡପରେ ପୂଜା ହେବ। ଚଳିତବର୍ଷ ଶୃଙ୍ଖଳିତ ପୂଜା ଆୟୋଜନ ନେଇ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ପକ୍ଷରୁ ଶୁକ୍ରବାର ଜୟୀ ରାଜଗୁରୁ ଭବନ ନିକଟସ୍ଥ ପୌରସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଦର ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ଟାଉନ ଥାନା ଅଧିକାରୀ ସଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସହରର ୭୫ଟି ପୂଜାମଣ୍ଡପ କମିଟି ସଦସ୍ୟ ଯୋଗ ଦେଇଥିଲେ। ଶୃଙ୍ଖଳିତ ପୂଜା ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି। ପୂଜାମଣ୍ଡପରେ ଧୂମ୍ରପାନ ଓ ମଦ୍ୟପାନକୁ ନିଷିଦ୍ଧ କରାଯାଇଛି। ଚଳିତବର୍ଷ ପୂଜାମଣ୍ଡପ ଓ ଭଷାଣୀରେ ଡିଜେକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। କୌଣସି ପୂଜାମଣ୍ଡପରେ ଯେପରି କୌଣସି ଅଘଟଣ ଅଥବା ଶର୍ଟସର୍କିଟଜନିତ ସମସ୍ୟା ନ ଉପୁଜିବ ସେଥିପ୍ରତି ଗୁରୁତ୍ୱ ଦେବେ। ମଣ୍ଡପରେ ପର୍ଯ୍ୟାପ୍ତ ବାଲିବସ୍ତା ରଖିବେ। ଆକର୍ଷଣୀୟ ପୂଜା ଆୟୋଜନ ଲାଗି ନିଜ ସ୍ତରରେ ପ୍ରତିଯୋଗିତା ମନୋଭାବ ନ ରଖି ପରସ୍ପର ମଧ୍ୟରେ ଭାଇଚାରା, ସ୍ନେହ ପୂର୍ବକ ପୂଜା ଆୟୋଜନ ପାଇଁ ଏସ୍‌ଡିପିଓ ମହାନ୍ତି ପରାମର୍ଶ ଦେଇଥିଲେ। ଥାନାର ଅନ୍ୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ଅଧ୍ୟାପକ, କର୍ମଚାରୀଙ୍କ ଗଣଧାରଣା



କଲେଜ ସମ୍ମୁଖରେ ଅଧ୍ୟାପକ ଓ କର୍ମଚାରୀ ଧାରଣା ଦେଇଛନ୍ତି।

ବେଗୁନିଆ,୨୨।୮ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ଅନ୍ତର୍ଗତ ଦେଉଳିସ୍ଥିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରେ ଶୁକ୍ରବାର ବେସରକାରୀ ଅଧ୍ୟାପକ, କର୍ମଚାରୀମାନେ ବିଭିନ୍ନ ଦାବି ନେଇ ଗଣଧାରଣାରେ ବସିଛନ୍ତି। ପୂର୍ଣ୍ଣ ଅନୁଦାନ ଓ ସରକାରୀ କର୍ମଚାରୀ ମାନ୍ୟତା ଆଦି ପ୍ରମୁଖ ଦାବି ରହିଛି। ରାଜ୍ୟ ସଂଘ ଆହ୍ୱାନରେ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କର୍ମଚାରୀମାନେ ଏହି ଧାରଣା ଦେଇଛନ୍ତି। ପୂର୍ବରୁ ଅନେକଥର ସରକାରଙ୍କୁ ଦାବି ସଂକ୍ରାନ୍ତରେ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ପ୍ରଦୀପ୍ତ କୁମାର ସାମନ୍ତରାୟ, ସତ୍ୟନାରାୟଣ ସାହୁ ଓ ଇମ୍ରାନ୍ ଖାନ୍‌ଙ୍କ ନେତୃତ୍ୱରେ ଧାରଣା ଦିଆଯାଇଛି। ୨୦୦୮ରୁ ୨୦୧୮ ଭିତରେ ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ପୂର୍ଣ୍ଣଅନୁଦାନ ଦାବି କରାଯାଇଛି। ସରକାର ଏହା ଉପରେ ତୁରନ୍ତ ପଦକ୍ଷେପ ନ ନେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଧାରଣାରେ ବସିଥିବା କର୍ମଚାରୀମାନେ କହିଛନ୍ତି।

# ଚିଲିକାରୁ ୨୦୦ ଏକର ବେଆଇନ ଘେରି ଉଚ୍ଛେଦ

କୃଷ୍ଣପ୍ରସାଦ,୨୨।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କୃଷ୍ଣପ୍ରସାଦ ତହସିଲ ଅଧୀନ ଚିଲିକାରୁ ବେଆଇନ ଘେରି ଉଚ୍ଛେଦ ଆରମ୍ଭ ହୋଇଛି। ତହସିଲ ପ୍ରଶାସନ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଏହି ପଦକ୍ଷେପ ନିଆଯାଇଛି। ଗୁରୁବାର ବଜ୍ରକୋଟ ରାଜସ୍ୱ ସର୍କଲ ଅଧିନ ଡାମ୍ପଣା ବାହାର ଚିଲିକା ଅଞ୍ଚଳରୁ ୨୦୦ ଏକର ମାଟିବନ୍ଧ ଓ ଜାଲଘେରିକୁ ପ୍ରଶାସନ ଉଚ୍ଛେଦ କରିଛି। ଘେରିରେ ବ୍ୟବହାର ହୋଇଥିବା ଜାଲ, କିଲା, ବାଉଁଶ ଆଦିକୁ ନିଆଁ ଲଗାଇ ନଷ୍ଟ କରାଯାଇଛି। କୃଷ୍ଣପ୍ରସାଦ ତହସିଲଦାର ବିକାଶ ସେଠୀଙ୍କ ତତ୍ତ୍ୱାବଧାନରେ ଉଚ୍ଛେଦ କାର୍ଯ୍ୟ ହୋଇଥିବାବେଳେ ଜେସିବି ମେଶିନ ସହିତ ୩୦ ଜଣ ଶ୍ରମିକ ନିୟୋଜିତ ଥିଲେ। ଶାନ୍ତିଶୃଙ୍ଖଳା ଲାଗି କୃଷ୍ଣପ୍ରସାଦ ପୋଲିସ ଉପଖଣ୍ଡ ଅଧିକାରୀ ଭାବଗ୍ରାହୀ ରାଉତଙ୍କ ନେତୃତ୍ୱରେ ୧ ପ୍ଲାଟୁନ ପୋଲିସଫୋର୍ସ ମୁତୟନ କରାଯାଇଥିଲା। ବଜ୍ରକୋଟ ରାଜସ୍ୱ ନିରୀକ୍ଷକ ତଥା ସୁପରଭାଇଜର ମୋହନ କୁମାର ସ୍ୱାଇଁ, କୃଷ୍ଣପ୍ରସାଦ ଥାନା ଏଏସ୍‌ଆଇ ମନୋରଞ୍ଜନ ଦାଶ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଜିପିଏସ୍ ଅପରେଟର ବିଭୂତି ଭୂଷଣ ଡୋରା ପ୍ରମୁଖ ସହଯୋଗ କରିଥିଲେ। ଚିଲିକାକୁ ସମ୍ପୂର୍ଣ୍ଣ ଘେରିମୁକ୍ତ କରିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହିବ ବୋଲି ତହସିଲଦାର ସେଠୀ କହିଛନ୍ତି।

# ଫୁଟ୍‌ବଲ ଲିଗ୍ : ପାଇକ ଟିଗିରିଆ ବିଜୟୀ


ଫୁଟ୍‌ବଲ ମ୍ୟାଚ୍ ଅବସରରେ ଅତିଥି ଏବଂ ରେଫରିଙ୍କ ସହ ଉଭୟ ଦଳର ଖେଳାଳିମାନେ।

ଖୋର୍ଦ୍ଧା,୨୨।୮ (ପ୍ରଭାତ ପାଣିଗ୍ରାହୀ)

ଶରଧାପୁର ସ୍ପୋର୍ଟସ ଆସୋସିଏନଶନ ଦ୍ୱାରା ସ୍ଥାନୀୟ ଖେଳପଡ଼ିଆରେ ୨ୟ ଶରଧାପୁର ଫୁଟବଲ ଲିଗ୍ ଚାଲିଛି। ଶୁକ୍ରବାର ୪ର୍ଥ ଦିନ ମ୍ୟାଚ୍‌ରେ ପାଇକ ଟିଗିରିଆ ବିଜୟୀ ହୋଇଛି। ପାଇକ ଟିଗିରିଆ ଓ ବିଂଝିଗିରି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପାଇକ ଟିଗିରିଆ ଆରମ୍ଭରୁ ଆକ୍ରମଣାତ୍ମକ ଢଙ୍ଗରେ ଖେଳ ଆରମ୍ଭ କରି ବିପକ୍ଷ ଦଳକୁ ଗୋଟିଏ ବି ଗୋଲ କରିବାକୁ ସୁଯୋଗ ଦେଇଥିଲେ। ପ୍ରଥମାର୍ଦ୍ଧରେ ୨-୦ ଏବଂ ଶେଷ ୧୦ ମିନିଟ୍‌ରେ ୪-୦ରେ ଗୋଲ ଦେଇ ବିଜୟୀ ହୋଇଥିଲା। ଆଜିର ମ୍ୟାଚ ରେଫରି ଭାବେ ସାଗିର ଅହମ୍ମଦ ଏବଂ ତାଙ୍କୁ ମକବୁଲ ଅହମ୍ମଦ, ସୈକତ ଅହମଦ ଏବଂ ଅମ୍‌ଜାଦ୍ ଖାଁ ସହଯୋଗ କରିଥିଲେ। ଅତିଥି ଭାବେ ଖୋର୍ଦ୍ଧା ଭେଟେରାନ ଖେଳାଳି ଦାନିଏଲ ନାୟକ, ଲକ୍ଷ୍ମୀଧର ବଡଜେନା, ମୀନକେତନ ବଡଜେନା, ସଂଘ ସଭାପତି ଏମ୍‌ଡି ଜମିରୁର ରହେମାନ ପ୍ରମୁଖ ଯୋଗଦେଇଥିଲେ। ଶନିବାର ଖୋର୍ଦ୍ଧା ଓ ପୋଡ଼ପଡ଼ା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସଂଘ ସମ୍ପାଦକ ଏସ୍.ଇ. ହୁଦା ସୂଚନା ଦେଇଛନ୍ତି।

# ନିଖୋଜ ଯୁବକଙ୍କ ମୃତଦେହ ପାହାଡ଼ ଉପରୁ ଜବତ

- ପକେଟରୁ ଗାଡ଼ିଚାବି ଓ ମୋବାଇଲ ଜବତ
- ହତ୍ୟା ଅଭିଯୋଗ ଆଣିଲେ ପରିବାର

ନିରାକାରପୁର,୨୨।୮ (ମାନସ ଚନ୍ଦ୍ର ପଟ୍ଟନାୟକ)


ଘଟଣାସ୍ଥଳରେ ଶୋକାକୂଳ ପରିବାର ଏବଂ ସମ୍ପର୍କୀୟ।

ନିରାକାରପୁର ଥାନା ପୋଲିସ ଚିତ୍ରକୂଟ ପାହାଡ ଉପରେ ଥିବା ଏକ କାଜୁଗଛ ଡାଳରୁ ଜଣେ ଯୁବକଙ୍କ ମୃତଦେହକୁ ଜବତ କରିଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ କାଶୀପୁର ବଡ଼ପାଟଣା ଗ୍ରାମର ହିମାଂଶୁ ପ୍ରଧାନ(୨୬) ଓରଫ ବାପି।

ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ପୂର୍ବାହ୍ନ ୧୦ଟାରୁ ହିମାଂଶୁ ନିଜ ସ୍କୁଟି ଧରି କେଉଁଆଡେ ଚାଲିଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରିବା ପରେ ସ୍କୁଟିଟିକୁ ସ୍ଥାନୀୟ ଚିତ୍ରକୂଟ ପାହାଡ଼ ମହାବୀର ମନ୍ଦିର ରସ୍ତାରୁ ପାଇଥିଲେ । ପରେ ହିମାଂଶୁ ନିଖୋଜ ଥିବା ନେଇ ତାଙ୍କ ଦାଦା ଥାନାରେ ଲିଖିତ ଅଭିଯୋଗ କରି ଖୋଜିବା ପାଇଁ ପୋଲିସକୁ ଗୁହାରି କରିଥିଲେ। ଗ୍ରାମବାସୀ ମଧ୍ୟ ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି କରିଥିଲେ। ଶୁକ୍ରବାର ସକାଳୁ କେତେଜଣ ଯୁବକ ଉକ୍ତ ପାହାଡ଼ ଆଡ଼କୁ ଯାଇଥିବା ବେଳେ ଏକ କାଜୁଗଛରେ ହିମାଂଶୁଙ୍କ ଝୁଲନ୍ତା ମୃତଦେହ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଏହାପରେ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଦଳଙ୍କୁ ଡାକି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ସରକାରୀ ମେଡିକାଲକୁ ପଠାଇଥିଲା। ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା (ନଂ. ୨୧୧/୨୫) ରୁଜୁ କରିଛି। ଏନେଇ ତଦନ୍ତକାରୀ ଅଧିକରରୀ ବିଶ୍ୱଜିତ ରାଉତରାୟ କହିଛନ୍ତି, ଗୁରୁବାର ନିଖୋଜ ମାମଲା ରୁଜୁ ହୋଇଥିଲା। ତେବେ ଶୁକ୍ରବାର ପରିବାର ଲୋକଙ୍କ ଅଭିଯୋଗ ଭିତ୍ତିରେ ହତ୍ୟା ମାମଲା ରୁଜୁ କରାଯାଇଛି। ହିମାଂଶୁଙ୍କ ବାମପଟ ପକେଟରୁ ଗୋଟିଏ ମୋବାଇଲ ଫୋନ୍ ଓ ଗାଡ଼ି ଚାବି ଜବତ କରାଯାଇଛି। ଅନୁସନ୍ଧାନ ଜାରି ରହିଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଓ ତଦନ୍ତ ସରିବା ପରେ ଘଟଣା ସମ୍ପର୍କରେ ସବୁକିଛି ସ୍ପଷ୍ଟ ହେବ।

**ସଂକ୍ଷେପରେ**

## ଗଞ୍ଜେଇ ଜବତ, ଯୁବକ ଗିରଫ

ଚାରିଛକ,୨୨।୮ (ଶିଶିର କୁମାର ସ୍ୱାଇଁ)

ଗଞ୍ଜେଇ ବିକ୍ରି ଅଭିଯୋଗରେ ଚାରିଛକ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ସୂଚନାଯୋଗ୍ୟ, ଉକ୍ତ ଥାନା ଅନ୍ତର୍ଗତ ସଭାମଣ୍ଡପ ନିକଟରେ ଗଞ୍ଜେଇ ବିକ୍ରି ହେଉଥିବା ଖବରପାଇ ସେଠାରେ ଚଢ଼ାଉକରି ଜଣେ ଯୁବକଙ୍କୁ ଗିରଫକରିବା ସହ ୧.୮ କି.ଗ୍ରା. ଗଞ୍ଜେଇ, ଗୋଟିଏ ସ୍କୁଟି ଓ ନଗଦ ୩୬ ହଜାର ଟଙ୍କା ଜବତ କରିଥିବା ଜଣାପଡ଼ିଛି। ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ଚାରିଛକ ଥାନାଧିକାରୀ ମମତା ବିଶାଳଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଛି। ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି, ଏଏସ୍‌ଆଇ ସବିତା କୁମାରୀ ଦେବୀ, ଏଏସ୍‌ଆଇ ବୃନ୍ଦରାମ ମୁର୍ମୁ, ଏଏସ୍‌ଆଇ ଇନ୍ଦୁଲତା ମିଶ୍ର ଓ ରଞ୍ଜନ ବେହେରା ପ୍ରମୁଖ ସଦଳବଳ ସେଠାରେ ଚଢ଼ାଉକରି ସାଗର ପଣ୍ଡା ନାମକ ଜଣେ ଯୁବକଙ୍କୁ ଗିରଫ କରିଛନ୍ତି। ଚାରିଛକ ଅଞ୍ଚଳରେ ଗୋଚାଲାଣ ହେଉ ନ ଥିବାବେଳେ ଚୋରି, ରାହାଜାନି ଓ ଟ୍ରାଫିକ୍ ସମସ୍ୟା ଉପରେ କଡ଼ା ପଦକ୍ଷେପ ନିଆଯାଉଛି ବୋଲି ଥାନାଧିକାରୀ ମମତା ବିଶାଳ ପ୍ରକାଶ କରିଛନ୍ତି।

## ଜମିବାଡ଼ି ବିବାଦ: ୫ ଆହତ

### ଉଭୟ ପକ୍ଷରୁ ୫ ଗିରଫ ଓ କୋର୍ଟ ଚାଲାଣ

ସାକ୍ଷୀଗୋପାଳ, ୨୨।୮ (ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର)

ସତ୍ୟବାଦୀ ଥାନା ଅନ୍ତର୍ଗତ ବଳପୁର ପଣ୍ଡା ସାହି ଗ୍ରାମରେ ଜମି ବାଡ଼ି ବିବାଦ କୁ କେନ୍ଦ୍ର କରି ଶୁକ୍ରବାର ଦୁଇ ପରିବାର ଭିତରେ ମାରପିଟି ହୋଇଛି। ଏଥିରେ ଉଭୟ ପକ୍ଷରୁ ୫ ଜଣ ଆହତ ହୋଇଛନ୍ତି। ଉଭୟଙ୍କ ପକ୍ଷରୁ ସତ୍ୟବାଦୀ ଥାନାରେ ଦୁଇଟି ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବଳପୁର ପଣ୍ଡା ସାହିର ରଙ୍ଗମଣୀ ସାହୁଙ୍କ ଏତଲାକୁ ଭିତ୍ତି କରି ସତ୍ୟବାଦୀ ପୋଲିସ ୨୭୪ /୨୫ ନଂ.ରେ ଏକ ମାମଲା ରୁଜୁକରି ଘଟଣାରେ ସମ୍ପୃକ୍ତ ରଶ୍ମି ରଞ୍ଜନ ସାହୁ, ବୁଦ୍ଧନାଥ ସାହୁ ଓ ଶଙ୍କର ସାହୁଙ୍କୁ ଗିରଫ କରିଛି । ସେହିପରି ପ୍ରତିପକ୍ଷ ପଟୁ ହର୍ଷମଣି ସାହୁଙ୍କ ଏତଲାକୁ ଭିତ୍ତି କରି ପୋଲିସ ୨୭୫/୨୫ ରେ ଏକ ମୋକଦ୍ଦମା ରୁଜୁ କରି ନବଘନ ସାହୁ ଓ ଦୁଃଶାସନ ସାହୁଙ୍କୁ ଗିରଫ କରିଛି। ଉଭୟ ପକ୍ଷରୁ ଗିରଫ ହୋଇଥିବା ୫ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ସତ୍ୟବାଦୀ ଥାନାଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି।

## ଦୋକାନ ଶଟର ଭାଙ୍ଗି ଚୋରି

ଯୋଗେଶ୍ୱରପୁର,୨୨।୮ (ରଶ୍ମିରଞ୍ଜନ ସାହୁ)

ନୟାହାଟ ବଜାର଼ର ଏକ ସିମେଣ୍ଟ ଦୋକାନରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ସିମେଣ୍ଟ ବ୍ୟବସାୟୀ କାହ୍ନୁଚରଣ ସାହୁଙ୍କ ଦୋକାନ ଶଟର ତାଲାକୁ ଶାବଳରେ ଭାଙ୍ଗି ଦୋକାନ ଭିତରେ ଥିବା ୩.୬୦୦ ଟଙ୍କା ସହ ଗୋଟେ ନୂଆ ମୋବାଇଲ, ୩ଟି କ୍ୟାସେଟ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ସିସି କ୍ୟାମେରାରେ ଚୋରର ଫଟୋ କଏଦ ହୋଇଥିବା ବେଳେ ତା' ମୁହଁରେ ଏକ ପଟିବାନ୍ଧି ହାତରେ ଏକ ଶାବଳ ଧରି ତାଲା ଭାଙ୍ଗୁଥିବା ଦେଖିବାକୁ ମିଳିଛି। ଏନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

**ରଥଭଙ୍ଗା ଆରମ୍ଭ**

# ଭଙ୍ଗାହେଲା ଦେବଦଳନ ରଥ

ପୁରୀ,୨୨।୮ (ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଘୋଷଯାତ୍ରା ବେଶ୍ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ନୀଳାଦ୍ରିବିଜେ ଅବସରରେ ଭାଇଭଉଣୀଙ୍କ ସହ ରଥରୁ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବା ପରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ୩ଟି ରଥ ଦଣ୍ଡାୟମାନ ରହିଥିଲା। ଶୁକ୍ରବାରଠାରୁ ସିଂହଦ୍ୱାର ନିକଟରେ ଥିବା ୩ରଥର ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ପରେ ଭୋଇ ସେବାୟତମାନେ ରଥ ଭଙ୍ଗା କାର୍ଯ୍ୟ ଆରମ୍ଭ କରିଛନ୍ତି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ଭୋଇ ସେବାୟତଙ୍କ ସହାୟତାରେ ରଥ ଭଙ୍ଗା କାମ ଆରମ୍ଭ କରିଛନ୍ତି।

ପରମ୍ପରା ଅନୁଯାୟୀ, ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ଭଙ୍ଗା କାର୍ଯ୍ୟ ଆରମ୍ଭ କରାଯାଇଛି। ପର୍ଯ୍ୟାୟକ୍ରମେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ଏବଂ ଶେଷରେ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଭଙ୍ଗାହେବ। ରଥଭଙ୍ଗାର ପ୍ରଥମ ଦିନରେ ମା' ସୁଭଦ୍ରାଙ୍କ ଦେବଦଳନ ରଥର ଉପରି ଅଂଶ କଳସ, ଭୂଇଁର ପାଖୁଡ଼ା, ଦୁଆରବେଢ଼ା, ଓରା, ପ୍ରଭା, ପୋଟଳ ଆଦି ଭଙ୍ଗାଯାଇଛି। ଭୋଇ ସେବାୟତମାନେ ସାବଧାନତା ସହ ରଥର ବିଭିନ୍ନ ଅଂଶଗୁଡ଼ିକୁ ଭାଙ୍ଗୁଛନ୍ତି। ଲୋକକଥା



ସିଂହଦ୍ୱାରରେ ଥିବା ୩ ରଥର ଭଙ୍ଗାକାର୍ଯ୍ୟ ଆରମ୍ଭ ହୋଇଛି ।

ଅନୁଯାୟୀ, ମହାପ୍ରଭୁଙ୍କ ନୀଳାଦ୍ରି ବିଜେନୀତି ପରେ ୩ ରଥ ମୃତ ଭାବରେ ବିବେଚନା କରାଯାଏ। ତେଣୁ ଘୋଷଯାତ୍ରା ପରେ ୩ରଥକୁ ଭାଙ୍ଗି ଦିଆଯାଇଥାଏ। ତେବେ ମହାପ୍ରଭୁଙ୍କ କୋଠଭୋଗ ପ୍ରସ୍ତୁତିରେ ରଥ କାଠଗୁଡ଼ିକୁ ବ୍ୟବହାର କରାଯାଏ। ସେହିଭଳି ରଥର ଚକ ଓ ଅନ୍ୟ ଅଂଶଗୁଡ଼ିକୁ ଭକ୍ତମାନେ ଶ୍ରୀମନ୍ଦିର ପ୍ରଶାସନ ଠାରୁ ନେଇଥାନ୍ତି। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ନୀଳାଦ୍ରି ବିଜେ ପରେ ୧ମାସ ପରେ ରଥଗୁଡ଼ିକ ଭଙ୍ଗା କାର୍ଯ୍ୟ ହୋଇଥାଏ। ଗତ ଦିନଗୁଡ଼ିକରେ ଚକଗୁଡ଼ିକ ଗୁଣ୍ଡିଚା ମନ୍ଦିରରେ ରଖାଯାଉଥିଲା। ଚଳିତ ବର୍ଷ ଚକଗୁଡ଼ିକ ମଶାଣିଚଣ୍ଡୀଠାରେ କରାଯାଇଥିବା ରଥ ଗୋଦାମରେ ରଖାଯିବ। ଏଥିସହ ଅନ୍ୟାନ୍ୟ ଜିନିଷ ମଧ୍ୟ ସେଠାରେ ରଖାଯିବ। ସିସିଟିଭି ସହ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇ ସୁରକ୍ଷିତ ଭାବେ ରଖାଯିବ। ଯେଉଁ ଭକ୍ତମାନେ ଚାହିଁବେ ଧାର୍ଯ୍ୟ ଅର୍ଥ ଦେଇ ସେଠାରୁ ଚକା ଓ ଅନ୍ୟାନ୍ୟ ପ୍ରଭା, କଣକୁଜ, ଅଶ୍ୱଅରୀ ସହ ଅନ୍ୟାନ୍ୟ ଅଂଶ ନେଇପାରିବେ। ସେହିପରି ଗୋଦାମରେ ସାରଥିଗୁଡ଼ିକ ରଖିବା ପାଇଁ ସେବାୟତଙ୍କ ସହ ଆଲୋଚନା କରାଯିବା ପରେ ସେ ନେଇ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

# ଜୀବନର ସାର୍ଥକତା ଲାଭ କରିଛନ୍ତି ଦମ୍ପତି

ସାକ୍ଷୀଗୋପାଳ,୨୨।୮ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

**ସୁଶୀଲ ଓ ପୁଷ୍ପଲତାଙ୍କ ଶରୀର ଦାନ**

ମୃତ୍ୟୁ ପରେ ଶରୀର ଦାନ କରିବେ ଦମ୍ପତି। ସତ୍ୟବାଦୀ ଥାନା ସାରଙ୍ଗଯୋଡ଼ି ଗ୍ରାମର ଭଗବାନ ସାହୁଙ୍କ ପୁତ୍ର ସୁଶୀଲ କୁମାର ସାହୁ (୪୯) ଓ ତାଙ୍କ ଧର୍ମ ପତ୍ନୀ ପୁଷ୍ପଲତା ସାହୁ (୩୯) ମୃତ୍ୟୁ ପରେ ଉଭୟଙ୍କ ଶରୀରକୁ ନଷ୍ଟ ନ କରି ଚିକିତ୍ସା ବିଦ୍ୟା ନିମନ୍ତେ ଶିକ୍ଷଣ ଓ ପ୍ରଶିକ୍ଷଣ ପାଇଁ ଦାନ କରିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାରଙ୍କ ନିକଟରେ ଚୁକ୍ତିବଦ୍ଧ କରିଛନ୍ତି । ମୃତ୍ୟୁ ପରେ ଉଭୟଙ୍କ ଶରୀରରେ ଥିବା ପ୍ରତେକ ଅଙ୍ଗ ଅନ୍ୟ ମାନଙ୍କ ପାଇଁ ଉତ୍ସର୍ଗୀ କୃତ କରିବେ ବୋଲି ମଧ୍ୟ ଚୁକ୍ତି କରିଛନ୍ତି । ଯୁବା ଅବସ୍ଥାରୁ ଦୁଖୀ ରଙ୍କି ଓ ସମାଜରେ ଦୁଃସାଧ ରୋଗୀଙ୍କ ପ୍ରତ୍ୟକ୍ଷ ଭାବେ ସେବା କରିବା ସହ ବିଭିନ୍ନ ସମୟରେ ସେ ୨୨ ଥର ରକ୍ତ ଦାନ କରି ଅନ୍ୟର ଜୀବନରେ ହସର ଆଲୋକ ଭରି ଦେଇଛନ୍ତି ସୁଶୀଲି। ଏଥିପାଇଁ ସେ କୁହନ୍ତି ଜନ୍ମ ହୋଇଛେ ମାନେ ମୃତ୍ୟୁ ନିଶ୍ଚିତ। ମା ବାପା ଜନ୍ମ ଦେଇଛନ୍ତି। ଏହା ପ୍ରକୃତିର ଅବଦାନ, ତେଣୁ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଖାଲି ଟଙ୍କା ପଇସା ଲୋଭ କ୍ରୋଧ ଓ ଅନ୍ୟ ପ୍ରହଳିକା ପଛରେ ନ ପଡ଼ି କିଛି ସମୟ ମାନବ ସେବାରେ ବିନିଯୋଗ କରିବାରେ ହୃଦୟକୁ ଅପାର ଶାନ୍ତି ମିଳିଥାଏ। ସୁଶୀଲ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ୧୦ ମାର୍ଚ୍ଚ ୨୪ ରେ (ଅର୍ଗାନ ଡୋନେସନ ପ୍ଲେଜ୍ ସାର୍ଟିଫିକେଟ୍)ପାଇଥିବା ବେଳେ ତାଙ୍କ ପତ୍ନୀ ପୁଷ୍ପଲତା ଚଳିତ ମାସ ୧୭ରେ ଉକ୍ତ ସାଟିଫିକେଟ ପାଇଛନ୍ତି । ଉଭୟଙ୍କ ଏହି କାର୍ଯ୍ୟ ପାଇଁ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟୁଛି । ଏ ସମ୍ପର୍କରେ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଦେବାଶିଷ ନାୟକ କୁହନ୍ତି : ବାସ୍ତବରେ ସୁଶୀଲ ଓ ତାଙ୍କ ପତ୍ନୀ ମଣିଷ ଜନ୍ମର ସାର୍ଥକତା ଲାଭ କରିଛନ୍ତି । କହିବାକୁଗଲେ ସେମାନେ ଏବେ ବଞ୍ଚିଛନ୍ତି ଓ ମୃତ୍ୟୁପରେ ମଧ ଅନ୍ୟମାନଙ୍କ ପାଇଁ ଜୀବିତ ରହିବେ । ୨୨ ଥର ରକ୍ତଦାନ ସହ ଏଭଳି କାର୍ଯ୍ୟ ଯୋଗୁଁ ସେ ସର୍ବଦା ପ୍ରଶଂସନୀୟ। ବୁଦ୍ଧିଜୀବୀ ରତିକାନ୍ତ ମିଶ୍ର କୁହନ୍ତି : ମୃତ୍ୟୁ ପରେ ସୁଶୀଲ ଓ ତାଙ୍କ ପତ୍ନୀ ପୁଷ୍ପଲତାଙ୍କ ଶରୀର ଦାନ ଚିକିତ୍ସା ବିଦ୍ୟାରେ ଶିକ୍ଷଣ ଓ ପ୍ରଶିକ୍ଷଣ କ୍ଷେତ୍ରରେ ଲାଗିବ। ଏହା ବାଦ ଜଣକ ଶରୀରରେ ଥିବା ଅଙ୍ଗ ପ୍ରତେଙ୍ଗ ଦ୍ୱାରା ଅନ୍ୟୁନ ୮ ଜଣ ନୂତନ ଜୀବନ ପାଇପାରିବେ । ଉକ୍ତ ଦମ୍ପତିଙ୍କ ଏଭଳି କାର୍ଯ୍ୟ ଅନ୍ୟମାନଙ୍କ ନିମନ୍ତେ ଏକ ପ୍ରେରଣା ସୃଷ୍ଟି କରିବ।



ସାତପୁରୀ ତାଡ଼ ଆଲାମଚଣ୍ଡୀ ମନ୍ଦିରରୁ ସେବାୟତମାନେ ଶ୍ରୀମନ୍ଦିରକୁ ନେଇ ଯାଉଛନ୍ତି ।

## ସାଉଦି ଆରବରେ କାର୍ ଧକ୍କାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ବାଣପୁର,୨୨।୮ (ଦିଲୀପ କୁମାର ସ୍ୱାଇଁ)

ସୁଦୂର ସାଉଦି ଆରବରେ ସଡ଼କ ଦୁର୍ଘଟଣାରେ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ଗାଲୁଆ ଗ୍ରାମର ଭାଗୀରଥି ବାରିକଙ୍କ ପୁଅ ମନୋଜ କୁମାର (୪୦)। ମନୋଜ ପ୍ରାୟ ୩ ବର୍ଷ ହେବ ସାଉଦି ଆରବର ଏବିଆର୍ କନ୍‌ଷ୍ଟ୍ରକ୍ସନ କୋ ଲିମିଟେଡ୍ କମ୍ପାନୀରେ ଶ୍ରମିକ ଭାବେ ନିୟୋଜିତ ଥିଲେ। ଗୁରୁବାର ବିଳମ୍ବିତ ରାତିରେ ମନୋଜ ତାଙ୍କ ରୁମ୍‌କୁ ଫେରୁଥିବାବେଳେ ଦ୍ରୁତଗତିରେ ଯାଉଥିବା ଏକ କାର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଖବର ପାଇବା ପରେ ପରିବାରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମନୋଜଙ୍କ ମୃତଦେହ ଗ୍ରାମକୁ ଆଣିବା ପାଇଁ ପରିବାର ପକ୍ଷରୁ ସ୍ଥାନୀୟ ଜନପ୍ରତିନିଧି ସମେତ ପ୍ରଶାସନକୁ ଆକୁଳ ନିବେଦନ କରାଯାଇଛି।

# ୩ ମତ୍ସ୍ୟଜୀବୀ ଗିରଫ: ଡଙ୍ଗା ସହ ଜାଲ ଜବତ

ବାଲୁଗାଁ,୨୨।୮ (ସଂଗ୍ରାମ ପାଇକରାୟ)

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଅଧୀନସ୍ଥ ପକ୍ଷୀ ଅଭୟାରଣ୍ୟ ନିଷିଦ୍ଧାଞ୍ଚଳରେ ଅନୁପ୍ରବେଶ କରି ବେଆଇନ ଭାବେ ମାଛ ଧରୁଥିବାବେଳେ ୩ ମତ୍ସ୍ୟଜୀବୀଙ୍କୁ ଶୁକ୍ରବାର ବନ କର୍ମଚାରୀ ଗିରଫ କରିଛନ୍ତି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ଟାଙ୍ଗୀ ଥାନା ମଙ୍ଗଳାଯୋଡ଼ି ଗ୍ରାମର କୃଷ୍ଣ ବେହେରା(୪୨), ନାରୁଣୀ ଥାନା ବଉଳାବନ୍ଧ ଗ୍ରାମର ପ୍ରମୋଦ ଘଡ଼େଇ (୫୦) ଏବଂ ତାଙ୍କ ପୁଅ ପ୍ରଶାନ୍ତ ଘଡ଼େଇ (୨୨)। ଏମାନଙ୍କ ନିକଟରୁ ୨ଟି ମାଛଧରା ଡଙ୍ଗା, ୨ଟି ଯନ୍ତ୍ରଚାଳିତ ଇଞ୍ଜିନ, ୮ ସେଟ୍ ଖନ୍ଦାଜାଲ ଏବଂ ବାଉଁଶକିଲା ଆଦି ଜବତ ହୋଇଛି। ୧୯୭୨ ବନ୍ୟପ୍ରାଣୀ ସୁରକ୍ଷା ନିୟମ ଅନୁଯାୟୀ ବାଲୁଗାଁ ରେଞ୍ଜ୍ ପକ୍ଷରୁ ପୃଥକ୍ ଭାବେ ଦୁଇଟି କେସ୍(ନଂ.୨୧/୨୫ ଏବଂ ୨୨/୨୫) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ବାଲୁଗାଁ ରେଞ୍ଜର ରଶ୍ମିତା ଜେନା ସୂଚନା ଦେଇଛନ୍ତି।

**ନଳବଣ ନିଷିଦ୍ଧାଞ୍ଚଳରେ ମାଛମାରିବା ମହଙ୍ଗା ପଡ଼ିଲା**

ପ୍ରକାଶଥାଉ କି, ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ତଥା ସେମାନଙ୍କ ବିଚରଣରେ ବାଧା ନ ଉପୁଜିବା ପାଇଁ ପକ୍ଷୀ ଅଭୟାରଣ୍ୟ ନଳବଣଠାରୁ ଚିଲିକା ଜଳରାଶିରେ ପ୍ରାୟ ୫୦୦ ମିଟର ଦୂରତାରେ ବିଭାଗ ପକ୍ଷରୁ ସିମେଣ୍ଟଖୁଣ୍ଟ ପୋତାଯାଇ ଚତୁଃପାର୍ଶ୍ୱ ଅଞ୍ଚଳକୁ ସର୍ବସାଧାରଣ ନିମନ୍ତେ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ଏପରିକି ଚିଲିକା ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକଙ୍କୁ ମଧ୍ୟ ବାରଣ କରାଯାଇଛି। ତେବେ ଉକ୍ତ ନିଷିଦ୍ଧାଞ୍ଚଳ ଜଳରାଶିରେ ପ୍ରଚୁର ପରିମାଣରେ ମାଛ ଓ କଙ୍କଡ଼ା ରହୁଥିବାରୁ ମତ୍ସ୍ୟଜୀବୀମାନେ ରାତିଅଧିଆ ଲୁକ୍କାୟିତ ଭାବେ ଅନୁପ୍ରବେଶ କରି ମାଛ ମାରିବାକୁ ପଛାଉ ନାହାନ୍ତି। ପୂର୍ବରୁ ଏପରି ମାଛଧରି ଗିରଫ ହେବାର ବହୁ ନଜିର ରହିଛି।

# ଆଜି ସାତପୁରୀ ଭୋଗ ଲାଗିହେବେ ମହାପ୍ରଭୁ

ପୁରୀ,୨୨।୮ (ଅଜିତ୍ କୁମାର ମହାନ୍ତି)

ଭାଦ୍ରବ ଅମାବାସ୍ୟାକୁ ସପ୍ତପୁରୀ ଅମାବାସ୍ୟା ଭାବେ ବିବେଚନା କରାଯାଏ। ଏହି ଅମାବାସ୍ୟାରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ମାଟିରେ ନିର୍ମିତ ତାଡ଼ ମଧ୍ୟରେ ସାତପୁର ଦିଆ ପିଠା ଭୋଗ ହୋଇଥାଏ। ଶନିବାର ସପ୍ତପୁରୀ ଅମାବାସ୍ୟା ପଡୁଥିବାରୁ ଶ୍ରୀମନ୍ଦିରର ପରମ୍ପରା ଅନୁଯାୟୀ, ଶୁକ୍ରବାର ଆଲାମଚଣ୍ଡୀ ମନ୍ଦିରରୁ ଶ୍ରୀମନ୍ଦିରକୁ ସପ୍ତପୁରୀ ତାଡ଼ ବିଜେ ହୋଇଛି। ଶୁକ୍ରବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦ୍ୱିପ୍ରହର ଧୂପ ପରେ ଶ୍ରୀମନ୍ଦିରରୁ ଘଣ୍ଟ, ଛତା, କାହାଳୀ ଅଠରନଳାସ୍ଥିତ ଆଲାମଚଣ୍ଡୀ ମନ୍ଦିରକୁ ଯାଇଥିଲେ। ମା'ଙ୍କ ନିକଟରେ ବିଶେଷ ନୀତି ସମ୍ପନ୍ନ ହେବା ପରେ କୁମ୍ଭାର ବିଶୋଇ

**ଆଲାମଚଣ୍ଡୀ ମନ୍ଦିରରୁ ଆସିଲା ସପ୍ତପୁରୀ ତାଡ଼**

ସେବକମାନେ ବାଘମୁହାଁ ବାନ୍ଧି ଆଲାମଚଣ୍ଡୀ ଠାକୁରାଣୀଙ୍କ ପୀଠରୁ ୪ଟି ସାତପୁରୀ ତାଡ଼ ଶ୍ରୀମନ୍ଦିରକୁ ବିଜେ କରିଥିଲେ। କୁମ୍ଭକାର ବିଶୋଇମାନେ ମୁଣ୍ଡରେ ତାଡ଼ଗୁଡ଼ିକୁ ମୁଣ୍ଡାଇ ଚାଲି ଚାଲି ଘଣ୍ଟ, ଓଲାର କାହାଳୀ ସହ ଶ୍ରୀମନ୍ଦିରକୁ ଆସିଥିଲେ। ତାଡ଼ଗୁଡ଼ିକ ଶ୍ରୀମନ୍ଦିର ପରିସରରେ ପହଞ୍ଚିବା ପରେ ଶ୍ରୀମନ୍ଦିର ଭିତର ବେଢ଼ାରେ ତାଡ଼ଗୁଡ଼ିକୁ ଗୋଟିଏ ଥର ବୁଲାଇ ଏହାକୁ ରୋଷ ବେହେରଣଠାରେ ରଖାଯାଇଥିଲା। ପରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟାଧୂପ ବଢ଼ିବା ପରେ ପୂଜାପଣ୍ଡା ସାମନ୍ତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଦକ୍ଷିଣକାଳୀଙ୍କ ପୀଠକୁ ଯାଇ ଠାକୁରାଣୀଙ୍କୁ ଅର୍ପଣ କରିଥିଲେ। ଏହାପରେ ଦକ୍ଷିଣକାଳୀଙ୍କ ସେବକମାନେ ଏକ ଆଜ୍ଞାମାଳ ଆଣି ଶ୍ରୀମନ୍ଦିରକୁ ଆସି ରୋଷଦ୍ୱାର ପାଖରେ ରୋଷ ପାଇକଙ୍କୁ ଉକ୍ତ ଆଜ୍ଞାମାଳକୁ ଅର୍ପଣ କରିଥିଲେ। ରୋଷ ପାଇକ ଉକ୍ତ ଆଜ୍ଞାମାଳକୁ ନେଇ ରୋଷଘରେ ବିଜେ କରାଇଥିଲେ। ଏହାପରେ ଶ୍ରୀମନ୍ଦିରରେ ଠାକୁରଙ୍କ ଅନ୍ୟାନ ନୀତି ବଢ଼ିଥିଲା। ଶନିବାର ସାତପୁରୀ ରୋଷରେ ସାତପୁରୀ ପିଠା ପ୍ରସ୍ତୁତ ହେବ। ପିଠାଗୁଡ଼ିକୁ ସକାଳ ଧୂପରେ ମହାପ୍ରଭୁଙ୍କୁ ସାତପୁରୀ ପିଠା ଲାଗି କରାଯିବ।





ପୁରୀ: 'ବଡ଼ଦାଣ୍ଡ ସେବା' ଅନୁଷ୍ଠାନ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ସମ୍ବର୍ଦ୍ଧିତ ବରିଷ୍ଠ ନାଗରିକମାନେ ।

# ନିଖୋଜ ଯୁବକଙ୍କ ମୃତଦେହ ପାହାଡ଼ ଉପରୁ ଜବତ

ନିରାକାରପୁର,୨୨।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

- ପକେଟରୁ ଗାଡ଼ିଚାବି ଓ ମୋବାଇଲ ଜବତ
- ହତ୍ୟା ଅଭିଯୋଗ ଆଣିଲେ ପରିବାର

ନିରାକାରପୁର ଥାନା ପୋଲିସ ଚିତ୍ରକୂଟ ପାହାଡ ଉପରେ ଥିବା ଏକ କାଜୁଗଛ ଡାଳରୁ ଜଣେ ଯୁବକଙ୍କ ମୃତଦେହକୁ ଜବତ କରିଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ କାଶୀପୁର ବଡ଼ପାଟଣା ଗ୍ରାମର ହିମାଂଶୁ ପ୍ରଧାନ(୨୬) ଓରଫ ବାପି।

ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ପୂର୍ବାହ୍ନ ୧୦ଟାରୁ ହିମାଂଶୁ ନିଜ ସ୍କୁଟି ଧରି କେଉଁଆଡେ ଚାଲିଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରିବା ପରେ ସ୍କୁଟିକୁ ସ୍ଥାନୀୟ ଚିତ୍ରକୂଟ ପାହାଡ଼ ମହାବୀର ମନ୍ଦିର ରସ୍ତାରୁ ପାଇଥିଲେ । ପରେ ହିମାଂଶୁ ନିଖୋଜ ଥିବା ନେଇ ତାଙ୍କ ଦାଦା ଥାନାରେ ଲିଖିତ ଅଭିଯୋଗ କରି ଖୋଜିବା ପାଇଁ ପୋଲିସକୁ ଗୁହାରି କରିଥିଲେ। ଗ୍ରାମବାସୀ ମଧ୍ୟ ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି କରିଥିଲେ। ଶୁକ୍ରବାର ସକାଳୁ କେତେଜଣ ଯୁବକ ଉକ୍ତ ପାହାଡ଼ ଆଡ଼କୁ ଯାଇଥିବା ବେଳେ ଏକ କାଜୁଗଛରେ ହିମାଂଶୁଙ୍କ ଝୁଲନ୍ତା ମୃତଦେହ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଏହାପରେ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଦଳଙ୍କୁ ଡାକି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ସରକାରୀ ମେଡିକାଲକୁ ପଠାଇଥିଲା। ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା (ନଂ. ୨୧୧/୨୫) ରୁଜୁ କରିଛି। ଏନେଇ ତଦନ୍ତକାରୀ ଅଧିକରରୀ ବିଶ୍ୱଜିତ ରାଉତରାୟ କହିଛନ୍ତି, ଗୁରୁବାର ନିଖୋଜ ମାମଲା ରୁଜୁ ହୋଇଥିଲା। ତେବେ ଶୁକ୍ରବାର ପରିବାର ଲୋକଙ୍କ ଅଭିଯୋଗ ଭିତ୍ତିରେ ହତ୍ୟା ମାମଲା ରୁଜୁ କରାଯାଇଛି। ହିମାଂଶୁଙ୍କ ବାମପଟ ପକେଟରୁ ଗୋଟିଏ ମୋବାଇଲ ଫୋନ୍ ଓ ଗାଡ଼ି ଚାବି ଜବତ କରାଯାଇଛି। ଅନୁସନ୍ଧାନ ଜାରି ରହିଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଓ ତଦନ୍ତ ସରିବା ପରେ ଘଟଣା ସମ୍ପର୍କରେ ସବୁକିଛି ସ୍ପଷ୍ଟ ହେବ।



ଘଟଣାସ୍ଥଳରେ ଶୋକାକୁଳ ପରିବାର ଏବଂ ସମ୍ପର୍କୀୟ।

# 'ଈଶ୍ୱରଙ୍କୁ ପାଇବା ପାଇଁ ଚିନ୍ତା ଛାଡ଼ି ଚିନ୍ତନ କର'

ପୁରୀ, ୨୨।୮ (ଅଜିତ୍ କୁମାର ମହାନ୍ତି)

ଈଶ୍ୱରଙ୍କୁ ପାଇବା ପାଇଁ ଚିନ୍ତା ଛାଡ଼ି ଚିନ୍ତନ କର ବୋଲି ଜିୟର ସ୍ୱାମୀ ମଠରେ ଅମୃତ କଥା ପ୍ରବଚନ ମାଧ୍ୟମରେ ପରମ ପୂଜ୍ୟ କଥାବ୍ୟାସ ଜଗଦ୍‌ଗୁରୁ ସ୍ୱାମୀ ଶ୍ରୀରଙ୍ଗନାଥାଚାର୍ଯ୍ୟ ମହାରାଜ କହିଛନ୍ତି। ସେ କହିଛନ୍ତି ଯେ, କେବେ ବି କୌଣସି ସନ୍ଥଙ୍କ ପାଖକୁ ଯାଅ ନାହିଁ କି ଗୃହସ୍ଥାୟୀ ଜୀବନ ବିଷୟରେ ଆଲୋଚନା କର ନାହିଁ। ଯେତେବେଳେ ତୁମେ କୌଣସି ମହାତ୍ମାଙ୍କ ପାଖକୁ ଯିବ, କିପରି ଗୋବିନ୍ଦ ପ୍ରାପ୍ତ ହେବ ସେହି ପ୍ରଶ୍ନ ପଚାରିବ। ଭଗବାନଙ୍କ ପାଦ ପ୍ରତି ତୁମର ଅନନ୍ତ ପ୍ରେମ କିପରି ରହିବ। କେବଳ ହରିଙ୍କ ସ୍ମରଣ ତୁମକୁ ସମସ୍ତ କଷ୍ଟରୁ ମୁକ୍ତି ଦେବ। ସେଥିପାଇଁ ହରିଙ୍କ କୀର୍ତ୍ତନ କର। ଭରତ ଜୀ ଓମ୍ ନମୋ ଭଗବତେ ବାସୁଦେବାୟ ମନ୍ତ୍ର ଜପ



ଜଗଦ୍‌ଗୁରୁ ସ୍ୱାମୀ ଶ୍ରୀରଙ୍ଗନାଥାଚାର୍ଯ୍ୟ ମହାରାଜ ପ୍ରବଚନ ଦେଉଛନ୍ତି ।

କରିଥିଲେ ଏବଂ ଦାମୋଦର ନଦୀର ଦାମୋଦର କୁଣ୍ଡରେ, ଭଗବାନ ଶାଳଗ୍ରାମ ତାଙ୍କ ସମ୍ମୁଖରେ ପ୍ରକଟ ହୋଇଥିଲେ। ପ୍ରତ୍ୟେକ କାର୍ଯ୍ୟରେ ଓ ପରିସ୍ଥିତିରେ ପ୍ରଭୁଙ୍କୁ ସ୍ମରଣ କରାଯିବା ଉଚିତ। ଜଗତରେ ତିନୋଟି ରାମ ଅଛନ୍ତି। ଜଣେ ରାମ ଭକ୍ତିର ପଥ ପ୍ରଶସ୍ତ କରନ୍ତି, ଦ୍ୱିତୀୟ ରାମ କର୍ମଯୋଗୀ ଏବଂ ତୃତୀୟ ରାମ ବଳରାମଜୀ ଜଣେ ଜ୍ଞାନ ଯୋଗୀ। ଯାହାଙ୍କ ପାଖରେ ଜଗତକୁ ଖାଦ୍ୟ ଦେବାର ଶକ୍ତି ଅଛି, ତାଙ୍କର ନାମ ଭାରତ ଲାଲ। ଗାଇ ହେଉଛନ୍ତି ଜଗତର ମାତା। ଯଦି ତୁମେ ଏକ ଗାଈର ସେବା କର, ତେବେ ୩୩ କୋଟି ଦେବତାଙ୍କ ସେବା କରିବାର ପୁଣ୍ୟ ପାଇବ। କିନ୍ତୁ ଦୁର୍ଭାଗ୍ୟବଶତଃ ଆମ ଦେଶରେ ଆମେ ଗାଈକୁ ରକ୍ଷା କରିପାରୁନାହାନ୍ତି ବୋଲି ସେ ପ୍ରକାଶ କରିଥିଲେ। ଏହି ଭାଗବତ ଜ୍ଞାନ ଯଜ୍ଞ ଅବସରରେ ବେଦ ପାଠଶାଳାର ଶିକ୍ଷକ ଏବଂ ଛାତ୍ରମାନଙ୍କୁ ଦେବୋତ୍ତର ବିଭାଗର କମିଶନର ଲଲାଟେନ୍ଦୁ ଜେନା ମଠର ଯୁବରାଜ ସୁଦର୍ଶନ ରାମାନୁଜ ଦାସଙ୍କ ନେତୃତ୍ୱରେ ଅଙ୍ଗବସ୍ତ୍ର ଓ ମାଳା ପ୍ରଦାନ କରି ସମ୍ମାନିତ କରିଥିଲେ। ମଠର ଶିକ୍ଷକମାନେ ଲଲାଟେନ୍ଦୁ ଜୀଙ୍କୁ ବୈଦିକ ମନ୍ତ୍ର ମଧ୍ୟରେ ଅଙ୍ଗବସ୍ତ୍ର ଏବଂ ମାଳା ପ୍ରଦାନ କରି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ମଠର ମଠାଧୀଶ, ସାଧୁସନ୍ଥ ଉପସ୍ଥିତ ଥିଲେ।

## ଆସ ଆମେ ସ୍କୁଲ ଯିବା ସଚେତନା କାର୍ଯ୍ୟକ୍ରମ

ମଙ୍ଗୁଳି-ଜଗତପୁର,(ମାନସ ସାମଲ): ଚୌଦ୍ୱାର ପୌର ଅଧୀନ ୪ନଂ ୱାର୍ଡସ୍ଥିତ କପାଳେଶ୍ୱର ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆସ ସ୍କୁଲ ଯିବା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ନାୟକ ପହଞ୍ଚି ଅଧାରୁ ପାଠପଢା ଛାଡିଥିବା ଛାତ୍ରୀଛାତ୍ର କିପରି ପୁଣି ବିଦ୍ୟାଳୟ ଶତପ୍ରତିଶତ ଆସିବେ ସେଥିପାଇଁ ଏହା ଏକ ପ୍ରାୟାସ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ସନ୍ଦିତ କୁମାର ବେହେରା, ସୋମନ୍ଥି ସେଠି, ଶ୍ରୀକାନ୍ତ ବେହେରା ଶିକ୍ଷୟିତ୍ରୀ ସୁଚିଶ୍ମିତା ପ୍ରଧାନ, ନମିତା ମହାରଣା, ଏଚ ଶିବାନୀ, ଗୀତାରାଣୀ ତ୍ରିପାଠୀ, ଦୀପିକା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# 'ବେଆଇନ ଚାନ୍ଦା ଆଦାୟକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ'

**ଓଡ଼ିଶା ପୋଲିସର ପାର୍ବଣ ପ୍ରସ୍ତୁତି**

କଟକ,୨୨।୮(କାର୍ତ୍ତିକ ସାହୁ)

ପାର୍ବଣରେ କେତେଜଣ ବ୍ୟକ୍ତି ବେଆଇନ ଚାନ୍ଦା ଆଦାୟ କରି ପୂଜା ଉତ୍ସବ ପାଳନ କରିବା ଘଟଣା ଘଟିଥାଏ। ଏହାଦ୍ୱାରା ଆଇନ ଶୃଙ୍ଖଳା ପରିସ୍ଥିତି ମଧ ସୃଷ୍ଟି ହୋଇଥାଏ। ଏସବୁକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଚାନ୍ଦା ଆଦାୟକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଯୋଜନା କରିଛି ଓଡ଼ିଶା ପୋଲିସ। ବେଆଇନ ଚାନ୍ଦା ଆଦାୟକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ସମସ୍ତ ଜିଲା ଏସ୍‌ପିଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ତୃଣମୂଳସ୍ତରରେ ଏହାକୁ କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଡିଜିପି ଖୁରାନିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପାର୍ବଣ ସମୀକ୍ଷା ବୈଠକରେ ରାଜ୍ୟବାସୀଙ୍କ ନିରାପତ୍ତା ତଥା ସୁରକ୍ଷାକୁ ଅଗ୍ରାଧିକାର ଦେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ




ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ପାର୍ବଣ ପ୍ରସ୍ତୁତି ବୈଠକରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ସହ ଅନ୍ୟମାନେ।

ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ପାର୍ବଣ ସମୟରେ ପୋଲିସ ପକ୍ଷରୁ ଶାନ୍ତି, ଶୃଙ୍ଖଳା ରକ୍ଷା ଦିଗରେ ବ୍ୟାପକ ବନ୍ଦୋବସ୍ତ କରାଯିବା ଉପରେ ଡିଜିପି ବୈଠକରେ ଗୁରୁତ୍ୱାରୋପ କରିଛନ୍ତି। ସର୍ବଦା ସତର୍କତା ଏବଂ ଯେକୌଣସି ପ୍ରକାର ଅଘଟଣ ସମ୍ପର୍କରେ ଆଗୁଆ ସୂଚନା ପାଇବା ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବାସହ ତୁରନ୍ତ ଯୋଜନାବଦ୍ଧ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ପରାମର୍ଶ ଦେଇଛନ୍ତି। ବିଶେଷ କରି ସୋସିଆଲ ମିଡିଆରେ ଗୁଜବ, ବିଭ୍ରାନ୍ତିକର ତଥ୍ୟ ସଂକ୍ରାନ୍ତରେ ସର୍ବଦା ନଜର ରଖିବା ପାଇଁ ଜିଲାଗୁଡିକରେ କାର୍ଯ୍ୟ କରୁଥିବା ସାଇବର ସେଲ୍ ଦ୍ୱାରା ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ୨୪ ଘଣ୍ଟିଆ ପାଟ୍ରୋଲିଂ କରିବାକୁ ଡିଜିପି ପରାମର୍ଶ ଦେଇଛନ୍ତି।

ସମ୍ବେଦନଶୀଳ ସ୍ଥାନଗୁଡିକରେ ପୋଲିସ ପାଟ୍ରୋଲିଂ, କଡ଼ାକଡ଼ି ଚେକିଂ, ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ସହରର ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସିସିଟିଭି ଲଗାଇବା, ଗୋଇନ୍ଦା ସୂଚନା ସଂଗ୍ରହ, ପୂଜା କମିଟିସହ ଆଲୋଚନା, ବିଭିନ୍ନ ଗୋଷ୍ଠୀମାନଙ୍କ ସହ ବୈଠକ, ସ୍ଥାନୀୟ ଲୋକପ୍ରତିନିଧିମାନଙ୍କ ସହ ସୁସମ୍ପର୍କ ସ୍ଥାପନ, ଗୁଜବକାରୀଙ୍କୁ ଚିହ୍ନଟ, ପୂଜା ହେଉଥିବା ସ୍ଥାନରେ ବ୍ୟାପକ ପୋଲିସ ମୁତୟନ, ଭସାଣି ସମୟରେ ସତର୍କତା ପଦକ୍ଷେପ ଆଦି ପ୍ରସଙ୍ଗରେ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବାକୁ ସମସ୍ତ ଜିଲାର ଏସ୍‌ପି ତଥା ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚ୍‌ଆର୍‌ପିସି) ଯତିନ୍ଦ୍ର କୋୟଲ, ଆଇଜିପି ସତୀଶ ଗଜଭିୟେ, ଆଇଜିପି (କ୍ରାଇମବ୍ରାଞ୍ଚ) ସଫିନ ଅହମ୍ମଦ, ଆଇଜିପି (କ୍ରାଇମବ୍ରାଞ୍ଚ) ଡ. ସାର୍ଥକ ଷଡ଼ଙ୍ଗୀ, ଡିଆଇଜିପି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜିପି (ପର୍ସୋନେଲ) ଯୁଗଳ କିଶୋର କୁମାର ବନୋଥ, ଏସ୍‌ପି ଭିନୀତ ଅଗ୍ରୱାଲ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ସାପ କାମୁଡ଼ା ସଚେତନତା କାର୍ଯ୍ୟକ୍ରମ

ଖୁଣ୍ଟୁଣୀ,୨୨।୮(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀସ୍ଥିତ ରାଧାନାଥ ରଥ ଜ୍ଞାନ ଉଚ୍ଚ ବିଦ୍ୟାଳୟ ଯୁକ୍ତ ୨ ସମ୍ମିଳନୀ କକ୍ଷରେ ଶୁକ୍ରବାର ସାପ କାମୁଡ଼ା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଦୁର୍ବିପାକ ପରିଚାଳନା ସଂସ୍ଥା ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ରବିନାରାୟଣ ଦାସ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ଟ୍ରେନର ପ୍ରାଣୀ ବିଜ୍ଞାନ ଅଦ୍ଧ୍ୟାପକ ଚିତ୍ତରଞ୍ଜନ ଦାସ ଓଡ଼ିଶାରେ ସାପ, ସାପ କାମୁଡା ସ୍ଥିତି, କାମୁଡିବା ପରର ଲକ୍ଷଣ, ସାପ କାମୁଡିଥିବା ଆକ୍ରାନ୍ତଙ୍କୁ କିଭଳି ସାନ୍ତ୍ୱନା ଦେଇ ପାରିବା, ଏହାର ପ୍ରାଥମିକ ଚିକିତ୍ସା, ଆକ୍ରାନ୍ତଙ୍କୁ ତୁରନ୍ତ କିଭଳି ଡାକ୍ତରଖାନା ନେବାର ଉପାୟ ଏବଂ କ'ଣ କରିବା ଉଚିତ ଓ କ'ଣ ନ କରିବା ଉଚିତ ଆଦି ଚିକିତ୍ସା ପଦ୍ଧତି ସମ୍ପର୍କରେ ବୁଝାଇ ଉପସ୍ଥିତ ଅଧ୍ୟାପିକା ଅଧ୍ୟାପିକ, ଛାତ୍ରୀଛାତ୍ର ଓ କର୍ମଚାରୀମାନଙ୍କୁ ସଚେତନତା କରିଥିଲେ। ଅଧକ୍ଷ ଦାସ ଏହି ପଦ୍ଧତି ଅନୁସରଣ କଲେ ନିଶ୍ଚିନ୍ତ ଭାବେ ସାପ କାମୁଡା ପରବର୍ତ୍ତୀ ମୃତ୍ୟୁହାର କମାଇବାରେ ସାହାଯ୍ୟ କରିବ ବୋଲି କହିଥିଲେ। ଡଃ ସାଶ୍ୱତା ସାହୁ ଏବଂ କଲେଜ ଅଧ୍ୟାପିକା ଅଧ୍ୟାପିକମାନେ ନିଜର ବ୍ୟକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ କଲେଜ ଅଧ୍ୟାପକ କର୍ମଚାରୀମାନେ ପରିଚାଳନା କରିଥିଲେ।

## ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଖୁଣ୍ଟୁଣୀ,୨୨।୮(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ରାଧାନାଥ ରଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅଧକ୍ଷ ରବିନାରାୟଣ ଦାସଙ୍କ ଅଧକ୍ଷତାରେ କଲେଜ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସଭାପତି ଡ. ସାଶ୍ୱତା ସାହୁ ଓ ଅଧକ୍ଷ ଦାସ ଆଇସିସିର ନିୟମାବଳୀ ବିଷୟରେ ଅବଗତ କରାଇଥିଲେ। ସମସ୍ତ ଯୁକ୍ତ ୨ ଛାତ୍ରୀଛାତ୍ର ଅଧ୍ୟାପକ, ଆଧ୍ୟାପିକା ଓ କର୍ମଚାରୀମାନଙ୍କୁ ଅଧକ୍ଷ ଦାସ ଏ ବିଷୟରେ ଅବଗତ କରାଇଥିଲେ। ଶିକ୍ଷାନୁଷ୍ଠାନ ପରିସରରେ ତଥା ଶ୍ରେଣୀ ଗୃହ ମଧ୍ୟରେ ଯଦି କୌଣସି ଛାତ୍ରୀଙ୍କ ପ୍ରତି ମାନସିକ ଓ ଯୌନ ନିର୍ଯାତନା ହୁଏ ସମ୍ପୃକ୍ତ ପୀଡିତା ତୁରନ୍ତ ଏହା ଆଇସିସିକୁ ବିଧିବଦ୍ଧ ଭାବେ ଜଣାଇବାକୁ ଉପସ୍ଥିତ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଏଥିରେ ଇଂଲିଶ ଅଧ୍ୟାପକ ପବିତ୍ର ଦାସ, ପ୍ରାଣୀବିଜ୍ଞାନ ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ରାଜନୀତି ବିଜ୍ଞାନ ଅଧ୍ୟାପିକା ରାଜଲକ୍ଷ୍ମୀ ପଣ୍ଡା, ଶିକ୍ଷା ବିଭାଗ ଅଧ୍ୟାପିକା ନିର୍ମଳା ସାହୁ ଓ ଗଣିତ ବିଭାଗ ଅଧ୍ୟାପକ ଶିଶିର ଦାସ ପ୍ରମୁଖ ଉପସ୍ଥିତଥିଲେ। ସୁରେନ୍ଦ୍ର ପେଣ୍ଡୋଇ ଓ ଅନିରୁଦ୍ଧ ପତ୍ରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଦୋକାନରୁ ଚୋରି ଘଟଣାରେ ୨ ଗିରଫ

କଣ୍ଟାପଡା,୨୨।୮(ସୁରନାରାୟଣ ସାହୁ)

ଗୋବିନ୍ଦପୁର ଥାନା ଅନ୍ତର୍ଗତ ନାହାଳପୁର ବଜାରର ୩ଟି ଦୋକାନରୁ ଗତ ୧୯ ତାରିଖ ରାତିରେ ଚୋରି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୋବିନ୍ଦପୁର ଥାନା ଅନ୍ତର୍ଗତ ପାଇକପଡା ଗ୍ରାମର ଜିତୁ ଓରଫ ରତିକାନ୍ତ ଭୋଇ (୧୮) ଓ କଟକ ସଦର ଥାନା ଅନ୍ତର୍ଗତ କୋରକୋରା ଗ୍ରାମର ଆୟୁଷ ସ୍ୱାଇଁ (୧୮)। ସେମାନଙ୍କ ନିକଟରୁ ନଗଦ ୪୦୦୦ ଟଙ୍କା ୫ଟି ମୋବାଇଲ ଓ ଆଉକିଛି ସାମଗ୍ରୀ ଜବତ କରିଥିଲା। ପୋଲିସ ସୂତ୍ରରୁ ପ୍ରକାଶ ଗତ ୧୯ ତାରିଖ ରାତିରେ ଜିତୁ ଓ ଆୟୁଷ ନାହାଳପୁର ବଜାରରେ ଥିବା ଏକ ପୂଜା ସାମଗ୍ରୀ, ଲେଡିଜ କର୍ଣ୍ଣର ଓ ଏକ ମୋବାଇଲ ଦୋକାନ ତାଲା ଭାଙ୍ଗି ନଗଦ ଟଙ୍କା ଓ ଜିନିଷପତ୍ର ଲୁଟି ନେଇଥିଲେ। ଗୋବିନ୍ଦପୁର ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ. ୨୦୮/୨୫) ରୁଜୁକରି ତଦନ୍ତ ଜାରି ରଖିଥିଲା।

### ଅଗ୍ନି ବିପନ୍ନଙ୍କୁ ସହାୟତା ପ୍ରଦାନ

ଚୌଦ୍ୱାର,୨୨।୮(ଆଶୁତୋଷ ଦାସ)

ଚୌଦ୍ୱାର ଫଟୋଗ୍ରାଫର ଆସୋସିଏଶନ୍ ପକ୍ଷରୁ ଓଟିଏମ୍ ମୁଣ୍ଡାସାହିର ଅଗ୍ନି ବିପନ୍ନ ରତ୍ନାକର ସେଠୀଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ଆସୋସିଏଶନ୍‌ର କର୍ମକର୍ତ୍ତାମାନେ ସେଠୀଙ୍କ ଘରେ ପହଞ୍ଚି ଆବଶ୍ୟକ ସାମଗ୍ରୀ ପ୍ରଦାନ କରିଥିଲେ। ଗତ କିଛିଦିନ ତଳେ ନିଆଁ ଲାଗି ରତ୍ନାକରଙ୍କ ୨ ବଖରା ଚାଳଘର ସହିତ ସମସ୍ତ ସମାଗ୍ରୀ ପୋଡ଼ି ଯାଇଥିଲା। ଆସୋସିଏଶନ ସଭାପତି ସତ୍ୟବ୍ରତ ଦାସ, ଜୀବନେନ୍ଦୁ ଲେଙ୍କା, ଗୋକୁଳାନନ୍ଦ ସାହୁ, ପରୀକ୍ଷିତ ଲେଙ୍କା, ଦୀପକ ବେଉରା, ସଞ୍ଜୀବ ତିୱାରୀ, ପ୍ରଦୀପ ମହାପାତ୍ର, ଆଲୋକ ଦାସ, ଅଜିତ ସ୍ୱାଇଁ, ବିଶ୍ୱଜିତ ଭଞ୍ଜ, ରଞ୍ଜିତ ବେଉରା, ରାଜେଶ ସେଠୀ, ଚିନ୍ମୟ ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

### ଆଜି ମୋକିମ ଫାଉଣ୍ଡେଶନ ପକ୍ଷରୁ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ

କଟକ,୨୨।୮(ଶିଳ୍ପା ପ୍ରିୟଦର୍ଶିନୀ)

ମୋକିମ ଫାଉଣ୍ଡେଶନ ପକ୍ଷରୁ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହେବ। ଫାଉଣ୍ଡେଶନ ଟ୍ରଷ୍ଟି ସଦସ୍ୟ ତଥା ଡା. ନଇମା ତଜିନ କହିଛନ୍ତି ଯେ, ରକ୍ତ ଅଭାବକୁ ଦୃଷ୍ଟିରେ ଶନିବାରରେ ଫାଉଣ୍ଡେଶନ ପକ୍ଷରୁ ମେଗା ରକ୍ତଦାନ ଶିବିର କଟକ ସେଲ୍ଟର ଛକସ୍ଥିତ ବାରବାଟୀ-କଟକ ବିଧାୟିକାଙ୍କ ଆବାସିକ କାର୍ଯ୍ୟାଳୟ, ମାଣିକଘୋଷ ବଜାରସ୍ଥିତ ମାରୱାଡିକ୍ଲବ ଓ ସିଡିଏ ସେକ୍ଟର-୯ର ଟମ୍ପେ ରୋଡରେ ଥିବା ଏସ୍‌ଏନ୍ ଟାଏକୋଣ୍ଡ ଏକାଡେମୀରେ ରକ୍ତଦାନ ଶିବିର ଆୟୋଜିତ ହେବ। ଏହାସହ ନଭେମ୍ବରରେ ମୋକିମ ଫାଉଣ୍ଡେଶନ ପକ୍ଷରୁ ଗଣ ବିବାହ ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ଯେଉଁ ପରିବାରର ଝିଅମାନେ ଅର୍ଥାଭାବରୁ ବିବାହରୁ ବଞ୍ଚିତ ହେଉଛନ୍ତି, ସେହି ଝିଅମାନଙ୍କୁ ଏକାଠି କରିଗଣବିବାହକରାଯିବ ବୋଲିସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଫାଉଣ୍ଡେଶନର ସର୍ବର ହାସିବ, ମିସ ସୁଦିପ୍ତା, ଡା. ନୀଳାସିସ ପାଣି, ରାକେଶ ଜେନ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ସ୍ତ୍ରୀଙ୍କୁ ଭେଟିଲେ ସ୍ୱାସ୍ଥ୍ୟ ସଚିବ

କଟକ,୨୨।୮(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ପରିଦର୍ଶନ କରି ମୁଖ୍ୟମନ୍ତ୍ରୀଙ୍କ ସ୍ତ୍ରୀ ପ୍ରିୟଙ୍କା ମାରାଣ୍ଡିଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ ଏସ୍ । ଏହାସହ ମେଡିକାଲ ପରିଦର୍ଶନ କରି ବିଭିନ୍ନ ୱାର୍ଡ ବୁଲି ରୋଗୀ ସେବା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ସଚିବ ଅଶ୍ୱଥୀ ପ୍ରଥମେ ପୁରୁଣା ଭେଷଜ ବିଭାଗ ୱାର୍ଡ ବୁଲି ଦେଖିଥିଲେ। ସେଠାରେ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା ଅନୁଧ୍ୟାନ କରିବା ପରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ମେରୁଦଣ୍ଡ ଆଘାତଜନିତ ଚିକିତ୍ସାକେନ୍ଦ୍ର ଓ ଟ୍ରମା କାଜୁଆଲଟି କୋଠା ପରିଦର୍ଶନ କରିଥିଲେ। ଏହାପରେ ସର୍ଜରି ବିଭାଗ କେବିନ ନଂ ୧ ରେ ଚିକିତ୍ସା ହେଉଥିବା ପ୍ରିୟଙ୍କା ମାରାଣ୍ଡିଙ୍କୁ ଭେଟିଥିଲେ। ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସ୍ତ୍ରୀ ପ୍ରିୟଙ୍କା ମାରାଣ୍ଡି ଏସ୍‌ସିବି ସର୍ଜରି ବିଭାଗରେ ବୁଧବାର ଭର୍ତ୍ତି ହୋଇଥିଲେ ଏବଂ ଗୁରୁବାର ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ସର୍ଜରି ବିଭାଗ ପ୍ରଫେସର ଏଲ. ଭି. ଗୌରିଙ୍କ ନେତୃତ୍ୱରେ ୧୦ଜଣିଆ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଅସ୍ତ୍ରୋପଚାରରେ ନିୟୋଜିତ ରହିଥିଲେ।

## ଡିଜେ ମୁକ୍ତ ରୋଶଣି, ନିଶା ମୁକ୍ତ ଭସାଣି

ଫୁଲନଖରା,୨୨।୮(ସତ୍ୟରଞ୍ଜନ ଦାସମହାପାତ୍ର)

ଭୁବନେଶ୍ୱର-କଟକ କମିଶନରେଟ ପୋଲିସ ପକ୍ଷରୁ ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ ପ୍ରତାପ ନଗରୀସ୍ଥିତ ମା' ଧାକୁଲେଇ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। କଟକ ସଦର ଥାନା ଆନୁକୂଲ୍ୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ କଟକ ଅତିରିକ୍ତ ଡିସିପି ଦେବଦତ୍ତ କର ଯୋଗଦେଇ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ମାନି ପୂଜା କରିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି କଟକ ଜୋନ ୪ ଏସିପି ଶଶିକାନ୍ତ ରାଉତ ଯୋଗଦେଇ ପୂଜା ମଣ୍ଡପକୁ ସମ୍ପୂର୍ଣ୍ଣ ପଲିଥିନ, ନଶାମୁକ୍ତ କରିବା ସହିତ ଭସାଣି ସମୟରେ ଡିଜେ ସମ୍ପୂର୍ଣ୍ଣ ନିଷେଧ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ସଦର ଥାନା ଆଇଆଇସି ଓମ ପ୍ରକାଶ ମହାନ୍ତି, ଅତିରିକ୍ତ ଆଇଆଇସି ରାମହରି ସେଠୀ, ଆଞ୍ଚଳିକ ଶାନ୍ତି କମିଟି ସଭାପତି ନିମାଇଁ ଚରଣ ଲେଙ୍କା, କାର୍ଯ୍ୟକାରୀ ସଭାପତି ତଥା ପ୍ରତାପ ନଗରୀ ଗ୍ରାମ୍ୟ କମିଟି ସଭାପତି ପ୍ରମୋଦ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ନୂଆଗଡ ଗ୍ରାମ୍ୟ କମିଟି ସଭାପତି ବିକ୍ରମ କେଶରୀ ଶତପଥୀ ପୂଜା କମିଟିଙ୍କୁ ପୋଲିସର ସହଯୋଗ କାମନା କରିଥିଲେ। ସମସ୍ତ ପୂଜା କମିଟି କର୍ମକର୍ତ୍ତାମାନେ ଆସନ୍ତା ୨୪ ତାରିଖ ସୁଦ୍ଧା ଥାନାରେ ଡାକବାଜି ଯନ୍ତ୍ର ପାଇଁ ଆବେଦନ କରି ଅନୁମତି ପତ୍ର ପାଇ ପାରିବେ। ଏହା ସହିତ ତିନୋଟି ରବିବାର ଭସାଣି ପାଇଁ ଧାର୍ଯ୍ୟ କରାଯାଇଛି। ଆସନ୍ତା ୩୧ ତାରିଖ ଓ ସେପ୍ଟେମ୍ବର ୭ ଏବଂ ୧୪ ତାରିଖରେ ସମସ୍ତ ମଣ୍ଡପରୁ ମୂର୍ତ୍ତିଗୁଡିକର ଭସାଣି ହେବ। ଏଥିରେ ଅଞ୍ଚଳର ଶତାଧିକ ପୂଜା କମିଟି କର୍ମକର୍ତ୍ତା ଯୋଗଦେଇଥିଲେ। ଶାନ୍ତି କମିଟି ସମ୍ପାଦକ ସୁରେନ୍ଦ୍ର ମହାପାତ୍ର ସଭା ପରିଚାଳନା କରିଥିବାବେଳେ ସହ କୋଷାଧକ୍ଷ ବାଦଲ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଶାସନ ଶୁଣୁନି: ରାସ୍ତା ମରାମତିକଲେ କ୍ଲବ୍ ସଦସ୍ୟ



କ୍ଲବର ସଦସ୍ୟମାନେ ରାସ୍ତା ମରାମତି କରୁଛନ୍ତି।

କଣ୍ଟାପଡା,୨୨।୮(ସୁରନାରାୟଣ ସାହୁ)

କଣ୍ଟାପଡାଠାରୁ ପ୍ରତାପରୁଦ୍ରପୁର ଦୀର୍ଘ ୫ କି.ମି. ଜନଗହଳି ପୂର୍ଣ୍ଣ ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି। ରାସ୍ତାର ଗୁରୁସାହି ନିକଟରେ ବଡବଡ ୨ଟି ଖାଲ ସୃଷ୍ଟି ହୋଇ ପାଣି ଜମିରହୁଛି। ଫଳରେ ଉକ୍ତ ସ୍ଥାନରେ ଦୈନିକ ଦୁର୍ଘଟଣା ଘଟୁଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଅଲାପୁର ଗ୍ରାମ ଗଜଲକ୍ଷ୍ମୀ ପୂଜା କ୍ଲବର ସଦସ୍ୟମାନେ ଗୁରୁବାର ଏହି ଖାଲକୁ ପୋତି ଦେଇଥିବା ଜଣାପଡିଛି। ଖବରରୁ ପ୍ରକାଶ କଣ୍ଟାପଡା-ପ୍ରତାପରୁଦ୍ରପୁର ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଗତ ୩ବର୍ଷ ତଳେ ପ୍ରଶସ୍ତୀକରଣ କାର୍ଯ୍ୟ କରାଯାଇଥିଲା। ୨୦୨୪ ସେପ୍ଟେମ୍ବରରେ ଏହାର ମରାମତି ପାଇଁ ହୋଇଥିବା ଚୁକ୍ତି ସରିଥିଲା। ଗତବର୍ଷ ଏହିଭଳି ପରିସ୍ଥିତି ଉପୁଜିବାରୁ ସମ୍ପୃକ୍ତ ଠିକଦାର ନାମକୁ ମାତ୍ର ମରାମତି କରି ଦାୟିତ୍ୱ ସାରି ଦେଇଥିଲେ। ତେବେ ବର୍ଷା ଓ ଭାରିଯାନ ଚଳାଚଳ ଯୋଗୁ ଏବେ ଏହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ଅଲାପୁର ସମେତ ଆଣ୍ଟୁଆରୀ, ପ୍ରତାପରୁଦ୍ରପୁର ନିକଟରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇଛି। ଅଲାପୁର(ଗୁରୁସାହି) ନିକଟରେ ହୋଇଥିବା ଦୁଇଟି ବଡଗାତକୁ କ୍ଲବର ଗୁଡ୍ଡୁ, ସଞ୍ଜିବ୍, ପପୁ, ସିଲୁ, ରତିରଞ୍ଜନ, ବିଶ୍ୱଜିତ, ମୁନୁ, ଗୁନୁ, ସରଜୁ, ରଞ୍ଜିତ, ସ୍ମୃତି, ଜୟଦେବ ଓ ଧିରେନ୍ଦ୍ର ପ୍ରମୁଖ ସଦସ୍ୟମାନେ ମରାମତି କରିବା ଫଳରେ ପଥଚାରୀ ମାନେ ଆଶ୍ୱସ୍ତ ହେବା ସହ ସଦସ୍ୟଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ରାସ୍ତା ଭୁବନେଶ୍ୱର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଥିବାରୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଅଧିକାରମାନେ ଦାବି କରିଛନ୍ତି।

## ବାୟୋମେଟ୍ରିକ୍ ମେଶିନ ଲଗାଇ ଉପସ୍ଥାନ ନେବାକୁ ଦାବି

**କଟକ ସଦର ବ୍ଲକ୍**

କଟକ ସଦର,୨୨।୮(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକରେ ଅଦ୍ୟାବଧି ପୁରୁଣା ଢଙ୍ଗରେ ଉପସ୍ଥାନ ନିଆଯାଉଛି। ଷ୍ଟାଫମାନେ ସମୟାନୁ ବର୍ତ୍ତିତା ନ ହୋଇ ମନଇଚ୍ଛା ଯିଏ ଯେତେବେଳେ ଆସିଲା ଖାତାରେ ସ୍ୱାକ୍ଷର କରି ହାଜିରା ପକାଉଛନ୍ତି। ତେଣୁ ବ୍ଲକରେ ବାୟୋମେଟ୍ରିକ ମେଶିନ ଲଗାଇବା ପାଇଁ ଦାବି ହୋଇଛି। ଜିଲାର ଅନ୍ୟ ବ୍ଲକରେ ଏହି ମେଶିନ ଲାଗି ସାରିଛି। କଟକ ସଦର ବ୍ଲକ କର୍ତ୍ତୃପକ୍ଷ ସିସିଟିଭି ଲଗାଇ ନିଜର ସୁରକ୍ଷାକୁ ଗୁରୁତ୍ୱ ଦେଇଥିବା ବେଳେ ଉପସ୍ଥାନ କଥା ଭୁଲି ଯାଇଛନ୍ତି ବୋଲି ଉନିୟନ ଫର କଟକ ସଦର ଡେଭଲପମେଣ୍ଟ ସଭାପତି ମନୋଜ କୁମାର ନାୟକ କହିଛନ୍ତି। ସଦର ବ୍ଲକ ହୋଇଥିଲେ ସୁଦ୍ଧା ସବୁ କାମରେ ପଛୁଆ। ଦିନ ବେଳା ବିଦ୍ୟୁତ୍ ଲାଇନ କାଟିଲେ ସୌରଶକ୍ତିର ବ୍ୟବହାର ପାଇଁ ବିକଳ୍ପ ବ୍ୟବସ୍ଥା ରହିଛି। ମାତ୍ର ଏହି ଯନ୍ତ୍ର ଠିକ ଭାବେ କାମ କରୁ ନ ଥିବା ନାୟକ ଅଭିଯୋଗ କରିଛନ୍ତି। ଅଭିଯୋଗ ସମ୍ପର୍କରେ ବିଡିଓ ପ୍ରତୀକ ସାହୁଙ୍କୁ ପଚାରିବାରୁ ବାୟୋମେଟ୍ରିକ ମେଶିନ ଲଗାଇବା ପାଇଁ ଜିଲାପାଳଙ୍କ ଅନୁମତି ମଗାଯାଇଥିବା ବେଳେ ସୌର ଯନ୍ତ୍ର ସଜାଡ଼ିବା ପାଇଁ କମ୍ପାନୀକୁ କୁହାଯାଇଛି ବୋଲି କହିଥିଲେ।

## ୧୦ ଫୁଟ୍ ଉଚ୍ଚତାର ମୁମ୍ବାଇ ଡିଜାଇନ ମୂର୍ତ୍ତି

**୩୦ କେଜି ଲଡୁ ଭୋଗ**

କଟକ,୨୨।୮(ଶିଳ୍ପା ପ୍ରିୟଦର୍ଶିନୀ)



ଦିନ କେଇଟାରେ ଗଣେଶ ପୂଜା। ଏଥିପାଇଁ ଚଳଚଞ୍ଚଳ କଟକ ସହର। ପୂଜା ପାଇଁ ଶଙ୍କରପୁର ଡିହ ସାହିର ହାପି କ୍ଲବ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ୨୦୧୦ରୁ ଗଣେଶ ପୂଜା ଏହି କ୍ଲବରେ ପାଳନ କରାଯାଇ ଆସୁଛି। କ୍ଲବରେ ୫୦ଜଣ ସଦସ୍ୟ ରହିଛନ୍ତି। କ୍ଲବର ସଭାପତି ରାଜୀବ ମୋହନ ରାଉତ ଓ ସମ୍ପାଦକ ଅନିଲ ରାଉତ ରହିଛନ୍ତ। ଚଳିତଥର ୧୦ଫୁଟ୍ ଉଚ୍ଚତାର ମୁମ୍ବାଇ ଡିଜାଇନର ଗଣେଶ ମୂର୍ତ୍ତି ପୂଜା ପାଇବେ। ପୂଜା ଦିନ ଏକ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯିବ। ଏହାସହ ୩୦ କେଜିର ଲଡୁ ଭୋଗ କରାଯାଇ ବଣ୍ଟାଯିବ। ପୂଜା ପାଇଁ ଅଢେଇ ଲକ୍ଷ୍ୟ ଟଙ୍କାର ବଜେଟ୍ ରହିଛି। ଭସାଣି ୩୧ ତାରିଖରେ କରାଯିବ ଏବଂ କେନ୍ଦ୍ରାପଡା ଏମ୍‌ଏସ୍ ମ୍ୟୁଜିକାଲ ବ୍ୟାଣ୍ଡ, ପଞ୍ଜାବ ଓ ତାଙ୍ଗୁ ସହ ପାରମ୍ପରିକ ବାଦ୍ୟରେ ଶୋଭାଯାତ୍ରା କରାଯିବ ବୋଲି ସଭାପତି ରାଜୀବ ମୋହନ ରାଉତ ସୂଚନା ଦେଇଛନ୍ତି।

# ପ୍ରତି ପଞ୍ଚାୟତରେ ହେବ ବିଶ୍ୱସ୍ତରୀୟ ବିଦ୍ୟାଳୟ: ମୁଖ୍ୟମନ୍ତ୍ରୀ

**କମଳାକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହ ଉଦ୍‌ଘାଟିତ**

କଟକ,୨୨।୮(କାର୍ତ୍ତିକ ସାହୁ)




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟ ଅତିଥିମାନେ ବିଦ୍ୟାଳୟର ହୀରକ ଜୟନ୍ତୀ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ଆଜିର ଛାତ୍ରୀଛାତ୍ର ହେଉଛନ୍ତି ଆଗାମୀ ଭବିଷ୍ୟତ। ସେମାନେ ହେବେ ବିକଶିତ ଭାରତର ନିର୍ମାତା। ତେଣୁ ଆଜିର ବିଦ୍ୟାର୍ଥୀଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରିବା ଉଚିତ। ଆମ ସରକାର ଆସିବା ଦିନଠାରୁ ହିଁ ଶିକ୍ଷାକ୍ଷେତ୍ରରେ ସଂସ୍କାର ଆଣିବାକୁ ପ୍ରୟାସ କରୁଛନ୍ତି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଏହାର ପ୍ରକୃଷ୍ଟ ଉଦାହରଣ। ରାଜ୍ୟର ପ୍ରତି ପଞ୍ଚାୟତରେ ଏହି ବିଶ୍ୱସ୍ତରୀୟ ବିଦ୍ୟାଳୟ ନିର୍ମାଣ ହେବ ଏବଂ ଏହି ଦିଗରେ କାର୍ଯ୍ୟ ଆରମ୍ଭ ହୋଇ ସାରିଛି ବୋଲି ଶୁକ୍ରବାର କଟକ କାଳିଆବୁଦାସ୍ଥିତ କମଳାକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ସମାରୋହରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରି କହିଲେ, ଏହି ବିଦ୍ୟାଳୟ ଏକ ଜ୍ଞାନ ଦୀପସ୍ତମ୍ଭ, ଯାହା ୬୦ ବର୍ଷ ହେଲାଣି କଟକ ସହରରେ ଜ୍ଞାନର ଆଲୋକ ବିକିରଣ କରୁଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କମଳାକାନ୍ତ ଉଚ୍ଚ ବିଦ୍ୟାଳୟର ଡାଇମଣ୍ଡ ଜୁବୁଲି ହଲ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ୧ କୋଟି ଟଙ୍କା ସହାୟତା ଘୋଷଣା କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ, ଏହି ବିଦ୍ୟାଳୟକୁ ଖୁବଶୀଘ୍ର ପିଏମ୍ ଶ୍ରୀ ଯୋଜନାରେ ସାମିଲ କରିବା, ମିନି ଷ୍ଟାଡିୟମ ନିର୍ମାଣ, ଦୁଇ ମହଲା ବିଶିଷ୍ଟ ଅଟ୍ଟାଳିକା ନିର୍ମାଣ କରିବା ଓ ବିଦ୍ୟାଳୟର ଆନୁଷଙ୍ଗିକ ଆବଶ୍ୟକତା ସବୁ ଖୁବ ଶୀଘ୍ର ପୂରଣ କରିବା ପାଇଁ ଘୋଷଣା କରିଛନ୍ତି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନିଜ ଅଭିଭାଷଣ ରଖିଥିଲେ। ମୁଖ୍ୟମନ୍ତ୍ରୀ ବିଦ୍ୟାଳୟର ପୁରାତନ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ବିଦ୍ୟାଳୟର ହୀରକ ଜୟନ୍ତୀ ସ୍ମରଣିକା ଉନ୍ମୋଚନ କରିଥିଲେ। କଟକ ଏମ୍‌ପି ଡ. ଭର୍ତ୍ତୃହରି ମହତାବ ସ୍ୱାଗତ ଭାଷଣ ଦେଇଥିଲେ। ଭାଜପା ନେତା ନୟନ କିଶୋର ମହାନ୍ତି ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ ସୌଭିକ ବିଶ୍ୱାଳ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଦର୍ଶିନୀ ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ।

# ଅତିଥି ସତ୍କାରରେ ଭାରତ ଆଗରେ

## ଆଇଏଟିଓର ୪୦ତମ ବାର୍ଷିକ ସମ୍ମିଳନୀ

ପୁରୀ,୨୨।୮(ଅଜିତ୍ କୁମାର ମହାନ୍ତି)



ସମ୍ମିଳନୀରେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭାରତୀୟ ଟୁର୍ ଅପରେଟର ସଂଘ (ଆଇଏଟିଓ) ପକ୍ଷରୁ ସ୍ୱସ୍ତି ପ୍ରିମିୟମ ବିଚ୍ ରିସୋର୍ଟରେ ଆଇଏଟିଓର ୪୦ତମ ବାର୍ଷିକ ସମ୍ମିଳନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଉଦ୍‌ଘାଟନକରି କହିଛନ୍ତି, ଆତିଥ୍ୟ ଭାରତୀୟଙ୍କ ଡିଏନ୍ଏରେ ରହିଛି। ଏହା ଆମ ପର୍ଯ୍ୟଟନ କ୍ଷେତ୍ର ପାଇଁ ସବୁଠୁ ବଡ଼ ପୁଞ୍ଜି। ଏହାକୁ ବିନିଯୋଗକରି ଆମେ ପର୍ଯ୍ୟଟନ କ୍ଷେତ୍ରରେ ବିପୁଳ ସମ୍ଭାବନା ସୃଷ୍ଟି କରିପାରିବା। ସମ୍ପ୍ରତି ଦେଶର ଅର୍ଥନୀତିରେ ପର୍ଯ୍ୟଟନର ଭାଗୀଦାରି ୫ରୁ ୬ ପ୍ରତିଶତ ରହିଛି। କିନ୍ତୁ ପର୍ଯ୍ୟଟନ କ୍ଷେତ୍ର ଯେଭଳି ଆଗଉଛି, ୧୦%ରେ ପହଞ୍ଚିବାକୁ ବେଶି ଦିନ ଲାଗିବ ନାହିଁ ବୋଲି କହିଛନ୍ତି। ଶେଖାୱତ କହିଛନ୍ତି, ଅତିଥି ସତ୍କାରରେ ଭାରତ ଆଗରେ ରହିଛେ। ସମ୍ପ୍ରତି ବିଦେଶୀ ପର୍ଯ୍ୟଟକମାନେ ଆମ ଦେଶକୁ ଆଗମନ ପାଇଁ ବ୍ୟବସ୍ଥାରେ ସରଳୀକରଣ କରାଯାଇଛି। ଅନ୍ତର୍ଜାତୀୟ ଫ୍ଲାଇଟ୍ ଯାତାୟାତ ୩୦ରୁ ୬୨କୁ ବୃଦ୍ଧି ପାଇଛି। ୪-୫ଟି ଦେଶକୁ ବାଦ୍ ଦେଲେ ଅନ୍ୟ ଦେଶର ପର୍ଯ୍ୟଟକ ଭାରତକୁ ଆସିବା ପାଇଁ ଇ-ଭିଜା ପାଇବା ବ୍ୟବସ୍ଥାକୁ ସରଳୀକରଣ କରାଯାଇଛି। ଆଗକୁ ବିଭିନ୍ନ ଭାଷାରେ ଏହି ଇ-ଭିଜା ଆବେଦନର ବ୍ୟବସ୍ଥା କରିବା ନେଇ କାମ ଚାଲିଛି। ୨୮ଟି ରାଜ୍ୟରେ ପର୍ଯ୍ୟଟନକୁ ଶିଳ୍ପ ଭାବେ ଘୋଷଣା କରାଯାଇଛି। ନିବେଶ କେବଳ ହୋଟେଲରେ ନୁହେଁ, ବରଂ ପର୍ଯ୍ୟଟନ ସହ ବିଭିନ୍ନ କ୍ଷେତ୍ରରେ ନିବେଶ କରାଯିବା ଆବଶ୍ୟକ ବୋଲି କହିଥିଲେ। ଏଥିସହ ଆଇଏଟିଓ ପର୍ଯ୍ୟଟନ ଅଭିବୃଦ୍ଧିରେ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅନ୍ୟତମ ଅତିଥି ଭାବେ ଯୋଗଦେଇ କହିଥିଲେ, ଏ ମାଟି କେବଳ ତୀର୍ଥ ପର୍ଯ୍ୟଟନରେ ସୀମିତ ନୁହେଁ, ଜୈବ ବିବିଧତା, ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସଂସାଧନ ମଧ୍ୟ ପର୍ଯ୍ୟଟନ କ୍ଷେତ୍ରରେ ବିପୁଳ ଲୋକାଦୃତି ସାଉଁଟିଚାଲିଛି। ଏହା ସମ୍ପ୍ରତି ଅର୍ଥନୀତି କ୍ଷେତ୍ରରେ ବେଶ୍ ଅଗ୍ରଗତି କରିବା ସହ ବହୁ ନିଯୁକ୍ତି ସୃଷ୍ଟି କରିଛି। ଭିତ୍ତିଭୂମି କ୍ଷେତ୍ରରେ ବହୁ ଅଗ୍ରଗତି ହୋଇଛି। ସରକାରୀ ଓ ଘରୋଇ ସଂସ୍ଥାର ଭାଗୀଦାରିତାରେ ପର୍ଯ୍ୟଟନ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିବା ନେଇ କାମ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

ଆଇଏଟିଓର ପୂର୍ବାଞ୍ଚଳ ଅଧ୍ୟକ୍ଷ ଜେ.କେ. ମହାନ୍ତି କହିଛନ୍ତି, ଅତୁଲ୍ୟ ଭାରତର ଆତ୍ମା। ଏଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟମନ୍ଦିର, ଖଣ୍ଡଗିରି, ଉଦୟଗିରି, ଚିଲିକା ହ୍ରଦ, ଶିମିଳିପାଳ, ପଟ୍ଟଚିତ୍ର ଓ ନୃତ୍ୟ ଭଳି ସମୃଦ୍ଧ ଐତିହ୍ୟ ଓ କଳାରେ ଭରପୂର ରହିଛି। ଏଥିସହ ଆମେ ଇକୋ ଟୁରିଜମ୍, କ୍ରୁଜ ଟୁରିଜମ, ହେରିଟେଜ ୱାକ୍, ଆଡଭେଞ୍ଚର ସ୍ପୋର୍ଟସ, ମାଇସ ଟୁରିଜମ୍ କ୍ଷେତ୍ରରେ ଆହୁରି ଉନ୍ନତି ଆଣିବାର ଆବଶ୍ୟକତା ରହିଛି। ସମ୍ମିଳନୀ ପରେ ଫାମ ଟୁର୍ ରାଜ୍ୟକୁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧିରେ ପ୍ରଭାବ ପକାଇବ ବୋଲି ସେ କହିଛନ୍ତି। ଏହି ଅବସରରେ ପ୍ରଣବ ସର୍କାରଙ୍କୁ ହଲ୍ ଅଫ୍ ଫେମ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ମନ୍ତ୍ରଣାଳୟର ଡିଜି ସୁମନ ବିଲ୍ଲା, ପର୍ଯ୍ୟଟନ ପ୍ରମୁଖ ସଚିବ ବଲୱନ୍ତ ସିଂହ, ଆଇଏଟିଓର ଅଧ୍ୟକ୍ଷ ରବି ଗୋସାଇଁ, ପୂର୍ବତନ ସଭାପତି ରାଜୀବ ମେହେରା, ବିନୟ ତ୍ୟାଗୀ, ସଞ୍ଜୟ ରାଜଦାନ, ଆଇଏଟିଓ ଓ ଚାପ୍ଟର ଅଧ୍ୟକ୍ଷ ଗଗନ ଷଡ଼ଙ୍ଗୀ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# କଟକ-ପାରାଦୀପ ସେକ୍ସନରେ ସ୍ୱୟଂଚାଳିତ ସିଗ୍‌ନାଲିଂ ପ୍ରଣାଳୀ କାର୍ଯ୍ୟକ୍ଷମ

ଭୁବନେଶ୍ୱର,୨୨।୮(ଅନୁରାଧା ମହାରଣା)

ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ତାଳଚେର-ପାରାଦୀପ ମାଲ ପରିବହନ କରିଡରର କଟକ-ପାରାଦୀପ ସେକ୍ସନରେ ପୂର୍ବତଟ ରେଳପଥ ଏକ ଅତ୍ୟାଧୁନିକ ସ୍ୱୟଂଚାଳିତ ସିଗ୍‌ନାଲିଂ ପ୍ରଣାଳୀକୁ କାର୍ଯ୍ୟକ୍ଷମ କରିଛି। ପାରାଦୀପ ବନ୍ଦରକୁ ସଂଯୋଗ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ରୁଟ୍ ସହିତ ରେଳ ପରିଚାଳନାର ଆଧୁନିକୀକରଣରେ ଏହି ପ୍ରଣାଳୀ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି କୁହାଯାଉଛି। ଏହା ଅଧିକ କ୍ଷମତା, ଦ୍ରୁତ ଗତିବିଧି, କମ୍ ସମୟରେ ଅଧିକ ଟ୍ରେନ୍ ଚଳାଚଳ କରିବାର ସେବା ପ୍ରଦାନ କରିଥାଏ। ସେହିପରି ସ୍ୱୟଂଚାଳିତ କାର୍ଯ୍ୟ ମାନବ ନିର୍ଭରଶୀଳତାକୁ ହ୍ରାସ କରିବା ସହିତ ତ୍ରୁଟିଜନିତ ବିପଦକୁ ହ୍ରାସ କରିଥାଏ ଏବଂ ଯାତ୍ରୀ ଓ ମାଲ ପରିବହନ ସୁରକ୍ଷାକୁ ସୁଦୃଢ଼ କରେ। ଏହି ଅପଗ୍ରେଡେଶନ ପାରାଦୀପ ବନ୍ଦର ଆଡକୁ ଦ୍ରୁତ ମାଲ ପରିବହନ ଶିଳ୍ପ ବିକାଶକୁ ବୃଦ୍ଧି କରିବ ଏବଂ ଆଞ୍ଚଳିକ ଆର୍ଥିକ ପ୍ରଗତିରେ ଯୋଗଦାନ ଦେବ। ଠିକ ଟ୍ରେନ ଚିହ୍ନଟ ପାଇଁ ଡୁଆଲ ମଲ୍ଟି-ସେକ୍ସନ ଡିଜିଟାଲ ଆକ୍ସଲ କାଉଣ୍ଟର ନିରବଚ୍ଛିନ୍ନ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ସମନ୍ୱିତ ବିଦ୍ୟୁତ୍ ଯୋଗାଣ, ସମସ୍ତ ପାଣିପାଗ ପରିସ୍ଥିତିରେ ସ୍ୱଷ୍ଟ ଦୃଶ୍ୟମାନତା ପାଇଁ ଏଲ୍ଇଡି ସିଗ୍‌ନାଲ ଲ୍ୟାମ୍ପ, ବ୍ୟାପକ ଘଟଣା ମନିଟରିଂ ପାଇଁ ଡାଟାଲଗର, ରିଅଲ-ଟାଇମ ଟ୍ରେନ୍ ତଦାରଖ ପାଇଁ ସମସ୍ତ ଷ୍ଟେଶନରେ ଭିଡିଓ ପ୍ରଦର୍ଶନ ୟୁନିଟ ସ୍ଥାପନ, ନିରାପତ୍ତା ଉନ୍ନତୀକରଣ ଏବଂ ସୁରକ୍ଷିତ ସଡ଼କ-ରେଳ ସମନ୍ୱୟ ପାଇଁ ୧୯ଟି ଲେଭଲ କ୍ରସିଂ ଗେଟ୍ ଏବେ ଇଣ୍ଟରଲକ୍ ସିଗନାଲିଂ ସିଷ୍ଟମ ସହିତ କାର୍ଯ୍ୟକାରୀ ହୋଇଛି। ସମସ୍ତ ଅଣ-ଇଣ୍ଟରଲକ୍ ଗେଟ୍‌ଗୁଡ଼ିକୁ ଅପସାରଣ, ସମ୍ଭାବ୍ୟ ବିପଦ ଦୂର କରିବା ପାଇଁ ସେକ୍ସନକୁ ଅନେକ ଉପ ଏବଂ ତଳ ଉପବିଭାଗରେ ବିଭକ୍ତ କରାଯାଇଛି।





ମଦର ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଆୟୋଜିତ ସଚେତନତା ଅଭିଯାନରେ ଆତ୍ମହତ୍ୟା ନ କରିବାକୁ ବାର୍ତ୍ତା ଦିଆଯାଉଛି।

# ସରକାରୀ ବସ୍‌ରେ ମାଗଣାରେ ଯିବେ ସ୍କୁଲ ପିଲା

ଭୁବନେଶ୍ୱର,୨୨।୮
(ସୁଚିସ୍ମିତା ସାହୁ)

## ନିଯୁକ୍ତ ହେବେ ବହୁମୁଖୀ ଭାଷାଗତ ଶିକ୍ଷକ

ସରକାରୀ ବସ୍‌ରେ ପିଲାମାନେ ମାଗଣାରେ ସ୍କୁଲ ଯାଇପାରିବେ। ଏଥିପାଇଁ ସ୍କୁଲ ପୋଷାକ ସହ ବିଦ୍ୟାଳୟ ପରିଚୟପତ୍ର ଦେଖାଇବା ଜରୁରୀ। ମୁଖ୍ୟମନ୍ତ୍ରୀ ବସ୍ ସେବା ମାଧ୍ୟମରେ ପ୍ରଥମ ଶ୍ରେଣୀରୁ ଯୁକ୍ତ ୨ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଏହି ସୁବିଧା ପାଇପାରିବେ ବୋଲି ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।

ସେହିପରି ପିଲାମାନେ ମାତୃଭାଷାରେ ପାଠ ପଢ଼ିପାରିବେ। କୋରାପୁଟ ଭଳି ଆଦିବାସୀ ଅଞ୍ଚଳଗୁଡ଼ିକରେ ବହୁ ଆଦିବାସୀ ଭାଷାର ପିଲାମାନେ ରହିଛନ୍ତି। ସେମାନେ ମଧ୍ୟ ଆଦିବାସୀ ଭାଷାରେ ପାଠପଢ଼ିବାର ସୁଯୋଗ ପାଇବେ। ଆଦିବାସୀ ପିଲାମାନେ ନିଜ ଭାଷାର ଶିକ୍ଷକ ପାଉ ନ ଥିବାରୁ ଅନ୍ୟ ଭାଷା ବୁଝିବାରେ ସମସ୍ୟା ସୃଷ୍ଟି ହେଉଛି। ସେଥିପାଇଁ ବହୁ ଭାଷାରେ ପାଠପଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଉଛି। ବିଭାଗ ପକ୍ଷରୁ ଏହି ସମସ୍ୟା ଦୂରକରାଯିବା ସହ ଆଦିବାସୀ ଛାତ୍ରୀଛାତ୍ରଙ୍କୁ କିଭଳି ଶିକ୍ଷା ପ୍ରତି ଉତ୍ସାହିତ କରାଯାଇପାରିବ ସେଥିଲାଗି ବହୁମୁଖୀ ଭାଷାଗତ ଶିକ୍ଷକ(ଏମ୍ଏଲ୍ଇ) ନିଯୁକ୍ତି କରିବା ଲାଗି ଯୋଜନା କରାଯାଉଛି। ଏଥିସହ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିକୁ ସୁଦୃଢ଼ କରାଯିବ। ଯେଉଁ ବିଦ୍ୟାଳୟରେ ଅବ୍ୟବସ୍ଥା ରହିଛି, ସେଠାରେ ଅତିରିକ୍ତ ଘର ନିର୍ମାଣ ସହ ମରାମତି କରାଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ସେପ୍ଟେମ୍ବର ୧୫ରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ

ପୁରୀ,୨୨।୮(ଅଜିତ୍ କୁମାର ମହାନ୍ତି)

## କମିଟି ଗଠନ ପରେ ବସିବ ବୈଠକ



ଶ୍ରୀମନ୍ଦିରରେ ଖୁବ୍‌ଶୀଘ୍ର ଧାଡ଼ି ଦର୍ଶନ ଆରମ୍ଭ ହେବ। ପରିଚାଳନା କମିଟି ଗଠନ ସରିବା ପରେ ପ୍ରଥମ ବୈଠକରେ ଭୁକ୍ତି ସ୍ଥାନାନ୍ତରଣ ଓ ପରେ ଧାଡ଼ି ଦର୍ଶନ ଆରମ୍ଭ ହେବ। ୩ରୁ ୪ ଦିନ ଭିତରେ କମିଟି ଗଠନ ଶେଷ ହେବ। ସେପ୍ଟେମ୍ବର ୧୫ରୁ ମନ୍ଦିରରେ 'ଧାଡ଼ି ଦର୍ଶନ' (ଦେବତାଙ୍କ ଏକ ଝଲକ ପାଇବା ପାଇଁ ଧାଡ଼ି ଦର୍ଶନ) ଆରମ୍ଭ ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶୁକ୍ରବାର କହିଛନ୍ତି। ଶ୍ରୀମନ୍ଦିରରେ ଶୃଙ୍ଖଳିତ ଧାଡ଼ି ଦର୍ଶନ ପାଇଁ ପ୍ରାୟ ବର୍ଷେ ହେଲା ଯୋଜନା ହେଉଥିଲା। କିନ୍ତୁ ଏପର୍ଯ୍ୟନ୍ତ ଲାଗୁ ହୋଇ ନ ଥିବାରୁ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିଲା। ଆଗକୁ କାର୍ତ୍ତିକ ମାସ ଆସୁଥିବାରୁ ଶୀଘ୍ର ଧାଡ଼ି ଦର୍ଶନ ବ୍ୟବସ୍ଥା ହେବା ନେଇ ଦାବି ହୋଇଆସୁଥିଲା। କାର୍ତ୍ତିକରେ ଲକ୍ଷାଧିକ ଭକ୍ତ ପୁରୀ ଆସିବେ। ବାହାରେ ଭକ୍ତଙ୍କ ପାଇଁ ଶୃଙ୍ଖଳିତ ଧାଡ଼ି ବ୍ୟବସ୍ଥା ଥିବାବେଳେ ଭିତର ଧାଡ଼ି ଦର୍ଶନ ବ୍ୟବସ୍ଥା କିନ୍ତୁ ହୋଇ ନ ଥିଲା। ଅନ୍ୟପକ୍ଷରେ ନାଟମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ନେଇ ଆବଶ୍ୟକୀୟ ପଦକ୍ଷେପ ପରିଚାଳନା କମିଟି ଗଠନ ପରେ ନିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ମତ ରଖିଥିବାବେଳେ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଶ୍ରୀମନ୍ଦିର ଆଇନରେ ପରିବର୍ତ୍ତନ ଦିଗରେ ସରକାରଙ୍କ ନିକଟକୁ ପ୍ରସ୍ତାବ ଦିଆଯାଇଥିବା ମତ ରଖିଛନ୍ତି।

# ଯୁକ୍ତ୩, ପିଜି ନାମଲେଖା: ଆଜିଠାରୁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ

ଭୁବନେଶ୍ୱର,୨୨।୮(ସୁଚିସ୍ମିତା ସାହୁ)

ଯୁକ୍ତ ୩ ଓ ପିଜି ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ଶନିବାରଠାରୁ ଆରମ୍ଭ ହେବ। ଯେଉଁ ଛାତ୍ରୀଛାତ୍ର ପ୍ରଥମ ପର୍ଯ୍ୟାୟରେ କୌଣସି କାରଣରୁ ଆବେଦନ କରିପାରିନାହାନ୍ତି କିମ୍ବା ଆବେଦନ କରିନାହାନ୍ତି, ସେମାନେ ଏହି ପର୍ଯ୍ୟାୟରେ ଆବେଦନ କରିପାରିବେ। ଯୁକ୍ତ ୩ ନାମଲେଖା ଆବେଦନର ଶେଷ ତାରିଖ ସେପ୍ଟେମ୍ବର ୩ ରହିଛି। ଫର୍ମରେ କୌଣସି ତ୍ରୁଟି ଥିଲେ ସେପ୍ଟେମ୍ବର ୪ ତାରିଖ ସୁଦ୍ଧା ଏଡିଟ କରିପାରିବେ। ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ରାଉଣ୍ଡ ମେଧା ତାଲିକା ସେପ୍ଟେମ୍ବର ୧୦ତାରିଖରେ ପ୍ରକାଶ ପାଇବ। ୧୧ରୁ ୧୩ ତାରିଖ ଭିତରେ ଚୟନ ଛାତ୍ରୀଛାତ୍ର ଇଣ୍ଟିମେସନ ଲେଟର ସହ ଆଡମିଶନ କରିବା ସହ ଅନ୍‌ଲାଇନ ମାଧ୍ୟମରେ ଟଙ୍କା ପଇଠ କରିପାରିବେ। ଓ୍ୱେଟ ତାଲିକାରେ ଥିବା ପିଲାମାନେ ସେପ୍ଟେମ୍ବର ୧୫ରୁ ୧୭ ମଧ୍ୟରେ ଆବେଦନ ଫର୍ମକୁ ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନରେ ଦାଖଲ କରିପାରିବେ। ସେମାନଙ୍କ ମେଧା ତାଲିକା ୧୭ରେ ନୋଟିସ ବୋର୍ଡ, ଓ୍ୱେବ୍‌ସାଇଟ ଏବଂ ଫୋନ୍ କଲ୍ ମାଧ୍ୟମରେ ଜାଣିପାରିବେ। ଓ୍ୱେଟ ଲିଷ୍ଟ ପିଲାମାନେ ସମସ୍ତ ଡକ୍ୟୁମେଣ୍ଟ ନେଇ ସେପ୍ଟେମ୍ବର ୧୮ରୁ ୨୨ ମଧ୍ୟରେ ନାମ ଲେଖାଇପାରିବେ। ସେହିପରି ପିଜି ପାଠ୍ୟକ୍ରମରେ ନାମ ଲେଖାଇବାକୁ ପିଲାମାନେ ମଧ୍ୟ ଶନିବାରଠାରୁ ଆବେଦନ କରିପାରିବେ। ଶେଷ ତାରିଖ ୩ ସେପ୍ଟେମ୍ବର ରହିଛି। ପ୍ରଥମ ରାଉଣ୍ଡର ମେଧା ତାଲିକା ୯ ତାରିଖରେ ପ୍ରକାଶ ପାଇବ। ଇଣ୍ଟିମେସନ ଲେଟର ସହ ଛାତ୍ରୀଛାତ୍ର ୧୦ରୁ ୧୨ ତାରିଖ ଭିତରେ ଆଡମିଶନ କରିବେ। ଓ୍ୱେଟ ଲିଷ୍ଟରେ ଥିବା ପିଲାମାନେ ୧୩ରୁ ୧୫ ତାରିଖ ମଧ୍ୟରେ ଆବେଦନ ଫର୍ମକୁ ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନ ଦାଖଲ କରିପାରିବେ। ସେମାନଙ୍କ ମେଧା ତାଲିକା ୧୬ ତାରିଖରେ ନୋଟିସ ବୋର୍ଡ, ଓ୍ୱେବ୍‌ସାଇଟ ଏବଂ ଫୋନ କଲ୍ ମାଧ୍ୟମରେ ଜାଣିପାରିବେ। ଓ୍ୱେଟ ଲିଷ୍ଟ ପିଲାମାନେ ୧୭ରୁ ୨୦ ତାରିଖ ମଧ୍ୟରେ ନାମଲେଖାଇ ପାରିବେ।

# ରାଜେଶ ହତ୍ୟାକାଣ୍ଡ: ଜଣେ ଗିରଫ

ପୁରୀ,୨୨।୮(ଅଜିତ୍ କୁମାର ମହାନ୍ତି)

ଓ୍ୱାର୍ଡ ଛକ ନିକଟରେ ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା ଘଟଣାରେ ବଳିଆପଣ୍ଡା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଅଟକ ରଖିଥିବା ବେଳେ ଅନ୍ୟଜଣଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଟଙ୍କା ନେଣଦେଣକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି ବୋଲି ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ଗୁରୁବାର ରାତିରେ ପୁରୀ ଥାନପତି ଲେନ୍‌ର ରାଜେଶ ଓଝାକୁ ତାର ସାଙ୍ଗ ଓ୍ୱାର୍ଡ ଛକ ନିକଟକୁ ଡାକିନେଇ ଅତିନିର୍ମମ ଭାବେ ହତ୍ୟା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ଘରୋଇ ଇଞ୍ଜିନିୟରିଂ କଲେଜ ବିରୋଧରେ ଓଏଚ୍ଆରସିଙ୍କ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୨।୮(ସତ୍ୟଜିତ୍ ରାଉତ)

**ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ୍, ଗ୍ରେଡ୍ ଶିଟ୍ ନ ଦେବା ଘଟଣା**

- ୨୯ ଛାତ୍ରଛାତ୍ରୀଙ୍କୁ କଲେଜ କର୍ତ୍ତୃପକ୍ଷ ୧ଲକ୍ଷ ଲେଖାଏ କ୍ଷତିପୂରଣ ରାଶି ଦେବେ
- କଲେଜର ଆକାଉଣ୍ଟ ସିଜ୍ କରି ଟଙ୍କା ବଣ୍ଟନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ

ନଗରସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଡିଗ୍ରୀ ସାର୍ଟିଫିକେଟ୍ ଓ ଗ୍ରେଡ୍ ଶିଟ୍ ନ ଦେବା ଘଟଣାରେ ରାଜ୍ୟ ମାନବାଧିକାର କମିଶନ (ଓଏଚଆରସି) କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ନ୍ୟାୟ ପାଇଁ କମିଶନଙ୍କ ଦ୍ୱାରସ୍ଥ ହୋଇଥିବା ୨୯ ଜଣ ଛାତ୍ରଛାତ୍ରୀଙ୍କୁ ୧ ଲକ୍ଷ ଲେଖାଏ କ୍ଷତିପୂରଣ ରାଶି ଦେବାକୁ କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି କ୍ଷତିଗ୍ରସ୍ତ ଅନ୍ୟ ଛାତ୍ରଛାତ୍ରୀମାନଙ୍କୁ ୨୦ ହଜାର ଲେଖାଏ କ୍ଷତିପୂରଣ ରାଶି ମଧ୍ୟ ଯୋଗାଇ ଦେବାକୁ କୁହାଯାଇଛି। ଆସନ୍ତା ୬୦ ଦିନ ମଧ୍ୟରେ କଲେଜ କର୍ତ୍ତୃପକ୍ଷ ଉପରୋକ୍ତ କ୍ଷତିପୂରଣ ଟଙ୍କା ନ ଦେଲେ ବାର୍ଷିକ ୧୨% ସୁଧ ହାରରେ ଟଙ୍କା ଦେବାକୁ ପଡିବ ବୋଲି କମିଶନ କଡା ନିର୍ଦ୍ଦେଶନାମା ଶୁଣାଇଛନ୍ତି। ଏଥିସହ ଶିକ୍ଷାନୁଷ୍ଠାନର ବ୍ୟାଙ୍କ ଆକାଉଣ୍ଟ ସିଜ୍ କରି ଅଭିଯୋଗକାରୀ ଛାତ୍ରଛାତ୍ରୀ ଓ ଅନ୍ୟ ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରିବାକୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ୬୦ ଦିନ ପରେ ସରକାର ରିପୋର୍ଟ ଦାଖଲ କରିବେ। ଏଥିସହ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହି ଘଟଣାରେ ଦୁଇ ପ୍ରମୁଖ ଖବରକାଗଜରେ କ୍ଷମାପ୍ରାର୍ଥନା ପ୍ରକାଶ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓଏଚ୍ଆରସି ଅଧ୍ୟକ୍ଷ ଶତ୍ରୁଘ୍ନ ପୁଜାହାରୀ ଓ ସଦସ୍ୟ ଅସିମ ଅମିତାଭ ଦାଶଙ୍କ ଖଣ୍ଡପିଠ ଶୁକ୍ରବାର ଏହି ରାୟ ଶୁଣାଇଛନ୍ତି। ମାମଲା ଅନୁଯାୟୀ, ୨୦୧୮ ଏବଂ ୨୦୧୯ ବ୍ୟାଚର ଇଞ୍ଜିନିୟରିଂ ଛାତ୍ରଛାତ୍ରୀମାନେ ସଫଳତାର ସହ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ସେମାନଙ୍କୁ କଲେଜ ପକ୍ଷରୁ ସାର୍ଟିଫିକେଟ୍ ଓ ଗ୍ରେଡ୍ ଶିଟ୍ ଦିଆଯାଉନଥିଲା। ବିଭିନ୍ନ କାରଣ ଦର୍ଶାଇ ଛାତ୍ରଛାତ୍ରୀମାନଙ୍କୁ ଭୁଆଁ ବୁଲାଯାଉଥିଲା। ଏନେଇ ୨୦୨୨ରେ ୨୯ଜଣ ଛାତ୍ରଛାତ୍ରୀ ଓଏଚ୍ଆରସିଙ୍କ ନିକଟରେ ପିଟିସନ୍ ଦାଖଲ କରିଥିଲେ। କମିଶନ ଏହି ଘଟଣାକୁ ଗୁରୁତ୍ୱ ନେଇ ଶୁଣାଣିକରିବା ସହ କଲେଜ କର୍ତ୍ତୃପକ୍ଷ ଏବଂ ଅନ୍ୟମାନଙ୍କୁ ନୋଟିସ୍ ଜାରି କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜଗନ



@ ଜୟଜିତ୍



@ କବିତା



@ ପ୍ରଦୀପ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମୁକ୍ତିଲାଭକଲା ପଞ୍ଜାବୀ ସଙ୍ଗୀତ 'ହୀର୍ ମେଁ ବେଖି'

ଭୁବନେଶ୍ୱର,୨୨।୮(ଅନୁରାଧା ମହାରଣା)

## ୧୨ରେ ପରଦାକୁ ଆସିବ 'ହୀର୍ ଏକ୍ସପ୍ରେସ୍'

ପଞ୍ଜାବ ଓ ଲଣ୍ଡନର ବିଭିନ୍ନ ସ୍ଥାନରେ ସୁଟିଂ ହୋଇଥିବା ଉମେଶ ଶୁକ୍ଳଙ୍କ ନିର୍ଦ୍ଦେଶନାରେ ନିର୍ମିତ ଚଳଚ୍ଚିତ୍ର 'ହୀର୍ ଏକ୍ସପ୍ରେସ୍' ସେପ୍ଟେମ୍ବର୍ ୧୨ରେ ପରଦାକୁ ଆସିବ। ତେବେ ଏହା ପୂର୍ବରୁ ଏହା ସଙ୍ଗୀତ ଲୋକଙ୍କ ମନରେ ଉତ୍ସୁକତା ସୃଷ୍ଟି କରିଲାଣି। ପଞ୍ଜାବୀ ପରମ୍ପରା, ରୋମାନ୍ସ ଓ ଗ୍ରାମୀଣ ପଞ୍ଜାବର ଆକର୍ଷଣକୁ ସଙ୍ଗୀତରେ ସମନ୍ୱିତକରି ପ୍ରସ୍ତୁତ ହୋଇଥିବା ଏହି ଚଳଚ୍ଚିତ୍ରର ପ୍ରମୁଖ ଗୀତ 'ହୀର୍ ମେଁ ବେଖି' ଶୁକ୍ରବାର ମୁକ୍ତିଲାଭ କରିଛି। ଜୀ ମ୍ୟୁଜିକ କମ୍ପାନୀ ଦ୍ୱାରା ମୁକ୍ତିଲାଭ କରିଥିବା ଏହି ଗୀତଟି କେବଳ ଏକ ପ୍ରେମ କାହାଣୀ ନୁହେଁ, ବରଂ ପଞ୍ଜାବର ଏକ ହୃଦୟସ୍ପର୍ଶୀ ଯାତ୍ରା। ପଞ୍ଜାବୀ 'ଦିଲ୍ ଲେ ଗୟୀ କୁଡ଼ି ଗୁଜରାଟ ଦି', 'କୋକା' ଓ 'ଲଙ୍ଗ ଦା ଲସ୍କରା' ପରି ଗୀତ ପାଇଁ ପ୍ରସିଦ୍ଧି ଲାଭ କରିଥିବା କଣ୍ଠଶିଳ୍ପୀ ଜସ୍‌ବୀର ଜସ୍ସୀ ଏଥିରେ କଣ୍ଠଦାନ କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶକ ଜେରୀ ସିଂ ଓ ସାକାର ସିଂ ଏହି ଗୀତରେ ସୁଫି ସଙ୍ଗୀତକୁ ଆଧୁନିକ ଧ୍ୱନି ସହିତ ମିଶ୍ରଣକରି ପ୍ରସ୍ତୁତ କରିଛନ୍ତି। ଏଥିରେ ଦିଭିତା ଜୁନେଜା ଓ ପ୍ରୀତ କମାନୀଙ୍କ ଅଭିନୟ ଦର୍ଶକଙ୍କ ମନ ଜିଣିଛି।





'ହୀର୍ ଏକ୍ସପ୍ରେସ୍'ର ଗୀତ 'ହୀର୍ ମେଁ ବେଖି'ର ଏକ ପୋଷ୍ଟର।

# ଟଙ୍କଧରଙ୍କ ସତ୍ୟପାଠରେ ତ୍ରୁଟି ଯାଞ୍ଚ କରିବେ ହାଇକୋର୍ଟ

## ନିର୍ବାଚନୀ ପିଟିଶନ ଫେରାଇଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୨।୮

୨୦୨୪ ନିର୍ବାଚନରେ ଖାରସୁଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜୟୀ ଘୋଷିତ ଭାଜପାର ଟଙ୍କଧର ତ୍ରିପାଠୀଙ୍କ ବିରୋଧରେ ଦାଖଲ ଇଲେକ୍ସନ ପିଟିଶନ୍‌ର ପୁନର୍ବିଚାର ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ଓଡ଼ିଶା ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଟଙ୍କଧର ନିଜ ସମ୍ପତ୍ତି ଓ ବିରୋଧରେ ଥିବା ଅପରାଧିକ ମାମଲାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରି ନ ଥିବା ଦର୍ଶାଇ ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ବିଧାୟିକା ଦୀପାଳି ଦାସ ଏହି ପିଟିଶନ ଦାଖଲ କରିଥିଲେ। ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍)ରେ ଅସଙ୍ଗତି ଥିବା ମଧ୍ୟ ଦୀପାଳି ଉକ୍ତ ଆବେଦନରେ ଅଭିଯୋଗ ଆଣିଥିଲେ। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲା ବାଗ୍‌ଚିଙ୍କ ଖଣ୍ଡପୀଠ ଏହାର ରାୟ ଶୁଣାଇ କହିଛନ୍ତି, ଜନ ପ୍ରତିନିଧି ଆଇନ,୧୯୫୧ର ଆବଶ୍ୟକତା ଅନୁଯାୟୀ ଫର୍ମ ୨୫ରେ ଆବେଦନକାରୀ ସତ୍ୟପାଠ ଦାଖଲ କରିଛନ୍ତି କି ନାହିଁ ତାକୁ ହାଇକୋର୍ଟ ସମ୍ପୂର୍ଣ୍ଣ ରୂପେ ଯାଞ୍ଚ କରିନାହାନ୍ତି। ସତ୍ୟପାଠରେ ଥିବା ନିର୍ଦ୍ଦିଷ୍ଟ ତ୍ରୁଟିକୁ ଚିହ୍ନଟ କରିବା ହାଇକୋର୍ଟଙ୍କ ପାଇଁ ଜରୁରୀ। ସେହି ତ୍ରୁଟି ସଂଶୋଧନଯୋଗ୍ୟ ନା ଆବେଦନକୁ ଖାରଜ କରିଦେବା ଭଳି ତାହା ମଧ୍ୟ ହାଇକୋର୍ଟ ସମୀକ୍ଷା କରିବେ। ଉଲ୍ଲେଖଯୋଗ୍ୟ, ୨୦୨୪ ମେ ୨୦ରେ ଓଡ଼ିଶା ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଜୁନ୍ ୪ରେ ଏହାର ଫଳାଫଳ ଘୋଷଣା କରାଯାଇଥିଲା। ଖାରସୁଗୁଡ଼ା(୭) ଆସନରୁ ଟଙ୍କଧରଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ଟଙ୍କଧର ଓ ଦୀପାଳିଙ୍କ ଭୋଟ ବ୍ୟବଧାନ ୧,୩୩୩ ରହିଥିଲା। ଏହା ପରେ ଦୀପାଳି ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଟଙ୍କଧରଙ୍କ ବିଜୟକୁ ଚ୍ୟାଲେଞ୍ଜ କରିଥିଲେ। ଟଙ୍କଧର ଅସାଧୁ ଉପାୟ ଅବଲମ୍ବନ କରି ତାଙ୍କ ବିରୋଧରେ ଥିବା ଅପରାଧିକ ମାମଲାର ଗୁରୁତ୍ୱପୂର୍ଣ୍ଣ ବିବରଣୀ ପ୍ରଦାନ କରି ନ ଥିବା ଏବଂ ସେ ସମ୍ପର୍କରେ ଖବରକାଗଜଗୁଡ଼ିକରେ ପ୍ରକାଶ କରାଇ ନ ଥିବା ଦୀପାଳି ଦର୍ଶାଇଥିଲେ। ଇଭିଏମ୍ କଣ୍ଟ୍ରୋଲ ୟୁନିଟ୍ ନମ୍ବର ସହ ତାଳମେଳ ନ ଖାଇବାରୁ ୬,୦୦୦ରୁ ଊର୍ଦ୍ଧ୍ୱ ଭୋଟ ପ୍ରଭାବିତ ହୋଇଥିବା ଦୀପାଳି ଯୁକ୍ତି ବାଢ଼ିଥିଲେ। ନିର୍ବାଚନ ଟ୍ରିବ୍ୟୁନାଲ ପ୍ରାରମ୍ଭରୁ ଉକ୍ତ ଆବେଦନକୁ ଖାରଜ କରିବାକୁ ମନା କରିଦେଇଥିଲେ ଏବଂ ଦୀପାଳିଙ୍କୁ ସାନି ସତ୍ୟପାଠ ଦାଖଲ ପାଇଁ ଅନୁମତି ଦେଇଥିଲେ। ଉଚ୍ଚ ଅଦାଲତଙ୍କ ଏହି ନିଷ୍ପତ୍ତିକୁ ଟଙ୍କଧର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସୁପ୍ରିମକୋର୍ଟ ଏନେଇ କହିଛନ୍ତି, ଟଙ୍କଧର ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ବେଳେ ନିଜ ସତ୍ୟପାଠରେ ପ୍ରଦାନ କରିଥିବା ତଥ୍ୟରେ ରହିଥିବା ତ୍ରୁଟିକୁ ସୀମିତ ଅବଧି ମଧ୍ୟରେ ସଂଶୋଧନ କରାଯାଇପାରିବ ନା ହାଇକୋର୍ଟ ପରବର୍ତ୍ତୀ ସମୟରେ ଏଥିପାଇଁ ଅନୁମତି ଦେବେ, ତାହା ହେଉଛି ବାସ୍ତବ ପ୍ରଶ୍ନ। ହାଇକୋର୍ଟ ଏହି ପ୍ରସଙ୍ଗରେ ଉପଯୁକ୍ତ ସମାଧାନ କରି ନ ଥିବାରୁ ବିସ୍ତୃତ ଯାଞ୍ଚ ପାଇଁ ଏହାକୁ ପଠାଯାଉଛି।


ଟଙ୍କଧର ତ୍ରିପାଠୀ

# ସାର କଳାବଜାରକାରୀଙ୍କୁ ଛଡ଼ାଯିବନି: କୃଷି ସଚିବ

## ମାର୍କଫେଡ୍ ବିକିଲାଣି ୭୫ ହଜାର ଏମ୍‌ଟି ୟୁରିଆ

ଭୁବନେଶ୍ୱର,୨୨।୮ (ରବିନାରାୟଣ ଜେନା)

ରାଜ୍ୟରେ ସମ୍ପ୍ରତି ସାର ବିକ୍ରିବଟାର ପ୍ରମୁଖ ସମୟ। କୌଣସି ଜିଲାରେ ସାର ସଙ୍କଟ ହେଲେ ତୁରନ୍ତ ସରକାରଙ୍କୁ ଅବଗତ କରାଇବାକୁ ହେବ। କେଉଁଠାରେ ସାର କଳାବଜାରକୁ ଛାଡ଼ି ଦିଆଯିବ ନାହିଁ। ଏନ୍‌ଫୋର୍ସମେଣ୍ଟ ଟିମ୍ ଯେଉଁଠାରେ ସାର କଳାବଜାର ହେଉଥିବା ଦୃଷ୍ଟିବୋଧ କରିବେ ତୁରନ୍ତ ସେଠାରେ ପହଞ୍ଚି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ସାର ସଙ୍କଟ ନେଇ ଅନୁଷ୍ଠିତ ସମୀକ୍ଷା ବୈଠକ ଅବସରରେ ସଚିବ ପାଢ଼ୀ କହିଛନ୍ତି, ଯେଉଁଠାରେ ବେପାରୀମାନେ ଆଇନ ବିରୋଧୀ କାର୍ଯ୍ୟ କରୁଥିବା ନଜରକୁ ଆସିବ, ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯିବ। ଏଥିପ୍ରତି ସତର୍କ ଦୃଷ୍ଟି ରଖିବାକୁ ବିଭାଗୀୟ ଯୁଗ୍ମନିର୍ଦ୍ଦେଶକଙ୍କୁ ଡ. ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକର ସୂଚନା ଅନୁଯାୟୀ, ଚଳିତବର୍ଷ କେତେକ ଜିଲାରେ ସାର ଅଭାବକୁ ପୂରଣ କରିବା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ଏଣ୍ଟିକ୍ରମରେ କେନ୍ଦ୍ର ସରକାରଙ୍କୁ ଅଧିକ ମ୍ୟୁରିଏଟ ଅଫ୍ ପଟାସ୍(ଏମ୍‌ଓପି) ଯୋଗାଇବା ପାଇଁ ଅନୁରୋଧ କରାଯାଇଛି। ତେବେ ସାର ଦେବାବେଳେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଯେଭଳି ଓଟିପି କରାଯାଉଛି ଲିଙ୍କ ଯିବ ତାହାକୁ ଦୃଷ୍ଟି ଦେବାକୁ ମାର୍କଫେଡ୍ ପରିଚାଳନା ନିର୍ଦ୍ଦେଶକଙ୍କୁ କୁହାଯାଇଛି। ଏହାସହିତ ସମସ୍ତ ସାର ଯୋଗାଣବେଳେ ହିତାଧିକାରୀଙ୍କ ଓଟିପି ଆବଶ୍ୟକତେ ଯେଭଳି ଆଧାରକାର୍ଡ ଅପଡେଟ ଥିବା ତାହାକୁ ଗୁରୁତ୍ୱ ଦେବାକୁ ସଚିବ ପାଢ଼ୀ କହିଛନ୍ତି। ଚଳିତବର୍ଷ ମାର୍କଫେଡ୍ ୭୫ହଜାର ମେଟ୍ରିକ୍ ଟନ୍ ୟୁରିଆ ବିକ୍ରି କରିଛି। ସେଥିମଧ୍ୟରୁ ୧୦ହଜାର ୬୭୦ ମେଟ୍ରିକ୍‌ଟନ୍ ଘରୋଇ ଡିଲର୍‌ଙ୍କୁ ଦିଆଯାଇଛି। ମାର୍କଫେଡ୍ ଦ୍ୱାରା ଷ୍ଟକ୍ ଗ୍ରହଣ କରିବା ଏବଂ ବିକ୍ରିବଟାର ପୁଙ୍ଖାନୁପୁଙ୍ଖ ବିବରଣୀ ରଖିବାକୁ ସଚିବ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି।

# ତାଳଚେର ସାର କାରଖାନା କାର୍ଯ୍ୟକ୍ଷମ କେବେ: କଂଗ୍ରେସ

ଭୁବନେଶ୍ୱର,୨୨।୮(ରବିନାରାୟଣ ଜେନା)

ତାଳଚେର ସାର କାରଖାନା ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୮ ସେପ୍ଟେମ୍ବର ୨୨ରେ ଭିତ୍ତିପ୍ରସ୍ତର ସ୍ଥାପନ କରି ପ୍ରତିଶ୍ରୁତି ଦେଇଥିଲେ କି ଏହି ପ୍ରକଳ୍ପ କାର୍ଯ୍ୟ ୩୬ ମାସ ମଧ୍ୟରେ ଶେଷ ହେବ। ହେଲେ ଇତିମଧ୍ୟରେ ୭ ବର୍ଷ ବିତିଯାଇଥିଲେ ସୁଦ୍ଧା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିନାହିଁ। ନିର୍ଦ୍ଧାରିତ ସମୟ ସୀମାଠାରୁ ଆହୁରି ଅଧିକ ଚାରି ବର୍ଷ ଅତିକ୍ରାନ୍ତ ହେଲାଣି। ଏହା ଡବଲ ଇଞ୍ଜିନ ସରକାରର ଡବଲ ଧମାକା ବୋଲି କଂଗ୍ରେସ ଅଭିଯୋଗ କରିଛି। ଶୁକ୍ରବାର କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ମୁଖପାତ୍ର ତଥା ରାଜ୍ୟ ଗବେଷଣା ଓ ସୂଚନା ଶାଖାର ମୁଖ୍ୟ ଜଗଦାନନ୍ଦ ପ୍ରଧାନ ଅଭିଯୋଗ କରିଛନ୍ତି, ଭାଜପା ସରକାରଙ୍କ ଅପରିଣାମଦର୍ଶିତା, ଅପରିପକ୍ୱତା ଓ ଦାୟିତ୍ୱହୀନତା ଯୋଗୁ ତାଳଚେର ସାର କାରଖାନାର ନିର୍ମାଣ କାର୍ଯ୍ୟ ଆଗେଇପାରୁ ନାହିଁ। ସେ କହିଛନ୍ତି, ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ ପ୍ରଧାନମନ୍ତ୍ରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ସେତେବେଳେ ଏହି ସଫଳତାର ଶ୍ରେୟ ନେବାକୁ ସେ ବହୁ ପ୍ରଚେଷ୍ଟା କରିଥିଲେ। ଏବେ କେନ୍ଦ୍ରମନ୍ତ୍ରୀ ଏହି ପ୍ରସଙ୍ଗରେ କାହିଁକି ନୀରବ ବୋଲି ସେ ପ୍ରଶ୍ନ କରିଛନ୍ତି।

# ଟିଏଲ୍‌ଏମ୍ ଚଲମ୍‌ଙ୍କ ସ୍ତ୍ରୀଙ୍କ ସମେତ ୨ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୨।୮ (ଦୁର୍ଯ୍ୟୋଧନ ପାତ୍ର)

ତେଲେଙ୍ଗାନା ରାଚକୋଣ୍ଡା ପୋଲିସ ନିକଟରେ ୪୦ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ସୁଧାକର ଓରଫ ଟିଏଲ୍‌ଏମ୍ ଚଲମ୍‌ଙ୍କ ସ୍ତ୍ରୀ କାକଡାଲା ସୁନିତା ଓ ଚେତୁରୀ ହରିଶ ଶୁକ୍ରବାର ଆତ୍ମସମର୍ପଣ କରିଛନ୍ତି। ପ୍ରକାଶ ଯେ, ଗତ ଜୁନରେ ଛତିଶଗଡ ଅବୁଝମାଡରେ ହୋଇଥିବା ଗୁଳି ବିନିମୟରେ ସୁଧାରକ ନିହତ ହୋଇଥିଲେ। ତେବେ ସୁଧାକରଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ସୁନିତାଙ୍କ ଉପରେ ପୋଲିସର ନଜର ରହିଥିଲା। ସୁନିତା ଦଣ୍ଡକାରଣ୍ୟ ସ୍ପେସାଲ ଜୋନ୍ କମିଟିର ବରିଷ୍ଠ ସଦସ୍ୟା ଥିଲେ। ତେବେ ସୁଧାକରଙ୍କ ମୃତ୍ୟୁ ପରେ ସୁନିତା ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ନିଷ୍ପତ୍ତି ନେଇ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ଏଥିସହ ସରକାରଙ୍କ ଥଇଥାନ ନୀତିରେ ଅନୁପ୍ରାଣିତ ହୋଇ ଏପରି ପଦକ୍ଷେପ ନେଇଥିବା କହିଛନ୍ତି। ସେହିପରି ଅନ୍ୟଜଣେ ମାଓବାଦୀ ଚେତୁରୀ ହରିଶ ମଧ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇ ଇଚ୍ଛା କରି ଆତ୍ମସମର୍ପଣ କରିଥିବା ପୁଲିସ୍ ଅଧିକାରୀ ଜି. ସୁଧୀର ବାବୁ ସୂଚନା ଦେଇଛନ୍ତି।

# ୨ ଦିନ ହେଲା ପୁଅ ମୃତଦେହକୁ ଜଗିଛି ମା'

ଜଳେଶ୍ୱର,୨୨।୮ (ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ନାମୋ ପଞ୍ଚାୟତର ଦେଉଳବାଡ଼ ଗ୍ରାମରେ ରାଜୁ ବେଶ୍ରାଙ୍କ ପରିବାରକୁ ଡାହାଣୀ ସନ୍ଦେହରେ ୧୦ବର୍ଷରୁ ଅଧିକ ସମୟ ଧରି ନିଅଁ ପାଣି ବାସନ୍ଦ କରାଯାଇଛି। ଗୁରୁବାର ସନ୍ଧ୍ୟାରେ ରାଜୁ ବେଶ୍ରାଙ୍କ ୨୬ ବର୍ଷୀୟ ପୁଅ ମଦନଙ୍କର ମୃତ୍ୟୁ ହୋଇଥିଲା। ମୃତଦେହକୁ କେହି କାନ୍ଧ ଦେବାକୁ ନ ଆସିବାରୁ ଦୁଇ ଦିନ ହେଲା ପୁଅର ମୃତଦେହକୁ ଜଗି ରହିଛନ୍ତି ମା'। ମଦନ ୧୦ ଦିନ ତଳେ ବିଲରେ କାମ କରୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ। ସେହିଦିନଠାରୁ ସେ ଘରେ ଶଯ୍ୟାଶାୟୀ ହୋଇ ପକ୍ଷାଘାତ ପଡ଼ିତ ହୋଇଥିଲେ। ଗୁରୁବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଥିଲା। ମଦନଙ୍କ ମୃତ୍ୟୁକୁ ଦୁଇ ଦିନ ହୋଇଥିଲେ ମଧ୍ୟ ପିଣ୍ଡାରେ ମୃତଦେହ ପଡ଼ିଛି। ମା' ଚମ୍ପା ଜଗିରହିଛନ୍ତି। ଏ ସମ୍ପର୍କରେ ରାଜୁ ନାମୋ ପଞ୍ଚାୟତ ଏବଂ ସରପଞ୍ଚ ଲୋପାମୁଦ୍ରା ରାଉଙ୍କୁ ଜଣାଇଥିବା କହିଛନ୍ତି। ରାଜୁ ଅଭିଯୋଗ କରିଛନ୍ତି ଯେ, ତାଙ୍କ ସ୍ତ୍ରୀଙ୍କୁ ଡାହାଣୀ ସନ୍ଦେହରେ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ତାଙ୍କ ସାହି ଭାଇମାନେ ତାଙ୍କ ପରିବାରକୁ ଏକ ଘରକିଆ କରି ରଖିଛନ୍ତି। ଏପରିକି ୩ବର୍ଷ ତଳେ ତାଙ୍କ ବାପା ମେଘରାୟ ବେଶ୍ରା ମୃତ୍ୟୁବରଣ କରିବା ପରେ ଅନୁରୂପ ଭାବେ ମୃତଦେହ ପଡ଼ି ରହିଥିଲା ଏବଂ ବିଜୁ ବାହିନୀ ସତ୍କାର କରିଥିଲେ। ସାହି ବାସିନ୍ଦା ବୁଲା ମାରାଣ୍ଡି, କାଳିଆ ମାରାଣ୍ଡି କହିଛନ୍ତି, ମଦନଙ୍କ ମୃତ୍ୟୁ ସମ୍ପର୍କରେ ଆମ୍ଭମାନଙ୍କୁ କେ ଜଣାଇ ନାହାନ୍ତି, ମୃତଦେହ ସତ୍କାର ପାଇଁ ମଧ୍ୟ ଆମକୁ ଡାକି ନାହାନ୍ତି। ସରପଞ୍ଚ, ନାମୋ ପଞ୍ଚାୟତ ଅଧିକାରୀ ପ୍ରତିନିଧି ବହୁ ବୁଝାଇବା ପରେ ସାମାଜିକ ସଙ୍ଗଠନ 'ମେ ଆଇ ହେଲ୍ପ ୟୁ' ପହଞ୍ଚି ମୃତଦେହ ସତ୍କାର ପାଇଁ ନେଇଥିଲେ।

# ଯୁବ ସଂଯୋଗ କମିଟିର ପ୍ରଥମ ବୈଠକ

ଭୁବନେଶ୍ୱର,୨୨।୮(ରବିନାରାୟଣ ଜେନା)

ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ନବଗଠିତ ଯୁବ ସଂଯୋଗ କମିଟିର ପ୍ରଥମ ବୈଠକ ଶୁକ୍ରବାର କଂଗ୍ରେସଭବନରେ କମିଟିର ସଂଯୋଜକ ନଳିନୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦଳକୁ ତୃଣମୂଳସ୍ତରରେ ଦୃଢ଼ କରିବାକୁ ଆଲୋଚନା ହୋଇଥିଲା। ଯେଉଁ କର୍ମକର୍ତ୍ତା ନିଷ୍କ୍ରିୟ ହୋଇଛନ୍ତି କିମ୍ବା ସୁଯୋଗ ପାଇନାହାନ୍ତି ଏବଂ ଯେଉଁମାନେ କଂଗ୍ରେସ ସଂଗଠନରୁ ଦୂରେଇ ରହିଛନ୍ତି ସେମାନଙ୍କୁ ପୁନର୍ବାର ଦଳରେ ସାମିଲ କରାଇବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।


## OFFICE OF THE MUNICIPAL COUNCIL : KEONJHARGARH

email - keonjharm.hud@rediffmail.com

**Invitation for Bids (IFB) 'e' Procurement NOTICE**
**Bid Identification No. ODULB_KGM-15/2025-26**
**Letter No.6154/KGM/Date.21.08.2025**

**No.C-948** : On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in single cover system through e-Procurement.

1. Nature of work : **Civil Work and Electrical Work**
2. No. of work : **05 Nos.**
3. Value of works : **Rs.4,50,000/- to 19,99,300/-**
4. Date & Time of availability of Bid document in the portal : From **25.08.2025** at 11.00 A.M. up to **06.09.2025** at 5.30 P.M.
5. Date of opening of bid in portal : **10.09.2025** at 11.00 A.M.
6. Name & address of the Officer in Inviting Bid : EO, Keonjhargarh Municipality

Further details can be seen from Website : www.tendersorissa.gov.in

Sd./- Executive Officer
Keonjhargarh Municipality

OIPR-13115/11/0048/2526

## Bhubaneswar Municipal Corporation

No.41548/ Date: 21.08.2025
Phone:0674-2431253, Fax:0674-2432895,
E-mail:info@bmc.gov.in, Web:bmc.gov.in

**ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସାଧାରଣ ସୂଚନା**

No.C-953: ଭୁବନେଶ୍ୱର ମହାନଗର ନିଗମ ତରଫରୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଇଚ୍ଛୁକ ସ୍ୱୟଂ ସହାୟକ ଗୋଷ୍ଠୀ (SHG), ରେସିଡେଣ୍ଟ ୱେଲ୍‌ଫେୟାର ଆସୋସିଏସନ୍ (RWA) ଓ ବେସରକାରୀ ସେବା ସଂସ୍ଥା (NGO) ମାନେ ଭୁବନେଶ୍ୱର ମହାନଗର ନିଗମର ପରିବେଶ ବିଭାଗରୁ ବିନା ମୂଲ୍ୟରେ ଚାରା ସଂଗ୍ରହ କରିବା ସହ ଖାଲିଥିବା ଉପଯୁକ୍ତ ସ୍ଥାନରେ ବୃକ୍ଷରୋପଣ କରି ଏହାର ଯଥାର୍ଥ ରକ୍ଷଣାବେକ୍ଷଣ କରିବା ପାଇଁ ନିବେଦନ କରାଗଲା। ଏହି ପଦକ୍ଷେପରେ ଭୁବନେଶ୍ୱର ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସହିତ ସହରବାସୀଙ୍କ ଦୈନନ୍ଦିନ ଜୀବନରେ ମଧ୍ୟ ହିତକର ପରିବେଶ ସୃଷ୍ଟି ହେବ । ଏହା ସହରରେ ପ୍ରଦୂଷଣ ନିୟନ୍ତ୍ରଣ ଓ ସ୍ୱଚ୍ଛ- ସୁସ୍ଥ ପରିବେଶ ସୃଷ୍ଟିରେ ସହାୟକ ହେବ । ତେଣୁ ସମସ୍ତଙ୍କୁ ଏହି ଉଦ୍ୟମରେ ସକ୍ରିୟ ଭାଗ ନେବାକୁ ଓ ବୃକ୍ଷରୋପଣ ସହ ତାହାର ରକ୍ଷଣାବେକ୍ଷଣରେ ଆଗକୁ ଆସିବାକୁ ଆହ୍ୱାନ କରାଯାଉଅଛି ।

ସ୍ୱା./–ଉପ ଆୟୁକ୍ତ (ପରିବେଶ)
ଭୁବନେଶ୍ୱର ମହାନଗର ନିଗମ

OIPR-13002/11/0243/2526

## GOVERNMENT OF ODISHA
## DEPARTMENT OF WATER RESOURCES
## Office of the Additional Chief Engineer, Drainage Circle, Balasore

No.A-534

Email id : sedcbls@yahoo.com

**"e" PROCUREMENT NOTICE NO. ACEDCBLS-10/2025-26**

| | | | |
|---|---|---|---|
| 1 | Name of work | : | Drainage works (Under **D.I.P.** Scheme) |
| 2 | Total No. of project | : | 1 No. of Individual work |
| 3 | Estimated cost of individual works | : | Rs.2,49,22,575/- (Excluding G.S.T) |
| 4 | Period of completion | : | 11 (Eleven) Calendar months |
| 5 | Bid Identification Number | : | **ACEDCBLS/DDJPR-01-10/2025-26** |
| 6 | Date & Time of availability of Bid document in the Portal | : | From Dt.22.08.2025 at 10.00 hours to Dt.08.09.2025 at 17.00 hours |
| 7 | Date of Opening of technical bid | : | Dt.09.09.2025 at 11.30 hours in the Office of the Additional Chief Engineering, Drainage Circle, Balasore |
| 8 | Date of Opening of Financial bid | : | To be uploaded in portal |
| 9 | Class of Contractor | : | "B" & "A" Class |
| 10 | Bid Security/EMD | : | Rs.2,49,226.00 |
| 11 | Cost of Tender Paper | : | Rs.10,000.00 |
| 12 | Date of Lottery (if required) | : | To be notified |
| 13 | Procurement Officer/ Name & address of the officer inviting Bids | : | Additional Chief Engineer, Drainage Circle, Balasore |

**Further details can be seen from the Govt. Website www.tendersorissa.gov.in**

Sd./- Additional Chief Engineer
Drainage Circle, Balasore

OIPR-32190/11/0026/2526

## ODISHA PUBLIC SERVICE COMMISSION CUTTACK

**NOTICE**

**No. 6023/PSC., Dt. 21.08.2025**
**(1E-08-2024/25)(DR-II)**
Website - http://www.opsc.gov.in

**No.D-182** : It is for information of all concerned that the Written Examination for recruitment to the posts of Assistant Professor (Super Speciality) of Government MCHs under Health & Family Welfare Department, Odisha pursuant to Advertisement No. 34 of 2023-24 will be held **on 25.09.2025 (Thursday)** as per the programme indicated below. The detailed programme along with venue shall be notified later.

**PROGRAMME OF EXAMINATION**

| Date | Time | Disciplines |
|---|---|---|
| 25.09.2025 (Thursday) | 10.00 A.M. to 1.00 P.M. | 1. Cardiology |
| | | 2. C.T.V.S. |
| | | 3. Endocrinology |
| | | 4. Hepatology |
| | | 5. Urology |
| | | 6. Endocrine Surgery |
| | | 7. Clinical Immunology and Rheumatology |
| | | 8. Pulmonary Medicine |

The concerned candidates are advised to visit the website of OPSC (www.opsc.gov.in) regularly for further updates.

OIPR-12002/11/0297/2526 Sd./- Secretary

## Government of Odisha
## Department of Social Security & Empowerment of Persons with Disabilities

SSEPD-SS1-MISC-0007-2021 No.9646/SSEPD Dt.22.08.2025

**Extension of last date for submission of Expression of Interest (EoI)**

**No.gg-22** : The last date of submission of Expression of Interest (EoI) invited from reputed and interested Corporate Houses for supervision and overall management of Integrated Infrastructure Complexes (IIC) in Khordha, Cuttack, Puri, Bhadrak, Sambalpur, Kandhamal, Ganjam and Sundargarh districts, directly or through any executing agency in this Department Notice No. 6712/SSEPD, Dated 20.06.2025 and Corrigendum Notice No. 7919/SSEPD, Dated 18.07.2025 is hereby extended to 31.08.2025 (4.00 PM).

All other terms and conditions of the EoI will remain unaltered.

Sd./- Director, SSEPD
SSEPD Department

OIPR-46001/11/0062/2526

## ZILLA SWASTHYA SAMITI, KANDHAMAL

Office of the CDM&PHO-cum-District Mission Director, NHM, Kandhamal, Odisha, 762001

**Advt. No. 10344/NHM/25** **Dt. : 21.08.2025**

**TENDER CALL NOTICE**

**No.E-339** : Sealed tenders are invited from the interested eligible bidders for supply of vehicles under RBSK-MHT/ MHU/ /DMPU/BPMU/ Hiring of Muilti Utility vehicle and Hiring of Passenger carriage vehicle on day basis under CDM&PHO, Kandhamal. The eligible criteria, the terms of reference and the formats for submission of bid as set forth in the tender document can be downloaded from the website www.kandhamal.nic.in. Interested bidders fulfilling the eligibility criteria may submit their proposal(s) with EMD & document as per tender call notice. The bidders have to submit their proposal(s) at the O/o: The CDM & PHO cum District Mission Director, Kandhamal, DHH, Phulbani. Proposal(s) complete in all respect should reach the undersigned on or before **5.00 P.M. of 15 .09.2025** through Regd. / Speed Post/ Courier and the same will be opened on **17.09.2025 at 11.30 A.M.** The undersigned reserves the right to reject any or all the tender(s) without assigning any reason thereof.

Sd./- CDM & PHO cum District Mission Director
Kandhamal

OIPR-10015/11/0032/2526

## INSTITUTE ON MANAGEMENT OF AGRICULTURAL EXTENSION (IMAGE)

*(AN AUTONOMOUS INSTITUTE OF GOVERNMENT OF ODISHA)*
Siripur, BHUBANESWAR-751003, Odisha
Ph. - (0674) 2562151, Fax - 2561879, E-mail : imagebbsr@rediffmail.com

**WALK-IN-INTERVIEW**

**No.CAD-1580** : Walk-in-Interview will be conducted for the position of **SPMU-State Technical Coordinator** under Green-Ag Project, Odisha at **IMAGE, Bhubaneswar** on **10.09.2025** as per the schedule. For details of advertisement, the departmental website : **www.agri.odisha.gov.in** / **www.image.odisha.gov.in** may be referred for eligibility, remuneration, place of posting etc. No TA / DA are admissible for attending the Interview. It is the complete discreation of the authority to cancel / reject / modify the selection process at any point of time without assigning any reason thereof.

OIPR-01408/11/0023/2526 Sd./- Director, IMAGE

## ODISHA LIFT IRRIGATION CORPORATION LTD.

**(A Government of Odisha Undertaking)**
**Plot No.N-17/2, Nayapalli, Bhubaneswar-751012**
**Phone No.:(0674) 2390195 (Off), Fax No.(0674) 2395844**
**E-Mail ID:olicltd123@bsnl.in, olicltd@ymail.com, http://odishalift.com**

**NATIONAL COMPETITIVE BIDDING THROUGH e-Procurement (Re-Bid)**

**No.IT-107/2025-6805/OLIC, Dated 19.08.2025**

**No.CAD-1515:**The Managing Director, OLIC Ltd., Bhubaneswar invites online tender in percentage rate through e-procurement for installation, electrification, energisation & commissioning of deep bore wells in different districts of Odisha State. Interested Bidders may visit website: www.tendersodisha.gov.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.

**Important features of this NCB are as under:**

- A. Brief Description of Work: Installation, electrification, energisation & commissioning of Deep Borewells in Kalahandi, Nabarangpur & Koraput districts (05 Packages).
- B. Estimated Cost of Works : Varies from Rs.1260.80 Lakhs to Rs.1627.65 Lakhs.
- C. Date and Time of availability of bid document in the Portal : From dt.25.08.2025 to dt.16.09.2025 upto 17.00 Hours.
- D. Last date/time for receipt of bid in the Portal : Dt.16.09.2025 upto 17.00 Hours.
- E. Last date of seeking clarification : Dt.03.09.2025 upto 17.00 hours

F. Technical Bid will be opened on- Dt.17.09.2025 at 11.00 Hours.

Any Addendum/ Corrigendum/ Cancellation of tender will be available in the said website. Authority reserves the right to accept/ reject any or all the tenders, increase or decrease the quantities of work put to bidding without assigning any reasons thereof.

Sd./- Managing Director
OLIC LTD., Bhubaneswar

OIPR-32135/11/0062/2526

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, RAYAGADA

Email ID-ccerwcrayagada@gmail.com
Letter No.1760 / Date:21.08.2025

**1ST CORRIGENDUM**

No.O-:In Continuation to this office bid identification No.NCB-14/RWCRGDA/2025-26 invited vide this office letter No.1565 dated 31.07.2025 partial modification of TCN has been made as follows:

| Sl. No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability of tender online for bidding | Dt.11.08.2025 at 11.00 AM to Dt.26.08.2025 upto 5.00 P.M. | Extended from Dt.26.08.2025 at 5.00 PM upto 5.00 PM of Dt.16.09.2025 |
| 2 | Date & Time of seeking tender clarification if any | Dt.25.08.2025 upto 5.00 PM | Dt.15.09.2025 upto 5.00 PM |
| 3 | Date & Time of opening of tender (Technical Bid) | Dt.29.08.2025 at 11.00 AM | Dt.17.09.2025 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms & conditions will remain unchanged.

OIPR-25196/11/0030/2526 Sd./- Chief Construction Engineer, RW Circle, Rayagada

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, RAYAGADA

Email ID-ccerwcrayagada@gmail.com
Letter No.1769, / Date:21.08.2025

**1ST CORRIGENDUM**

No.O-:In Continuation to this office bid identification No.NCB-15/RWCRGDA/2025-26 invited vide this office letter No.1576 dated 31.07.2025 partial modification of TCN has been made as follows:

| Sl. No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability of tender online for bidding | Dt.11.08.2025 at 11.00 AM to Dt.26.08.2025 upto 5.00 P.M. | Extended from Dt.26.08.2025 at 5.00 PM upto 5.00 PM of Dt.16.09.2025 |
| 2 | Date & Time of seeking tender clarification if any | Dt.25.08.2025 upto 5.00 PM | Dt.15.09.2025 upto 5.00 PM |
| 3 | Date & Time of opening of tender (Technical Bid) | Dt.29.08.2025 at 11.00 AM | Dt.17.09.2025 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms & conditions will remain unchanged.

OIPR-25196/11/0029/2526 Sd./- Chief Construction Engineer, RW Circle, Rayagada

See Career Appointment on every Wednesday & Saturday

## OFFICE OF THE EXECUTIVE ENGINEER
## BRUTANG IRRIGATION DIVISION: DASAPALLA, NAYAGARH

ଓଡ଼ିଶା ସରକାର

E-mail: eebiddasapalla@gmail.com
No.982, Date:21.08.2025

**NOTICE INVITING TENDER**

**Bid Identification No.EE-BID-BIP-04 (01) of 2025-26, Dt.21.08.2025**
**'e' Procurement Notice No.EE-BID-04(01)/ 2025-26, Dt.21.08.2025**

No.A-541: Invites online percentage rate tender in single cover through e-procurement for execution of the P.H. & Sanitary works. The bid should be submitted by eligible class of contractors mentioned below.

1. Type of Work: P.H. & Sanitary works of administrative building for Chief Construction Engineer, Brutang & Hadua Irrigation Project, At-Dasapalla Irrigation Colony, District-Nayagarh. 2. Total No. of Works: 01 No. 3. Approximate value of Work: Rs.30.99 lakh/- (Excluding GST). 4. Tender Paper Cost: Rs.6,000/-. 5. Bid Security/ E.M.D.: Rs.31,000/-, 6. Period of Completion: 04 (Four Calendar Months). 7. Class of Contractor: C & B Class of Contractor

| | e-Procurement Notice No. | Approximate Value | Availability of online viewing of Tender prior to Bidding | | Submission & Availability bid online | Date & Time of Opening of Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Brutang Irrigation Division, At/PO-Dasapalla, Dist-Nayagarh, Odisha, Pin-752084 | EE, BID-04 (01)/2025-26 | Rs.30.99/- (Excluding GST) | 01.09.2025 (10.00 AM) | 15.09.2025 (Upto 5.00 P.M.) | 01.09.2025 (10.00 AM) to 15.09.2025 (upto 5.00 PM) | 16.09.2025 at 11.00 AM |

Date of Opening of Bid: **Dt.16.09.2025 at 11.00 AM** in the O/o The Executive Engineer, Brutang Irrigation Division, Dasapalla, Nayagarh, Odisha, PIN-752084. Further details can be seen from the Govt. Website **www.tendersorissa.gov.in.**
The **Corrigendum/ Cancellation** of Tender, if any, will be uploaded and can be seen from the above website only.

OIPR-32553/11/0002/2526 Sd./- Executive Engineer, Brutang Irrigation Division, Dasapalla

## OFFICE OF THE REGISTRAR
## VIKRAM DEV UNIVERSITY, JEYPORE, KORAPUT, ODISHA

**No.1071/VDU/25** **DATE. : 22.08.2025**

**WALK IN INTERVIEW**

**No.CAD-1570** : A walk-in-interview for engagement of Assistant Professors in the Department of Computer Science and Business Administration of Vikram Dev University, Jeypore on contractual basis for the session 2025-2026 will be held on 04.09.2025 and 06.09.2025 respectively . Candidates having First Class in Master in Computer Application /Master in Computer Science/Master of Technology in Computer Science are eligible to apply for the post of the Assistant Professors. (Preference will be given to candidates having specialization in AI & ML, Cyber Security and Software Engineering).

Candidates having First Class in Master of Business Administration are eligible to apply for the Post of Assistant Professor of Business Administration (Preference will be given to candidates having specialization in Operation Management and Logistic & Supply Chain Management).

Preference will be given to the candidates having NET/Ph.D.

The candidates must submit filled in Bio-data proforma with all relevant documents in original and self attested photocopies before the Board failing which the applicant will not be allowed to appear in the interview. No TA/DA will be paid for attending the interview. The interview will be held as per the date and time mentioned below, for more details, please visit the University **website. http//vikramdevuniversity.ac.in**.

| Date & Time | Subjects | No. of Faculty Required | Venue |
|---|---|---|---|
| 04.09.2025 10.00 A.M. | Master of Computer Science | 03 | Vice-Chancellor's Office Chamber |
| 06.09.2025 10.00 A.M. | Master in Business Administration | 03 | Vice-Chancellor's Office Chamber |

Sd./- REGISTRAR
VIKRAM DEV UNIVERSITY, JEYPORE

OIPR-11133/11/0012/2526

# ୨୮ରେ ସରିବ ରାଜସ୍ଥାନ କଟନ ଫାବ୍

ଭୁବନେଶ୍ୱର,୨୨।୮

ଦୀର୍ଘ ୧ ମାସରୁ ଅଧିକ ସମୟ ହେବ ଭୁବନେଶ୍ୱରର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆଠାରେ ଜାରି ରହିଥିବା ରାଜସ୍ଥାନ କଟନ ଫାବ୍ ଆସନ୍ତା ୨୮ (୨୦୨୫ ଅଗଷ୍ଟ ୨୮) ରେ ଶେଷ ହେବାକୁ ଯାଉଛି। ଏ ନେଇ ମେଳାର ଆୟୋଜକଙ୍କ ପକ୍ଷରୁ ଆକର୍ଷଣୀୟ ରିହାତି ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଅପରପକ୍ଷରେ ମେଳା ସରିବାକୁ ଯାଉଥିଲାବେଳେ ଗ୍ରାହକ ଭିଡ଼ ଦିନକୁ ଦିନ ସେହି ପରିମାଣରେ ବୃଦ୍ଧି ପାଉଛି। ଫଳରେ ବ୍ୟବସାୟ ବେଶ୍ ଆଶାଜନକ ଓ ଉତ୍ସାହଜନକ ରହିଛି। ସେହିଭଳି ମେଳା ପରିସରରେ ପଡିଥିବା ଷ୍ଟଲ୍‌ଗୁଡିକର ଭିଡ଼ରୁ ଏହା ସ୍ପଷ୍ଟ ଜଣାପଡୁଛି।

ସେହିପରି ୨୦୨୫ ଅଫର ଅଗଷ୍ଟ ୨୮ରେ ଶେଷ ହେବାକୁ ଥିବା ଏହି ମେଳାରେ ଦେଶର ସମସ୍ତ ଭାଗର ଲୋକପ୍ରିୟ ସାମଗ୍ରୀ ପଡିଥିଲାବେଳେ ବ୍ୟବସାୟୀ ରିହାତି ମୂଲ୍ୟରେ ଗ୍ରାହକଙ୍କୁ ସେମାନଙ୍କର ପସନ୍ଦର ସାମଗ୍ରୀ ଯୋଗାଇ ଦିଆଯାଉଛି। ଏପରିକି ପ୍ରତି କ୍ରୟ ଉପରେ ୨୦% ପର୍ଯ୍ୟନ୍ତ ଆକର୍ଷଣୀୟ ରିହାତି ପ୍ରଦାନ କରାଯାଉଛି। ରାଜସ୍ଥାନ କଟନ ଫାବ୍‌ରେ ମୋଟ ୨୦୦ଟି ଷ୍ଟଲ୍ ପଡିଥିଲାବେଳେ ହସ୍ତତନ୍ତ୍ର, ହସ୍ତଶିଳ୍ପ ଓ ଖାଦ୍ୟ ସାମଗ୍ରୀ ପାଇଁ ସ୍ୱତନ୍ତ୍ର ଷ୍ଟଲ କରାଯାଇଛି।

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୨୨।୮

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ୬୯୪ (୬୯୩.୮୬) ପଏଣ୍ଟ ହ୍ରାସ ଘଟି ୮୧,୩୦୭ (୮୧,୩୦୬.୮୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୨୧୪ (୨୧୩.୬୫) ପଏଣ୍ଟ କମି ୨୪,୮୭୦ (୨୪,୮୭୦.୧୦) ଅଙ୍କରେ କାରବାର ଶେଷ ହୋଇଥିଲା।

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646



D-1729

# ୨୭ରେ ଭାରତ ପ୍ରତିଭା ସମ୍ମାନ ସମାରୋହ

କଟକ,୨୨।୮(କାର୍ତ୍ତିକ ସାହୁ)

ଭାରତ ମସଲାର ପ୍ରମୁଖ ସାମାଜିକ ପ୍ରତିଷ୍ଠାନ ତଥା ଜୟ ଭାରତ ଫାଉଣ୍ଡେଶନ ପକ୍ଷରୁ ୨୬ତମ ଭାରତ ପ୍ରତିଭା ସମ୍ମାନ ସମାରୋହ ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଜୟ ଭାରତ ଫାଉଣ୍ଡେଶନ ପକ୍ଷରୁ ଶୁକ୍ରବାର କଟକର ସାରଳା ଭବନଠାରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ଜୟ ଭାରତ ଫାଉଣ୍ଡେଶନର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା ଯୋଗଦେଇ କୃତୀ ପ୍ରତିଭାମାନଙ୍କ ନାମ ଘୋଷଣା କରିଥିଲେ। ଏପରିକି ଆସନ୍ତା ଗଣେଶ ପୂଜା ଅବସରରେ କଟକର ରାମଦାସପୁରସ୍ଥିତ ଭାରତ ମସଲା ପରିସରରେ ଆୟୋଜିତ ହେବାକୁଥିବା ୨୬ତମ ଭାରତ ପ୍ରତିଭା ସମ୍ମାନ ଏବଂ ଭାରତ ମସଲାର ପ୍ରତିଷ୍ଠା ଦିବସରେ କୃତୀ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ପଣ୍ଡା ସୂଚନା ଦେଇଛନ୍ତି।



ପୋଷ୍ଟର ଉନ୍ମୋଚନ ଅବସରରେ ଭାରତ ମସଲା ଏବଂ ଜୟ ଭାରତ ଫାଉଣ୍ଡେଶନର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ସେହିଭଳି ପଣ୍ଡାଙ୍କ ସୂଚନାନୁସାରେ, ପୂର୍ବତନ ଭାରତୀୟ ସେନା ଅଧିକାରୀ ଦୁର୍ଯ୍ୟୋଧନ ମହାନ୍ତିଙ୍କୁ ଭାରତ ଗୌରବ ସମ୍ମାନ, ଡିଏଭି ସ୍କୁଲ ଓଡ଼ିଶା ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀଙ୍କୁ ସେବା ଭାରତ ସମ୍ମାନ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଡ. ଅରବିନ୍ଦ ବେହେରାଙ୍କୁ କଥା ଭାରତ, ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ଡ. ଶ୍ୱେତ କୁମାର ଦାଶଙ୍କୁ ସଂସ୍କୃତି ଭାରତ, ଏସିଆନ୍ ରୌପ୍ୟବିଜୟୀ କିଶୋର ଚନ୍ଦ୍ର ଜେନାଙ୍କୁ କ୍ରୀଡ଼ା ଭାରତ ଏବଂ ତପେଶ୍ୱର ବାଗ୍, ଆର୍ଚ୍ଛିଚିନ୍ମୟୀ ପ୍ରଧାନ ଓ ପ୍ରିୟଦର୍ଶିନୀ ଗଡ଼ନାୟକଙ୍କୁ ବିଦ୍ୟା ଭାରତ ସମ୍ମାନ ପ୍ରଦାନ କରାଯିବ। ସେହିପରି ଉକ୍ତ ସମ୍ମିଳନୀରେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ସାଧାରଣ ପରିଚାଳକ ଅଶ୍ୱିନୀ କୁମାର ଦାସ, ସାଧାରଣ ପରିଚାଳକ(ଅପରେଶନ) ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ରିଅଲ୍‌ମି ପି୪ ସିରିଜ

ଭୁବନେଶ୍ୱର,୨୨।୮

ରିଅଲ୍‌ମିର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ରିଅଲ୍‌ମି ପି୪ ସିରିଜର ଅନାବରଣ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏପରିକି ଏହାର ରିଅଲ୍‌ମି ପି୪ ପ୍ରୋ ଓ ରିଅଲ୍‌ମି ପି୪ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଅପରପକ୍ଷରେ ଫ୍ଲାଗ୍‌ଶିପ-ଲେଭେଲ ଉଦ୍ଭାବନଗୁଡିକ ସହ ନିର୍ମିତ ଏହି ସିରିଜ ଡୁଆଲ-ଚିପ ପରିଚାଳିତ କାର୍ଯ୍ୟଦକ୍ଷତା, ପ୍ରୋ-ଗ୍ରେଡ୍ ଗେମିଂ, ସିନେମାଟିକ ଡିସ୍‌ପ୍ଲେ ଓ ସାରାଦିନର ସହନଶୀଳତା ଆଣିଛି। ଏ ସମ୍ପର୍କରେ ରିଅଲ୍‌ମି ଇଣ୍ଡିଆର ଚିଫ୍ ମାର୍କେଟିଂ ଅଫିସର ଫ୍ରାନ୍ସିସ ୱଙ୍ଗ କହିଛନ୍ତି, ସ୍ୱତନ୍ତ୍ର ଭାବେ ଭାରତ ପାଇଁ ଡିଜାଇନ କରାଯାଇଥିବା ପି୪ ପ୍ରୋ ଓ ପି୪ କେବଳ ପ୍ରତିଦ୍ୱନ୍ଦ୍ୱିତା କରୁନାହାନ୍ତି ବରଂ ପ୍ରତ୍ୟେକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଅତିକ୍ରମ କରୁଛନ୍ତି। ଏହା ନିଶ୍ଚିତ ରୂପେ ୨୦,୦୦୦ ଟଙ୍କାରୁ କମ୍ ମୂଲ୍ୟ ବର୍ଗରେ ସର୍ବୋତ୍ତମ ସ୍ମାର୍ଟଫୋନ ବୋଲି କୁହାଯାଉଛି।

# ଏସ୍‌ଏଲ୍‌ବିସି ପକ୍ଷରୁ ସିକେୱାଇସିଆର୍‌ଆର୍ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୨।୮ (ଅଭୟ ଦାଶ)

ଷ୍ଟେଟ ଲେଭଲ ବ୍ୟାଙ୍କର୍ସ କମିଟି (ଏସ୍‌ଏଲ୍‌ବିସି)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ସିକେୱାଇସିଆର୍‌ଆର୍ ସଚେତନତା କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର କଣ୍ଟ୍ରୋଲିଂ ମୁଖ୍ୟ, ନାବାର୍ଡ, ସିଡ୍‌ବି ଏବଂ ଏନ୍‌ଏଚ୍‌ବିର ଅଧିକାରୀଙ୍କ ସମେତ ୧୫୦ରୁ ଅଧିକ ବ୍ୟକ୍ତିବିଶେଷ ପ୍ରମୁଖ ଯୋଗଦେଇଥିଲେ। ଅପରପକ୍ଷରେ ୟୁକୋ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ତଥା ଓଡ଼ିଶା ଏସ୍‌ଏଲ୍‌ବିସିର ଆବାହକ ଗୌତମ ପାତ୍ର ସ୍ୱାଗତ ଅଭିଭାଷଣ ସହ ଅତିଥିଙ୍କର ପରିଚୟ ପ୍ରଦାନ କରିଥିଲେ।

ସେହିଭଳି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର କେନ୍ଦ୍ରୀୟ କାର୍ଯ୍ୟାଳୟ ମୁଖ୍ୟ ମହାପ୍ରବନ୍ଧକ ଏସ୍.ଏସ୍ .କେ. ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କେୱାଇସି-ଏଏମ୍‌ଏଲ୍‌ର ଗୁରୁତ୍ୱ ଉପରେ ବିସ୍ତୃତ ଆଲୋଚନା କରିଥିଲେ।




ସେର୍‌ସାଇ (ସିଇଆର୍‌ଏସ୍‌ଏଆଇ)ର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଉମେଶ କେ. ସିଂ ସିକେୱାଇସିଆର୍‌ଆର୍‌ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଫିଉ-ଇଣ୍ଡ (ଏଫ୍‌ଆଇୟୁ-ଆଇଏନ୍‌ଡି)ର ଡେପୁଟି ଡାଇରେକ୍ଟର ସିଉଜ କୁମାର ସାଇକିଆ ଏଏମ୍‌ଏଲ୍ ଓ ଆତଙ୍କବାଦୀ ପାଣ୍ଠିର ଯାଞ୍ଚ ଉପରେ ଉପସ୍ଥାପନା କରିଥିଲେ।

ସେର୍‌ସାଇର ଉପ-ମହାପ୍ରବନ୍ଧକ ଭି.ପି. ସିଂ ସିକେୱାଇସିଆର୍‌ଆର୍‌ର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ।

ପରିଶେଷରେ ଓପନ ହାଉସ୍ ସେସନର ସନ୍ଦେହ ଦୂରୀଭୂତ କରାଯାଇଥିଲା। ୟୁକୋ ବ୍ୟାଙ୍କ ପ୍ରଧାନ କାର୍ଯ୍ୟାଳୟର ମହାପ୍ରବନ୍ଧକ ସରୋଜ ରଞ୍ଜନ ନାୟକ ବିଦାୟୀ ମନ୍ତବ୍ୟ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଟାଟା ପାୱାରର ନୂତନ ଅଭିଯାନ

ଭୁବନେଶ୍ୱର,୨୨।୮

ଟାଟା ପାୱାରର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ନୂତନ ଅଭିଯାନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ଡିସ୍‌କମ୍‌ଗୁଡ଼ିକ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍), ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍), ଟିପି ନଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ଓ ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍)ର ଗ୍ରାହକ ସେବାକୁ ସରଳୀକରଣ କରିବା ସହ ଡିସ୍‌କମ୍ ମଧ୍ୟରେ ଥିବା ସମ୍ପର୍କରେ ମଧ୍ୟ ବ୍ୟାପକ ଉନ୍ନତି ଆଣିଛନ୍ତି। ଏପରିକି ଡିଜିଟାଲ ପ୍ଲାଟ୍‌ଫର୍ମର ବ୍ୟାପକ ନେଟ୍‌ୱର୍କ, ଗ୍ରାହକ ସେବା କେନ୍ଦ୍ର, ଗ୍ରାମୀଣ ଯୋଗାଯୋଗ ଅଭିଯାନ ଏବଂ ଗୋଷ୍ଠୀ ପରିଚାଳିତ ମଡେଲ ଭଳି ବ୍ୟବସ୍ଥା ସାଙ୍ଗକୁ ଡିସ୍‌କମ୍‌ଗୁଡ଼ିକ ବିଦ୍ୟୁତ୍ ସେବାକୁ ପ୍ରାୟ ୧୦ ଲକ୍ଷ ବିଦ୍ୟୁତ୍ ଗ୍ରାହକଙ୍କ ନିକଟତର କରିବା ସହ ସ୍ୱଚ୍ଛ ଓ ଗ୍ରାହକ କୈନ୍ଦ୍ରିକ କରିପାରିଛନ୍ତି। ବିଦ୍ୟୁତ୍ ସେବାକୁ ଯେକୌଣସି ସମୟରେ ଯେକୌଣସିଠାରେ ଉପଲବ୍ଧ କରିବା ଲାଗି ଗତ ୫ ବର୍ଷ ମଧ୍ୟରେ ଡିସ୍‌କମ୍‌ଗୁଡ଼ିକ ବହୁ ସଂଖ୍ୟକ ପ୍ରଯୁକ୍ତି ଆଧାରିତ ଗ୍ରାହକ ସମାଧାନ ଆରମ୍ଭ କରିଛନ୍ତି। ଗ୍ରାହକମାନେ ନୂଆ ବିଦ୍ୟୁତ୍ ସଂଯୋଗ ହାସଲକରିବା ଲାଗି ଅନ୍‌ଲାଇନ କିମ୍ବା କେବଳ ଏକ ମିସ୍‌ଡ କଲ୍ ସେବା ଜରିଆରେ ଆବେଦନ କରିପାରୁଛନ୍ତି। ଫଳରେ ଡିସ୍‌କମ୍‌ଗୁଡ଼ିକର କାର୍ଯ୍ୟାଳୟ ପରିଦର୍ଶନ ଓ କାଗଜପତ୍ର କାମ ଆବଶ୍ୟକତା ଦୂରହୋଇପାରିଛି। ପେମେଣ୍ଟ, ସେବା ଅନୁରୋଧ, ବିଲିଂ ହିଷ୍ଟ୍ରି ଓ ବାସ୍ତବ ସମୟ ଅପ୍‌ଡେଟ୍ ପାଇଁ ମାଇଁ ଟାଟା ପାୱାର ଆପ୍ ଏକ ସିଙ୍ଗଲ ୱିଣ୍ଡୋ ପ୍ଲାଟ୍‌ଫର୍ମରେ ପରିଣତ ହୋଇଛି। ଓଡ଼ିଶାର ଉଭୟ ଗ୍ରାମୀଣ ଓ ସହରାଞ୍ଚଳ ଗ୍ରାହକଙ୍କୁ ସହାୟତା ପ୍ରଦାନ କରିବା ଲାଗି ଟାଟା ପାୱାର ପକ୍ଷରୁ ପ୍ରତ୍ୟକ୍ଷ ଟଚ୍ ପଏଣ୍ଟରେ ବ୍ୟାପକ ନିବେଶ କରାଯାଇଛି।

# Classified Everyday

0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 8249976746, 7978660091. D-1698

Book 3BHK premium flat at Pokhariput, Near Govt. Hospital & LIC zonal office. 6000/- per sqft. 7978584549. D-1725




Newly open Jyoti Spa positively heath benefits (Expert therapist). Contact- 8458067955. D-76933

Newly open health benefits SPA by expert therapist Contact 9114559830. D-1661

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## AFFIDAVIT

By virtue of an affidavit sworn before the Executive Magistrate, Balangir, No.2952, date- 21.08.25, I Sunil Kumar Bagarty, R/o. At. Siletkani, P.O.- Badabandh, P.S.- Deogaon, Dist.- Balangir, Odisha declare that I have changed my name from Sunil Bagartti to Sunil Kumar Bagarty. Henceforth, I shall be known as Sunil Kumar Bagarty for all purposes.
Sunil Kumar Bagarty
D-1729

By virtue of an affidavit sworn before the Executive Magistrate, Boudh, No.885, date 22.05.25, I Suresh Padhihari, R/o. Village- Ichhapur, P.S.- Badhigaon, P.S.-/Dist.- Boudh, Odisha, PIN-762026 declare that I have changed my son's name from Pratyush Padhihari to Pratyush Kumar Padhihari. Henceforth, he shall be known as Pratyush Kumar Padhihari for all purposes.
Suresh Padhihari
D-1728

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit before Executive Magistrate, Bhadrak dtd- 18.08.2025, I Subasini Lenka, W/o.- Ramesh Lenka, Vill.- Daipur, P.O.- Narayanpur, P.S.- Dhamnagar, Dist.- Bhadrak declare that I have changed my name from Sinalata Lenka to Subasini Lenka. Henceforth, I shall be known as Subasini Lenka for all future purposes. D-1733

By virtue of an affidavit sworn before the Executive Magistrate, Jamankira No.523 date- 07.08.2025, I Haresh Pruseth, R/o Village.- Tabalakata, P.O.- Boxma, P.S.- Kuchinda, Dist.- Sambalpur declare that in my saving pass book my name has been mentioned as Haresh Chandra Pruseth, But my correct name is Haresh Pruseth which is recorded in my Aadhaar card and PAN card. That both the name is one and same person. D-1727

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

By virtue of an affidavit sworn before the Notary Public, Bhubaneswar on dtd- 21st August, 2025, I Mrs. Suprava Behera, address: At.- FCI Chhaka, P.O.- Arabinda Nagar, P.S.- Phulabani Town, Dist.- Kandhamal, PIN- 762001, Odisha have changed my name from "Suprava Sethi" to "Suprava Behera". Henceforth, I shall be known as "Suprava Behera" for all purposes.
Suprava Behera
D-1736

By virtue of an affidavit sworn before the Executive Magistrate, Bhubaneswar dated- 18.08.2025. I Madhusudan Sahoo, S/o- Dharmu Sahoo permanent resident of At- Naruda, P.S.- Balanga, P.O.- Sahadapada, Dist.- Puri, Odisha- 752105 declare that I have changed my son's name from Baswdev Sahoo to Basudeva Sahoo, he shall be known as Basudeva Sahoo for all purposes. D-1735

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

I, Bhagyalekha Mohapatra, W/o- Pradipta Kumar Mohapatra, Plot- 364/3022, Anandvihar, lane-3, Chauliaganj, Cuttack- 753004, state by virtue of an Affidavit No.- 7459, dt- 21.08.2025 before Executive Magistrate, Cuttack Sadar that have changed my name from Basanti Mohapatra to Bhagyalekha Mohapatra. Henceforth I shall be known as Bhagyalekha Mohapatra for all purposes. D-1726

I, Manmohan Dash, S/o- Gangadhra Dash, resident of Dashagoba, P.O./P.S.- Chandanpur, Dist- Puri, PIN- 752012, Odisha declare by this affidavit No.- 40110, dtd- 20.08.2025 that now onwards I shall be known as Manamohan Dash for all future purposes. D-1734

By virtue of an affidavit sworn before the Executive Magistrate, Boudh, No.-1179 date- 22.08.25. I, Sumanta Sahu, R/o. Village- Badapal, P.O.- Mundapada, P.S./Dist.- Boudh, Odisha, Pin- 762014 declare that I have changed my daughter's name from Shreeram Sahu to Shremayee Sahu. Henceforth she shall be known as Shremayee Sahu for all purposes.
Sumanta Sahu
D-1730

## LEGAL NOTICE

IN THE COURT OF THE ADDL. COMMISSIONER, CONSOLIDATION AND SETTLEMENT, ODISHA, NAYAGARH.

Notice Under Order- 5 rule- 20 of the Code of Civil Procedure

Notice by paper publication

In the Matter of:

Revision petition Case No.- 107/2025

1.) Matia Sethi, 2.) Jaya Sethi, both are S/o- late- Bhudhi Sethi, 3). Hadiani Sethi, W/o- Late- Arapati Sethi, 4). Prakash Kumar Sethi, 5). Pramod Kumar Sethi Both are S/o- Late- Arapati Sethi, all are of Vill/ At.- Kantabania, P.O.- Gambharidihi, P.S.- Sarankul, District- Nayagarh

..... Petitioners

Vrs

1). Trinath Sethi, S/o- Late- Banamali Sethi, 2). Kalika Sethi, W/o- Late- Gobinda Sethi, 3). Kumari Sethi, D/o- Late- Gobinda Sethi, 4). Saudamini Sethi, W/o- Late- Shyama Sethi, 5). Sudhakar Sethi, S/o- late- Shyama Sethi, 6). Sanatan Sethi, S/o- Late- Shyama Sethi.

All are of Vill/ At/ P.O.- Padamadeipur, P.S.- Sarankul, District- Nayagarh.

.......... Opp. Parties

You are above named opp. Parties take notice that the petitioners have filed above RP case No.- 107/2025, against you.

Though notice sent to you in the above given Address, but you receive the same but you did not appear therefore you are, hereby directed through this general publication to appear before this Hon'ble Court in person or through counsel on 26.08.2025 at 09 AM take notice that in default of your appearance the above RP Cases will be heared and decided.

Give under my signature and seal on the Court of 14th day of August, 2025.

By order of the court of Addl. Commissioner ,Consolidation & Settlement, Nayagarh.

D-1731

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଅତୋଷ

**ଗଳ୍ପ**

ବିପ୍ଳବ



ରାସ୍ତା ଅଧାକୁ ମାଡ଼ି ଦୁଇଟି ମୋଟରସାଇକେଲ ଥୁଆ ହୋଇଥିଲା। ଅବଶ୍ୟ ରାସ୍ତାଟି ସେଇଠି ଅପେକ୍ଷାକୃତ ପ୍ରଶସ୍ତ ଲାଗୁଥିଲା। ବୁଲାଷଣ୍ଢ ପରି ଠିଆ ହୋଇଥିବା ମୋଟରସାଇକେଲର ଗୋଟିକର ହ୍ୟାଣ୍ଡେଲ ବାଁକୁ ତ ଅନ୍ୟଟିର ଡାହାଣକୁ ମୋଡ଼ି ହୋଇ ରହିଥିଲା। ଗୋଟିଏ ଗାଡ଼ି ହ୍ୟାଣ୍ଡେଲରେ ଦୁଇଟି ବ୍ୟାଗ୍ ଆଉ ଗୋଟିଏ ଗାଡ଼ିର ସାଇଡ୍ କ୍ଲାମ୍ପରେ ନୂଆ ଲୁଗାପଟା ଭର୍ତ୍ତି ବ୍ୟାଗ୍‌ଟିଏ ଝୁଲୁଥିଲା। ଆଶ୍ଚର୍ଯ୍ୟର କଥା ଦୁଇଟିଯାକ ଗାଡ଼ିରେ ଚାବି ଲାଗିରହିଥିଲା। ଆଖପାଖରେ କେହି ଲୋକବାକ ଦେଖାଯାଉ ନଥିଲେ। ରାସ୍ତାଟିରେ ଅବଶ୍ୟ ବେଗବାନ ଗାଡ଼ି ପ୍ରତି ମୁହୂର୍ତ୍ତରେ ଯାତାୟାତ କରୁଥିଲା।

ଅଳ୍ପ ଦୂରରେ ଗୋଟିଏ ଝଙ୍କା ଆମ୍ବଗଛ ତଳେ ବୁଢ଼ା ଲୋକଟିଏ ବସିଥିଲା। ଲୋକଟିର ଶରୀର ଶୁଷ୍କ ଏବଂ ରୁଗ୍ଣ ଦେଖାଯାଉଥିଲେ ମଧ୍ୟ ମୁହଁରେ ତା'ର ଅବସାଦର ଚିହ୍ନବର୍ଣ୍ଣ ନଥିଲା। ବରଂ ତା' ଓଠରେ ହସର ସ୍ଥିର ରେଖାଟିଏ ରହିଥିଲା, ଯେମିତି କୌଣସି ମନ୍ଦିର ବେଢ଼ାର ପ୍ରତିମାଟିଏ ପରି। ଦେହରେ ସେମିତି କୌଣସି ଦାମୀ ପୋଷାକ ବି ନଥିଲା। କେବଳ ଲାଜ ଢାଙ୍କିବାକୁ କେହି ଯେମିତି ବାଧ୍ୟକରି ପୋଷାକଟିଏ ପିନ୍ଧେଇ ଦେଇଥିଲା। ତାହା ପୁଣି ଚିରା ଏବଂ ମଇଳା ବଲବଲ।

ହଠାତ୍ ଆମ୍ବଗଛ ଛାଇରୁ ଲୋକଟି ଉଠିଲା। ଚାଲି ଚାଲି ଗାଡ଼ି ଦୁଇଟି ପାଖକୁ ଗଲା। ଚାବିଲାଗିଥିବାର ଦେଖି ସେ ଆଶ୍ଚର୍ଯ୍ୟ ହେଲାନି। ଗାଡ଼ି ଦୁଇଟିରେ ଚାବି ଲାଗିଛି ଏ ବାବଦରେ ସେ ଜ୍ଞାତ ଥିଲା ଯେମିତି!

ଲୋକଟି ଚତୁର୍ଦ୍ଦିଗକୁ ଡୋଳା ବୁଲାଇ ଆଣିଲା ଆଉ ଚାବି ଦୁଇଟି ବେଶ୍ ସହଜ ଭାବରେ କାଢ଼ିନେଇ ଅଣ୍ଟାରେ ଖୋସିଦେଲା। ତା'ପରେ ସେଇ ଆମ୍ବଗଛ ତଳକୁ ଚାଲିଗଲା, ଯେଉଁଠି ସେ ଦିନରାତି ଖଟି କରେ। ଅଣ୍ଟାରେ ଗୁଡ଼ା ହୋଇଥିବା ମଳିଛିଆ ତେଲ ଚିକିଟା ଗାମୁଛାକୁ ଭୂଇଁରେ ପାରି ଗୋଡ଼ ଉପରେ ଗୋଡ଼ ଲଦି ଗଡ଼ପଡ଼ ହେବାକୁ ଲାଗିଲା।

କିଛି ସମୟ ପରେ ଦୁଇଟି ଗଜା ଟୋକା ଟଳି ଟଳି ଆସିଲେ। ଗାଡ଼ି ପାଖରେ ପହଞ୍ଚି ଦୁହେଁ ନିଜ ନିଜ ପେଣ୍ଟ ପକେଟ ଅଣ୍ଡାଳିଲେ। ବୋଧହୁଏ ଚାବି ଖୋଜୁଥିଲେ! ଆଉ ପାଉ ନ ଥିଲେ। ଗାଡ଼ି ଦୁଇଟିରୁ ବ୍ୟାଗ୍‌ଗୁଡ଼ିକ କାଢ଼ି ତଳେ ଓଜାଡ଼ି କିଛି ଖୋଜିବାକୁ ଲାଗିଲେ। ନିଜ ନିଜ ଭିତରେ ଭିଡ଼ାଭିଡ଼ି ହେଲେ। ଶୋଧାଶୋଧି ହେଲେ। ଶେଷକୁ ସେଇ ଗାଡ଼ି କଡ଼ରେ ମୁହଁ ମାଡ଼ି ଦୁହେଁ ପଡ଼ିଗଲେ।

ବୁଢ଼ା ଲୋକଟି ଆମ୍ବଗଛ ତଳେ ବସି ଏ ଦୃଶ୍ୟକୁ ଲକ୍ଷ୍ୟ କରୁଥିଲା। ତା' ମନରେ କିଛି ପ୍ରତିକ୍ରିୟା ହେବା ପରି ଜଣାପଡୁ ନ ଥିଲା। ପଥଚାରୀ ଗାଡ଼ିର ବେଗ ହ୍ରାସ କରି ସେମାନଙ୍କୁ ଟିକିଏ ଅନେଇ ଦେଇ ଚାଲିଯାଉଥିଲେ।

ଦେଢ଼ଘଣ୍ଟା ପାଖାପାଖି ବିତିଗଲା। ଦୁହେଁ ଝାଡ଼ିଝୁଡ଼ି ହୋଇ ଭୂଇଁରୁ ଉଠିଲେ।

ସମ୍ଭବତଃ ତାଙ୍କ ନିଶା ଓହ୍ଲେଇ ସାରିଥିଲା। ତଳେ ପଡ଼ିଥିବା ଜିନିଷପତ୍ର ଦେଖି ଦୁହେଁ ଆଶ୍ଚର୍ଯ୍ୟ ହେଲେ। ଏ ସବୁ କର୍ମ ସେ ନିଜେ କରିଥିଲେ ବୋଲି ବୋଧହୁଏ ପାସୋରି ଯାଇଥିଲେ। ଦୁହେଁ ତଳୁ ଜିନିଷ ସବୁ ଗୋଟେଇ ବ୍ୟାଗ୍‌ରେ ଭର୍ତ୍ତି କଲେ। ବ୍ୟତିବ୍ୟସ୍ତ ହୋଇ ପୁଣି ଥରେ ନିଜ ପେଣ୍ଟ ପକେଟ ଅଣ୍ଡାଳିଲେ।

ଏବେ ଯାଇ ବୁଢ଼ାଟି ଆମ୍ବଗଛ କଡ଼ରୁ ଉଠିଲା। ଆସ୍ତେ ଆସ୍ତେ ଚାଲି ଦୁହିଁଙ୍କ ପାଖରେ ପହଞ୍ଚିଲା। ଅଣ୍ଟାରୁ ଚାବି କାଢ଼ି ତାଙ୍କ ହାତକୁ ବଢ଼େଇଦେଲା।

ଅଚିହ୍ନା ଲୋକଟିଏ ଦେଖି ଦୁହେଁ ଆଶ୍ଚର୍ଯ୍ୟ ହେଲେ। ଚାବି ନେଇସାରିବା ପରେ ଦୁହେଁ ଚୋର ଚୋର ବୋଲି ଚିଲେଇଲେ, ଆଉ ନିର୍ଦ୍ଦୟ ଭାବରେ ବୁଢ଼ାକୁ ପିଟିବାକୁ ଲାଗିଲେ। ବୁଢ଼ାଟି ବିକଳ ହୋଇ କାନ୍ଦିବାକୁ ଲାଗିଲା। ପ୍ରତିବାଦ କରିବାର ଶକ୍ତି ତା'ର ନଥିଲା କି ସେ ପ୍ରତିବାଦ କରୁ ନଥିଲା ବୁଝି ହେଉ ନଥିଲା। ପାଖ ପେଟ୍ରୋଲ ପମ୍ପରୁ ଦୁଇଟି ପିଲା ଦୌଡ଼ି ଆସି ଟୋକା ଦୁଇଟିଙ୍କୁ ଅଟକେଇଲେ।

– କାହିଁକି ତାକୁ ମାରୁଛ ?

– ଆମ ମୋଟରସାଇକେଲ ଚାବି ଚୋରେଇ ନେଇଥିଲା ସେ।

– ସେ ମୋଟରସାଇକେଲ ଚଲେଇ ପାରିବ, ଏମିତି ଦିଶୁଛି କି ସେ ଲୋକର ଚେହେରା, ଚୋର କେବେ ଚାବି ଫେରେଇବାକୁ ଆସେ କି ? ଜାଣିଛ, ସେ ତମ ଦୁହିଁଙ୍କ ଜୀବନ ରକ୍ଷାକରିଛି !

ଦୁହେଁ ଆଶ୍ଚର୍ଯ୍ୟ ହୋଇ ପରସ୍ପର ମୁହଁକୁ ଚାହିଁଲେ।

– ତମେମାନେ କିଛି ଜାଣିନ ସେ ଲୋକ ବିଷୟରେ। ଏଇ ପାଖ ଗାଁର ସେ। ତିନି ବର୍ଷ ତଳେ ତା' ପୁଅ ମଦ ପିଇ ଏଇ ପେଟ୍ରୋଲ ପମ୍ପ ପାଖ ଆମ୍ବଗଛରେ ପିଟିହୋଇ ଯାଇଥିଲା। ବୁଢ଼ା ଖବର ପାଇ ଦଉଡ଼ି ଆସି ଦେଖେ ତ ସବୁ ଶେଷ ହୋଇଯାଇଛି। ଏକମାତ୍ର ପୁଅ ତାକୁ ଏକା କରି ସବୁଦିନ ପାଇଁ ଚାଲିଯାଇଛି। ତା'ର କାରଣ ଥିଲା ଅତ୍ୟଧିକ ମଦ୍ୟପାନ। ସେଇଦିନୁ ତା' ସ୍ମୃତିଶକ୍ତି ଚାଲିଯାଇଛି। ଏଇଠି ଦିନରାତି ପଡ଼ି ରହିଛି। ଯେତେ ଭିଡ଼ି ଓଟାରି ମେଡିକାଲ କି ଘର ଯୁଆଡ଼େ ନେଲେ ବି ଲୁଚି ପଳେଇ ଆସୁଛି ଏଇ ଆମ୍ବଗଛ ତଳକୁ। ଏବେ ଘରଲୋକ ବି ଆଉ ତାକୁ ଖୋଜନ୍ତି ନାହିଁ। ପଚାରନ୍ତି ବି ନାହିଁ। ସେ ଦିନରାତି ଏଇ ଗଛ ତଳେ ପଡ଼ି ରହିଥାଏ। ପାଖ ମଦ ଦୋକାନରୁ କେହି ମଦ ପିଇବାକୁ ଆସିଲେ ସେ ତା' ଚାବି ଲୁଚେଇଦିଏ। ପୁଣି କିଛି ସମୟ ପରେ ଫେରେଇ ଦିଏ।

ଦୁହେଁ ସ୍ତବ୍ଧ ହୋଇଗଲେ।

ବୁଢ଼ାକୁ ହାତ ଉଠେଇ ମସ୍ତ ବଡ଼ ଭୁଲ୍ କରିଛନ୍ତି ବୋଲି ଲଜ୍ଜିତ ହେଲେ। ବୁଢ଼ାଲୋକଟି ଥିଲା ନିର୍ବିକାର। ସେ ତା' ପୂର୍ବ ନିର୍ଦ୍ଧାରିତ ସ୍ଥାନକୁ ଫେରିଯାଇଥିଲା। ପୂର୍ବପରି ଶୂନ୍ୟକୁ ମୁହଁକରି ଗଡ଼ପଡ଼ ହେଉଥିଲା, ଯେମିତି ତା' ସହ କିଛି ଘଟିନି।

ମକୁନ୍ଦପୁର, ବାଙ୍କୀ
ମୋ: ୯୪୩୭୪୬୮୦୧୬

## ପୁସ୍ତକ ପରିଚୟ

### ଶେଷ ବସନ୍ତ



**ଅନୁବାଦକ:** ଜୟକୃଷ୍ଣ ସାମଲ
**ପ୍ରକାଶକ:** ବନଫୁଲ, ଭିଏସ୍ଏସ୍ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୮୦/–

ମୋଟ ୧୭ଟି ଗଳ୍ପ ଆଲୋଚ୍ୟ ସଂକଳନରେ ସ୍ଥାନିତ। ଗାଳ୍ପିକଙ୍କ ମଧ୍ୟରେ ଅଛନ୍ତି ବିମଳ ମିତ୍ର, ସତ୍ୟଜିତ୍ ରାୟ, ବନଫୁଲ, ସୁନୀଲ ଗଙ୍ଗୋପାଧ୍ୟାୟ, ଡକ୍ଟର ଦୀପକ ଚକ୍ର, ପୃଥ୍ୱୀଶ ଘୋଷ ଦସ୍ତିଦାର, ତିଲୋତ୍ତମା ମଜୁମ୍‌ଦାର, ଅରୁଣାଭ ଗୁପ୍ତ, କଲ୍ଲୋଳ ସରକାର, ତ୍ରିଦିବ କୁମାର ଚଟ୍ଟୋପାଧ୍ୟାୟ, ଡକ୍ଟର ସୌମିତା, ଅନିନ୍ଦିତା ଗୋସ୍ୱାମୀ ଓ ରୂପକ ନଟରାଜ ପ୍ରମୁଖ ଖ୍ୟାତନାମା ଗଳ୍ପକାର। ପୃଥ୍ୱୀଶଙ୍କ ଗଳ୍ପ 'ଶେଷ ବସନ୍ତ' ବହିର ଶିରୋନାମ। ଗଳ୍ପଗୁଡ଼ିକରେ ଜୀବନ ଓ ଚଳନ୍ତି ଜଗତର ସୁଖଦୁଃଖ ସାକାର ହୋଇଛି ନାନା ବର୍ଣ୍ଣବିଭା ନେଇ। ବନଫୁଲଙ୍କର ଗଳ୍ପଟି ବହିର ସବୁଠୁଁ ଛୋଟଗଳ୍ପ। ଏକ ଚାକରାଣୀର ମୃତ୍ୟୁ ହୋଇଛି। ତା'ରି ଶବ ଶୋଭାଯାତ୍ରାରେ ସାମିଲ ବନ୍ଧୁମାନଙ୍କ ମଧ୍ୟରେ ଯେଉଁ କଥୋପକଥନ ତାହା ଗଳ୍ପର ବିଷୟବସ୍ତୁ। କିନ୍ତୁ ଚାକରାଣୀର ମୃତ୍ୟୁ ରହସ୍ୟମୟ। ଏହି ରହସ୍ୟମୟତା ଗଳ୍ପଟିକୁ ମହନୀୟ କରିଛି। ସୁନୀଲ ଗଙ୍ଗୋପାଧ୍ୟାୟଙ୍କ ଗଳ୍ପ 'ନୀରା'ରେ କଲିକତା ସହରର ସକଳ ଅଘଟଣର କାରଣ ଭାବେ ନାରୀର ଅସୁସ୍ଥତାକୁ ଲେଖକ ଦେଖିଛନ୍ତି। ନୀରା ଭଲ ହୋଇଯାଇଛି ଜ୍ୱରରୁ ଓ ସହରରେ ଫେରିଆସିଛି ସ୍ୱାଭାବିକ ଅବସ୍ଥା। ନୀରାକୁ ନେଇ ସୁନୀଲ ଅଜସ୍ର କବିତା ଲେଖିଛନ୍ତି। ଗଳ୍ପ ବି। ଚିରାଚରିତ ସ୍ଥିତାବସ୍ଥାରେ ବ୍ୟକ୍ତିଗତ ପ୍ରେମଭାବନାକୁ ଏକାକାର କରିଦେଇ ସୁନୀଲ ଏଇ ଗଳ୍ପରେ ଏକ ଅଭୁତପୂର୍ବ ବାସ୍ତବତା ନିର୍ମାଣ କରିଛନ୍ତି, ଯାହା ଯେତିକି ଅନୁଭବ୍ୟ, ସେତିକି ଉପଭୋଗ୍ୟ ବି! ବହିର ପ୍ରତ୍ୟେକଟି ଗଳ୍ପ ଚିନ୍ତା ଓ ପରିବେଷଣର ତରିକା ଦୃଷ୍ଟିରୁ ନିଜ ନିଜ ଗୁଣରେ ଅନନ୍ୟ। ଆଶା ଅନୂଦିତ ଏହି ପୁସ୍ତକଟି ଅନୁବାଦର ସଫଳତା ଯୋଗୁଁ ପାଠକଙ୍କୁ ମୂଳ ଗଳ୍ପର ସ୍ୱାଦ ଆଣିଦେବ।

### ଅକବି'ର କବିତା



**କବି:** ବ୍ରଜ କିଶୋର ନାୟକ
**ପ୍ରକାଶକ:** କୋଠଘର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୬୦/–

ମୋଟ ୫୯ଟି କବିତାର କୋଠଘର ଏ ବହିଟି। ବିଷୟ ଭିନ୍ନ ଭିନ୍ନ ଓ ବିଷୟକୁ ନେଇ ଉପସ୍ଥାପନା। 'ନିଜକଥା'ରେ କବି କହିଛନ୍ତି: "ମୋର ଏହି କବିତା ସଂକଳନରେ ମୁଁ ନିଜକୁ କବି ବୋଲି ବିବେଚନା କରିନାହିଁ; କାରଣ, ମୁଁ ନିଜସ୍ୱ କଳ୍ପନାକୁ ଭିତ୍ତିକରି କିଛି ଲେଖିପାରି ନାହିଁ, ବରଂ କିଛି ଦେଖି ଓ ସେହି ମୁହୂର୍ତ୍ତର ଅନୁଭୂତିକୁ ପାଥେୟ କରି ଯାହା ଲେଖିଛି। x x ବାହ୍ୟଦୃଷ୍ଟିରେ ଅଧିକାଂଶ କବିତା ରୋମାଞ୍ଚକର ଲାଗୁଥିଲେ ବି ଏଗୁଡ଼ିକର ଅନ୍ତରାଳେ ଜୀବନ ସଂଘର୍ଷ, ଜୀବନ ଦର୍ଶନ, ସାମାଜିକ ଉତ୍ପୀଡ଼ନ, ନାରୀ ସଶକ୍ତୀକରଣ ତଥା ବିଭୁ ଚିନ୍ତନର ଝଲକ ସ୍ୱତଃପ୍ରବୃତ୍ତ ଭାବରେ ଖଞ୍ଜି ହୋଇଯାଇଛି।" ଦୁଇଟି ଉଦାହରଣ: ୧. "ସୂର୍ଯ୍ୟ ଯେବେ ଲୁଚିଯାଏ/ ଖଣ୍ଡଗିରି ପାହାଡ଼ ଉହାଡ଼େ/ ପ୍ରକୃତି ରୂପସୀ !/ ଲିପ୍‌ଷ୍ଟିକ୍ ମାଖିଦିଏ/ ତା'ର ସରୁ ଓଷ୍ଠ ପରେ।" (ଖଣ୍ଡଗିରିର ସନ୍ଧ୍ୟା, ପୃ:୬୯), ୨. "ମଧୁର ଏ ଗଳ୍ପର ଆରମ୍ଭ/ କଣ୍ଟାହୀନ/ ଗୋଲାପ ବିଛଣା,/ ପରେ ପରେ/ ଅମା ଅନ୍ଧକାର/ ଯନ୍ତ୍ରଣା, କିଛି/ ଅସହ୍ୟ ଯନ୍ତ୍ରଣା" (ପ୍ରେମ ଓ ଗଳ୍ପ, ପୃ:୩୩)। 'ଅଭିମତ'ରେ କବି ରବିନାରାୟଣ ସେନାପତି ଲେଖିଛନ୍ତି: "ପୁସ୍ତକରେ ସନ୍ନିବେଶିତ କବିତାଗୁଡ଼ିକ ଅତ୍ୟନ୍ତ ସୁଖପାଠ୍ୟ ଏବଂ ଭାବଗର୍ଭକ। xx ଭାଷା ଅତ୍ୟନ୍ତ ସରଳ ଏବଂ ସାବଲୀଳ। x x କବିଙ୍କର କବିତା ମୟୂରଭଞ୍ଜଠାରୁ ଆରମ୍ଭକରି ମାଲକାନଗିରିର ଗୁରୁପ୍ରିୟା ସେତୁ ପର୍ଯ୍ୟନ୍ତ ବ୍ୟାପ୍ତ।" ଏପରି ଅନୁକୂଳ ମତ ସତ୍ତ୍ୱେ କବିତାଗୁଡ଼ିକରେ ଗଠନଗତ ଶିଥିଳତା ଦୁର୍ଲକ୍ଷ୍ୟ ରହେନାହିଁ। ମନେହୁଏ କବି କବିତାଗୁଡ଼ିକୁ ଲେଖିଦେଇ ରଚନାପରବର୍ତ୍ତୀ ଯତ୍ନ କଥା ପାସୋରି ଯାଇଛନ୍ତି। କବିତାର ପ୍ରାରମ୍ଭରେ ସଂଯୋଜିତ ଚିତ୍ର ଅନନ୍ୟତା ଦାବି କରେ।

## କବିତା

### ଜଳିବା କ'ଣ ମୋ ଭାଗ୍ୟ

ଚିନ୍ମୟୀ ପଣ୍ଡା

ମୋ' ଆକାଶ ଆଜି ଧୂସର
ପାଦତଳେ ମୋ' ପୃଥ୍ୱୀ ଥରହର
ମୁଁ ଆଜି ପଥର।

ମାଡ଼ି ମକଚି ହୋଇ ତୁମର
ପାଦତଳେ ପଡ଼ିପାରିବି,
ନା ତୁମର ସବୁ 'ହଁ'ରେ
ମିଶେଇ ପାରିବି 'ହଁ' !

ଏ ପୃଥିବୀ ମୋର ସେତିକି, ଯେତିକି ତୁମର
ଏଇ ଆକାଶ ବି ସେତିକି ମୋର,
ଯେତିକି ତୁମର,
ମୋ ଛାଇ, ମୋ ଅସ୍ତିତ୍ୱ ବି
ମୋ ନିଜର, ଯେତିକି ତୁମର

କାହିଁକି ଜଳିବାକୁ ହୁଏ ମତେ ?
କାହିଁକି ଲୁଚି ଲୁଚି ଲୁହଗଡ଼ାଏ ମୁଁ ?
କାହିଁକି ଅନ୍ଧାର ରାସ୍ତାକୁ ଡରେ ମୁଁ ?
ବାପାଙ୍କୁ, ଭାଇକୁ, ସବୁ ପୁରୁଷଙ୍କୁ
ଡରେ କାହିଁକି ମୁଁ ?

ନା ମତେ ଆଉ ଦେବୀ ସଜାଇ ପୂଜା କରନା।
ତମ ପରି ମଣିଷ ହୋଇ
ବଞ୍ଚିବା ହିଁ ମୋର କାମନା।

କାହିଁକି ମୋ ଚେହେରା କାନ୍ଥ, ବାଡ଼ରେ ?
କାହିଁକି ବିକ୍ରିହୁଏ ମୋ ଦେହ ବଜାରରେ ?
କାହିଁକି ମୋ ରୂପକୁ ନେଇ
ଏତେ ଯୁଦ୍ଧ ଇତିହାସରେ ?

ଜନ୍ମଠାରୁ ମରଣଯାଏଁ କାହିଁକି ଜୀବନ ଏକ ବନ୍ଧନୀ
ପୁରୁଷର ଲୋଲୁପ ଆଖି ଓ
କ୍ଷମତାର ପଶାପାଲିରେ
ଜଳିବା ହିଁ ମୋ' ଭାଗ୍ୟ।
ବିଧାତାର ଭାଗ୍ୟକୁ ମୁଁ ବିରୋଧ କରେ,
ମୁଁ ବିରୋଧ କରେ ଜଳିବାର ଏ ଭାଗ୍ୟକୁ
ବିଧାତାକୁ ଓ ପୁରୁଷକୁ!!

ମୋ: ୯୮୬୧୧୯୧୯୬୯

### ନୂଆ ସକାଳ

ତପନ ରଥ

ଆଜି ଯେଉଁ ଶିଶୁଟି ଜନ୍ମ ନେଇଛି
ସେଇ ଶୂନ୍‌ଶାନ୍ କୁଡ଼ିଆରେ
ରାହା ତା'ର ଝାପସେଇ ଶୁଭେ
ବନ୍ଧୁକର ଗର୍ଜନ ମଣିଷର ତର୍ଜନ ମଧ୍ୟରେ...

ମା' ତା'ର ଯାଇଛି ତାକୁ ଏକାକୀ ଛାଡ଼ି
ଗୁଣ୍ଡ ଡବା ଦୁଧ ଆଣିବା ଆଶାରେ
ପିତା ତା'ର ଉଗ୍ରପନ୍ଥୀ ନାହିଁ ତା ଖବର
ଆସିବାର ଆଶାନାହିଁ, ନ ଆସି ବି ପାରେ...

ମହାନଗରୀର ବକ୍ଷ ଆଜି ଭରପୂର
ମଣିଷର ଶବ ମହକରେ
ବିଜୁଳି ଆଲୁଅ ନାହିଁ, ଦରପୋଡ଼ା ଘର
ସବୁ ଦିକ୍‌ଦିକ୍ ଜଳେ
କାଁ ଭାଁ କୁକୁରଟି ରହି ରହି ଭୁକେ...

ମା' ଖୋଜେ କୁଡ଼ିଆକୁ ଯେଉଁଠି ସେ
ଛାଡ଼ି ଯାଇଥିଲା ସନ୍ତାନକୁ ତା'ର
ନାହିଁ ତା'ର ଆଉ ସେ କୁଡ଼ିଆ
ଶୁଭୁନାହିଁ ପୁଅର ଚିତ୍କାର...

ପୂରୁବ ଦିଗରେ ସୂର୍ଯ୍ୟ ଖୋଲେ
ଆଖି ଧୀରେ ଧୀରେ
ଦୌଡୁଛି ମା' ଡାକି ଡାକି
ଶୋଇଯା' ଶୋଇଯା' ପୁଅ ମୋର
ଖୋଲିବୁ ତୁ ଆଖି
ଉଗ୍ରପନ୍ଥୀମାନେ ଚାଲିଗଲା ପରେ
ମା' ତୋର ଯାଇଛି
ଗୁଣ୍ଡ ଦୁଧ ଆଣିବା ଆଶାରେ...

ମୋ: ୭୯୭୮୫୪୫୮୮୦

### ଗୀତି–କବିତା

### ଶ୍ରାବଣ ଯାଇଛି ଫେରି

ଲକ୍ଷ୍ମୀପ୍ରିୟା ପୃଷ୍ଟି

ଶବ୍ଦର କାକଳି ସାତ ସୁର ଘେନି
ଶିହରୁନି ତନୁ ମନ
ଶିଥିଳତା ପଣ ଜାଳୁଛି ଜୀବନ
ସମୟ ଦେଇଛି ରାଣ।

କୃଷ୍ଣଚୂଡ଼ା ସଙ୍ଗେ ଲାଗିଛି ଗ୍ରହଣ
ଆଲୁଅ ରୋଶଣି ନାହିଁ
ବନ୍ଦ ସରସୀରେ ବନ୍ଦୀ ନୀଳ କଇଁ
କାନ୍ଦେ କାହା ବାଟ ଚାହିଁ।

ହସିବା ବସିବା ସବୁଠେଇଁ ଶଙ୍କା
ସମୟ ଗୋଳିଆ ଭାରି
ମନର ମରୁରେ ଡହକିଆ ତାତି
ଶ୍ରାବଣ ଯାଇଛି ଫେରି।

ଶରଧାର ସଞ୍ଜ ବଳିତାରେ ଆଜି
ଅତିଷ୍ଠ ଏ ଅନୁଭବ
ସମୀରରେ ଶୁଭେ ଶୀତଳ ଯନ୍ତ୍ରଣା
ଛନ୍ଦହରା ଗୋଟେ ଭାବ।

ମନର କପୋତୀ ମଉନେ ଗୁମୁରେ
ମିଛ ଅଭିନୟ ଦେଖି
ବୁଝିବାକୁ ଆଉ କିଛି ନାହିଁ ବାକି
ସମୟ ରହିଛି ସାକ୍ଷୀ।

ମୋ: ୭୩୭୭୩୧୮୭୮୯

## କାଳକାଳକୁ



**"ସମୁଦ୍ରର ସ୍ୱର
ଆତ୍ମା ସହ କଥାହୁଏ।"
– କେଟ୍ ସୋପାନ୍**

**କେଟ୍ ସେପାନ୍‌ଙ୍କ** ଜନ୍ମ ୮ ଫେବୃଆରୀ ୧୮୫୦ରେ ଓ ପରଲୋକ ୨୨ ଅଗଷ୍ଟ ୧୯୦୪ରେ, ଆମେରିକାରେ। ସେ ଏକାଧାରରେ କଥାଶିଳ୍ପୀ ଓ ଔପନ୍ୟାସିକା। ୧୮୯୯ରେ ରଚିତ ଉପନ୍ୟାସ "The Awakening" ପାଇଁ ସେ ସାରା ବିଶ୍ୱରେ ପରିଚିତ। ସେ ପିଲା ଓ ବୟସ୍କ ଉଭୟଙ୍କ ପାଇଁ ଗଳ୍ପ ଲେଖନ୍ତି। ବିଂଶ ଶତାବ୍ଦୀର ବାମାବାଦୀ ଲେଖିକାଙ୍କ ମଧ୍ୟରେ ତାଙ୍କୁ ଜଣେ ଅଗ୍ରଗଣ୍ୟା ଲେଖିକା ଭାବେ ବିବେଚନା କରାଯାଏ। 'ଦ ଆଟଲାଣ୍ଟିକ୍ ମଂଥ୍‌ଲୀ', 'ଭୋଗ୍', 'ଦ ସେଞ୍ଚୁରୀ ମାଗାଜିନ୍' ଓ 'ଦ ୟୁଥ୍‌ସ କମ୍ପାନିୟନ୍' ଭଳି ଖ୍ୟାତନାମା ପତ୍ରିକାରେ ତାଙ୍କ ଲେଖା ନିୟମିତ ପ୍ରକାଶପାଏ। ସେ କହନ୍ତି: "ଜଣେ କଳାକାରର ଏକ ଦମ୍‌ଭରା ଆତ୍ମା ଥିବା ଦରକାର, ଯାହା ସାହସ କରୁଥିବ ଓ ଆହ୍ୱାନ ବି ଦେଉଥିବ।"

# ଅବ୍ୟକ୍ତ ବେଦନା

**ଲଘୁ ଗଳ୍ପ**

ଗାୟତ୍ରୀ ସିଂହ

ମାଆ ତା' ସନ୍ତାନକୁ ଦଶମାସ ଗର୍ଭରେ ସ୍ଥାନ ଦେଇଥାଏ। ଭୂମିଷ୍ଠ ହେବା ପର୍ଯ୍ୟନ୍ତ ପେଟ ଭିତରେ ସେ କିପରି ଠିକ୍ ଭାବରେ ବଢ଼ିପାରିବ ସେଥିପାଇଁ ଯତ୍ନଶୀଳ ଥାଏ। ଭୂମିଷ୍ଠ ହେବା ପରେ ଲାଳନପାଳନ କରି ଅନେକ କଷ୍ଟ ସହି ବଡ଼ କରେ। ନିଜ ପେଟରୁ କାଟି ଖାଇବାକୁ ଦେଇଥାଏ। ନିଜେ ପୁରୁଣାରେ କାମ ଚଳେଇ ସବୁ ପର୍ବପର୍ବାଣୀରେ ପିଲାମାନଙ୍କ ପାଇଁ ନୂଆ କରିଥାଏ। ପିଲାମାନଙ୍କର ସବୁ ଇଚ୍ଛା ପୂରଣ କରୁକରୁ ନିଜର କିଛି ଇଚ୍ଛା ଅଛି ବୋଲି ସେ ସମ୍ପୂର୍ଣ୍ଣ ଭାବରେ ପାସୋରିଦିଏ। ପିଲାମାନଙ୍କୁ ଖୁସିରେ ରଖିବା ପାଇଁ ନିଜ ଖୁସିକୁ ସେ ଜଳାଞ୍ଜଳି ଦେଇଦିଏ। ବଡ଼ ହେଲା ପରେ ପିଲାମାନେ କିନ୍ତୁ ପିତାମାତାଙ୍କ ପାଇଁ ତାଙ୍କ ଘରେ ସ୍ଥାନ ନ ଥାଏ କି ତାଙ୍କ ପାଇଁ ସମୟ ନ ଥାଏ। ତଥାପି ପିତାମାତା ସନ୍ତାନକୁ ଦୋଷ ଦିଅନ୍ତିନି। ନିଜେ ସଂସ୍କାର ଦେବାରେ କିଛି ତ୍ରୁଟି ରହିଯାଇଛି ବୋଲି ଭାବି ସବୁ ଭାଗ୍ୟ କହି ଛାଡ଼ିଦିଅନ୍ତି। ତା'ପରେ ବି ସେମାନେ ପିଲାମାନଙ୍କର ମଙ୍ଗଳ କାମନା କରନ୍ତି। ସର୍ବଦା ଶୁଭ ମନାସନ୍ତି। ଅନ୍ୟମାନଙ୍କ କଥାରେ ମଣିଷ ଆଖିରୁ ଲୁହ ବୋହିଥାଏ। ଦୁନିଆ ଦେଖେ, ହେଲେ ନିଜ ସନ୍ତାନମାନେ ଦୁଃଖ ଦେଲେ ମାଆ କାନ୍ଦେ, ବାପା ନୀରବି ଯାଆନ୍ତି। ସେ ଲୁହ କାହାକୁ ଦେଖେଇ ହୁଏ ନାହିଁ କି କହି ହୁଏ ନାହିଁ। କେବଳ ପଣତ ହିଁ ଜାଣେ। ଯେଉଁ ପଣତରେ ଦିନେ ସେ ପୁଅକୁ ଆଉଁଶି ଦେଇଥାଏ, ତା' ଲୁହ ସିଙ୍ଘାଣି ପୋଛି ଦେଇଥାଏ। ସେହି ପଣତ ପୁଣି ଦିନେ ତାକୁ ସାହାଯ୍ୟ କରିଥାଏ ନିଜ ଲୁହ ପୋଛିବାକୁ। କାଳେ କେହି ଦେଖିନେବ। ପୁଅକୁ ସାହିପଡ଼ିଶା ବନ୍ଧୁବାନ୍ଧବ ଆଗରେ ସୁନା ପୁଅ କହୁଥିବା ମାଆ କ'ଣ କେବେ ଲୁହକୁ ଦୁନିଆ ଆଗରେ ଦେଖାଇ ପାରିବ ?

ଏମିତି ଏକ ପିତାମାତା ହେବାର ସୌଭାଗ୍ୟ ହେଉ କି ଦୁର୍ଭାଗ୍ୟ ହେଉ ଲାଭ କରିଥିଲେ ଜାନକୀ ଦେବୀ ଆଉ ବିପିନ ବାବୁ। ତିନୋଟି ପୁଅ ଗୋଟିଏ ଝିଅ। କିରାଣି ଚାକିରିର ସ୍ୱଳ୍ପ ରୋଜଗାରରେ ପାଳି ପୋଷି ପାଠପଢ଼େଇ ବଡ଼ କଲେ। ପୁଅ ତିନି ଜଣଙ୍କୁ ପାଠ ପଢ଼ାଇବାରେ ଆଉ ଗୋଟିଏ ଝିଅକୁ ବାହା ଦେବାରେ ପିତୃପୁରୁଷଙ୍କର ଅଧାରୁ ଅଧିକ ଜମି ବିକ୍ରି କରିଦେଲେ। ଚାକିରି କାଳ ଭିତରେ ଭଲ ଘର ଖଣ୍ଡେ ତୋଳି ଦେଇଛନ୍ତି। ଝିଅକୁ ଭଲ ଘର ଦେଖି ବାହା ଦେଇଦେଲେ। ପୁଅମାନେ ଚାକିରି କରି ଘରଠାରୁ ଦୂରରେ ରହୁଛନ୍ତି। ଏବେ ଘରେ ଜାନକୀ ଦେବୀ ଆଉ ବିପିନ ବାବୁ। କେତେବେଳେ ପୁଅବୋହୂ ଝିଅଜୋଇଁ ଆସିଲେ ଘରେ ଗହଳି ଲାଗେ। ନାତି ନାତୁଣୀଙ୍କ ମେଳରେ ସେଇ କିଛିଦିନ ବେଶ୍ ଖୁସିରେ କଟିଯାଏ, ସମୟ ଜଣାପଡ଼େ ନାହିଁ। ସମସ୍ତେ ଚାଲିଗଲା ପରେ ଘର ଖାଁ ଖାଁ ଲାଗେ। ଦିନକୁ ଦିନ ଦୁହିଁଙ୍କର ବୟସ ମଧ୍ୟ ବଢୁଛି। ବୟସ ବଢ଼ିବା ସହିତ ଦୃଷ୍ଟିଶକ୍ତି ହେଉ କି ଶାରିରୀକ ବଳ ହେଉ ସବୁ ଦୁର୍ବଳ ହୋଇଯାଏ। ଜାନକୀ ଦେବୀଙ୍କର ଆଜି ଅଣ୍ଟା ତ କାଲି ପିଠି ପୁଣି କେଉଁଦିନ ଆଣ୍ଠୁ ପେନ୍, ଏମିତିରେ ଦିନ ସରେ। ଆଉ ବିପିନ ବାବୁଙ୍କର ଗୋଡ଼ହାତ କଷ୍ଟ ହେଲେ ବି ସମ୍ଭାଳି ନିଅନ୍ତି। ଜାନକୀ ଦିନକୁ ଦିନ ଆଉ କାମକୁ ପାରୁ ନାହାନ୍ତି। ବିପିନ ବାବୁ ଜଣେ ସ୍ତ୍ରୀ ଲୋକକୁ ଡାକି ଆଣିଛନ୍ତି ଜାନକୀଙ୍କୁ କାମରେ ସାହାଯ୍ୟ କରିବା ପାଇଁ। ଯେଉଁଦିନ ବାଥ୍‌ରୁମ୍‌ରେ ପଡ଼ି ବିପିନ ବାବୁଙ୍କର ଗୋଡ଼ ଭାଙ୍ଗିଗଲା ସେଦିନ ଜାନକୀ ଦେବୀ ପୂରାପୂରି ଭାଙ୍ଗିପଡ଼ିଲେ। ନିଜ ଅସୁସ୍ଥତାକୁ ସେ କେବେ ଗୁରୁତ୍ୱ ଦେଉ ନ ଥିଲେ, କାରଣ ତାଙ୍କ ସ୍ୱାମୀ ଠିକ୍ ଅଛନ୍ତି। ହେଲେ ବିପିନ ବାବୁ ଗୋଡ଼ ଭାଙ୍ଗି ବେଡ୍‌ରେ ପଡ଼ିବା ପରେ ଜାନକୀ ଦେବୀ ମାନସିକ ସ୍ତରରେ ଭାଙ୍ଗିପଡ଼ିଲେ।



ପୁଅମାନେ ବାପାଙ୍କ କଥା ଶୁଣି ଆସି ଦେଖିଦେଇ କିଛି ଟଙ୍କା ଧରାଇ ଚାଲିଗଲେ। ବୋହୂମାନେ କିଛିଦିନ ରହିବା ପରେ ପିଲାମାନଙ୍କର ପାଠପଢ଼ା ଅଛି କହି ଚାଲିଗଲେ। ଝିଅଜୋଇଁ ବି ଆସି ଦେଖିଦେଇ ଗଲେ। ପିଲାମାନେ ରହି ସେବା କରି ପାରିବେନି ବୋଲି ସ୍ପଷ୍ଟ ଭାବରେ କହିଦେଲେ। ବାପା ଭଲ ହେବା ପର୍ଯ୍ୟନ୍ତ ଜଣେ ନର୍ସର ବ୍ୟବସ୍ଥା କରିଦେଇ ଗଲେ। ସେ ବାପାଙ୍କର ଦେଖାଶୁଣା କରିବ। ବିପିନ ବାବୁଙ୍କର ପେନ୍‌ସନ୍ ଟଙ୍କା ଉଭୟଙ୍କ ଔଷଧରେ ସରିଯାଏ। ଆଉ ପିଲାମାନେ ଯାହା କିଛି ଦିଅନ୍ତି ତାହା ବି ସେହି ଘର ଖର୍ଚ୍ଚରେ ପଶିଯାଏ। ଧୀରେ ଧୀରେ ବିପିନ ବାବୁ ଭଲ ହୋଇ ଆସିଲେଣି। ଏଣିକି ପୁଅମାନଙ୍କ ପାଖରୁ ଟଙ୍କା ଆସିବା ବନ୍ଦ ହୋଇଗଲା। ହେଲେ ଘର ଖର୍ଚ୍ଚ, ମେଡିସିନ ଖର୍ଚ୍ଚକୁ ଟଙ୍କା ଅଣ୍ଟେନି। ଦେହ ଖରାପ ଭିତରେ ଅନେକ ଧାର ଉଧାର ମଧ୍ୟ ହୋଇଥିଲା। ବୟସ ହେଲାଣି ଆଉ ଦେହ ଭଲ କ'ଣ ? ଏମିତି ଔଷଧରେ ଜୀବନଟା ଚାଲିଥିବ। ହେଲେ ପୁଅ ବୋହୂମାନଙ୍କର ଗୋଟିଏ କଥା ବାପା ପେନ୍‌ସନ୍ ପାଉଛନ୍ତି, ଟଙ୍କା ଦେଖି କି ଖର୍ଚ୍ଚ କରୁନାହାନ୍ତି ? ବିପିନ ବାବୁ ସବୁ ଶୁଣନ୍ତି ସବୁ ଜାଣନ୍ତି ମାତ୍ର କିଛି କୁହନ୍ତି ନାହିଁ। ଆଉ ଯାହା କିଛି ଜମିବାଡ଼ି ଥିଲା ତାକୁ ବିକ୍ରି କରିବା ପାଇଁ ବିପିନ ବାବୁ ବାହାରିଲେ। ପିଲାମାନେ ସବୁ ବାହାରେ ରହିଲେ। ଏ ଜମିବାଡ଼ି ଆଉ କିଏ ସମ୍ଭାଳିବ। ସତ କଥା ହେଲା ପିଲାମାନେ ଜମି ବିକ୍ରି ପାଇଁ ତାଙ୍କ ଉପରେ ଚାପ ପକାଇଲେ। ଆମର ଘରକୁ ଫେରିବାର ନାହିଁ। ଯିଏ ଯେଉଁଠି ରହୁଛନ୍ତି ସୁବିଧାରେ ଫ୍ଲାଟ୍ ନେଇ ରହିବାର ଯୋଜନା ପିଲାମାନେ ବାପାଙ୍କୁ ଶୁଣାଇ ଦେଇଛନ୍ତି। ସେଥିପାଇଁ ଅଧିକ ଅର୍ଥ ଆବଶ୍ୟକ ପଡୁଛି। ପିଲାମାନଙ୍କ କଥାକୁ ସେ ଠିକ୍ ଭାବରେ ଠଉରାଇ ନେଲେ।

ଜମି ବିକ୍ରି କରିବା କଥା ସରିବା ପରେ ପୁଅବୋହୂ ଝିଅଜୋଇଁ ଘରକୁ ସମସ୍ତେ ଆସିଲେ। ଜମି ବିକ୍ରି ସରିବା ପରେ ସମସ୍ତଙ୍କୁ ସମାନ ଭାବରେ ଟଙ୍କା ବାଣ୍ଟିଦେଲେ ବିପିନ ବାବୁ। ହେଲେ ଗଲାବେଳେ କାହା ପାଟିରୁ ପଦେ ହେଲେ ବାହାରିଲାନି ବାପା ମାଆ ଆମ ସାଥିରେ ଚାଲ। ସେମାନଙ୍କ ପାଖରେ ସମୟ ନାହିଁ ମାଆ ବାପାଙ୍କ କଥା ବୁଝିବା ପାଇଁ କି ଯତ୍ନ ନେବା ପାଇଁ। ସମସ୍ତେ ଚାଲିଗଲେ। ଏମିତି କାମ ପଡ଼ିଲେ ଦିନେ ଓଳିଏ ପାଇଁ ଆସନ୍ତି ଯାଆନ୍ତି ହେଲେ ପାଖରେ ରହି କି ପାଖକୁ ନେଇ ରଖିବାର ମନୋବୃତ୍ତି କାହାର ନାହିଁ ବୋଲି ଉଭୟ ବିପିନ ବାବୁ ଆଉ ଜାନକୀ ଦେବୀ ଜାଣି ସାରିଲେଣି। ଆଉ ଗ୍ରହଣ ବି କରି ନେଇଛନ୍ତି। ତଥାପି ସକାଳ ସଞ୍ଜେ ଜାନକୀ ଦେବୀଙ୍କର ଠାକୁରଙ୍କ ପାଖରେ ସେଇ ଗୋଟିଏ କାମନା ଥାଏ "ହେ ପ୍ରଭୁ ମୋ' ପିଲାମାନଙ୍କୁ ସର୍ବ କୁଶଳରେ ଘଣ୍ଟ ଘୋଡ଼ାଇ ରଖିଥାଆନ୍ତୁ"।

ମୋ: ୭୬୦୬୯୫୬୭୪୪୫


ଯୋଗାଯୋଗ: E-mail:dharitrisahityayana@gmail.com

ଧରିତ୍ରୀ 51 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଅଗଷ୍ଟ ୨୩/୨୦୨୫ Bhubaneswar, Saturday, August 23/ 2025

# ବେଙ୍ଗାଲୁରୁ ସ୍ଥାନରେ ମୁମ୍ବାଇ ଭେନ୍ୟୁ

**ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍**



ନୂଆଦିଲ୍ଲୀ, ୨୨।୮ (ପି.ଟି.) ଆସନ୍ତା ମାସରେ ଭାରତର ୫ଟି ସହରରେ ମହିଳା ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଖେଳାଯିବ। ତେବେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଶୁକ୍ରବାର ଶେଷ ମୁହୂର୍ତ୍ତରେ ଭେନ୍ୟୁରେ ପରିବର୍ତ୍ତନ କରାଯାଇଛି। କେତେକ କାରଣରୁ ବେଙ୍ଗାଲୁରୁ ବଦଳରେ ମୁମ୍ବାଇକୁ ଭେନ୍ୟୁ କରାଯାଇଛି। ବେଙ୍ଗାଲୁରୁସ୍ଥିତ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ ଆବଶ୍ୟକ ପଡୁଥିବା ପ୍ରଶାସନିକ ଓ ସୁରକ୍ଷା ବ୍ୟବସ୍ଥାର ଅଭାବ ରହିଥିବାରୁ ସେଠାରେ ମ୍ୟାଚ ଆୟୋଜନ କରାଯାଇପାରିବ ନାହିଁ। ଟୁର୍ନାମେଣ୍ଟ ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବ। ବର୍ତ୍ତମାନ ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମ ଟୁର୍ନାମେଣ୍ଟ ଓପନର, ଏକ ସେମିଫାଇନାଲ ଏବଂ ସମ୍ଭବତଃ ନଭେମ୍ବର ୨ରେ ଫାଇନାଲ ସମେତ ୫ଟି ମ୍ୟାଚ ଆୟୋଜନ କରିବ। ଆଇସିସି ଚେୟାରମ୍ୟାନ ଜୟ ଶାହା ଏ ସମ୍ପର୍କରେ ସୂଚନା ଦେଇଛନ୍ତି।। ଜୁନ୍ ୪ରେ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏହାର ବିଜୟ ଉତ୍ସବ ପାଳନ କରୁଥିବା ବେଳେ ଷ୍ଟାଡିୟମରେ ଦଳାଚକଟାରେ ୧୧ଜଣ ସମର୍ଥକଙ୍କ ପ୍ରାଣହାନି ଘଟିଥିଲା। ଏହି ଘଟଣା ପରଠାରୁ ଷ୍ଟାଡିୟମରେ ଗୋଟିଏ ହେଲେ ମ୍ୟାଚ ଖେଳାଯାଇ ନାହିଁ। ବିଶ୍ୱକପ୍ ମ୍ୟାଚ ଖେଳାଯିବାକୁ ଥିବାରୁ ଏଥିପାଇଁ ଷ୍ଟାଡିୟମର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ କରାଯିବା ସହ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ମଞ୍ଜୁରୀପ୍ରାପ୍ତ କରାଇ ନେବା ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କର୍ଣ୍ଣାଟକ ରାଜ୍ୟ କ୍ରିକେଟ ଆସୋସିଏଶନ (କେଏସ୍‌ସିଏ)କୁ ନିର୍ଦ୍ଦେଶ ଦେଇଥିଲା। ମାତ୍ର ରାଜ୍ୟ ଆସୋସିଏଶନ ଧାର୍ଯ୍ୟ ସମୟସୀମା ମଧ୍ୟରେ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିପାରିନି। ଆଇସିସିର ଗାଇଡ୍‌ଲାଇନ୍ ଅନୁସାରେ ଆୟୋଜକ ଆସୋସିଏଶନ ଭେନ୍ୟୁକୁ ଟୁର୍ନାମେଣ୍ଟ ଆରମ୍ଭର ୩୦ଦିନ ପୂର୍ବରୁ ଆଇସିସିକୁ ହସ୍ତାନ୍ତର କରିବା ଆବଶ୍ୟକ। ଏହି ସମୟ ମଧ୍ୟରେ ଷ୍ଟାଡିୟମରେ କୌଣସି ମ୍ୟାଚ ଆୟୋଜନ ହେବା କଥା ନୁହେଁ। ନଭି ମୁମ୍ବାଇ ପୂର୍ବରୁ ପ୍ରଥମେ ଥିରୁଭାନନ୍ତପୁରମ୍‌ର କାର୍ଯ୍ୟବଟମସ୍ଥିତ ଗ୍ରୀନ୍‌ଫିଲ୍ଡ ଷ୍ଟାଡିୟମକୁ ବଦଳ ଭେନ୍ୟୁ କରିବା ଲାଗି ବିଚାର କରାଯାଉଥିଲା। ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ୧୨ବର୍ଷ ପରେ ଭାରତରେ ଆୟୋଜନ ହେବାକୁ ଯାଉଛି। ନଭି ମୁମ୍ବାଇରେ ମହିଳା ପ୍ରିମିୟର ଲିଗ୍ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଏହାର ପରିବେଶ ଉଭୟ ଖେଳାଳି ଓ ଦର୍ଶକମାନଙ୍କୁ ସୁହାଉଛି। ଆଗକୁ ଏହା ମହିଳା କ୍ରିକେଟର ହବ୍‌ରେ ପରିଣତ ହେବାକୁ ଯାଉଛି ବୋଲି ଶାହା ପ୍ରକାଶ କରିଛନ୍ତି। ୮ଟି ଦଳକୁ ନେଇ ହେବାକୁଥିବା ଏହି ଟୁର୍ନାମେଣ୍ଟ ନଭି ମୁମ୍ବାଇକୁ ଛାଡ଼ିଦେଲେ ଗୁଆହାଟୀ, ଇନ୍ଦୋର, ବିଶାଖାପାଟଣା ଓ କଲମ୍ବୋରେ ଖେଳାଯିବ। କଲମ୍ବୋକୁ ନିରପେକ୍ଷ ଭେନ୍ୟୁ ଭାବେ ନିଆଯାଇଛି। ସେଠାରେ ଭାରତ-ପାକିସ୍ତାନ ମ୍ୟାଚ୍‌ଗୁଡ଼ିକ ଖେଳାଯିବ।

# ଏଲାଭେନିଲଙ୍କୁ ସ୍ୱର୍ଣ୍ଣ

**ସିମ୍‌କେଣ୍ଟ, ୨୨।୮ (ପି.ଟି.):** ଭାରତୀୟ ଶୁଟର ଏଲାଭେନିଲ ଭାଲାରିଭାନ ଏଠାରେ ଚାଲିଥିବା ୧୬ତମ ଏସିଆନ ଚାମ୍ପିୟନଶିପ୍‌ର ମହିଳା ୧୦ମିଟର ଏୟାର ରାଇଫଲ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ବିଶ୍ୱକପ୍‌ଗୁଡ଼ିକରେ ଏକାଧିକ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ତାମିଲନାଡୁର ଏହି ୨୬ ବର୍ଷୀୟା ଫାଇନାଲରେ ୨୫୩.୬ ସ୍କୋର ସହ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ଏହି ମହାଦେଶୀୟ ଇଭେଣ୍ଟରେ ଏହା ହେଉଛି ତାଙ୍କର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ସେ ତାଙ୍କର ପ୍ରଥମ ସ୍ୱର୍ଣ୍ଣ ପଦକ ୨୦୧୯ରେ ତାଇୱାନରେ ହାସଲ କରିଥିଲେ। ଏଠାରେ ଚାଇନାର ଜିନ୍‌ଲୁ ପେଙ୍ଗ୍ ୨୫୩ ସ୍କୋର ସହ ରୌପ୍ୟ ଜିତିଥିବା ବେଳେ କୋରିଆର ଇୟୁନ୍‌ଜି କୋନ୍ (୨୩୧.୨) ବ୍ରୋଞ୍ଜ ପାଇଥିଲେ। ଚଳିତ ଇଭେଣ୍ଟରେ ଭାଲାରିଭାନଙ୍କ ଏହା ହେଉଛି ପ୍ରଥମ ପୋଡିୟମ ଫିନିଶ। ପୂର୍ବରୁ ସେ ଟିମ୍ ଇଭେଣ୍ଟରେ ସାମିଲ ହୋଇ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ଲାଭ କରିସାରିଛନ୍ତି।

# ଓଡ଼ିଶାରୁ ସୃଷ୍ଟି, ମନ୍ନତା ମନୋନୀତ

**ଅହମଦାବାଦରେ ଜାତୀୟ ସୁଇମିଂ କ୍ୟାମ୍ପ**

ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ) ଏସିଆନ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ୧୧ଶ ସଂସ୍କରଣ ଅହମଦାବାଦଠାରେ ସେପ୍ଟେମ୍ବର ୨୮ରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଭାରତୀୟ ଦଳ ମନୋନୟନ ପାଇଁ ଜାତୀୟ କୋଚିଂ କ୍ୟାମ୍ପ ଚଳିତ ମାସ ୨୬ରୁ ସେପ୍ଟେମ୍ବର ୨୫ ପର୍ଯ୍ୟନ୍ତ ଅହମଦାବାଦରେ ହେବ। ଏହି କ୍ୟାମ୍ପ ପାଇଁ ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ଓଡ଼ିଶାର ୨ ମହିଳା ସୁଇମର ସୃଷ୍ଟି ଉପାଧ୍ୟାୟ ଓ ମନ୍ନତା ମିଶ୍ର ମନୋନୀତ ହୋଇଛନ୍ତି। ଜାତୀୟ କ୍ୟାମ୍ପରୁ ଚୂଡ଼ାନ୍ତ ଭାରତୀୟ ଦଳ ମନୋନୟନ ହେବ। ଜାତୀୟ କ୍ୟାମ୍ପକୁ ମନୋନୀତ ହୋଇ ନୂଆ ଧାରା ସୃଷ୍ଟି କରିଥିବାରୁ ସୃଷ୍ଟି ଓ ମନ୍ନତାଙ୍କୁ ଓଡ଼ିଶା ରାଜ୍ୟ ସୁଇମିଂ ଆସୋସିଏଶନ ସଭାପତି ପ୍ରଦୀପ ପାଢ଼ୀ, ସମ୍ପାଦକ ଗୋଲପମଣି ମହନ୍ତ, କୋଷାଧ୍ୟକ୍ଷ ବିଜୟ ଦୀକ୍ଷିତ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀ ଚନ୍ଦ୍ର ମହାକୁର ଓ ଅନ୍ୟ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।



ସୃଷ୍ଟି ଉପାଧ୍ୟାୟ



ମନ୍ନତା ମିଶ୍ର

# ଓଡ଼ିଶାକୁ ଆଉ ୨ ରୌପ୍ୟ ପଦକ

**ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ ଫେଷ୍ଟିଭାଲ**

ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ) ଜମ୍ମୁ-କଶ୍ମୀରର ଶ୍ରୀନଗରଠାରେ ଚାଲିଥିବା ସର୍ବପ୍ରଥମ ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ ଫେଷ୍ଟିଭାଲରେ ଶୁକ୍ରବାର ଓଡ଼ିଶାକୁ ଆଉ ୨ଟି ରୌପ୍ୟ ପଦକ ମିଳିଛି। ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ନାଓରେମ ଜେମ୍ସ ସିଂ ଓ ସନ୍ତୋଷ ଖ୍ୱାଇରାକପାମ କେ୨ଏମ୍-୫୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ପାଇଛନ୍ତି। ସେହିପରି ଓଇନମ ଦେବୀ ଓ ଶ୍ରୁତି ଚୌଗୁଲେ କେ୨ଏମ୍-୫୦୦ ମିଟରରେ ରୌପ୍ୟ ପଦକ ଜିତିଛନ୍ତି। ପ୍ରତିଯୋଗିତାର ପ୍ରଥମ ଦିବସରେ ଅନୁଷ୍ଠିତ ସି୧ଡବ୍ଲ୍ୟୁ ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତି ରଶ୍ମିତା ସାହୁ ରାଜ୍ୟକୁ ଗର୍ବିତ କରିଥିଲେ। ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସରେ ଓଡ଼ିଶାର ଏହାଥିଲା ପ୍ରଥମ ସ୍ୱର୍ଣ୍ଣ ପଦକ। ନାଓରେମ ଜେମ୍ସ ସିଂ କାୟାକିଂ ଆଣ୍ଡ କାନୋଇଂ କେ୧ଏମ୍-୧୦୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିଲେ।

# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ପରାଜୟ

**ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ):** ଆସାମର ମାରିଆନିସ୍ଥିତ ବାପୁଜୀ ଷ୍ଟାଡିୟମରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ଫୁଟବଲ ଚାମ୍ପିୟନଶିପ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୧-୭ ଗୋଲରେ ପଶ୍ଚିମବଙ୍ଗଠାରୁ ହାରି ଯାଇଛି। ପ୍ରତିଯୋଗିତାରେ ଓଡ଼ିଶାର ଏହା କ୍ରମାଗତ ଦ୍ୱିତୀୟ ପରାଜୟ। ଗତ ୨୦ ତାରିଖରେ ଓଡ଼ିଶା ୦-୪ ଗୋଲରେ ମହାରାଷ୍ଟ୍ର ନିକଟରୁ ହାରି ଯାଇଥିଲା।

# ଉର୍ଜା, ଶ୍ୱେତା, ଜିଜ୍ଞାସୁ ଚାମ୍ପିୟନ

**ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ):** ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ୬ଷ୍ଠ ରାଜ୍ୟ ଆନ୍ତଃସ୍କୁଲ ଟେବୁଲ ଟେନିସ ପ୍ରତିଯୋଗିତାର ସିଙ୍ଗଲ୍ସ ଇଭେଣ୍ଟ କଟକ ସିଡିଏସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ଶୁକ୍ରବାର ଶେଷ ହୋଇଛି। ସିନିୟର ବାଳିକା ସିଙ୍ଗଲ୍ସ ଫାଇନାଲରେ ଉର୍ଜା ବର୍ମା ୩-୦ରେ ଆଫିୟା ମୋସିମଙ୍କୁ ଏବଂ ବାଳକ ସିଙ୍ଗଲ୍ସ ଫାଇନାଲରେ ଜିଜ୍ଞାସୁ ସାହୁ ୩-୦ରେ ରତିକାନ୍ତ ଗୌଡ଼ାଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ଜୁନିୟର ବାଳିକା ସିଙ୍ଗଲ୍ସ ଫାଇନାଲରେ ଶ୍ୱେତା ବର୍ମା ୩-୧ରେ ଆଂଶିକା ମହାନ୍ତିଙ୍କୁ ଏବଂ ବାଳକରେ ଜିଜ୍ଞାସୁ ସାଇ କିରନ ପ୍ରସାଦ ୩-୦ରେ ଜୁନାଇଦ ଅଲୀଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ୟଙ୍ଗ ଜେନେରେଶନ ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ ଆରମ୍ଭ ହୋଇଛି। ୧୩ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ସେମିଫାଇନାଲରେ ରୀତମ ଭୂୟାଁଙ୍କୁ ହରାଇ ଅଭିଷେକ ଦାସ ଓ ଯଯାତି କେଶରୀ ଦାସଙ୍କୁ ପରାସ୍ତକରି କେ. ଶିବଶଙ୍କର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ୧୩ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ସେମିଫାଇନାଲରେ ସୃଷ୍ଟି ଚୌଧୁରୀଙ୍କୁ ହରାଇ ଶ୍ୱେତା ବର୍ମା ଏବଂ ଅନ୍ୱେଷା ଅନିରୁଦ୍ଧଙ୍କୁ ପରାସ୍ତ କରି ଆରାଧ୍ୟା ସାହୁ ଫାଇନାଲରେ ପହଞ୍ଚିଛନ୍ତି।



ଚେନ୍ନାଇରେ ଚାଲିଥିବା ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ୍ସ ପୁରୁଷ ରିଲେରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶା ଦଳ।

# ମିଟ୍ ରେକର୍ଡ ସହ ଓଡ଼ିଶାକୁ ସ୍ୱର୍ଣ୍ଣ

**ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ୍ସ ପୁରୁଷ ରିଲେ**

ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ) ଚେନ୍ନାଇର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଶୁକ୍ରବାର ଅନୁଷ୍ଠିତ ୪x୧୦୦ ମିଟର ରିଲେ ରେସ୍‌ରେ ଓଡ଼ିଶା ପୁରୁଷ ଦଳ ମିଟ୍ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛି। ସରୁନ ପାୟାସିଂ, ଅନିମେଶ କୁଜୁର, ଲାଲୁ ପ୍ରସାଦ ଭୋଇ ଓ ଅମିୟ ମଲିକ୍‌ଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୩୯.୫୨ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛି। ୨୦୨୨ରେ ତାମିଲନାଡୁ ଦଳ ୩୯.୮୮ ସେକେଣ୍ଡ ସମୟ ସହ ମିଟ୍ ରେକର୍ଡର ଅଧିକାରୀ ଥିଲା। ଚଳିତ ପ୍ରତିଯୋଗିତାରେ ତାମିଲନାଡୁ ଦଳ ୩୯.୮୦ ଓ କେରଳ ଦଳ ୪୦.୫୯ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛି। ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶାର ଦିବ୍ୟା ଶାଣ୍ଡିଲ୍ୟ ମହିଳା ହାମର ଥ୍ରୋରେ ରୌପ୍ୟ ପଦକ ହାସଲ କରିଥିଲେ।

# ଆନ୍ତଃଜିଲା ମହିଳା ଫୁଟ୍‌ବଲ ଲାଗି ଭୁବନେଶ୍ୱର ଦଳ ଚୟନ

ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ) ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଆନ୍ତଃଜିଲା ମହିଳା ଫୁଟବଲ (ବି.ସି.ବେହେରା ଟ୍ରଫି) ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଭୁବନେଶ୍ୱର ଦଳର ଚୟନ ପ୍ରକ୍ରିୟା ଚଳିତ ମାସ ୨୪ ତାରିଖରେ ୟୁନିଟ-୧ସ୍ଥିତ ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ହେବ। ଆଗ୍ରହୀ ଖେଳାଳିମାନେ ଆବଶ୍ୟକ ପ୍ରମାଣପତ୍ର ସହ ଏକାଡେମୀ ପଡ଼ିଆରେ ସକାଳ ୧୦ଟା ସୁଦ୍ଧା ପହଞ୍ଚି ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ବୋଲି ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଜଣାଇଛନ୍ତି। ସବିଶେଷ ବିବରଣୀ ପାଇଁ ଆସୋସିଏଶନର ଫୁଟବଲ ସମ୍ପାଦକ ଦିଲୀପ ଦାସଙ୍କ ସହ ଯୋଗାଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି।

**ଆନ୍ତଃଜୋନ ଟି୨୦ ମହିଳା ଦୃଷ୍ଟିବାଧିତ କ୍ରିକେଟ**

# ପୂର୍ବାଞ୍ଚଳ ଚାମ୍ପିୟନ

**ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ):** ବେଙ୍ଗାଲୁରୁରେ ଅନୁଷ୍ଠିତ ଏନଭେଷ୍ଟନେଟ ଚ୍ୟାଲେଞ୍ଜ ଆନ୍ତଃଜୋନ ଟି୨୦ ମହିଳା ଦୃଷ୍ଟିବାଧିତ କ୍ରିକେଟରେ ପୂର୍ବାଞ୍ଚଳ ଚାମ୍ପିୟନ ହୋଇଛି। ଲିଗ୍ ପର୍ଯ୍ୟାୟରେ କ୍ରମାଗତ ୩ ବିଜୟ ପରେ ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ପଶ୍ଚିମାଞ୍ଚଳକୁ ୪୧ ରନରେ ହରାଇ ପୂର୍ବାଞ୍ଚଳ ଟାଇଟଲ ହାସଲ କରିଛି। ପାର୍ବତୀ ମାର୍ଣ୍ଡିଙ୍କ ଅପରାଜିତ ୬୭ ରନ ସହାୟତାରେ ପୂର୍ବାଞ୍ଚଳ ୨୦ ଓଭରରେ ୫ ଉଇକେଟ ହରାଇ ୧୬୨ ରନ କରିଥିଲା। ଜବାବରେ ପଶ୍ଚିମାଞ୍ଚଳ ୧୫.୫ ଓଭରରେ ୧୨୧ ରନକରି ଅଲ୍‌ଆଉଟ ହୋଇଥିଲା। ୮ ବ୍ୟାଟର ରନଆଉଟ ହୋଇଥିଲେ। ଏହି ସଫଳତା ପାଇଁ ଅନ୍ତର୍ଜାତୀୟ କ୍ରିକେଟର ଜାଫର ଇକବାଲ କୋଚ୍ ସୁଖରାମ ମାଝି ଓ ଓଡ଼ିଶା ଦଳର ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ୯ ଖେଳାଳି ସାମିଲ ଥିଲେ। ଏହି ଖେଳାଳିମାନେ ଆସନ୍ତା ଦୃଷ୍ଟିବାଧିତ ଟି୨୦ ବିଶ୍ୱକପ ପାଇଁ ଜାତୀୟ କୋଚିଂ କ୍ୟାମ୍ପରେ ଯୋଗଦେବେ।

# ବିଗ୍ ଅରେଞ୍ଜ୍ ବାସ୍କେଟବଲ ଲିଗ୍: ଏସ୍‌ଏସ୍‌ୟୁ ଚାମ୍ପିୟନ

ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ) କଟକ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ (ଏସ୍‌ଏସ୍‌ୟୁ)ର ପୁରୁଷ ବାସ୍କେଟ୍‌ବଲ୍ ଦଳ ଆନ୍ତଃ ମହାବିଦ୍ୟାଳୟ ବିଗ୍ ଅରେଞ୍ଜ୍ ବାସ୍କେଟବଲ ଲିଗ୍‌ରେ ଚାମ୍ପିୟନ ହୋଇଛି। ଭୁବନେଶ୍ୱରସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲ୍ ପଡ଼ିଆରେ ଗତ ୧୮ରୁ ଆରମ୍ଭ ହୋଇଥିବା ୪ ଦିନିଆ ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଦଳଗୁଡ଼ିକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ପ୍ରତିଯୋଗିତା ହୋଇଥିଲା। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଗ୍ରୁପ୍-ଏ'ରେ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ, ଆଇଆଇଟି-ଭୁବନେଶ୍ୱର ଏବଂ ଓୟୁଟିଆର୍-ଭୁବନେଶ୍ୱର ସହ ସ୍ଥାନ ପାଇଥିଲା। ପ୍ରଥମ ମ୍ୟାଚରେ ସେଞ୍ଚୁରିଅନ୍, ଦ୍ୱିତୀୟ ମ୍ୟାଚରେ ଆଇଆଇଟି-ଭୁବନେଶ୍ୱର ଓ ତୃତୀୟ ତଥା ଗ୍ରୁପର ଶେଷ ମ୍ୟାଚରେ ଓୟୁଟିଆର୍-ଭୁବନେଶ୍ୱରକୁ ହରାଇ ଏସ୍‌ଏସ୍‌ୟୁ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ଶକ୍ତିଶାଳୀ କିଟ୍ ବିଶ୍ୱବିଦ୍ୟାଳୟକୁ ୬୦-୫୭ ପଏଣ୍ଟରେ ହରାଇ ଚାମ୍ପିଅନ୍ ହୋଇଥିଲା। ଏସ୍‌ଏସ୍‌ୟୁର ଅମ୍ରିତ ଗୌରବ ରାୟ 'ମ୍ୟାନ୍ ଅଫ୍ ଦି ଫାଇନାଲ୍' ବିବେଚିତ ହୋଇଥିଲେ। ଏହି ସଫଳତା ପାଇଁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର 'ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟ କମିଟି' ବିଜୟୀ ବାସ୍କେଟ୍ ବଲ୍ ଟିମ୍‌କୁ ଅଭିନନ୍ଦନ ଜଣାଇଛି।



ଅତିଥିଙ୍କ ସହ ଚାମ୍ପିୟନ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପୁରୁଷ ବାସ୍କେଟ୍‌ବଲ୍ ଦଳ।

# କିଟ୍, କିସ୍ କ୍ରୀଡ଼ା ଭିତ୍ତିଭୂମୀକୁ ଜାପାନ କନସୁଲ ଜେନେରାଲଙ୍କ ପ୍ରଶଂସା

**ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ):** କୋଲକାତାରେ ଅବସ୍ଥାପିତ ଜାପାନ କନସୁଲ ଜେନେରାଲ ଇଶିକାୱା ୟୋଶିହିସା ଓ ତାଙ୍କ ପ୍ରତିନିଧି ଦଳ ଶୁକ୍ରବାର କିଟ୍ ଓ କିସ୍‌ର କ୍ରୀଡ଼ା ଭିତ୍ତିଭୂମୀ ପରିଦର୍ଶନ କରି ଉଚ୍ଚପ୍ରଶଂସା କରିଛନ୍ତି। ପ୍ରତିନିଧି ଦଳକୁ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଯୁଗ୍ମ କ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରାକେଶ ଜେନା, କିସ୍‌ବିଶ୍ୱବିଦ୍ୟାଳୟ ଅର୍ଥବିଭାଗର ମୁଖ୍ୟ ଅଧିକାରୀ ଡକ୍ଟ୍ର. ଇଶ୍ୱର ଓ କର୍ମକର୍ତ୍ତାମାନେ ସ୍ୱାଗତ କରିଥିଲେ। ଏହି ଅବସରରେ ୟୋଶିହିସା କିଟ୍-କିସ୍‌ର ସ୍ପୋର୍ଟ୍ସ ଏକାଡେମୀରେ ପିଲମାନଙ୍କୁ ଟ୍ରେନିଂ ପାଇଁ ଜାପାନ ବିଶ୍ୱସ୍ତରର କୋଚ୍ ଯୋଗାଇଦେବ ବୋଲି ଆଶ୍ୱାସନା ଦେଇଥିଲେ।

# ଭାରତୀୟ ଦଳରେ ଓଡ଼ିଶାର ଆକାଶ

**ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ):** ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ଆଇବିଏସ୍‌ଏ (ଇଣ୍ଡିଆନ ବ୍ଲାଇଣ୍ଡ ସ୍ପୋର୍ଟ୍ସ ଆସୋସିଏଶନ) ଦୃଷ୍ଟିବାଧିତ ନେସନ୍ସ କପ୍ ଏବଂ ୨୦୨୫ ଏସିଆ-ଓସେନିଆ ଡିଭିଜନ-୨ ଦୃଷ୍ଟିବାଧିତ ଫୁଟବଲ ଚାମ୍ପିୟନଶିପ୍ କେରଳ କୋଚିର କକ୍କନଡ୍‌ସ୍ଥିତ ୟୁନାଇଟେଡ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶାର ଆକାଶ ପଡିଆମି ଗୋଲକିପର ଭାବେ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଭାରତୀୟ ଦଳ ଚୟନ ଲାଗି ଆଇବିଏଫ୍‌ଏଫ୍ (ଇଣ୍ଡିଆନ ବ୍ଲାଇଣ୍ଡ ଫୁଟବଲ ଫେଡେରେଶନ) ପକ୍ଷରୁ ଚୟନ ଶିବିର କୋଚିଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ରାଜ୍ୟରୁ ଦୃଷ୍ଟିବାଧିତ ଖେଳାଳିମାନେ ଭାଗ ନେଇଥିଲେ। ଓଡ଼ିଶାର ବ୍ଲୁସ୍ୱାଇ ସଂଗଠନ ତରଫରୁ ଆକାଶ ପଡିଆମି (ଗୋଲ କିପର) ଓ ଆଶିଷ ସାହୁ (ଖେଳାଳି) ଅଂଶଗ୍ରହଣ କରିଥିଲେ। ନିଜ ଦକ୍ଷତା ମାଧ୍ୟମରେ ଆକାଶ ଚୟନ କର୍ତ୍ତାଙ୍କୁ ପ୍ରଭାବିତ କରି ଭାରତୀୟ ଦଳରେ ସୁଯୋଗ ପାଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ଓଡ଼ିଶା ବ୍ଲୁସ୍ୱାଇର ଅଧ୍ୟକ୍ଷ ତ୍ରିଲୋଚନ ବେଉରା ଓ ସମସ୍ତ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

**ନେସନ୍ସ କପ୍, ଏସିଆ-ଓସେନିଆ ଦୃଷ୍ଟିବାଧିତ ଫୁଟ୍‌ବଲ**






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ 51 Years

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଅଗଷ୍ଟ ୨୩/୨୦୨୫ Bhubaneswar, Saturday, August 23/ 2025

# ବେଙ୍ଗାଲୁରୁ ସ୍ଥାନରେ ମୁମ୍ବାଇ ଭେନ୍ୟୁ

**ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍**



**ନୂଆଦିଲ୍ଲୀ, ୨୨।୮ (ପି.ଟି.)** ଆସନ୍ତା ମାସରେ ଭାରତର ୫ଟି ସହରରେ ମହିଳା ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଖେଳାଯିବ। ତେବେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଶୁକ୍ରବାର ଶେଷ ମୁହୂର୍ତ୍ତରେ ଭେନ୍ୟୁରେ ପରିବର୍ତ୍ତନ କରାଯାଇଛି। କେତେକ କାରଣରୁ ବେଙ୍ଗାଲୁରୁ ବଦଳରେ ମୁମ୍ବାଇକୁ ଭେନ୍ୟୁ କରାଯାଇଛି। ବେଙ୍ଗାଲୁରୁସ୍ଥିତ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ ଆବଶ୍ୟକ ପଡୁଥିବା ପ୍ରଶାସନିକ ଓ ସୁରକ୍ଷା ବ୍ୟବସ୍ଥାର ଅଭାବ ରହିଥିବାରୁ ସେଠାରେ ମ୍ୟାଚ ଆୟୋଜନ କରାଯାଇପାରିବ ନାହିଁ। ଟୁର୍ନାମେଣ୍ଟ ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବ। ବର୍ତ୍ତମାନ ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମ ଟୁର୍ନାମେଣ୍ଟ ଓପନର, ଏକ ସେମିଫାଇନାଲ ଏବଂ ସମ୍ଭବତଃ ନଭେମ୍ବର ୨ରେ ଫାଇନାଲ ସମେତ ୫ଟି ମ୍ୟାଚ ଆୟୋଜନ କରିବ। ଆଇସିସି ଚେୟାରମ୍ୟାନ ଜୟ ଶାହା ଏ ସମ୍ପର୍କରେ ସୂଚନା ଦେଇଛନ୍ତି।। ଜୁନ୍ ୪ରେ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏହାର ବିଜୟ ଉତ୍ସବ ପାଳନ କରୁଥିବା ବେଳେ ଷ୍ଟାଡିୟମରେ ଦଳାଚକଟାରେ ୧୧ଜଣ ସମର୍ଥକଙ୍କ ପ୍ରାଣହାନି ଘଟିଥିଲା। ଏହି ଘଟଣା ପରଠାରୁ ଷ୍ଟାଡିୟମରେ ଗୋଟିଏ ହେଲେ ମ୍ୟାଚ ଖେଳାଯାଇ ନାହିଁ। ବିଶ୍ୱକପ୍ ମ୍ୟାଚ ଖେଳାଯିବାକୁ ଥିବାରୁ ଏଥିପାଇଁ ଷ୍ଟାଡିୟମର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ କରାଯିବା ସହ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ମଞ୍ଜୁରୀପ୍ରାପ୍ତ କରାଇ ନେବା ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କର୍ଣ୍ଣାଟକ ରାଜ୍ୟ କ୍ରିକେଟ ଆସୋସିଏଶନ (କେଏସ୍‌ସିଏ)କୁ ନିର୍ଦ୍ଦେଶ ଦେଇଥିଲା। ମାତ୍ର ରାଜ୍ୟ ଆସୋସିଏଶନ ଧାର୍ଯ୍ୟ ସମୟସୀମା ମଧ୍ୟରେ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିପାରିନି। ଆଇସିସିର ଗାଇଡ୍‌ଲାଇନ୍ ଅନୁସାରେ ଆୟୋଜକ ଆସୋସିଏଶନ ଭେନ୍ୟୁକୁ ଟୁର୍ନାମେଣ୍ଟ ଆରମ୍ଭର ୩୦ଦିନ ପୂର୍ବରୁ ଆଇସିସିକୁ ହସ୍ତାନ୍ତର କରିବା ଆବଶ୍ୟକ। ଏହି ସମୟ ମଧ୍ୟରେ ଷ୍ଟାଡିୟମରେ କୌଣସି ମ୍ୟାଚ ଆୟୋଜନ ହେବା କଥା ନୁହେଁ। ନଭି ମୁମ୍ବାଇ ପୂର୍ବରୁ ପ୍ରଥମେ ଥିରୁଭାନନ୍ତପୁରମ୍‌ର କାର୍ଯ୍ୟବଟମସ୍ଥିତ ଗ୍ରୀନ୍‌ଫିଲ୍ଡ ଷ୍ଟାଡିୟମକୁ ବଦଳ ଭେନ୍ୟୁ କରିବା ଲାଗି ବିଚାର କରାଯାଉଥିଲା। ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ୧୨ବର୍ଷ ପରେ ଭାରତରେ ଆୟୋଜନ ହେବାକୁ ଯାଉଛି। ନଭି ମୁମ୍ବାଇରେ ମହିଳା ପ୍ରିମିୟର ଲିଗ୍ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଏହାର ପରିବେଶ ଉଭୟ ଖେଳାଳି ଓ ଦର୍ଶକମାନଙ୍କୁ ସୁହାଉଛି। ଆଗକୁ ଏହା ମହିଳା କ୍ରିକେଟର ହବ୍‌ରେ ପରିଣତ ହେବାକୁ ଯାଉଛି ବୋଲି ଶାହା ପ୍ରକାଶ କରିଛନ୍ତି। ୮ଟି ଦଳକୁ ନେଇ ହେବାକୁଥିବା ଏହି ଟୁର୍ନାମେଣ୍ଟ ନଭି ମୁମ୍ବାଇକୁ ଛାଡ଼ିଦେଲେ ଗୁଆହାଟୀ, ଇନ୍ଦୋର, ବିଶାଖାପାଟଣା ଓ କଲମ୍ବୋରେ ଖେଳାଯିବ। କଲମ୍ବୋକୁ ନିରପେକ୍ଷ ଭେନ୍ୟୁ ଭାବେ ନିଆଯାଇଛି। ସେଠାରେ ଭାରତ-ପାକିସ୍ତାନ ମ୍ୟାଚ୍‌ଗୁଡ଼ିକ ଖେଳାଯିବ।

# ଏଲାଭେନିଲଙ୍କୁ ସ୍ୱର୍ଣ୍ଣ

**ସିମ୍‌କେଣ୍ଟ, ୨୨।୮ (ପି.ଟି.):** ଭାରତୀୟ ଶୁଟର ଏଲାଭେନିଲ ଭାଲାରିଭାନ ଏଠାରେ ଚାଲିଥିବା ୧୬ତମ ଏସିଆନ ଚାମ୍ପିୟନଶିପ୍‌ର ମହିଳା ୧୦ମିଟର ଏୟାର ରାଇଫଲ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ବିଶ୍ୱକପ୍‌ଗୁଡ଼ିକରେ ଏକାଧିକ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ତାମିଲନାଡୁର ଏହି ୨୬ ବର୍ଷୀୟା ଫାଇନାଲରେ ୨୫୩.୬ ସ୍କୋର ସହ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ଏହି ମହାଦେଶୀୟ ଇଭେଣ୍ଟରେ ଏହା ହେଉଛି ତାଙ୍କର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ସେ ତାଙ୍କର ପ୍ରଥମ ସ୍ୱର୍ଣ୍ଣ ପଦକ ୨୦୧୯ରେ ତାଇୱାନରେ ହାସଲ କରିଥିଲେ। ଏଠାରେ ଚାଇନାର ଜିନ୍‌ଲୁ ପେଙ୍ଗ୍ ୨୫୩ ସ୍କୋର ସହ ରୌପ୍ୟ ଜିତିଥିବା ବେଳେ କୋରିଆର ଇୟୁନ୍‌ଜି କୋନ୍ (୨୩୧.୨) ବ୍ରୋଞ୍ଜ ପାଇଥିଲେ। ଚଳିତ ଇଭେଣ୍ଟରେ ଭାଲାରିଭାନଙ୍କ ଏହା ହେଉଛି ପ୍ରଥମ ପୋଡିୟମ ଫିନିଶ। ପୂର୍ବରୁ ସେ ଟିମ୍ ଇଭେଣ୍ଟରେ ସାମିଲ ହୋଇ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ଲାଭ କରିସାରିଛନ୍ତି।

# ଓଡ଼ିଶାରୁ ସୃଷ୍ଟି, ମନ୍ନତା ମନୋନୀତ

**ଅହମଦାବାଦରେ ଜାତୀୟ ସୁଇମିଂ କ୍ୟାମ୍ପ**



ସୃଷ୍ଟି ଉପାଧ୍ୟାୟ



ମନ୍ନତା ମିଶ୍ର

**ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ)** ଏସିଆନ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ୧୧ଶ ସଂସ୍କରଣ ଅହମଦାବାଦଠାରେ ସେପ୍ଟେମ୍ବର ୨୮ରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଭାରତୀୟ ଦଳ ମନୋନୟନ ପାଇଁ ଜାତୀୟ କୋଚିଂ କ୍ୟାମ୍ପ ଚଳିତ ମାସ ୨୬ରୁ ସେପ୍ଟେମ୍ବର ୨୫ ପର୍ଯ୍ୟନ୍ତ ଅହମଦାବାଦରେ ହେବ। ଏହି କ୍ୟାମ୍ପ ପାଇଁ ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ଓଡ଼ିଶାର ୨ ମହିଳା ସୁଇମର ସୃଷ୍ଟି ଉପାଧ୍ୟାୟ ଓ ମନ୍ନତା ମିଶ୍ର ମନୋନୀତ ହୋଇଛନ୍ତି। ଜାତୀୟ କ୍ୟାମ୍ପରୁ ଚୂଡ଼ାନ୍ତ ଭାରତୀୟ ଦଳ ମନୋନୟନ ହେବ। ଜାତୀୟ କ୍ୟାମ୍ପକୁ ମନୋନୀତ ହୋଇ ନୂଆ ଧାରା ସୃଷ୍ଟି କରିଥିବାରୁ ସୃଷ୍ଟି ଓ ମନ୍ନତାଙ୍କୁ ଓଡ଼ିଶା ରାଜ୍ୟ ସୁଇମିଂ ଆସୋସିଏଶନ ସଭାପତି ପ୍ରଦୀପ ପାଢ଼ୀ, ସମ୍ପାଦକ ଗୋଲପମଣି ମହନ୍ତ, କୋଷାଧ୍ୟକ୍ଷ ବିଜୟ ଦୀକ୍ଷିତ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀ ଚନ୍ଦ୍ର ମହାକୁର ଓ ଅନ୍ୟ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।

# ଓଡ଼ିଶାକୁ ଆଉ ୨ ରୌପ୍ୟ ପଦକ

**ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ ଫେଷ୍ଟିଭାଲ**

**ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ)** ଜମ୍ମୁ-କଶ୍ମୀରର ଶ୍ରୀନଗରଠାରେ ଚାଲିଥିବା ସର୍ବପ୍ରଥମ ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ ଫେଷ୍ଟିଭାଲରେ ଶୁକ୍ରବାର ଓଡ଼ିଶାକୁ ଆଉ ୨ଟି ରୌପ୍ୟ ପଦକ ମିଳିଛି। ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ନାଓରେମ ଜେମ୍ସ ସିଂ ଓ ସନ୍ତୋଷ ଖ୍ୱାଇରାକପାମ କେ୨ଏମ୍-୫୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ପାଇଛନ୍ତି। ସେହିପରି ଓଇନମ ଦେବୀ ଓ ଶ୍ରୁତି ଚୌଗୁଲେ କେ୨ଏମ୍-୫୦୦ ମିଟରରେ ରୌପ୍ୟ ପଦକ ଜିତିଛନ୍ତି। ପ୍ରତିଯୋଗିତାର ପ୍ରଥମ ଦିବସରେ ଅନୁଷ୍ଠିତ ସିଂଡବ୍ଲ୍ୟୁ ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତି ରଶ୍ମିତା ସାହୁ ରାଜ୍ୟକୁ ଗର୍ବିତ କରିଥିଲେ। ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସରେ ଓଡ଼ିଶାର ଏହାଥିଲା ପ୍ରଥମ ସ୍ୱର୍ଣ୍ଣ ପଦକ। ନାଓରେମ ଜେମ୍ସ ସିଂ କାୟାକିଂ ଆଣ୍ଡ କାନୋଇଂ କେ୧ଏମ୍-୧୦୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିଲେ।

# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ପରାଜୟ

**ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ):** ଆସାମର ମାରିଆନିସ୍ଥିତ ବାପୁଜୀ ଷ୍ଟାଡିୟମରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ଫୁଟବଲ ଚାମ୍ପିୟନଶିପ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୧-୭ ଗୋଲରେ ପଶ୍ଚିମବଙ୍ଗଠାରୁ ହାରି ଯାଇଛି। ପ୍ରତିଯୋଗିତାରେ ଓଡ଼ିଶାର ଏହା କ୍ରମାଗତ ଦ୍ୱିତୀୟ ପରାଜୟ। ଗତ ୨୦ ତାରିଖରେ ଓଡ଼ିଶା ୦-୪ ଗୋଲରେ ମହାରାଷ୍ଟ୍ର ନିକଟରୁ ହାରି ଯାଇଥିଲା।

# ଉର୍ଜା, ଶ୍ୱେତା, ଜିଜ୍ଞାସୁ ଚାମ୍ପିୟନ

**ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ):** ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ୬ଷ୍ଠ ରାଜ୍ୟ ଆନ୍ତଃସ୍କୁଲ ଟେବୁଲ ଟେନିସ ପ୍ରତିଯୋଗିତାର ସିଙ୍ଗଲ୍ସ ଇଭେଣ୍ଟ କଟକ ସିଡିଏସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ଶୁକ୍ରବାର ଶେଷ ହୋଇଛି। ସିନିୟର ବାଳିକା ସିଙ୍ଗଲ୍ସ ଫାଇନାଲରେ ଉର୍ଜା ବର୍ମା ୩-୦ରେ ଆଫିୟା ମୋସିମଙ୍କୁ ଏବଂ ବାଳକ ସିଙ୍ଗଲ୍ସ ଫାଇନାଲରେ ଜିଜ୍ଞାସୁ ସାହୁ ୩-୦ରେ ରତିକାନ୍ତ ଗୌଡ଼ାଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ଜୁନିୟର ବାଳିକା ସିଙ୍ଗଲ୍ସ ଫାଇନାଲରେ ଶ୍ୱେତା ବର୍ମା ୩-୧ରେ ଆଁଶିକା ମହାନ୍ତିଙ୍କୁ ଏବଂ ବାଳକରେ ଜିଜ୍ଞାସୁ ସାଇ କିରନ ପ୍ରସାଦ ୩-୦ରେ ଜୁନାଇଦ ଅଲୀଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ୟଙ୍ଗ ଜେନେରେଶନ ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ ଆରମ୍ଭ ହୋଇଛି। ୧୩ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ସେମିଫାଇନାଲରେ ରୀତମ ଭୂୟାଁଙ୍କୁ ହରାଇ ଅଭିଷେକ ଦାସ ଓ ଯଯାତି କେଶରୀ ଦାସଙ୍କୁ ପରାସ୍ତକରି କେ. ଶିବଶଙ୍କର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ୧୩ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ସେମିଫାଇନାଲରେ ସୃଷ୍ଟି ଚୌଧୁରୀଙ୍କୁ ହରାଇ ଶ୍ୱେତା ବର୍ମା ଏବଂ ଅନ୍ୱେଷା ଅନିରୁଦ୍ଧଙ୍କୁ ପରାସ୍ତ କରି ଆରାଧା ସାହୁ ଫାଇନାଲରେ ପହଞ୍ଚିଛନ୍ତି।



ଚେନ୍ନାଇରେ ଚାଲିଥିବା ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ୍ସ ପୁରୁଷ ରିଲେରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶା ଦଳ।

# ମିଟ୍ ରେକର୍ଡ ସହ ଓଡ଼ିଶାକୁ ସ୍ୱର୍ଣ୍ଣ

**ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ୍ସ ପୁରୁଷ ରିଲେ**

**ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ)** ଚେନ୍ନାଇର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଶୁକ୍ରବାର ଅନୁଷ୍ଠିତ ୪x୧୦୦ ମିଟର ରିଲେ ରେସ୍‌ରେ ଓଡ଼ିଶା ପୁରୁଷ ଦଳ ମିଟ୍ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛି। ସରୁନ ପାୟାସିଂ, ଅନିମେଶ କୁଜୁର, ଲାଲୁ ପ୍ରସାଦ ଭୋଇ ଓ ଅମିୟ ମଲିଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୩୯.୫୨ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛି। ୨୦୨୨ରେ ତାମିଲନାଡୁ ଦଳ ୩୯.୮୮ ସେକେଣ୍ଡ ସମୟ ସହ ମିଟ୍ ରେକର୍ଡର ଅଧିକାରୀ ଥିଲା। ଚଳିତ ପ୍ରତିଯୋଗିତାରେ ତାମିଲନାଡୁ ଦଳ ୩୯.୮୦ ଓ କେରଳ ଦଳ ୪୦.୫୯ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛି। ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶାର ଦିବ୍ୟା ଶାଣ୍ଡିଲ୍ୟ ମହିଳା ହାମର ଥ୍ରୋରେ ରୌପ୍ୟ ପଦକ ହାସଲ କରିଥିଲେ।

# ଆନ୍ତଃଜିଲା ମହିଳା ଫୁଟ୍‌ବଲ ଲାଗି ଭୁବନେଶ୍ୱର ଦଳ ଚୟନ

**ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ)** ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଆନ୍ତଃଜିଲା ମହିଳା ଫୁଟବଲ (ବି.ସି.ବେହେରା ଟ୍ରଫି) ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଭୁବନେଶ୍ୱର ଦଳର ଚୟନ ପ୍ରକ୍ରିୟା ଚଳିତ ମାସ ୨୪ ତାରିଖରେ ୟୁନିଟ-୧ସ୍ଥିତ ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ହେବ। ଆଗ୍ରହୀ ଖେଳାଳିମାନେ ଆବଶ୍ୟକ ପ୍ରମାଣପତ୍ର ସହ ଏକାଡେମୀ ପଡ଼ିଆରେ ସକାଳ ୧୦ଟା ସୁଦ୍ଧା ପହଞ୍ଚି ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ବୋଲି ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଜଣାଇଛନ୍ତି। ସବିଶେଷ ବିବରଣୀ ପାଇଁ ଆସୋସିଏଶନର ଫୁଟବଲ ସମ୍ପାଦକ ଦିଲୀପ ଦାସଙ୍କ ସହ ଯୋଗାଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି।

# ପୂର୍ବାଞ୍ଚଳ ଚାମ୍ପିୟନ

**ଆନ୍ତଃଜୋନ ଟି୨୦ ମହିଳା ଦୃଷ୍ଟିବାଧିତ କ୍ରିକେଟ**

**ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ):** ବେଙ୍ଗାଲୁରୁରେ ଅନୁଷ୍ଠିତ ଏନଭେଷ୍ଟନେଟ ଚ୍ୟାଲେଞ୍ଜ ଆନ୍ତଃଜୋନ ଟି୨୦ ମହିଳା ଦୃଷ୍ଟିବାଧିତ କ୍ରିକେଟରେ ପୂର୍ବାଞ୍ଚଳ ଚାମ୍ପିୟନ ହୋଇଛି। ଲିଗ୍ ପର୍ଯ୍ୟାୟରେ କ୍ରମାଗତ ୩ ବିଜୟ ପରେ ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ପଶ୍ଚିମାଞ୍ଚଳକୁ ୪୧ ରନରେ ହରାଇ ପୂର୍ବାଞ୍ଚଳ ଟାଇଟଲ ହାସଲ କରିଛି। ପାର୍ବତୀ ମାର୍ଣ୍ଡିଙ୍କ ଅପରାଜିତ ୬୭ ରନ ସହାୟତାରେ ପୂର୍ବାଞ୍ଚଳ ୨୦ ଓଭରରେ ୫ ଉଇକେଟ ହରାଇ ୧୬୨ ରନ କରିଥିଲା। ଜବାବରେ ପଶ୍ଚିମାଞ୍ଚଳ ୧୫.୫ ଓଭରରେ ୧୨୧ ରନକରି ଅଲ୍‌ଆଉଟ ହୋଇଥିଲା। ୮ ବ୍ୟାଟର ରନଆଉଟ ହୋଇଥିଲେ। ଏହି ସଫଳତା ପାଇଁ ଅନ୍ତର୍ଜାତୀୟ କ୍ରିକେଟର ଜାଫର ଇକବାଲ କୋଚ୍ ସୁଖରାମ ମାଝି ଓ ଓଡ଼ିଶା ଦଳର ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ୯ ଖେଳାଳି ସାମିଲ ଥିଲେ। ଏହି ଖେଳାଳିମାନେ ଆସନ୍ତା ଦୃଷ୍ଟିବାଧିତ ଟି୨୦ ବିଶ୍ୱକପ ପାଇଁ ଜାତୀୟ କୋଚିଂ କ୍ୟାମ୍ପରେ ଯୋଗଦେବେ।

# ବିଗ୍ ଅରେଞ୍ଜ୍ ବାସ୍କେଟବଲ ଲିଗ୍: ଏସ୍‌ଏସ୍‌ୟୁ ଚାମ୍ପିୟନ



ଅତିଥିଙ୍କ ସହ ଚାମ୍ପିୟନ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପୁରୁଷ ବାସ୍କେଟ୍‌ବଲ୍ ଦଳ।

**ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ)** କଟକ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ (ଏସ୍‌ଏସ୍‌ୟୁ)ର ପୁରୁଷ ବାସ୍କେଟ୍‌ବଲ୍ ଦଳ ଆନ୍ତଃ ମହାବିଦ୍ୟାଳୟ ବିଗ୍ ଅରେଞ୍ଜ୍ ବାସ୍କେଟବଲ ଲିଗ୍‌ରେ ଚାମ୍ପିୟନ ହୋଇଛି। ଭୁବନେଶ୍ୱରସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲ୍ ପଡ଼ିଆରେ ଗତ ୧୮ରୁ ଆରମ୍ଭ ହୋଇଥିବା ୪ ଦିନିଆ ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଦଳଗୁଡ଼ିକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ପ୍ରତିଯୋଗିତା ହୋଇଥିଲା। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଗ୍ରୁପ୍-ଏ'ରେ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ, ଆଇଆଇଟି-ଭୁବନେଶ୍ୱର ଏବଂ ଓୟୁଟିଆର୍-ଭୁବନେଶ୍ୱର ସହ ସ୍ଥାନ ପାଇଥିଲା। ପ୍ରଥମ ମ୍ୟାଚରେ ସେଞ୍ଚୁରିଅନ୍, ଦ୍ୱିତୀୟ ମ୍ୟାଚରେ ଆଇଆଇଟି-ଭୁବନେଶ୍ୱର ଓ ତୃତୀୟ ତଥା ଗ୍ରୁପର ଶେଷ ମ୍ୟାଚରେ ଓୟୁଟିଆର୍-ଭୁବନେଶ୍ୱରକୁ ହରାଇ ଏସ୍‌ଏସ୍‌ୟୁ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ଶକ୍ତିଶାଳୀ କିଟ୍ ବିଶ୍ୱବିଦ୍ୟାଳୟକୁ ୬୦-୫୭ ପଏଣ୍ଟରେ ହରାଇ ଚାମ୍ପିଅନ୍ ହୋଇଥିଲା। ଏସ୍‌ଏସ୍‌ୟୁର ଅମ୍ରିତ ଗୌରବ ରାୟ 'ମ୍ୟାନ୍ ଅଫ୍ ଦି ଫାଇନାଲ୍' ବିବେଚିତ ହୋଇଥିଲେ। ଏହି ସଫଳତା ପାଇଁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର 'ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟ କମିଟି' ବିଜୟୀ ବାସ୍କେଟ୍ ବଲ୍ ଟିମ୍‌କୁ ଅଭିନନ୍ଦନ ଜଣାଇଛି।

# କିଟ୍, କିସ୍ କ୍ରୀଡ଼ା ଭିତ୍ତିଭୂମୀକୁ ଜାପାନ କନସୁଲ ଜେନେରାଲଙ୍କ ପ୍ରଶଂସା

**ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ):** କୋଲକାତାରେ ଅବସ୍ଥାପିତ ଜାପାନ କନସୁଲ ଜେନେରାଲ ଇଶିକାୱା ୟୋଶିହିସା ଓ ତାଙ୍କ ପ୍ରତିନିଧି ଦଳ ଶୁକ୍ରବାର କିଟ୍ ଓ କିସ୍‌ର କ୍ରୀଡ଼ା ଭିତ୍ତିଭୂମୀ ପରିଦର୍ଶନ କରି ଉଚ୍ଚପ୍ରଶଂସା କରିଛନ୍ତି। ପ୍ରତିନିଧି ଦଳକୁ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଯୁଗ୍ମ କ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରାକେଶ ଜେନା, କିସ୍ ବିଶ୍ୱବିଦ୍ୟାଳୟ ଅର୍ଥବିଭାଗର ମୁଖ୍ୟ ଅଧିକାରୀ ଡବ୍ଲ୍ୟୁ. ଈଶ୍ୱର ଓ କର୍ମକର୍ତ୍ତାମାନେ ସ୍ୱାଗତ କରିଥିଲେ। ଏହି ଅବସରରେ ୟୋଶିହିସା କିଟ୍-କିସ୍‌ର ସ୍ପୋର୍ଟ୍ସ ଏକାଡେମୀରେ ପିଲମାନଙ୍କୁ ଟ୍ରେନିଂ ପାଇଁ ଜାପାନ ବିଶ୍ୱସ୍ତରର କୋଚ୍ ଯୋଗାଇଦେବ ବୋଲି ଆଶ୍ୱାସନା ଦେଇଥିଲେ।

# ଭାରତୀୟ ଦଳରେ ଓଡ଼ିଶାର ଆକାଶ

**ନେସନ୍ସ କପ୍, ଏସିଆ-ଓସେନିଆ ଦୃଷ୍ଟିବାଧିତ ଫୁଟ୍‌ବଲ**

**ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ):** ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ଆଇବିଏସ୍‌ଏ (ଇଣ୍ଡିଆନ ବ୍ଲାଇଣ୍ଡ ସ୍ପୋର୍ଟ୍ସ ଆସୋସିଏଶନ) ଦୃଷ୍ଟିବାଧିତ ନେସନ୍ସ କପ୍ ଏବଂ ୨୦୨୫ ଏସିଆ-ଓସେନିଆ ଡିଭିଜନ-୨ ଦୃଷ୍ଟିବାଧିତ ଫୁଟବଲ ଚାମ୍ପିୟନଶିପ୍ କେରଳ କୋଚିର କକ୍କନଡ଼ସ୍ଥିତ ୟୁନାଇଟେଡ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶାର ଆକାଶ ପଡିଆମି ଗୋଲକିପର ଭାବେ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଭାରତୀୟ ଦଳ ଚୟନ ଲାଗି ଆଇବିଏଫ୍‌ଏଫ୍ (ଇଣ୍ଡିଆନ ବ୍ଲାଇଣ୍ଡ ଫୁଟବଲ ଫେଡେରେଶନ) ପକ୍ଷରୁ ଚୟନ ଶିବିର କୋଚିଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ରାଜ୍ୟରୁ ଦୃଷ୍ଟିବାଧିତ ଖେଳାଳିମାନେ ଭାଗ ନେଇଥିଲେ। ଓଡ଼ିଶାର ବ୍ଲୁଆଇ ସଂଗଠନ ତରଫରୁ ଆକାଶ ପଡିଆମି (ଗୋଲ କିପର) ଓ ଆଶିଷ ସାହୁ (ଖେଳାଳି) ଅଂଶଗ୍ରହଣ କରିଥିଲେ। ନିଜ ଦକ୍ଷତା ମାଧ୍ୟମରେ ଆକାଶ ଚୟନ କର୍ତ୍ତାଙ୍କୁ ପ୍ରଭାବିତ କରି ଭାରତୀୟ ଦଳରେ ସୁଯୋଗ ପାଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ଓଡ଼ିଶା ବ୍ଲୁଆଇର ଅଧ୍ୟକ୍ଷ ତ୍ରିଲୋଚନ ବେଉରା ଓ ସମସ୍ତ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ